# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୩୦/୨୦୨୨ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 30/2022 Page 20 ₹ 7.00 ★★★★★★

୪୮ଶ ଭାଗ ୨୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





# ସବୁରି ଉପରେ ଓଡ଼ିଆ

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୩୦ ଜୁଲାଇ, ୨୦୨୨

**ବର୍ତ୍ତମାନ ସମଗ୍ର ଭାରତରେ ଓଡ଼ିଶାର ଗୌରବ ବଢ଼ାଉଛନ୍ତି କେତେଜଣ ବିଶିଷ୍ଟ ବ୍ୟକ୍ତି, ଯେଉଁମାନେ ବିଭିନ୍ନ କ୍ଷେତ୍ରର ସର୍ବୋଚ୍ଚ ପଦରେ ରହି ଦେଶର ସାମ୍ବିଧାନିକ, ଶାସନ ଓ ପ୍ରଶାସନିକ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ସିଏଜି, ବଡ଼ ବଡ଼ ମନ୍ତ୍ରଣାଳୟର କ୍ୟାବିନେଟ୍ ଓ ରାଷ୍ଟ୍ରପାହ୍ୟା ମନ୍ତ୍ରୀ, ଆଇଏମ୍‌ଡି, ଏନ୍‌ସିବି ମହାନିର୍ଦ୍ଦେଶକ ପ୍ରମୁଖ। ମେଧାଶକ୍ତି, ସଚ୍ଚୋଟତା, କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଏବଂ ଦକ୍ଷତା ସେମାନଙ୍କୁ ଉଚ୍ଚପଦରେ ଅଧିଷ୍ଠିତ କରାଇଛି।**

## ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ନାଗରିକ



ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ହୋଇଛନ୍ତି। ସେ ଏବେ ରାଇସିନା ହିଲ୍ ବା ୩୪୦ କୋଠରି ବିଶିଷ୍ଟ ରାଷ୍ଟ୍ରପତି ଭବନର ୪ ମହଲାରେ ରହୁଛନ୍ତି।

ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡ କୁସୁମୀ ବ୍ଲକ ଉପରବେଡ଼ା ଗ୍ରାମର ବିରଞ୍ଚି ନାରାୟଣ ମୁର୍ମୁ ଏବଂ ମା’ ସିନ୍‌ଗୋ ମୁର୍ମୁଙ୍କ ଔରସରୁ ୨୦ ଜୁନ୍ ୧୯୫୮ ମସିହାରେ ଦ୍ରୌପଦୀ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ୧୯୭୪ରେ ଭୁବନେଶ୍ୱରରେ ରହି ମାଟ୍ରିକ ପାସ୍ କରିଥିଲେ। ରମାଦେବୀ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୭୯ରୁ ୧୯୮୩ ପର୍ଯ୍ୟନ୍ତ ଜଳସେଚନ ଓ ଶକ୍ତି ବିଭାଗରେ କିରାଣି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ଚାକିରି ଛାଡ଼ି ଶିକ୍ଷକତାରେ ପାଦ ରଖିଥିଲେ। ଏହାପରେ ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ରାଇରଙ୍ଗପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷାଦାନ କଲେ। ଏହାପରେ ଶିକ୍ଷକତା ଛାଡ଼ି ରାଜନୀତିରେ ପ୍ରବେଶ କରିବାକୁ‌ପାଇ ଭାଜପାରେ ଯୋଗଦେଇଥିଲେ। ୧୯୯୭ରେ ରାଇରଙ୍ଗପୁର ଏନ୍‌ଏସିର ୨ ନମ୍ବର ୱାର୍ଡରୁ କାଉନସିଲର ହୋଇ ଉପାଧ୍ୟକ୍ଷା ହୋଇଥିଲେ। ୨୦୦୦ ମସିହାରେ ଭାଜପା ଟିକେଟରେ ରାଇରଙ୍ଗପୁର ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହେବା ସହ ଭାଜପା-ବିଜେଡି ମେଣ୍ଟ ସରକାରରେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ହୋଇଥିଲେ। ୬ ଅଗଷ୍ଟ ୨୦୦୨ ପର୍ଯ୍ୟନ୍ତ ସେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୪ ନିର୍ବାଚନରେ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୫ରେ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇ ୧୨ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ୨୧ ଜୁନ୍ ୨୦୨୨ ସନ୍ଧ୍ୟାରେ ସେ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ। ଗତ ଜୁଲାଇ ୨୧ରେ ରାଷ୍ଟ୍ରପତି ଭୋଟ ଗଣତି ହେବାପରେ ସେ ଦେଶର ୧୫ତମ ରାଷ୍ଟ୍ରପତି ଘୋଷିତ ହୋଇଥିଲେ ଓ ୨୫ ଜୁଲାଇରେ ଶପଥ ନେଇଥିଲେ।

## ପି.କେ. ମିଶ୍ର



୧୯୭୨ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର ପ୍ରମୋଦ କୁମାର ମିଶ୍ର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେ ୧୯୪୮ ଅଗଷ୍ଟ ୧୧ରେ ସମ୍ବଲପୁର ଜିଲାରେ ଜନ୍ମ ଗ୍ରହଣ କରିଥିଲେ। ସେ ଉଭୟ ଗୁଜରାଟ ଏବଂ ଭାରତ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ଗୁଜରାଟ ସରକାରରେ ସେ ମେହସାଣା ଏବଂ ବଂଶକଣ୍ଠ ଜିଲାର ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟର ସଚିବ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଇଛନ୍ତି। ଆଇଏଏସ୍ ଚାକିରିରୁ ଅବସର ନେବାପରେ ତାଙ୍କୁ ଗୁଜରାଟ ଇଲେକ୍ଟ୍ରିସିଟି ରେଗୁଲେଟୋରି କମିଶନର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୧୩ ଅଗଷ୍ଟ ୧୧ରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ସେତେବେଳକୁ ତାଙ୍କ ବୟସ ୬୫ ବର୍ଷ ହୋଇଥିଲା। ତାଙ୍କ କାର୍ଯ୍ୟକାଳରେ ସେ ଜଣେ ପ୍ରମୁଖ ପ୍ରଶାସନିକ ଅଧିକାରୀ ଭାବେ ଜଣାଶୁଣା ଥିଲେ। ୨୦୧୯ ଜୁନ୍ ୧୧ରେ ତାଙ୍କୁ ମୋଦି ପୁନଃ ନିଯୁକ୍ତି ଦେଇଛନ୍ତି। କ୍ୟାବିନେଟ୍‌ର ଆପଏଣ୍ଟମେଣ୍ଟ କମିଟି ତାଙ୍କ ପୁନଃ ନିଯୁକ୍ତିକୁ ମୋହର ମାରିବା ପରେ ୩୧ମେ ୨୦୧୯ରୁ ତାହା ଲାଗୁ ହୋଇଛି। ସମ୍ବଲପୁର ୟୁନିଭର୍ସିଟିରେ ୧୯୭୦ରେ ପଢ଼ା ଶେଷକରି ୟୁନିଭର୍ସିଟି ଅଫ୍ ସସେକ୍ସ ଏବଂ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରେ ପଢ଼ା ସାରିଥିଲେ। ବହି ପଢ଼ିବାକୁ ତାଙ୍କୁ ଭଲ ଲାଗେ।

**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ**

## ଶକ୍ତିକାନ୍ତ ଦାସ



ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ୨୫ତମ ଗଭର୍ଣ୍ଣର ଭାବେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ ଦାୟିତ୍ୱ ତୁଲାଉଛନ୍ତି। ଏହା ପୂର୍ବରୁ ସେ ପଞ୍ଚଦଶ ଫାଇନାନ୍ସ କମିଶନର ସଦସ୍ୟ ଥିଲେ। ସେ ହେଉଛନ୍ତି ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର୍ ଆଇଏଏସ୍ ଅଫିସର। ସେ ଆଇଏଏସ୍ ଅଫିସର ଭାବେ ତାମିଲନାଡୁ ଏବଂ ଭାରତ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ଓ ମନ୍ତ୍ରଣାଳୟରେ ଦାୟିତ୍ୱ ତୁଲାଇଛନ୍ତି। ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ସାଂସଦ ମାର୍ଗରେ ରହୁଛନ୍ତି। ଭୁବନେଶ୍ୱରରେ ଜନ୍ମିତ ଶକ୍ତିକାନ୍ତ ରାଜଧାନୀରେ ତାଙ୍କ ପ୍ରାରମ୍ଭିକ ପାଠପଢ଼ା ଡି.ଏମ୍. ସ୍କୁଲରେ କରିଥିଲେ। ସେ ଷ୍ଟିଫେନ କଲେଜରେ ତାଙ୍କ ବିଏ ଏବଂ ଦିଲ୍ଲୀ ୟୁନିଭର୍ସିଟିରେ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଡି.ଲିଟ୍ କରିଥିଲେ। ବେଙ୍ଗାଲୁରୁ ସ୍ଥିତ ଆଇଆଇଏମ୍, ପୁଣେସ୍ଥିତ ଏନ୍‌ଆଇବିଏମ୍, ଆଇଆଇଏମ୍ କଲିକତାରେ ମଧ୍ୟ ସେ ପଢ଼ିଛନ୍ତି। ତାମିଲନାଡୁ ସରକାରରେ ସେ ରାଜସ୍ୱ ସଚିବ, କମର୍ସିଆଲ ଟ୍ୟାକ୍ସେସର ସଚିବ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ସେହି ରାଜ୍ୟର ଡିଣ୍ଡିଗୁଲ ଏବଂ କଞ୍ଚିପୁରମ ଜିଲାର ମାଜିଷ୍ଟ୍ରେଟ୍ ରହିଥିଲେ। ଏହାପରେ କେନ୍ଦ୍ର ସରକାରରେ ବିଭିନ୍ନ ମନ୍ତ୍ରଣାଳୟର ସଚିବ ମଧ୍ୟ ରହିସାରିଛନ୍ତି। ରାଜେଶ ଖାନା ଏବଂ ଆଶା ପାରେଖ ତାଙ୍କ ପସନ୍ଦର ହିରୋ ଏବଂ ହିରୋଇନ। ସୁଇଜରଲାଣ୍ଡ ବୁଲିବା ପାଇଁ ତାଙ୍କର ଭଲ ସ୍ଥାନ ହୋଇଥିବା ବେଳେ କଳା ଓ ଧଳା ହେଉଛି ତାଙ୍କର ପସନ୍ଦର ରଙ୍ଗ। ଉତ୍ତର ଭାରତୀୟ ଖାଦ୍ୟ ତାଙ୍କୁ ଭଲ ଲାଗେ।

**ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ଣ୍ଣର**

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏବେ ଶିକ୍ଷା, ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି। ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ୧୯ ତିନିମୂର୍ତ୍ତି ମାର୍ଗଠାରେ ତାଙ୍କ ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି। ଧର୍ମେନ୍ଦ୍ର ଏବେ ମଧ୍ୟପ୍ରଦେଶରୁ ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି। ୨୦୨୧ ଜୁଲାଇ ୭ରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପରିବର୍ତ୍ତିତ ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ରଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି। ୨୦୧୪ରେ ଦେଶରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ଧର୍ମେନ୍ଦ୍ରଙ୍କୁ ପ୍ରଥମେ ରାଷ୍ଟ୍ରମନ୍ତ୍ରୀ ଭାବେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ପଦ ମିଳିଥିଲା। ଏହାପରେ ୨୦୧୭ରେ ତାଙ୍କୁ ଉକ୍ତ ମନ୍ତ୍ରଣାଳୟର କ୍ୟାବିନେଟ୍ ପାହ୍ୟାକୁ ପଦୋନ୍ନତି ମିଳିଥିଲା। ଧର୍ମେନ୍ଦ୍ର ୧୯୬୯ ଜୁନ୍ ୨୬ରେ ଅନୁଗୋଳ ଜିଲା ତାଳଚେର ନିକଟ ଧରମପୁରଠାରେ ଜନ୍ମଗ୍ରହଣ କରିଥିଲେ। ଧର୍ମେନ୍ଦ୍ର ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ ଏବଂ ବାସନ୍ତୀ ମଞ୍ଜରୀ ପ୍ରଧାନଙ୍କ ପୁଅ। ସେ ତାଙ୍କ ରାଜନୈତିକ ଜୀବନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ରୁ ୧୯୮୩ରୁ ଆରମ୍ଭ କରିଥିଲେ। ୧୯୯୫ରେ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ହୋଇଥିଲେ। ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ସେ ପାଲଲହଡ଼ା ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହେଲେ। ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସେ ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ଦେବଗଡ଼ ଲୋକ ସଭା ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ୨୦୦୭ରୁ ଇତିମଧ୍ୟରେ ଛତିଶଗଡ଼, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ବିହାର, କର୍ଣ୍ଣାଟକର ପ୍ରଭାରୀ ଓ ସହ ପ୍ରଭାବୀ ଭାବେ ଦଳୀୟ ସଂଗଠନ କାର୍ଯ୍ୟ କରିଥିଲେ। ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ ବିହାରରୁ ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ମୋଦି ସରକାରର ପାୱାର ଗୋଷ୍ଠୀ ମଧ୍ୟରେ ସେ ଅନ୍ୟତମ।

**-କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ**
**ଶିକ୍ଷା, ଦକ୍ଷତା ବିକାଶ ଏବଂ ଔଦ୍ୟୋଗିକ ମନ୍ତ୍ରଣାଳୟ**

## ଗିରୀଶ ଚନ୍ଦ୍ର ମୁର୍ମୁ



ମୋଦି ସରକାର ଅଗଷ୍ଟ ୨୦୨୦ରେ ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ନିଯୁକ୍ତ କରିଥିଲେ। ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ଥିବା ଗିରିଶ ଚନ୍ଦ୍ର ମୁର୍ମୁ ସେହି ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ଦେଶର ସିଏଜି ଭାବେ ନିଯୁକ୍ତି ମିଳିଥିଲା। ସିଏଜି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ସ୍ଥାନ ପାଇବାରେ ମୁର୍ମୁ ହେଉଛନ୍ତି ପ୍ରଥମ ଓଡିଆ। ୧୯୫୯ ନଭେମ୍ବର ୨୧ରେ ମୟୂରଭଞ୍ଜ ଜିଲାର ବେତନଟୀର ଏକ ସାନ୍ତାଳୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ଏହାପରେ ସେ ବର୍ମିଂହାମ ୟୁନିଭରସିଟିରେ ଏମ୍‌ବିଏ କରିଥିଲେ। ତାଙ୍କର ୬ ଭାଇ ଏବଂ ଦୁଇ ଭଉଣୀ ଅଛନ୍ତି। ତାଙ୍କର ଜଣେ ଭାଇ ସିରିଶ ଚନ୍ଦ୍ର ମୁର୍ମୁ ରିଜର୍ଭ ବ୍ୟାଙ୍କ ଏକ୍‌ଜ୍ୟୁଟିଭ ଡାଇରେକ୍ଟର ଭାବେ କାମ କରୁଛନ୍ତି। ୧୯୮୫ ଗୁଜୁରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଭାବେ ୨୦୦୧ରେ ନରେନ୍ଦ୍ର ମୋଦିଙ୍କ ସରକାରରେ କାମ କରିଥିଲେ। ସେତେବେଳେ ସେ ଗୁଜୁରାଟ ରିଲିଫ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ୨୦୦୪ରେ ସେ ଗୁଜୁରାଟ ଗୃହ ସଚିବ ଭାବେ ନିଯୁକ୍ତି ପାଇଥିଲେ। ୨୦୦୨ରେ ଗୁଜୁରାଟ ଦଙ୍ଗା ସମ୍ପର୍କିତ ମାମଲା ବୁଝିବା ଲାଗି ତାଙ୍କୁ ଦାୟିତ୍ୱ ମିଳିଥିଲା। ମୁର୍ମୁ ସେହି ଘଟଣାର କାଗଜ ପ୍ରସ୍ତୁତ କରିଥିଲେ। ଏହାପରେ ୨୦୧୯ ଅକ୍ଟୋବର ୩୧ରେ ସେ ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ୨୦୨୦ ଅଗଷ୍ଟ ୬ ପର୍ଯ୍ୟନ୍ତ ସେ ଉପରାଜ୍ୟପାଳ ପଦରେ ରହିଥିଲେ। ସ୍ମିତା ଶୁକ୍ଳା ମୁର୍ମୁ ହେଉଛନ୍ତି ତାଙ୍କ ସ୍ତ୍ରୀ। ତାଙ୍କର ଗୋଟିଏ ଝିଅ ରୁଚିକା ମୁର୍ମୁ ଏବଂ ପୁଅ ରୁହାନ ମୁର୍ମୁ ଅଛନ୍ତି।

**-ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)**

## ସତ୍ୟ ନାରାୟଣ ପ୍ରଧାନ



୧୯୮୮ ବ୍ୟାଚ୍ ଝାଡଖଣ୍ଡ କ୍ୟାଡର୍ ଆଇପିଏସ୍ ଅଫିସର ତଥା ଓଡ଼ିଆ ପୁଅ ସତ୍ୟ ନାରାୟଣ ପ୍ରଧାନ ଏବେ ମୋଦି ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ୨୦୨୪ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ସେ ବିହାର ପାଟନାରେ ଜନ୍ମଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶାରେ ବରିଷ୍ଠ ଆଇପିଏସ୍ ଅଫିସର ଭାବେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ସେ ହାଇଦ୍ରାବାଦ୍‌ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ୍ ଏକାଡେମୀର ଆସିଷ୍ଟାଣ୍ଟ ଡାଇରେକ୍ଟର ଏବଂ ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟ କରି ୬ଟି ଆଇପିଏସ୍ ଟ୍ରେନିଂ ବ୍ୟାଚ୍‌କୁ ପ୍ରଶିକ୍ଷଣ ଦେଇଛନ୍ତି। ବିହାରରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ବିଭିନ୍ନ ପାରଦର୍ଶୀ ସମ୍ପନ୍ନ କାର୍ଯ୍ୟ ପାଇଁ ତାଙ୍କୁ ୨୦୧୨ରେ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୦୬ରେ ତାଙ୍କୁ ପୋଲିସ୍ ମେଡାଲ ମଧ୍ୟ ଦିଆଯାଇଥିଲା। ସେ ଏମ୍‌ଫିଲ୍ ଏବଂ ଏଲ୍‌ଏଲ୍‌ଏମ୍ ପଢ଼ିଛନ୍ତି। ହାଇଦ୍ରାବାଦ୍ ୟୁନିଭର୍ସିଟି, ଜେଏନ୍‌ୟୁ ଏବଂ ୟୁନିଭର୍ସିଟି ଅଫ୍ ଏସେକ୍ସରେ ସେ ତାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ କରିଛନ୍ତି। ୨୦୧୯ରେ ସେ ଏନ୍‌ଡିଆର୍‌ଏଫ୍ ଡିଜି ଭାବେ ଦାୟିତ୍ୱ ପାଇଥିଲେ।

**-ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ମହାନିର୍ଦ୍ଦେଶକ**

## କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ଓଡ଼ିଶାରେ ୩ ରାଜ୍ୟ ସଭା ଆସନ ପାଇଁ ୨୦୧୯ ଜୁନ୍‌ରେ ହୋଇଥିବା ନିର୍ବାଚନରେ ଭାଜପାକୁ ଗୋଟିଏ ଆସନ ଛାଡ଼ି ଦେଇଥିଲା ବିଜେଡି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ଏହି ଆସନରୁ ରାଜ୍ୟ ସଭା ପଠାଇଥିଲା। ବିଜେଡି ଏବଂ ଭାଜପା ସମର୍ଥନରେ ଅଶ୍ୱିନୀ ରାଜ୍ୟ ସଭା ଯିବାପରେ ୨୦୨୧ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରିମଣ୍ଡଳ ଅଦଳବଦଳରେ ତାଙ୍କୁ ସ୍ଥାନ ଦେଇଥିଲେ। ମୋଦି ସରକାରରେ ସେବେଠାରୁ ଅଶ୍ୱିନୀଙ୍କୁ ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ ମିଳିଛି। ରାଜସ୍ଥାନର ପାଲି ଜିଲା ସ୍ଥିତ ଜିୱନ୍ଦ କଲାନ ହେଉଛି ବୈଷ୍ଣବଙ୍କ ପୈତୃକ ଗ୍ରାମ। ସେ ୧୯୭୦ ଜୁଲାଇ ୧୮ରେ ଜନ୍ମଗ୍ରହଣ କରିଥିଲେ। ସେ ଦଉ ଲାଲ ବୈଷ୍ଣବ ଏବଂ ସରସ୍ୱତୀ ବୈଷ୍ଣବଙ୍କ ପୁଅ। ତାଙ୍କ ପରିବାର କିନ୍ତୁ ଯୋଧପୁରଠାରେ ରୁହନ୍ତି। ୧୯୯୪ରେ ସେ ସିଭିଲ୍ ସର୍ଭିସ ପରୀକ୍ଷାର ସର୍ବଭାରତୀୟ ସ୍ତରରେ ୨୭ ନମ୍ବର ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଆଇଏଏସ୍ ଅଫିସର(ଓଡ଼ିଆ କ୍ୟାଡର) ହେବାପରେ ବାଲେଶ୍ୱର ଏବଂ କଟକ ଜିଲାପାଳ ଭାବେ କାମ କରିଥିଲେ। ୨୦୦୩ ପର୍ଯ୍ୟନ୍ତ ଓଡ଼ିଶାରେ କାମ କରିଥିଲେ। ଏହାପରେ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ରେ ଉପ ସଚିବ ଭାବେ ଯୋଗଦେଇଥିଲେ। ୨୦୦୪ ପର୍ଯ୍ୟନ୍ତ ସେ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିଲେ। ୨୦୦୬ରେ ସେ ମାର୍ମାଗୋଆ ପୋର୍ଟ ଟ୍ରଷ୍ଟର ଡେପୁଟି ଚେୟାରମ୍ୟାନ ଭାବେ ୨ ବର୍ଷ କାମ କରିଥିଲେ। ତାଙ୍କୁ ପାଠପଢ଼ା ଋଣ ମିଳିବା ପରେ ସେ ଏମ୍‌ବିଏ ପଢ଼ିବାକୁ ୟୁଏସ୍‌ଏ ଯାଇ ଫେରିବା ପରେ ୨୦୧୦ରୁ ସେ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଏହାପରେ ୨୦୧୯ରେ ମୋଦି ସରକାରଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେ ସାହାଯ୍ୟ କରିଥିଲେ।

**-କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ,ରେଳ, କମ୍ୟୁନିକେଶନ, ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫର୍ମେଶନ ଟେକ୍ନୋଲୋଜି ମନ୍ତ୍ରଣାଳୟ**

## ବିଶ୍ୱେଶ୍ୱର ଟୁଡୁ



୨୦୧୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଭାଜପାର ୮ ଜଣ ଏମ୍‌ପି ବିଜୟୀ ହୋଇଥିଲେ। ସେଥିରେ ମୟୂରଭଞ୍ଜ ଲୋକ ସଭା ଆସନରୁ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ନିର୍ବାଚିତ ହୋଇଥିଲେ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟ ଥରରେ ଜୁଲାଇ ୨୦୨୧ରେ ହୋଇଥିବା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ବିଶ୍ୱେଶ୍ୱର ଟୁଡୁଙ୍କୁ ସାମିଲ କରାଯାଇଥିଲା। ତାଙ୍କୁ ଆଦିବାସୀ ବ୍ୟାପାର ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିଲା। ସେ ଏବେ ନୂଆଦିଲ୍ଲୀ ସ୍ଥିତ ୧୨୬ ସାଉଥ୍ ଆଭିନ୍ୟୁ ଅଞ୍ଚଳରେ ସରକାରୀ ବଙ୍ଗଳାରେ ରହୁଛନ୍ତି। ଟୁଡୁ ୧୯୬୫ ମାର୍ଚ୍ଚ ୨୫ ତାରିଖରେ ମୟୂରଭଞ୍ଜ ଜିଲା ମୋରଡ଼ାର ଖୁଣ୍ଟାପାଳରେ ଜନ୍ମଗ୍ରହଣ କରିଥିଲେ। ସୁକୁଲ ଟୁଡୁ ଏବଂ ବୁଦୁଜ ଟୁଡୁଙ୍କର ସେ ହେଉଛନ୍ତି ପୁଅ। ସେ ୧୯୯୮ରେ ସୁମିତ୍ରା ଟୁଡୁଙ୍କୁ ବିବାହ କରିଥିଲେ। ସେ ରାଉରକେଲା ସ୍ଥିତ ୟୁଜିଆଇଇରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା କରିଛନ୍ତି।

**-ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ**

## ମୃତ୍ୟୁଞ୍ଜୟ ମହାପାତ୍ର



୨୦୧୯ ଜୁନ୍ ୪ରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ମୁଖ୍ୟ (ମହାନିର୍ଦ୍ଦେଶକ) ଭାବେ ଓଡ଼ିଆ ପୁଅ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ୫ ବର୍ଷ ପାଇଁ ନିଯୁକ୍ତି ମିଳିଛି। ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ପଦବୀ ତାଲିକାରେ ତାଙ୍କ ନାମ ଯୋଡ଼ିହୋଇଯାଇଛି। ୧୯୬୫ ଅଗଷ୍ଟ ୧୨ ତାରିଖରେ ଭଦ୍ରକ ଜିଲାର ରାଜଗୁରୁପୁର ଠାରେ ମୃତ୍ୟୁଞ୍ଜୟ ଜନ୍ମଗ୍ରହଣ କରିଥିଲେ। ସେଠାରେ ଥିବା ଚାଟଶାଳୀରେ ତାଙ୍କ ପାଠପଢ଼ା ଆରମ୍ଭ ହୋଇଥିଲା। ଏହାପରେ ବଜରାପୁରରେ ଦ୍ୱିତୀୟ ଶ୍ରେଣୀରୁ ୫ମ ପର୍ଯ୍ୟନ୍ତ ପାଠପଢ଼ା ପୂର୍ଣ୍ଣ କରିଥିଲେ। ଅପର୍ତ୍ତି ଚରଣ ଏମ୍‌ଇ ସ୍କୁଲରେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ସେହି ହାଇସ୍କୁଲରେ ଏକାଦଶ ଶେଷ କରିଥିଲେ। ଭଦ୍ରକ କଲେଜରେ ୧୯୮୧ରୁ ୧୯୮୩ ପର୍ଯ୍ୟନ୍ତ ସେ ଆଇ.ଏସ୍‌ସି ପଢ଼ିଥିଲେ। ସେଠାରେ ବି.ଏସ୍‌ସି ମଧ୍ୟ ଫିଜିକ୍ସରେ ଶେଷ କରିଥିଲେ। ଏହାପରେ ଉତ୍କଳ ୟୁନିଭର୍ସିଟିରେ ଏମ୍.ଏସ୍‌ସି ଏବଂ ପିଏଚ୍.ଡି କରିଥିଲେ। ୧୯୮୭ରେ ଏମ୍.ଏସ୍‌ସି ସାରିବା ପରେ ୧୯୮୮ ଫେବୃୟାରୀରୁ ୧୯୯୦ ମାର୍ଚ୍ଚ ୯ ପର୍ଯ୍ୟନ୍ତ ସେ ଚାନ୍ଦିପୁର ଡିଆର୍‌ଡିଏରେ ଚାକିରି କରିଥିଲେ। ଏହାପରେ ସେ ଜଳେଶ୍ୱର ଡି.କେ. କଲେଜରେ ଫିଜିକ୍ସ ଅଧ୍ୟାପକ ଥିଲେ। ଏହାର କିଛିଦିନ ପରେ ସେ ଆଇଏମ୍‌ଡିର ପୁଣେ, ବାଙ୍ଗାଲୋର, ଭୁବନେଶ୍ୱର, ଦିଲ୍ଲୀ ଆଦି ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ କରିଥିଲେ। ଏବେ ସେ ଆଇଏମ୍‌ଡି ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଦିଲ୍ଲୀ ଲୋଧି ରୋଡ୍ ସ୍ଥିତ ମୌସମ ଭବନରେ ଏବେ ରହୁଛନ୍ତି।

– ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁଲାଇ ୩୦/୨୦୨୨ | Bhubaneswar, Saturday, July 30/2022 | ପୃଷ୍ଠା-୧



**ଆଲେକ୍ସ ଜିତିଲେ ପ୍ରଥମ ସ୍ୱର୍ଣ୍ଣ**

ଇଂଲଣ୍ଡର ଆଲେକ୍ସ ୟି ଟ୍ରାଇଥଲନ ସିଙ୍ଗ୍ ଡିଷ୍ଟାନ୍ସ ଇଭେଣ୍ଟ ଜିତି ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୫

୧୧ **ମା’ ହେବେ ବିପାଶା**

ବଲିଉଡ୍ ଇଣ୍ଡଷ୍ଟ୍ରିର ବ୍ଲାକ୍‌ବ୍ୟୁଟି ବିପାଶା ବାସୁ ମା’ ହେବାକୁ ଯାଉଛନ୍ତି।





ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ୱେଲ୍ଟରୱେଟ ବକ୍ସିଂରେ ଶୁକ୍ରବାର ପାକିସ୍ତାନର ସୁଲେମାନ ବାଲୋଚ୍‌ଙ୍କ ବିପକ୍ଷରେ ଲଢୁଛନ୍ତି ଭାରତର ଶିବ ଥାପା (ଡାହାଣ)। ଏହି ଲଢ଼େଇରେ ଶିବ ବିଜୟ ହାସଲ କରିଛନ୍ତି। (ରିପୋର୍ଟ ଖେଳ ପୃଷ୍ଠା)

# ଆଖି ବୁଜିଲା ଗୁଳିବିଦ୍ଧ ହାତୀ

**ଏସ୍‌ଆଇଟି ତଦନ୍ତକୁ ଶିକାରୀଙ୍କ ଚ୍ୟାଲେଞ୍ଜ**

- ବନ ବିଭାଗକୁ ଦୋଷ ଦେଲେ ବନ୍ୟପ୍ରାଣୀ ବିଶେଷଜ୍ଞ
- ଆଠଗଡ଼ ଡିଏଫ୍‌ଓଙ୍କୁ ଗିରଫ, ବହିଷ୍କାର ଦାବି

ଭୁବନେଶ୍ୱର, (ବ୍ୟୁରୋ)/ ନରସିଂହପୁର, ୨୯।୭ (ସ୍ୱ.ପ୍ର.)

ହାତୀ ମୃତ୍ୟୁକୁ ନେଇ ଯେଉଁଠି ଏସ୍‌ଆଇଟି ତଦନ୍ତ ଚାଲିଥିଲା, ସେଇଠି ହୋଇଥିଲା ହାତୀ ଶିକାର। ଶିକାରୀଙ୍କ ଗୁଳିରେ ଛଟପଟ ହେଉଥିଲା ଦନ୍ତା। କଟକ ଜିଲା ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ପଶ୍ଚିମ ରେଞ୍ଜ୍ ବାରାସିଙ୍ଗା ଜଙ୍ଗଲରେ ଚିକିତ୍ସିତ ହେଉଥିବା ଉକ୍ତ ଗୁଳିବିଦ୍ଧ ଦନ୍ତା ଶେଷରେ ଶୁକ୍ରବାର ଆଖି ବୁଜିଛି। ଅବହେଳା ପରେ ଲୋକଦେଖାଣିଆ ଚିକିତ୍ସା କରୁଥିବା ବନ ବିଭାଗ ଏବେ ତୀବ୍ର ସମାଲୋଚନାର ଶିକାର ହୋଇଛି। ଉକ୍ତ ହାତୀ ଦେହରେ ପଶିଥିଲା ୫ ଗୁଳି। ଦେହସାରା କ୍ଷତ ଜଳଜଳ ହୋଇ ଦିଶୁଥିଲା। ୭ଦିନ ଧରି ରଣସିଂହପୁର ଜଙ୍ଗଲରେ ବୁଲିଥିବା ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ହେଲେ ପ୍ରତ୍ୟକ୍ଷଦର୍ଶୀଙ୍କ କଥା ବନ ବିଭାଗର ଦକ୍ଷ ଅଧିକାରୀମାନେ କିନ୍ତୁ ମାନିବାକୁ ନାରାଜ ଥିଲେ। ହାତୀ ଗୋଷ୍ଠୀ ମଧ୍ୟରେ ହୋଇଥିବା ସଂଘର୍ଷରୁ ଖଣ୍ଡିଆ ହୋଇଥିବା ନିଜେ ବନ୍ୟପ୍ରାଣୀ ପିସିସିଏଫ୍ ସଫେଇ ଦେଇଥିଲେ। ଏପରିକି ତୁରନ୍ତ ଚିକିତ୍ସାର ଆବଶ୍ୟକତା ରହିଥିଲେ ମଧ୍ୟ ଧରାଯାଇ ପାରି ନ ଥିଲା। ୩ଦିନ ଧରି ଟ୍ରାଙ୍କୁଲାଇଜ୍ ସଫଳ ହେଉ ନ ଥିବା ମଧ୍ୟ କୁହାଗଲା। ଫଳରେ କ୍ଷତ ଘା’ ହୋଇ ସଂକ୍ରମଣ ହୋଇଯାଇଥିଲା। ଅସୁସ୍ଥ ହେବା ପରେ ହାତୀଟି ଗୁରୁବାର ବାରାସିଂଙ୍ଗା ବିଟ୍‌ରେ ତଳେ ପଡ଼ିଥିବାବେଳେ ବନ ବିଭାଗ ଠାବ କରିଥିଲା। ଏହାପରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇ ଚିକିତ୍ସା ଚାଲିଥିଲା। ଚିକିତ୍ସା କରୁଥିବା ଡାକ୍ତର ମଧ୍ୟ କହିଥିଲେ, ☞ପୃଷ୍ଠା–୨

ଆଜିର ସମ୍ପାଦକୀୟ ବରିଷ୍ଠଙ୍କୁ ଥଇଥାନ

# ୨.୨୬ ଲକ୍ଷ ପଦବୀ ଖାଲି

## ଓଡ଼ିଶାରେ ନିଯୁକ୍ତିର ଦୟନୀୟ ସ୍ଥିତି

**ଠିକା, ଆଉଟ୍‌ସୋର୍ସ ନିଯୁକ୍ତିକୁ ନେଇ ବିଧାନସଭାରେ ଝଡ଼**

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଓଡ଼ିଶାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ୨ ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଛି। ବିକାଶର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ବେକାର ଯୁବତୀଯୁବକଙ୍କୁ ଚାକିରି ଦେବାରେ ବିଫଳ ହୋଇଛନ୍ତି। ପଦବୀ ପୂରଣ ବଦଳରେ ଠିକା ଏବଂ ଆଉଟ୍‌ସୋର୍ସ ନିଯୁକ୍ତିରେ କାମ ଚାଲିଛି। ବେକାରଙ୍କୁ ଚାକିରି ମିଳୁ ନ ଥିବାରୁ ଅପରାଧ ଓ ଦୁର୍ନୀତି ବଢୁଛି। ଦାଦନ ଶ୍ରମିକଙ୍କଠାରୁ କମ୍ ମଜୁରିରେ ଖଟୁଛନ୍ତି ଶିକ୍ଷିତ ବେକାର। ଆଉଟ୍‌ସୋର୍ସ ସଂସ୍ଥା ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛି। ଏସବୁ ପ୍ରସଙ୍ଗ ଉଠାଇ ଶୁକ୍ରବାର ବିଧାନସଭାରେ ସରକାରଙ୍କୁ ସଣ୍ଢୁଆଶି ଆକ୍ରମଣ କରିଛନ୍ତି ବିରୋଧୀ ଭାଜପା ଓ କଂଗ୍ରେସ।

‘ଠିକା ନିଯୁକ୍ତିରେ ଚାଲିଛି ଓଡ଼ିଶା ସରକାର’ ଶୀର୍ଷକ ମୁଲତବୀ ପ୍ରସ୍ତାବ ଆରମ୍ଭ କରି ଭାଜପା ସଭ୍ୟ ମୋହନ ମାଝି କହିଲେ, ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ କରିଛନ୍ତି। ୨୦୨୧–୨୨ ସୁଦ୍ଧା ଗୃହ ବିଭାଗରେ ୨୬,୭୯୮, ରାଜସ୍ୱ ବିଭାଗରେ ୧୨,୭୬୧, ଗଣଶିକ୍ଷା ବିଭାଗରେ ୬୧,୮୬୭, ସ୍ୱାସ୍ଥ୍ୟ ବିଭାଗରେ ୩୬,୦୪୫, ଜଳସମ୍ପଦ ବିଭାଗରେ ୮,୭୩୫, କୃଷି ବିଭାଗରେ ୯,୬୮୦, ଉଚ୍ଚଶିକ୍ଷା ବିଭାଗରେ ୧୧,୫୨୨, ଜଙ୍ଗଲ ଓ ପରିବେଶ ବିଭାଗରେ ୫,୮୧୪ ଏଭଳି ମୋଟ୍ ୪୩ ବିଭାଗରେ ୨ ଲକ୍ଷ ୨୬ ହଜାର ୫୫୯ ପଦବୀ ଖାଲିପଡ଼ିଛି। ଏଥିସହ ଅନୁଦାନପ୍ରାପ୍ତ ସଂସ୍ଥାଗୁଡ଼ିକରେ ୧୯,୧୦୦ ପଦବୀ ଖାଲି ରହିଛି। ୨୦୨୧ରେ ୨୨.୫% ପଦବୀ ଖାଲିଥିବା ବେଳେ ୨୦୨୨ରେ ଏହା ୨୫%କୁ ବୃଦ୍ଧି ପାଇଛି। ସରକାର ଚଞ୍ଚକତା କରି ଠିକା ନିଯୁକ୍ତି ଦେଉଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ବିଭିନ୍ନ କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ବେକାରଙ୍କ ମଧ୍ୟରୁ ୧%ଙ୍କୁ ମଧ୍ୟ ଚାକିରି ମିଳୁନାହିଁ। ସରକାର ବିଭାଗ ଚଳାଇବା ଲାଗି ଠିକା ଓ ଆଉଟ୍‌ସୋର୍ସିଂ ବ୍ୟବସ୍ଥା ଉପରେ ନିର୍ଭର କରିଛନ୍ତି। ବେକାରଙ୍କୁ ପ୍ରତାରଣା କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ଭାଜପା ସଭ୍ୟ ନାଉରୀ ନାୟକ କହିଥିଲେ, ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶିକ୍ଷିତ ବେକାରଙ୍କଠାରୁ ଠିକାସଂସ୍ଥା ଟଙ୍କା ଆଦାୟ କରୁଛି। ୩ବର୍ଷ ପରେ ଆଉ ଏକ ସଂସ୍ଥା ଆସିବା ପରେ ସେମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଚାଲିଯାଉଛି। ଭାଜପା ସଭ୍ୟ ସନାତନ ବିଜୁଳି, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା ମଧ୍ୟ ଠିକା ଏବଂ ଆଉଟ୍‌ସୋର୍ସ ନିଯୁକ୍ତିକୁ କଡ଼ା ବିରୋଧ କରିଥିଲେ। ଏହିସବୁ ନିଯୁକ୍ତିକୁ ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା ଲାଗି ଦାବି କରିଥିଲେ।

ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଭୂପିନ୍ଦର ସିଂ, ରମେଶ ବେହେରା ଓ ରମେଶ ଚନ୍ଦ୍ର ସାଏ ସରକାର ବିଭିନ୍ନ ବିଭାଗରେ ଦେଉଥିବା ନିଯୁକ୍ତି ଓ ଆତ୍ମନିଯୁକ୍ତି ବିଷୟରେ ସୂଚନା ଦେଇଥିଲେ। ମୁଲତବୀ ଆଲୋଚନା ଶେଷରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାରଙ୍କ ପକ୍ଷରୁ ସରକାରୀ କାର୍ଯ୍ୟାଳୟରେ ମୂଳ ପଦବୀ ପୂରଣ ନ କରିବାକୁ ୧୯୯୯ ଜୁଲାଇ ୧୬ରେ ଏକ ସ୍ମାରକପତ୍ର (ସଂଖ୍ୟା– ୩୧୨୭୧) ☞ପୃଷ୍ଠା–୨

# ଖବରଦାତାଙ୍କ ଟୁଇଟ୍ ହଟାଇବା ଦାବିରେ ଭାରତ ପ୍ରଥମ

ନୂଆଦିଲ୍ଲୀ, ୨୯।୭

ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର୍‌ରେ ଖବରଦାତା ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ପୋଷ୍ଟ ହଟାଇବା ପାଇଁ ଦାବି କରିବାରେ ବିଶ୍ୱରେ ଭାରତ ସବୁଠୁ ଆଗରେ ରହିଛି। ସେହିପରି ଟୁଇଟର ଆକାଉଣ୍ଟ ସୂଚନା ମାଗିବାରେ ଆମେରିକା ପରେ ଭାରତ ହେଉଛି ଦ୍ୱିତୀୟ। ଟୁଇଟର କମ୍ପାନୀକୁ ଭାରତ ସରକାର ମାଗିଥିବା ଏହି ତଥ୍ୟ ମୋଟ ବୈଶ୍ୱିକ ଅନୁରୋଧର ୧୯% ବୋଲି ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ ପ୍ରଘଟ ହୋଇଛି।

ଟୁଇଟର୍‌ର ଟ୍ରାନ୍ସପରେନ୍ସି ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୧ ଜୁଲାଇରୁ ଡିସେମ୍ବର ମଧ୍ୟରେ ଭାରତ ସରକାର ଖବରଦାତା ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପକ୍ଷରୁ କରାଯାଇଥିବା ଟୁଇଟ୍‌ଗୁଡ଼ିକୁ ହଟାଇବା ପାଇଁ ସର୍ବାଧିକ ଦାବି କରିଥିଲେ। ସବୁ ପ୍ରକାର ୟୁଜର୍ସଙ୍କ କଣ୍ଟେଣ୍ଟ ବ୍ଲକିଂ ପାଇଁ ଅର୍ଡର ଜାରି କରିଥିବା ୫ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ପ୍ରଥମରେ ରହିଛି। ସାରା ବିଶ୍ୱର ଖବରଦାତାଙ୍କ ଓ ନ୍ୟୁଜ୍ ଆଉଟ୍‌ଲେଟ୍‌ର ୩୪୯ ଭେରିଫାଏଡ୍ ଆକାଉଣ୍ଟ ବିରୋଧରେ ବିଭିନ୍ନ ରାଷ୍ଟ୍ର ଆପତ୍ତି ଉଠାଇଥିଲେ। ☞ପୃଷ୍ଠା–୨



**ଆଜିର ମନ୍ତବ୍ୟ**

ମହାତ୍ମା ଗାନ୍ଧୀ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ରାଜ୍ୟରେ ବିଷାକ୍ତ ମଦ ପିଇ ୪୨ ଜଣଙ୍କ ଜୀବନ ଯିବା ଅତ୍ୟନ୍ତ ଚିନ୍ତାଜନକ ବିଷୟ। ମଦ ମାଫିଆଙ୍କୁ ସୁରକ୍ଷା ଦେଉଥିବା ଶାସକ ଶକ୍ତିକୁ ଖୋଜି ବାହାର କରାଯାଉ। - **ରାହୁଲ ଗାନ୍ଧୀ, କଂଗ୍ରେସ ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏସ୍‌ଟି କମିଶନ ସଦସ୍ୟଙ୍କୁ ଘେରାଉ

**କେନ୍ଦୁଝର,୨୯।୭(ସ୍ୱ.ପ୍ର.)**

କେନ୍ଦୁଝର ଗସ୍ତରେ ଥିବା ଜାତୀୟ ଅନୁସୂଚୀତ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକଙ୍କ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହୋଇଛି। ଶୁକ୍ରବାର ସେ ହରିଚନ୍ଦନପୁର ବ୍ଲକର ଏକାଧିକ ପଞ୍ଚାୟତକୁ ଅଭିଯୋଗ ଶୁଣାଣି ଲାଗି ଯାଉଥିବା ବେଳେ ଅପରାହ୍ନ ୪ଟାରେ ଭଗାମୁଣ୍ଡା ନିକଟ ଧରୁଡ଼ିଆମ୍ବଠାରେ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ତାଙ୍କୁ ଘେରାଉ କରିଥିଲେ। ସେମାନେ ଅନନ୍ତ ନାୟକ ଗୋ ବ୍ୟାକ୍ ନାରା ଦେଇଥିଲେ। କିଛି କାମ ହେଉ ନାହିଁ, କାହିଁକି ଆସୁଛ ଓ ବୁଲି ବୁଲି ଲୋକଙ୍କୁ ଭୁଡାଉଛ ବୋଲି କହି ବିରୋଧ କରିଥିଲେ। ସେଠାରେ ହୋହାଲ୍ଲା ଚାଲିବା ପରେ ନାୟକଙ୍କ ବ୍ୟକ୍ତିଗତ ସହାୟକ ପୋଲିସ ଡିଜିଙ୍କୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ପରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଙ୍କୁ ଡେଙ୍କିକୋଟ ସ୍ଥିତ ଘରେ ଛଡ଼ା ଯାଇଥିଲା। ତାଙ୍କ ବିରୋଧରେ ଏଭଳି ହୋହାଲ୍ଲା ରାଜନୈତିକ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ତେବେ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସେ ବିଭିନ୍ନ ଅଞ୍ଚଳ ଗସ୍ତ କରିବା କାର୍ଯ୍ୟକ୍ରମ ଥିବାରୁ ପୋଲିସ ପାଇଁ ଏହା ଚିନ୍ତାର କାରଣ ହୋଇଛି।

# ପୋଲିସ- ମାଓବାଦୀ ଗୁଳି ବିନିମୟ

## ଜଣେ ମାଓବାଦୀ ନିହତ

**ମାଲକାନଗିରି, ୨୯।୭(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ବିଦ୍ରାପାନି ଜଙ୍ଗଲରେ ପୋଲିସ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ପୋଲିସ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ନାମ ରାକେଶ ମାଡକାମ। ରାକେଶଙ୍କ ନାମରେ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା।

ଖବରରୁ ଜଣାପଡ଼ିଛି, ଗୁରୁବାର ବିଳମ୍ବିତ ରାତିରେ ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଏବଂ ସୁକ୍‌ମା ସୀମାବର୍ତ୍ତୀ ବିଦ୍ରାପାନି ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଦାନ୍ତେୱାଡା ଡିଆର୍‌ଜିର ଏକ ଟିମ୍ ଉକ୍ତ ସ୍ଥାନକୁ ପଠାଯାଇଥିଲା। ଏହି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ମାଓବାଦୀମାନେ ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ମଧ୍ୟ ଏହାର କଡ଼ା ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ପୋଲିସ ଗୁଳିକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଲୁଚି ପଳାଇଥିଲେ। ପୋଲିସ ମାଓବାଦୀଙ୍କୁ ଖୋଜିବା ପାଇଁ ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରଖିଥିବା ବେଳେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ପୁଣି ଥରେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିବାରୁ ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଏଥର ମଧ୍ୟ ମାଓବାଦୀମାନେ ପୋଲିସ ଗୁଳିର ସାମ୍ନା କରି ନ ପରି ପଳାଇଥିଲେ। ପରେ ପୋଲିସ ଘଟଣା ସ୍ଥଳ ଯାଞ୍ଚ କରିବାରୁ ରାକେଶଙ୍କ ମୃତଦେହ ମିଳିଥିଲା। ସେଠାରୁ ମାଓବାଦୀଙ୍କ ବ୍ୟବହୃତ ଅନେକ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ ହୋଇଥିଲା। ରାକେଶ କଟେକଲ୍ୟାଣ ମାଓବାଦୀ ସଙ୍ଗଠନର କମିଟି ସଦସ୍ୟ ଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୮ଟି ମାମଲା ରହିଥିବା ଜଣାପଡ଼ିଛି। ଖବର ଲେଖା ହେବାଯାଏ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ ଜାରି ରହିଛି। ସୂଚନାଯୋଗ୍ୟ, ଏବେ ମାଓବାଦୀଙ୍କ ପକ୍ଷରୁ ଶହୀଦ ସପ୍ତାହ ପାଳନ କରାଯାଉଥିବା ବେଳେ ମାଓବାଦୀ ରାକେଶଙ୍କ ପୋଲିସ ଗୁଳିରେ ମୃତ୍ୟୁ ହେବା ମାଓବାଦୀ ସଙ୍ଗଠନକୁ ଏକ ଶକ୍ତ ଧକ୍କା ଦେଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ମାନସିକ ସ୍ଥିତି ଦୁର୍ବଳ ରହିବା କାରଣରୁ କୌଣସି କାମ ସୁବିଧାରେ ହେବନାହିଁ। ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନବାହନରେ କ୍ଷତିର ଆଶଙ୍କା ରହିଛି। ପରିସ୍ଥିତିରେ ପଡ଼ି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବା କାରଣକୁ ନେଇ ବିବ୍ରତବୋଧ କରିବେ।

**ବୃଷ**
ଆଜିର କର୍ମକ୍ଷେତ୍ରରେ ଅକାଟ୍ୟ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ସକାଳୁ ମନଟା ବିଗିଡି ଯାଇପାରେ। ଆର୍ଥିକ ସ୍ଥିତିରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବାର ଆଶା ରହିଛି। ରାଜନୀତି, ତଥା ଗଠନମୂଳକ କାର୍ଯ୍ୟ ପ୍ରତି ମନ ବଳିପାରେ। ପରିଜନଙ୍କ ଦ୍ୱାରା ଆହୂତ ହୋଇ ସଭାସମିତିକୁ ନିମନ୍ତ୍ରିତ ହୋଇପାରନ୍ତି।

**କର୍କଟ**
ପ୍ରତ୍ୟୁତ୍ପନ୍ନମତିତା ହେତୁ ବିଶେଷ କିଛି ଅସୁବିଧା ହେବନି, କିନ୍ତୁ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ତଥାପି ସାମୟିକ ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବାର ସୂଚନା ରହିଛି। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ**
ସମସ୍ୟା ବିଜଡିତ ରହିବା କାରଣରୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରିପାରନ୍ତି। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଲୋଚନା ପରିସରରେ ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**କନ୍ୟା**
ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେଇପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବ। କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଲେ ପ୍ରଶଂସିତ ହେବେ।

**ତୁଳା**
ସକାଳୁ ହିତୈଷୀଙ୍କ ନିକଟରୁ ଶୁଭ ଖବର ପାଇ ଖୁସି ହୋଇଯିବେ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ନିଜର ଅତି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯାଇପାରେ। ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଯାତ୍ରାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ।

**ବିଛା**
ଶନି ଓ ଶୁକ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। ଲକ୍ଷ୍ୟ ହାସଲରେ ଅସୁବିଧା ହେବ ନାହିଁ। ପରିବହନ, ବାଣିଜ୍ୟରେ ପ୍ରତିବନ୍ଧକର ସୂଚନା ରହିଛି। ଅନୁରାଧା ନକ୍ଷତ୍ରର କୌଣସି ମହିଳାଙ୍କ ତରଫରୁ ସମସ୍ୟା ଆସିପାରେ। ଶତ୍ରୁମାନେ ପରୋକ୍ଷରେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି।

**ଧନୁ**
ପରିବାରର ଖର୍ଚ୍ଚ ପରିମାଣ ବଢ଼ିଯିବା କାରଣରୁ ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଅତି ନିଜର ଲୋକଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କାମ କରିବେ ନାହିଁ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି।

**ମକର**
ଆଶା କରି ନ ଥିବା କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବନ୍ଧୁଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଅଯଥା କଳହରୁ ଦୂରେଇ ରୁହନ୍ତୁ,ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ**
ଆଜିର କର୍ମକ୍ଷେତ୍ର,ପରିବାର,ଯାନବାହନ,ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। ବିନା ଆହ୍ୱାନରେ ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ପୁନଶ୍ଚ ଅଫିସ୍‌ରେ ମଧ୍ୟ ବିନା କାରଣରେ କଳହକୁ ନିମନ୍ତ୍ରଣ କରିପାରନ୍ତି। ଗୁପ୍ତ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି, ଏଣୁ ସତର୍କତା ବିଧେୟ।

**ମୀନ**
ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ଅଧସ୍ତନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କରି ଅପମାନିତ ହେବେ। ଅନ୍ୟମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।


# classifieds Everyday
**0674-2580101, 2549302**

real estate

## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

5BHK Triplex 55,00,000/- finishing Hanspal, 3BHK duplex 20,00,000/- Balianta -8093465134. D-73340

**Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ sqft.-980/ରେ ମିଳୁଛି। 9937006862.** D-73284

ଭୁବନେଶ୍ୱରରେ ସ୍ଥିତିବାନ୍ ଫ୍ଲାଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ତିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1144

ସତ୍ୟ ନଗରରେ 20,000sqft. plot ବିକ୍ରିହେବ। Contact: 8260064453. D-70287

**Hanspal near Balianta Rangabazar Middle pointରେ road, electricity, boundary ସହିତ plot କିଣନ୍ତୁ। sqft.-1350/-. 7008425796.** D-73286

ଭୁବନେଶ୍ୱର ରଙ୍ଗବଜାରରୁ 2K.M. ଦୂରତାରେ well developed plot road, electricity, gate ଥାଇ sqft.-800/- ବିକ୍ରିହେବ। 9853169267, 7205624547. D-73285

**ହଂସପାଳ, ବାଲିଅନ୍ତା, ନଖରା, ନିଆଳି ରାସ୍ତା ପାଖରେ ଜାଗା ବିକ୍ରି କରାଯାଉଅଛି। 9437765989.** D-73289

BDA Yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି । 9556840491. D-73628

**ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Stationରୁ 400mtr ଦୂରତାରେ yellowzone- sqft.-650/-, ବାରଙ୍ଗ-ତ୍ରିଶୁଳିଆ NH sideରେ sqft.-1500/- (SC plot available). 9078371787.** D-73290

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73946

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1143

Bhubaneswar ରେତଙ୍ଗ, ଗଂଗପଡ଼ା, କାଟେଣୀରେ ୩୦'ରାସ୍ତା, ଇଲେକ୍ଟ୍ରି ଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

## PURCHASE

Venus Agro industries" requires road touching 1-1.5 acres Agriculture land or NA land 25-30 km away from Cuttack on Jajpur Road having availability of water and electricity, interested sellers may please contact Mr Vicky on 9930990011. D-1146

## Astrology

ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295

construction

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73278

to-let

Shoproom (10'x10') infront of Bijupattnaik College mainroad Jayadevvihar, Bhubaneswar. Contact: 9938511622. D-1138

**6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298.** D-1047

healthcare

Newly opened full body massage center by expert therapist. 7381172169. D-73629

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly open SPA Offer @799/-, positively health benefits, Kalpana. 7846814019. D-73627

Fullbody massage relax your body, mind by best therapist. 7008773793. D-73626

Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open full body massage ladies and gents. 8327740003, 8093860513. D-73947

## AFFIDAVIT

By virtue of an affidavit before the Executive Magistrate, Angul on dated 29.07.2022. I Raja Kishore Behera, aged 54 years, S/o- Late Daitari Behera of Paranga, Angul declare that my name has been entered in my Son's Birth Certificate as Raj Kishore Behera. Henceforth both Raja Kishore Behera and Raj Kishore Behera are same and one person. D-1142

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଉ ଅଛି ଯେ, ରତ୍ନାକର ମଳିକ, ପିତା- ଏଯୁଧିଷ୍ଠିର ମଳିକ, ସା- ରାଘପୁର, ଭାୟା- ଡାମରପୁର, ଥାନା- ପଟ୍ଟାମୁଣ୍ଡାଇ, ଜିଲ୍ଲା- କେନ୍ଦ୍ରାପଡ଼ା ଆମ୍ଭ ଡାକନାମ ଗୁନେଶ ମଳିକରେ ଆମ୍ଭର ଏକ LIC ବଣ୍ଡ ହୋଇଯାଇଛି। ମାତ୍ର ଆଧାର କାର୍ଡରେ ଆମ୍ଭ ନାମ ରତ୍ନାକର ଥିବାରୁ ଟଙ୍କା ମିଳୁନାହିଁ। ଏହି ସତ୍ୟପାଠ ମାଧ୍ୟମରେ ଆମ୍ଭେ ଜଣାଉଅଛୁ ଯେ ଆମ୍ଭେ ରତ୍ନାକର ମଳିକ ଏବଂ ଡାକନାମ ଗୁନେଶ ଜଣେ ବ୍ୟକ୍ତି । ଏଣୁ ଆମ୍ଭେ ରତ୍ନାକର ନାମରେ ସବୁ ସରକାରୀ ବେସରକାରୀ ଦପ୍ତରରେ ନାମିତ ରହିବୁ। ଧ-୧୧୪୭

By virtue of an affidavit before Notary Public, Bhubaneswar, I, Rakesh Bhura, 502, Sahid Nagar, Bhubaneswar do hereby declare that Rakesh Bhura and Rakesh Kumar Bhura is one and same person, who is myself. Henceforth I shall be known as Rakesh Bhura for all purposes. D-71648

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳେ ଚାଳେ ଗଲା ଚାଲୁଆ ମୂଷା,**
**କୂଅ ମୂଳେ କଲା ବସା;**
**ବୋଉ ଦେଇନାହିଁ ଡୁକେଇ କଂସା,**
**ବଡଦାଣ୍ଡେ ଲୋକହସା।**

ଯୌତୁକ ଏକ ସାମାଜିକ ବ୍ୟାଧି, ଯାହାକି ଆମ ସମାଜରେ ଏବେ ବି କାୟାବିସ୍ତାର କରିବାରେ ଲାଗିଛି। ବାପଘରୁ ଭଲ ଯାନିଯୌତୁକ ନ ଆଣିଲେ ବୋହୂକୁ ଶାଶୁଘରେ ନାନା କଟୁକଥା ଶୁଣିବାକୁ ପଡିଥାଏ। ଏପରି କି ବାହାର ଲୋକଙ୍କ ଆଗରେ ଅପଦସ୍ଥ ବା ଅପମାନିତ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୋରି କରେ ଦୁନିଆ,**
**ଧରା ପଡ଼ିଲେ ଚୋର।**

ସମୟ ସୁବିଧା ପାଇଲେ ଅନେକେ ଚୋରି ଭଳି ଘୃଣ୍ୟ କାମ କରିବାକୁ ପଛାଇ ନ ଥାନ୍ତି। କେମିତି ଅନାୟାସରେ ଫାଇଦା ମିଳିଯିବ ସେଇ ଚକ୍କରରେ ରହିଥାନ୍ତି। ଆତ୍ମସାତ କରି ମଧ୍ୟ ଅନ୍ୟ ଆଗରେ ନିଜକୁ ସାଧୁ ସଚ୍ଚୋଟ ବୋଲାଇବାରେ ତିଳେମାତ୍ର ସଂକୋଚ କରି ନ ଥାନ୍ତି। ତେବେ ଯିଏ ଧରା ପଡ଼ିଯାଏ କେବଳ ସେ ହିଁ ଚୋର ଆଖ୍ୟା ପାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ଆଖି ବୁଜିଲା ଗୁଳିବିଦ୍ଧ ...

ହାତୀକୁ ୧୦ରୁ ଊର୍ଦ୍ଧ୍ୱ ଗୁଳି ବାଜିଛି। କାରଣ ହାତୀ ଶରୀରର ଯେଉଁ ସ୍ଥାନରେ ମେଟାଲ ଡିଟେକ୍ଟର ଲଗାଯାଉଥିଲା ତାହା ପଜିଟିଭ୍ ସାଇନ୍ ଦେଉଥିଲା। ତେଣୁ ହାତୀ ଶରୀରରେ ଏକାଧିକ ଗୁଳି ଥିବା ସ୍ପଷ୍ଟ ହୋଇଥିଲା। କ୍ଷତ ସ୍ଥାନରେ ଘା' ହୋଇଯାଇଥିବାବେଳେ ପୋକ ବାହାରୁଥିଲେ। ହାତୀଟି ଅଳ୍ପଦିନ ବଞ୍ଚିବ ବୋଲି ଡାକ୍ତରମାନେ କହୁଥିଲେ। ତାହା ହିଁ ହେଲା। ଚିକିତ୍ସା କରିବାର ଦିନକ ପରେ ଦନ୍ତା ହାତୀଟିର ମୃତ୍ୟୁ ଘଟିଛି। ହାତୀକୁ ଗତ ଦୁଇଦିନ ଧରି ସାଲାଇନ ଯୋଗେ ଖାଦ୍ୟ ଦିଆଯାଇଥିଲା। କିନ୍ତୁ ହାତୀର ଶରୀର ସମ୍ପୂର୍ଣ୍ଣ ସଂକ୍ରମିତ ହୋଇଯାଇଥିବାରୁ ତାକୁ ବଞ୍ଚାଇବା କଷ୍ଟକର ହୋଇପଡ଼ିଥିଲା ବୋଲି ପ୍ରାଣୀଧନ ଚିକିତ୍ସକ ବିଜୟ କୁମାର ସେନାପତି କହିଥିଲେ। ହାତୀକୁ ବିଳମ୍ବରେ ଠାବ କରାଯାଇ ଚିକିତ୍ସା କରାଯାଇଥିବାରୁ ତାକୁ ବଞ୍ଚାଇ ହେଲାନାହିଁ ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି। ହାତୀର ବ୍ୟବଚ୍ଛେଦ କରାଯାଇ ସେଠାରେ ତାକୁ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଘଟଣାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଠଗଡ଼ ଡିଏଫ୍‌ଓଙ୍କୁ ତୁରନ୍ତ କାର୍ଯ୍ୟରୁ ବହିଷ୍କାର ଓ ଗିରଫ ଦାବି କରୁଛନ୍ତି। ଦୁଇମାସ ଭିତରେ ସେହି ଗୋଟିଏ ବନଖଣ୍ଡରେ ୪ଟି ହାତୀ କଙ୍କାଳ ମାଟି ତଳୁ ମିଳିଥିବାବେଳେ ଗୋଟିଏ ଗୁଳିବିଦ୍ଧ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଆଠଗଡ଼ ବନଖଣ୍ଡରେ ଏ ସ୍ଥିତି ପାଇଁ ରାଜ୍ୟ ବନ ବିଭାଗ ସାରା ଦେଶରେ ବଦନାମ ମୁଣ୍ଡାଇଥିଲା। ଏହି ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପିସିସିଏଫ୍(ବନ୍ୟପ୍ରାଣୀ)ଙ୍କୁ ଚିଠି କରାଯାଇଥିଲା। ଏହାପରେ ରାଜ୍ୟ ବନ ବିଭାଗ ତତ୍ପରତା ଦେଖାଇଥିଲା। ଏହି ଘଟଣାର ତଦନ୍ତ ପାଇଁ ଗତ ଜୁନ୍ ୧୬ରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି) ଗଠନ କରିଥିଲେ। ମାସକ ଭିତରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ଏସ୍‌ଆଇଟିକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମାସେ ବିତି ଯାଇଥିଲେ ମଧ୍ୟ ଏସ୍‌ଆଇଟି ତଦନ୍ତ କରି ରିପୋର୍ଟ ଦେଇପାରିଲା ନାହିଁ। ଏସ୍‌ଆଇଟି ଆଉ ମାସେ ସମୟ ମାଗିଥିବା ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହାତୀ ଶିକାରକୁ ନେଇ ଏସ୍‌ଆଇଟି ତଦନ୍ତ କରୁଥିବାବେଳେ ସେହି ଅଞ୍ଚଳରେ ପୁଣି ଏକ ଗୁଳିବିଦ୍ଧ ଦନ୍ତା ହାତୀର ମୃତ୍ୟୁ ଘଟିବା ନିଶ୍ଚିତ ଉଦ୍‌ବେଗର ବିଷୟ। ଏହି ଘଟଣା ଆଠଗଡ଼ ବନଖଣ୍ଡରେ ହାତୀ ଶିକାରୀଙ୍କ ଗଡ଼ ପାଲଟିଥିବା ପ୍ରମାଣିତ ହୋଇଛି। ତେଣୁ ଏସ୍‌ଆଇଟି ତଦନ୍ତ ଏକ ଭେଳିକି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ଏହି ଘଟଣାରେ ଆଠଗଡ଼ ବନଖଣ୍ଡକୁ ତଦନ୍ତ ପରିସରଭୁକ୍ତ ଆଣି ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା ସହିତ ଗିରଫ କରିବା ପାଇଁ ଦାବି କରୁଛନ୍ତି।

## ଖବରଦାତାଙ୍କ ଟୁଇଟ୍ ହଟାଇବା ...

ସେଗୁଡ଼ିକରୁ କରାଯାଇଥିବା ପୋଷ୍ଟ ହଟାଇବା ପାଇଁ ମୋଟ ୩୨୬ ଲିଗାଲ ଡିମାଣ୍ଡ (ଆଇନଗତ ଦାବି) କରାଯାଇଥିଲା। ୨୦୨୧ ଜାନୁୟାରୀରୁ ଜୁନ୍ ମଧ୍ୟରେ କରାଯାଇଥିବା ଦାବି ତୁଳନାରେ ଏଥିରେ ୧୦୩% ବୃଦ୍ଧି ଦେଖିବାକୁ ମିଳିଥିଲା। ଏହି କ୍ଷେତ୍ରରେ ସର୍ବାଧିକ ୧୧୪ ଦାବି କରିଥିବା ରାଷ୍ଟ୍ର ହେଉଛି ଭାରତ। ସେହିପରି ତୁର୍କୀ ୭୮, ରୁଷିଆ ୫୫ ଓ ପାକିସ୍ତାନ ପକ୍ଷରୁ ୪୮ ଥର ଅନୁରୂପ ଦାବି କରାଯାଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୧ ଜାନୁୟାରୀ-ଜୁନ୍ ତାଲିକାରେ ମଧ୍ୟ ଭାରତ ସର୍ବାଗ୍ରେ ରହିଛି। ଏହି ଅବଧି ମଧ୍ୟରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ନିକଟରେ ସାରା ବିଶ୍ୱରୁ ୨୩୧ ଦାବି କରାଯାଇଥିଲା, ଯହିଁରୁ ଭାରତର ଲିଗାଲ ଡିମାଣ୍ଡ ସଂଖ୍ୟା ହେଉଛି ୮୯। ଅଦାଲତଙ୍କ ରାୟ ସମେତ ଉଭୟ ସରକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କ ପରାମର୍ଶ ଏହି ଆଇନଗତ ଦାବିଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ। ୨୦୨୧ ଜାନୁୟାରୀ-ଜୁନ୍‌ରେ ବିଶ୍ୱର ଖବରଦାତା ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ୧୧ ଟୁଇଟ୍ ହଟାଯାଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଏହା ୧୭କୁ ବୃଦ୍ଧି ପାଇଥିଲା।

ଗତ ବର୍ଷ ବଳାତ୍କାର ଶିକାର ହୋଇଥିବା ଜଣେ ଦଳିତ ନାବାଳିକାଙ୍କ ଫଟୋକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ୍ କରିଥିଲେ। ଏହା ଉପରେ ଟୁଇଟର ପକ୍ଷରୁ କୁହାଯାଇଛି ଯେ, ଭାରତର ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଏନ୍‌ସିପିସିଆର୍) ମଧ୍ୟ ଜଣେ ଶିଶୁଙ୍କ ପ୍ରିଭେସି ପ୍ରସଙ୍ଗ ସମ୍ପର୍କିତ ଏକ ଟୁଇଟ୍ ହଟାଇବାକୁ କମ୍ପାନୀ ନିକଟରେ ଲିଗାଲ ଡିମାଣ୍ଡ କରିଥିଲେ। ସେହିପରି ଟୁଇଟର ଆକାଉଣ୍ଟ ସମ୍ପର୍କିତ ସୂଚନା ମାଗିବାରେ ଆମେରିକା ପରେ ଭାରତ ହେଉଛି ଦ୍ୱିତୀୟ। ଆମେରିକା ଏଭଳି ୨୦% ସୂଚନା ମାଗିଥିବାବେଳେ ଭାରତ ୧୯% ତଥ୍ୟ ଦାବି କରିଥିଲା। ଏହି କ୍ଷେତ୍ରରେ ଜାପାନ, ଫ୍ରାନ୍ସ ଓ ଜର୍ମାନୀ ମଧ୍ୟ ଶୀର୍ଷ ୫ ରାଷ୍ଟ୍ର ମଧ୍ୟରେ ରହିଛନ୍ତି।

## ୨.୨୬ ଲକ୍ଷ ପଦବୀ ....

ପ୍ରକାଶ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୦୧ ମାର୍ଚ୍ଚ ୧୪ରେ ମୂଳ ପଦବୀର ୫୦% ଉଚ୍ଛେଦ କରିବା ସହ ଅନ୍ୟାନ୍ୟ ବ୍ୟୟ ବନ୍ଦ କରିବାକୁ ପଦକ୍ଷେପ ନେଇଥିଲେ। ତେଣୁ ସରକାର 'ଖ' ବର୍ଗର ପଦବୀ ନିମନ୍ତେ ଓଡ଼ିଶା 'ଖ' ବର୍ଗ (ଚୁକ୍ତିଭିତ୍ତିକ ନିଯୁକ୍ତି) ନିୟମାବଳୀ-୨୦୧୩ ପ୍ରଣୟନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଚୁକ୍ତିଭିତ୍ତିକ ନିଯୁକ୍ତି ଉକ୍ତ ନିୟମାବଳୀ ଅନୁଯାୟୀ ହେଉଛି। ୨୦୧୬-୧୭ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ ଦ୍ୱାରା ୧୦,୨୨୬ ପ୍ରାର୍ଥୀଙ୍କୁ ଚୟନ କରାଯାଇ ବିଭିନ୍ନ ବିଭାଗକୁ ସୁପାରିସ କରାଯାଇଛି। ଠିକା ନିଯୁକ୍ତିରେ ଓଡ଼ିଶା ଚାଲିଥିବା କଥା ସମ୍ପୂର୍ଣ୍ଣ ନିରାଧାର ବୋଲି ମନ୍ତ୍ରୀ କହିଥିଲେ। ପରେ ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରାଯାଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୦୦,୦୩,୮୭୭ | ୬୪,୧୫,୫୦୧ | ୫୪,୯୯,୭୦,୪୩୯ |
| ଭାରତ | ୪,୩୯,୭୯,୭୩୦ | ୫,୨୬,୨୫୮ | ୪,୩୩,୦୯,୪୮୪ |
| ଓଡ଼ିଶା | ୧୩,୧୧,୧୩୫ | ୯୧୨୮(+୫୩) | ୧୨,୯୬,୨୯୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଇଞ୍ଜେକ୍ସନ ନେଇ ୨୦ ରୋଗୀ ଗୁରୁତର

## ତଦନ୍ତ ପାଇଁ କମିଟି ଗଠନ: ଅଧୀକ୍ଷକ



ଇଞ୍ଜେକ୍ସନ୍ ନେଇଥିବା ରୋଗୀଙ୍କ ପାଖରେ ସମ୍ପର୍କୀୟମାନେ।

**ବ୍ରହ୍ମପୁର ଅଫିସ,୨୯।୭**

ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ମେଡିସିନ ବିଭାଗର ୟୁନିଟ -୧ ଓ ୟୁନିଟ -୨ରେ ଚିକିତ୍ସିତ ହେଉଥିବା ୨୦ଜଣ ରୋଗୀ ଶୁକ୍ରବାର ଇଞ୍ଜେକ୍ସନ ନେବା ପରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇଛନ୍ତି। ଏମକେସିଜି କର୍ତ୍ତୃପକ୍ଷ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରୋଗୀଙ୍କୁ ଦିଆଯାଇଥିବା ଇଞ୍ଜେକ୍ସନର ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ।

ମେଡିସିନ ବିଭାଗ ପୁରୁଷ ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ନର୍ସ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ନେବା ପରେ ୨୦ରୁ ଅଧିକ ରୋଗୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସେମାନେ ଜୋର୍‌ରେ ଥରିବାକୁ ଲାଗିଥିଲେ। ଏହାକୁ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। ସେଠାରେ ଥିବା ଡାକ୍ତର ଓ ନର୍ସମାନେ ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ। ପରେ ରୋଗୀଙ୍କୁ ଅନ୍ୟ ଦୁଇଟି ଇଞ୍ଜେକ୍ସନ ଦିଆଯିବାରୁ ସେମାନେ ସୁସ୍ଥ ହୋଇଥିଲେ। ଖବରପାଇ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡା. ରୀନା ମହାନ୍ତି, ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରାଧ୍ୟାପକ ଡା. ସନ୍ତୋଷ କୁମାର ମିଶ୍ର ଉକ୍ତ ୱାର୍ଡରେ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। ରୋଗୀଙ୍କୁ ଦିଆଯାଇଥିବା ସେଫ୍ରିଆଜୋନ ଇଞ୍ଜେକ୍ସନ ଯୋଗୁ ଏପରି ହୋଇଥିବା ସନ୍ଦେହ କରାଯାଉଛି। ଭୁବନେଶ୍ୱରରେ ନମୁନା ପରୀକ୍ଷା କରାଯିବ ବୋଲି ଅଧୀକ୍ଷକ କହିଥିଲେ। ସେହିପରି ଷ୍ଟୋର ରୁମ୍‌ରେ ଥିବା ଅନ୍ୟ ୪୮୦ଟି ଇଞ୍ଜେକ୍ସନ ଅନ୍ୟ କୌଣସି ରୋଗୀଙ୍କୁ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣା ପରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ଏମକେସିଜିରେ ପହଞ୍ଚି ଅଧକ୍ଷ ଡା. ଅବନୀକାନ୍ତ ମିଶ୍ରଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ମଧ୍ୟ ୱାର୍ଡରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏମକେସିଜି ଅଧୀକ୍ଷକ କହିଛନ୍ତି, ମେଡିକାଲକୁ ଆସିଥିବା ଗୋଟିଏ ବ୍ୟାଚର ୩୦୦୦ ସେଫ୍ରିଆଜୋନ ଇଞ୍ଜେକ୍ସନ ମଧ୍ୟରୁ ୨ହଜାରରୁ ଅଧିକ ଇଞ୍ଜେକ୍ସନ ବିଭିନ୍ନ ରୋଗୀଙ୍କୁ ଦିଆଯାଇସାରିଛି। ପୂର୍ବରୁ କାହାରି ଶରୀରରେ ପାର୍ଶ୍ୱପ୍ରତିକ୍ରିୟା ଦେଖା ଯାଇନାହିଁ। ତେବେ ଶୁକ୍ରବାର ରୋଗୀଙ୍କୁ ଉକ୍ତ ଇଞ୍ଜେକ୍ସନ ଦେବା ପରେ ସେମାନଙ୍କ କମ୍ପ ହୋଇଥିଲା। ଅଭିଯୋଗ ପରେ ଘଟଣାର ତଦନ୍ତ ପାଇଁ ଡାକ୍ତରୀ ଟିମ୍, ନର୍ସିଂ ଅଫିସର ଓ ହସ୍ପିଟାଲ ମ୍ୟାନେଜରଙ୍କୁ ନେଇ ଏକ କମିଟି ଗଠନ ହୋଇଛି ବୋଲି ଅଧୀକ୍ଷକ ମିଶ୍ର କହିଛନ୍ତି।

## ଆରଡିସିଙ୍କୁ ଭେଟିଲା ଭାଜପା

**ବ୍ରହ୍ମପୁର ଅଫିସ,୨୯।୭**

ଇଞ୍ଜେକସନ ନେବା ପରେ ୨୦ ରୋଗୀଙ୍କ ସ୍ୱାସ୍ଥ୍ୟ ବିଗିଡିବା ଘଟଣାର ତଦନ୍ତ ସହ ଓ ଔଷଧ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଞ୍ଜାମ ଜିଲା ଭାଜପା ସ୍ୱାସ୍ଥ୍ୟ ସେଲ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ପକ୍ଷରୁ କୁହାଯାଇଛି ଯେ, ରୋଗୀମାନେ ଥରିବା ପରେ ସେମାନଙ୍କ ସମ୍ପର୍କୀୟ ବିଭାଗୀୟ ଡାକ୍ତରଙ୍କୁ ଖୋଜିଥିଲେ ମଧ୍ୟ ନିରାଶ ହୋଇଥିଲେ। ତେଣୁ ଇଞ୍ଜେକସନ ଦିଆଯାଇଥିବା ରୋଗୀଙ୍କର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ହେବା ଯାଏ ରାଜ୍ୟ ସରକାର ଖର୍ଚ୍ଚ ବହନ କରିବାକୁ ଭାଜପା ସ୍ୱାସ୍ଥ୍ୟ ସେଲ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସ୍ୱାସ୍ଥ୍ୟ ସେଲର ଆବାହକ ରାଜୀବ କୁମାର ମିଶ୍ର, ବରିଷ୍ଠ ଭାଜପା ନେତା କାହ୍ନୁ ଚରଣ ପତିଙ୍କ ସମେତ ରାମ କୁମାର ପାତ୍ର, ଡ.ସୁବାସ ସାହୁ, କିରଣ କୁମାର ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଜାତିଆଣ ମନ୍ତବ୍ୟ: ବର୍ଷାଙ୍କୁ ଦିଲ୍ଲୀ ପୋଲିସର ସମନ

**ନୂଆଦିଲ୍ଲୀ/କଟକ ଅଫିସ,୨୯।୭**

ଓଡ଼ିଆ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ତାଙ୍କ ସ୍ୱାମୀ ଅନୁଭବ ମହାନ୍ତିଙ୍କ ମଧ୍ୟରେ ପାରିବାରିକ ବିବାଦ ଅଦାଲତଙ୍କ ବିଚାରାଧୀନ ଥିବାବେଳେ ବର୍ଷା ଆଉ ଏକ ଅଡୁଆର ସମ୍ମୁଖୀନ ହୋଇଛନ୍ତି। ଏମ୍‌ପି ଅନୁଭବଙ୍କ କର୍ମଚାରୀଙ୍କ ପ୍ରତି ଜାତିଆଣ ମନ୍ତବ୍ୟ ଦେବା ଅଭିଯୋଗରେ ଦିଲ୍ଲୀ ପୋଲିସ ବର୍ଷାଙ୍କ ସମେତ ତାଙ୍କ ମାଆ ଏବଂ ଝିଆରୀଙ୍କୁ ସମନ ଜାରି କରିଛି। ଗିରଫଦାରି ଏଡ଼ାଇବା ପାଇଁ ସେମାନେ ଶୁକ୍ରବାର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ୨୦୧୯ ଜୁଲାଇରେ ବର୍ଷା ଦିଲ୍ଲୀରେ ଅନୁଭବଙ୍କ ରୋଷେୟାଙ୍କୁ ତାଙ୍କ ଜାତି ନାଁ ନେଇ ଗାଳିଗୁଲଜ କରିଥିଲେ। ଚଳିତ ମାସରେ ଦିଲ୍ଲୀ ପୋଲିସ ଅଭିନେତ୍ରୀଙ୍କ ବିରୋଧରେ ଅନୁସୂଚିତ ଜାତି/ଜନଜାତି ଆଇନରେ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାରେ ଗତ ୨୫ ତାରିଖରେ ଦିଲ୍ଲୀ ପୋଲିସର ଏକ ଟିମ୍ କଟକ ଆସିଥିଲେ। ତେବେ ପୁରୀଘାଟ ପୋଲିସ ସହଯୋଗ ନ କରିବାକୁ ସେମାନେ ଫେରିଯାଇଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।










# ମୌସୁମୀ ଦୁର୍ବଳ, ବଢୁଛି ତାପମାତ୍ରା

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

ଦୁର୍ବଳ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷା କମିଛି। ଫଳରେ ଦିନ ତାପମାତ୍ରା ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ଯାଏ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟାରେ ସର୍ବୋଚ୍ଚ ଦିନ ତାପମାତ୍ରା ଭଦ୍ରକର ଚାନ୍ଦବାଲିଠାରେ ୩୬.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରା ୩୨.୩ଡିଗ୍ରୀଠାରୁ ୪.୨ଡିଗ୍ରୀ ଅଧିକ ରହିଛି। ସେହିପରି ବଲାଙ୍ଗୀରରେ ୪.୧, ସମ୍ବଲପୁର ୩.୯, ବାରିପଦା ୩.୬, ଝାରସୁଗୁଡ଼ା ୩.୩, ଅନୁଗୋଳରେ ୩ ଡିଗ୍ରୀ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ରାଜଧାନୀ ଭୁବନେଶ୍ୱରରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ ୩.୧ ଡିଗ୍ରୀ ଅଧିକ ଥିବାବେଳେ କଟକରେ ୩ ଡିଗ୍ରୀ ଅଧିକ ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ନେଇ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

ଶନିବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ରବିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଏବଂ ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ ଓ ମୟୂରଭଞ୍ଜରେ ଝଡ଼ତୋଫାନ ଓ ବଜ୍ରପାତ ସମ୍ଭାବନା ରହିଛି। ସେହିଭଳି ସୋମବାର ଦିନ ଗଜପତି, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଟ୍ରାକ୍ଟର ଚକ ଖସି ୨ ଜୀବନ ଗଲା



ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର

**ପଦ୍ମପୁର,୨୯।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ କେନ୍ଦୁଗୁଡ଼ା ମେଡିକାଲ ଛକ ନିକଟରେ ଶୁକ୍ରବାର ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣଙ୍କ ଜୀବନ ଚାଲିଯାଇଛି। ସେମାନେ ହେଲେ ନରସିଂହ ଶବର ଏବଂ ଲାଲୁ ବିଡିକା।

ଘଟଣାରୁ ପ୍ରକାଶ, ଟ୍ରାକ୍ଟରଟି ୩୨୬ ନଂ. ଜାତୀୟ ରାଜପଥରେ ଯିବା ସମୟ ହଠାତ୍ ଆଗଚକ ଖସିଯାଇଥିଲା। ଫଳରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଚିକେନ୍ ସେଣ୍ଟର ନିକଟକୁ ମାଡ଼ିଯାଇଥିଲା। ସେଠାରେ ଠିଆ ହୋଇଥିବା ନରସିଂହ ଏବଂ ଲାଲୁ ଉପରେ ଟ୍ରାକ୍ଟର ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କର ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଫେରାର ହୋଇଛନ୍ତି। ଦୁଇ ମୃତକଙ୍କ ସମ୍ପର୍କୀୟ କେନ୍ଦୁଗୁଡ଼ା ଫାଣ୍ଡି ନିକଟରେ ଏକାଠି ହୋଇ ଟ୍ରାକ୍ଟର ମାଲିକଙ୍କୁ ଡକାଇ କ୍ଷତିପୂରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ଦୁଇ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପଦ୍ମପୁର ଥାନା ଓ କେନ୍ଦୁଗୁଡ଼ା ଫାଣ୍ଡି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ପ୍ରକାଶ।

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। –ଶ୍ରୀଅରବିନ୍ଦ

# ବରିଷ୍ଠଙ୍କୁ ଥଇଥାନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବରିଷ୍ଠ ଆଇପିଏସ୍ ଅଧିକାରୀ ତପନ ଡେକା ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି)ର ନୂଆ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ସେ ତାଙ୍କର ୪ ଜଣ ଆଇବି ସହକର୍ମୀଙ୍କୁ ପଛରେ ପକାଇ ଏହି ନିଯୁକ୍ତି ପାଇଥିଲାବେଳେ, ସେମାନେ ଆଇବି ଛାଡ଼ି ସମ୍ମାନଜନକ ସ୍ଥିତି ବା ପଦବୀକୁ ଫେରିବା ଲାଗି ତୁରନ୍ତ ନିଷ୍ପତ୍ତି ନେଇଥିଲେ। ତେବେ ଡେକାଙ୍କ ନିଯୁକ୍ତିକୁ ନେଇ କିଛି ଅସନ୍ତୋଷ ଲକ୍ଷ୍ୟ କରି ସରକାର ସେମାନଙ୍କ ଅନୁରୋଧକୁ ତୁରନ୍ତ ସ୍ୱୀକୃତି ଦେଇଛନ୍ତି। ତେବେ ଯେଉଁ ୪ ଜଣ ଆଇପିଏସ୍ ଅଧିକାରୀଙ୍କୁ ପଛରେ ପକାଇ ଡେକା ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ସ୍ପେଶିଆଲ ଡାଇରେକ୍ଟର ଅଫ୍ ଇଣ୍ଟେଲିଜେନ୍ସ ବ୍ୟୁରୋ ଅମିତାଭ ରଞ୍ଜନ। ତାଙ୍କୁ ଏବେ ତ୍ରିପୁରାର ନୂତନ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଭାବେ ନିଯୁକ୍ତି ଦିଆଯାଇଛି। ବିଶେଷସୂତ୍ରରୁ ପ୍ରକାଶ ଯେ, ରଞ୍ଜନ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବଙ୍କ ଜଣେ ଦୃଢ ସମର୍ଥକ। ଏଣୁ ତ୍ରିପୁରାରେ ଆସନ୍ତା ବର୍ଷ ପ୍ରାରମ୍ଭରେ ନିର୍ବାଚନ ହେବାକୁ ଯାଉଥିବାବେଳେ ୧୯୮୮ ବ୍ୟାଚ୍‌ର ଏହି ଆଇପିଏସ୍ ଅଧିକାରୀଙ୍କ ନିଯୁକ୍ତି ପାଇଁ ସବୁ ପ୍ରକାର ଔପଚାରିକତା ପୂରା କରିବାକୁ ଦେବ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଥିଲେ। ଜାଣିବାକୁ ମିଳିଛି ଯେ, ଆଇବି ନିର୍ଦ୍ଦେଶକ ରେସ୍‌ରେ ପଛରେ ପଡ଼ିଥିବା ତିନି ଜଣ ଅଧିକାରୀ ଆଇବି ଛାଡ଼ି ଦେଇଛନ୍ତି। ସ୍ପେଶିଆଲ ଡାଇରେକ୍ଟର ମନୋଜ କୁମାର ଲାଲ ତାଙ୍କ ମୂଳ ଯୁଟି କ୍ୟାଡରକୁ ଫେରିଥିବାବେଳେ ମନୋଜ ଯାଦବଙ୍କୁ ଜାତୀୟ ମାନବ ଅଧିକାର କମିଶନକୁ ଡାଇରେକ୍ଟର ଜେନେରାଲ(ଇନ୍‌ଭେଷ୍ଟିଗେଶନ) ଭାବେ ପଠାଇ ଦିଆଯାଇଛି। କେବଳ ଡେକାଙ୍କ ଜୁନିୟର ଅନିଶ ଦୟାଲ ସିଂ ଆଇବିର ସ୍ପେଶିଆଲ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଏହି ଆଇପିଏସ୍ ଅଧିକାରୀମାନଙ୍କୁ ଅନ୍ୟ ର୍‍ୟାଙ୍କରେ ଉପଯୁକ୍ତ ପଦବୀରେ ଅବସ୍ଥାପିତ କରିବା ପରେ ସ୍ଥିତି ଶାନ୍ତ ପଡ଼ିଛି। ଉଲ୍ଲେଖନୀୟ, ବରିଷ୍ଠତା ଭିତ୍ତିରେ ଆଇବିର ଶୀର୍ଷ ପଦବୀ ପୂରଣ ହେବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଜଣେ ଜୁନିୟର ବା କନିଷ୍ଠ ଅଧିକାରୀ ଭାବେ ଡେକା ଏଥିରେ ଅବସ୍ଥାପିତ ହେବା ପ୍ରଥମ ଘଟଣା ନୁହେଁ। ତେବେ ମନୋଜ ଯାଦବ, ମନୋଜ କୁମାର ଲାଲ ଏବଂ ଅମିତାଭ ରଞ୍ଜନଠାରୁ ଡେକା ଜୁନିୟର।

### ଦ୍ରୌପଦୀଙ୍କ ଟିମ୍

ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମୟର ଟପ୍ ଟିମ୍‌ରେ କୌଣସି ପରିବର୍ତ୍ତନ ନ ହେବା ଏକ ନିଆରା ଘଟଣା ଏବଂ ଆଶ୍ଚର୍ଯ୍ୟଜନକ ମଧ୍ୟ। ଏହି ସରକାରଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିକାରୀମାନଙ୍କ ବିଶ୍ୱସନୀୟତା ଓ ପୂର୍ବ କାର୍ଯ୍ୟ ନିଷ୍ପାଦନର ରେକର୍ଡ ରହିଛି, ଯାହା ଫଳାଫଳ ନିଶ୍ଚିତ ରୂପେ ଏଠାରେ ଘଟିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମୟରେ କାର୍ଯ୍ୟ କରୁଥିବା ରାଷ୍ଟ୍ରପତିଭବନର ୪ ଜଣ ବରିଷ୍ଠ ଅଧିକାରୀଙ୍କୁ ପାଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ରାଷ୍ଟ୍ରପତିଙ୍କ ସଚିବ କପିଳ ଦେବ ତ୍ରିପାଠୀ, ଯୁଗ୍ମ ସଚିବ ଅଜୟ ଭାଦୋ, ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି ଜଗନ୍ନାଥ ଶ୍ରୀନିବାସନ ଏବଂ ପ୍ରେସ୍ ସଚିବ ଅଜୟ କୁମାର ସିଂ। ଯଦିଓ ଏହି ଅଧିକାରୀମାନେ ରାମନାଥ କୋବିନ୍ଦଙ୍କ ସମୟରେ କୋ–ଟର୍ମିନସ ଆଧାରରେ କାର୍ଯ୍ୟ କରୁଥିଲେ, ତଥାପି କ୍ୟାବିନେଟ ଆପଏଣ୍ଟମେଣ୍ଟ କମିଟି ସେମାନଙ୍କ କାର୍ଯ୍ୟକାଳ ଜୁଲାଇ ୨୫ ପରେ କିମ୍ବା ଅନ୍ୟ ନିର୍ଦ୍ଦେଶ ଜାରି ହେବା ପର୍ଯ୍ୟନ୍ତ ଦୁଇ ମାସ ସମ୍ପ୍ରସାରଣକୁ ସ୍ୱୀକୃତି ଦେଇଛି। ଏକ ସକ୍ଷମ ଏବଂ ଦକ୍ଷ ପ୍ରମାଣିତ ଶାସନ ଓ ସରକାର କେମିତି ନୂଆ ରାଷ୍ଟ୍ରପତିଙ୍କୁ ତାଙ୍କ ନିଜ ଟିମ୍ ଗଢିବାକୁ ଦେଲା ନାହିଁ ତାହାକୁ ନେଇ ଆମେ ଆଶ୍ଚର୍ଯ୍ୟ ହେଉଛୁ। ଏପରି କି ପାରମ୍ପରିକ ଭାବେ ଏକ ସିଦ୍ଧାନ୍ତ ରହିଛି ଯେ ବ୍ୟବସ୍ଥା ଦ୍ୱାରା ସାଧାରଣ ଭାବେ ରାଷ୍ଟ୍ରପତି ପଦର ଏହା ଏକ ବିଶେଷାଧିକାର, ଯାହାକୁ ଜଣେ ଅନ୍ୟମାନଙ୍କଠାରୁ ଅଧିକ ପ୍ରୟୋଗ କରିବାକୁ ପସନ୍ଦ କରିବେ। ସମ୍ଭବତଃ, ଶେଷରେ ଦ୍ରୌପଦୀ ନିଜେ ତାଙ୍କ ବିଶ୍ୱସ୍ତ ସହଯୋଗୀଙ୍କୁ ନେଇ ଟିମ୍ ଏକାଠି କରିବେ । ତେବେ ରାଷ୍ଟ୍ରପତି ତାଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇଥିବାରୁ ଏହି ଅଧିକାରୀମାନେ ଏବେ ଏକ ନିରନ୍ତର ପରିବର୍ତ୍ତନ ସୁନିଶ୍ଚିତ କରିବାକୁ ଚାହିଁବେ ।

### ଅଧିକାରୀ ଅଭାବ

ସିଭିଲ ସର୍ଭିସ ଅଧିକାରୀମାନଙ୍କ ଅଭାବଜନିତ ସମସ୍ୟାରୁ ମୁକ୍ତି ପାଇବା ଲାଗି କେନ୍ଦ୍ର ଲଗାତର ସଂଘର୍ଷ କରୁଛି। କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ପାର୍ଲାମେଣ୍ଟରେ ସୂଚନା ଦେଇଛନ୍ତି ଯେ, ୨୦୨୧–୨୨ରେ ୟୁପିଏସ୍‌ସି କେନ୍ଦ୍ର ସରକାରଙ୍କ ଚାକିରି ପାଇଁ ୪,୧୧୯ ପ୍ରାର୍ଥୀଙ୍କୁ ସୁପାରିସ କରିଥିଲା। ଏହା ବିଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ରରେ ଚାକିରି ସ୍ଥିତିର ସବୁଠୁ କମ୍ ସଂଖ୍ୟା। ୨୦୨୪ ସାଧାରଣ ନିର୍ବାଚନ ଉପରେ ମୋଦି ସରକାରଙ୍କ ଦୃଷ୍ଟି ରହିଥିବାରୁ ଏହା ସ୍ପଷ୍ଟ ଯେ, ଶାସନକୁ ଫେରିବାର ସରକାର ଯେଉଁ ଦାବି କରୁଛନ୍ତି ସେଥିରେ ଶାସନ ବ୍ୟବସ୍ଥା ସବୁଠୁ ବଡ଼ ପ୍ରସଙ୍ଗ ହେବ। ଆଇଏଏସ୍ ଅଧିକାରୀଙ୍କ ଅଭାବ ଅନେକ ରାଜ୍ୟକୁ କ୍ୟାଡର ପଦବୀରେ ଅଣ କ୍ୟାଡର ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ଲାଗି ପଦକ୍ଷେପ ନେବାକୁ ଏବଂ ନିର୍ଦ୍ଧାରିତ ସମୟସୀମା ପରେ ସେମାନଙ୍କୁ କାର୍ଯ୍ୟ କରାଇବାକୁ ବାଧ୍ୟ କରୁଛି। ଆଇଏଏସ୍ ଅଧିକାରୀ ଅଭାବ ବିଷୟ ନୂଆ ନୁହେଁ। ବହୁ ପୂର୍ବରୁ ୧୯୫୧ରେ ଆବଶ୍ୟକ ୧୨୩୨ ଅଧିକାରୀଙ୍କ ତୁଳନାରେ ୩୩୬ ଜଣ କମ୍ ଥିଲେ। ଅନେକ ଦଶନ୍ଧି ଧରି ନିଯୁକ୍ତି ଅନ୍ତର କମିବା ବଦଳରେ ବଢିଚାଲିଛି। ପ୍ରଶ୍ନ ହେଉଛି, ସରକାର ପରେ ସରକାର ଆସିଛନ୍ତି, କିନ୍ତୁ ବାର୍ଷିକ କ୍ୟାଡର ସମୀକ୍ଷା ହେବା ଏବଂ ଅନେକ ପ୍ୟାନେଲର ସୁପାରିସ ସତ୍ତ୍ୱେ କାହିଁକି ଏହି ସମସ୍ୟା ସମାଧାନ କରିନାହାନ୍ତି ? ଆଶା କରାଯାଏ, ମୋଦି ପ୍ୟାନେଲ ଦ୍ୱାରା କରାଯାଇଥିବା ଜରୁରୀ ସୁପାରିସ ଏଦିଗରେ ଦୃଢ ସଙ୍କଳ୍ପ ସହିତ କାର୍ଯ୍ୟ କରିବାକୁ ପ୍ରେରିତ ବା ଜାଗ୍ରତ କରିବ।

Email: dilipcherian@gmail.com

# କାଶୀପୁର: ବିକାଶକୁ ହଇଜା



ବିଚିତ୍ର ବିଶ୍ୱାଳ

ଦୀର୍ଘ ୧୦ବର୍ଷ ପରେ ପୁଣି ଥରେ ହଇଜା ଓ ମୃତ୍ୟୁ ପାଇଁ ଚର୍ଚ୍ଚାକୁ ଫେରିଛି କାଶୀପୁର। ରାୟଗଡ଼ା ଜିଲାର ଆଦିବାସୀ ଅଧ୍ୟୁଷିତ ବ୍ଲକ୍ କାଶୀପୁର ପୂର୍ବରୁ ଅନେକ ଥର ଚର୍ଚ୍ଚିତ ହୋଇଛି ଆମ୍ବଟାକୁଆ, ପିଲା ବିକ୍ରି, ଦାରିଦ୍ର୍ୟ ଓ ହଇଜା ଜନିତ ମୃତ୍ୟୁ ପାଇଁ। କିନ୍ତୁ ସତେବେଳେ ଓଡ଼ିଶା ଦେଶର ବିକାଶର ମାନକରେ ଅନେକ ପଛରେ ପଡ଼ିଥିଲା। ଏବେ ଆମ ରାଜ୍ୟ ବିକାଶର ମାନକରେ ବହୁ ଆଗରେ। ଗୋଟିଏ ପରେ ଗୋଟିଏ ପୁରସ୍କାର ଓ ପ୍ରଶଂସାପତ୍ର ସାଉଁଟୁଛନ୍ତି ସରକାର। ତଥାପି ରାଜ୍ୟରେ ଲୋକମାନେ ଝାଡ଼ାବାନ୍ତି ଓ ହଇଜାରେ ପ୍ରାଣ ହରାଉଛନ୍ତି। ସମ୍ପ୍ରତି କାଶୀପୁରରେ ହଇଜା ମୃତ୍ୟୁର ଖବର ଆମ ରାଜ୍ୟକୁ ନବେ ଦଶକର ସେହି ଦୁର୍ଦ୍ଦିନ ଆଡ଼କୁ ଫେରାଇନେଉଥିବା ପରି ମନେହେଉଛି।

ଗତ ଜୁଲାଇ ୧୨ ରେ କାଶୀପୁରରେ ପ୍ରଥମେ କେତେଜଣ ଲୋକ ଝାଡ଼ାବାନ୍ତିର ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିବା ପରେ ସବୁଥର ପରି ଏଥର ମଧ୍ୟ ଆଲୋଚନା ସିଧା ଆମ୍ବ ଟାକୁଆ ଆଡ଼କୁ ଚାଲିଗଲା। ବାହାରର ଲୋକମାନେ ଅତ୍ୟନ୍ତ ସମ୍ବେଦନଶୂନ୍ୟ ହୋଇ ଆଲୋଚନା କରିବାକୁ ଲାଗିଲେ ଯେ, ଆଦିବାସୀମାନେ ଆମ୍ବଟାକୁଆ ଖାଇ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରୁଛନ୍ତି। ଆଦିବାସୀଙ୍କ ଜୀବନ ଜୀବିକା, ସଭ୍ୟତା, ସଂସ୍କୃତି ନ ଜାଣି ସେମାନଙ୍କ ବିଷୟରେ ଏପରି ମତ ଦେବା ଠିକ୍ କି? ଏଠାରେ ସୂଚନାଯୋଗ୍ୟ, ଆଦିବାସୀମାନେ ପରମ୍ପରାଗତ ଭାବେ ବିଭିନ୍ନ ପ୍ରକାର ଅଣଚାଷ ଖାଦ୍ୟ ଖାଇ ଆସୁଛନ୍ତି ଓ ତାହା ସେମାନଙ୍କର ଖାଦ୍ୟ ବ୍ୟବସ୍ଥାର ଏକ ପ୍ରମୁଖ ଅଂଶ। ଯେତେବେଳେ ବି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହଇଜା ଓ ଝାଡ଼ାବାନ୍ତିର କଥା ଆସେ ସେତେବେଳେ ଆଦିବାସୀମାନଙ୍କର ଖାଦ୍ୟ ଅଭ୍ୟାସ କଥା ହିଁ ଚର୍ଚ୍ଚାକୁ ଆଣି ଚତୁରତାର ସହିତ ମୌଳିକ ସୁବିଧା ସୁଯୋଗର ଆଲୋଚନାକୁ ଏଡ଼ାଇଦିଆଯାଏ। ଆଜି ଯେତେବେଳେ କାଶୀପୁର ହଇଜା ପାଇଁ ଚର୍ଚ୍ଚା ହେଉଛି, ସେତେବେଳେ ଦେଖିବାକୁ ମିଳୁଛି ଯେ କାଶୀପୁରର ଏକାଧିକ ଗାଁରେ ଏବେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳର ସୁବିଧା ନାହିଁ। ସେହି ଅଞ୍ଚଳରେ ଡାକ୍ତରଖାନାର କୋଠା ଅଛି, କିନ୍ତୁ ଡାକ୍ତର ନାହାନ୍ତି। ରୋଗୀଙ୍କ ପାଇଁ ଶଯ୍ୟା ନାହିଁ। ଡାକ୍ତରଖାନାର ପରିସର ପରିଷ୍କାର ପରିଚ୍ଛନ୍ନତା ଦୃଷ୍ଟିରୁ ଅତ୍ୟନ୍ତ ଖରାପ। ଫଳରେ ଲୋକମାନେ ଝାଡ଼ାବାନ୍ତିର ଶିକାର ହେବା ପରେ ଡାକ୍ତରଖାନାକୁ ଯିବା ପରେ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି।

କାଶୀପୁର ବ୍ଲକର ଟିଁକିରି ଗାଁକୁ ଏକ ନଳକୂପରୁ ପାଇପ ମାଧ୍ୟମରେ ପାଣି ଯୋଗାଇବାର ବ୍ୟବସ୍ଥା ଅଛି, କିନ୍ତୁ ବର୍ଷାଦିନେ ଅଧିକାଂଶ ସମୟ ସୋଲାର କାମ କରୁ ନ ଥିବାରୁ ପାଇପରେ ପାଣି ଆସି ନ ଥାଏ। ଟିଁକିରି କଲୋନିସାହି, ଟିଁକିରି କୋରାପୁଟ ସାହିର ମଧ୍ୟ ପାନୀୟ ଜଳ ସମସ୍ୟା ରହିଛି। ଯଦିଓ ଗାଁକୁ ପାନୀୟଜଳର ଯୋଗାଣ ବ୍ୟବସ୍ଥା ଅଛି କିନ୍ତୁ ସେହି ପାନୀୟ ଜଳର ଉତ୍ସ ପ୍ରଦୂଷିତ ବୋଲି ଗାଁର ଲୋକମାନେ ଅଭିଯୋଗ କରନ୍ତି। ଡୁଡୁକାବାହାଲ ଗାଁରେ ଉଭୟ ପାଇପ୍ ପାଣି ଯୋଗାଣ ଓ ନଳକୂପ ଥିଲେ ମଧ୍ୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ ଯେଉଁ ଉତ୍ସରୁ ପାଇପ୍ ପାଣି ଯୋଗାଣ ହେଉଛି, ସେଠାରେ ବିଭିନ୍ନ ପ୍ରକାର ଆବର୍ଜନା ମିଶି ତାହା ପ୍ରଦୂଷିତ ହେଉଛି। ଅନେକ ସ୍ଥାନରେ ପାଇପ୍ ଫାଟି ମଧ୍ୟ ପାଣି ପ୍ରଦୂଷିତ ହେଉଛି ଓ ଲୋକମାନେ ସେହି ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏଠାରେ ସୂଚନାଯୋଗ୍ୟ, ଏହିସବୁ ଗାଁ ହେଉଛି ଟିଁକିରିରେ ଥିବା ଏକ କମ୍ପାନୀର ପାଖାପାଖି ଗାଁ। ନିକଟସ୍ଥ ଉଷାପଡ଼ା ଡାକ୍ତରଖାନାଟି ହେଉଛି ସେହି କମ୍ପାନୀର ଡାକ୍ତରଖାନା। ମୃତ୍ୟୁବରଣ କରିଥିବା ଏହି ସବୁ ଗାଁର ଅଧିକାଂଶ ଲୋକ ପ୍ରଥମେ ଡାକ୍ତରଖାନାକୁ ଯାଇ ସେଠୁ ଫେରିବା ପରେ ହିଁ ମୃତ୍ୟୁବରଣ କରିଛନ୍ତି। ତା'ହେଲେ ପ୍ରଶ୍ନ ଉଠୁଛି, କମ୍ପାନୀ ତିଆରି କରିଥିବା ଉଷାପଡ଼ା ଡାକ୍ତରଖାନା ଝାଡ଼ାବାନ୍ତି ପରି ରୋଗକୁ ଚିକିତ୍ସା କରିବା ପାଇଁ କ'ଣ ଯଥେଷ୍ଟ ସକ୍ଷମ ନୁହେଁ। ସରକାରଙ୍କ ତରଫରୁ କୁହାଯାଉଛି ଉଷାପଡ଼ା ଡାକ୍ତରଖାନା ଏକ ୫୦ ଶଯ୍ୟା ବିଶିଷ୍ଟ ଉନ୍ନତମାନର ଡାକ୍ତରଖାନା। ତା'ହେଲେ ବିପଦରେ ଥିବା ରୋଗୀମାନଙ୍କୁ ସେଠାରେ ନ ରଖି ଘରକୁ ପଠାଇ ଦିଆଯାଉଥିଲା କାହିଁକି? ସେମାନଙ୍କ ଚିକିତ୍ସା ପୂର୍ଣ୍ଣ ହେବା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଉଥିଲା ନା କେବଳ ରୋଗୀମାନଙ୍କୁ ସାମାନ୍ୟ ଟିକିଏ ଚିକିତ୍ସା ଯୋଗାଇ ଡାକ୍ତରଖାନା ନିଜ ଦାୟିତ୍ୱ ସାରି ଦେଉଥିଲା! ଆଜି ଯେତେବେଳେ କୁହାଯାଉଛି, କମ୍ପାନୀ ହେଲେ ଲୋକମାନଙ୍କର ବିକାଶ ହେବ ଓ କମ୍ପାନୀ ନିଜ ପାରିପାର୍ଶ୍ୱିକ ଗାଁଗୁଡ଼ିକର ବିକାଶର ଦାୟିତ୍ୱ ନେଉଛି ଓ ନେବ, ସେତେବେଳେ ଟିଁକିରିର ହଇଜା ମୃତ୍ୟୁ ଆମ ଆଗରେ ଏକ ନଗ୍ନ ସତ୍ୟକୁ ତୋଳି ଧରୁଛି। ପାରିପାର୍ଶ୍ୱିକ ବିକାଶ ନାଁରେ କମ୍ପାନୀ କିପରି ସ୍ୱାସ୍ଥ୍ୟସେବା ଯୋଗାଉଛି ତାହା ଆମେ ଏକାଧିକ ହଇଜା ମୃତ୍ୟୁରୁ ସୂଚନା ପାଉଛେ। ଏହି ଘଟଣା ପରେ ଆମ ସରକାର ଓ କମ୍ପାନୀ ସପକ୍ଷବାଦୀ ବୁଦ୍ଧିଜୀବୀମାନଙ୍କର ଚେତା ପଶିବ କି? ଲୋକମାନଙ୍କୁ ନିଜ ଭିଟାମାଟିରୁ ଉଚ୍ଛେଦକରି ଥରେ କମ୍ପାନୀ ପ୍ରତିଷ୍ଠିତ ହୋଇଗଲେ, ତା'ପରେ କମ୍ପାନୀର ଲୋକମାନଙ୍କ ପ୍ରତି ବ୍ୟବହାର 'କାଶିଆ କିଏ ନା କପିଳା କିଏ' ପରି ହୋଇଯାଉଛି ବୋଲି ଆଉ ବୁଝିବାରେ ବାକି ନାହିଁ।



ଏତଦ୍‌ବ୍ୟତୀତ ଆମେ ଦେଖୁଛେ ଯେ, ହଇଜା ବ୍ୟାପିଥିବା କାଶୀପୁରର ଗାଁଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳର ଘୋର ଅଭାବ ରହିଛି। ଯଦି ବି ପାଇପ୍ ପାଣି ଯୋଗାଣ ବ୍ୟବସ୍ଥା ଅଛି, ତାହା ପ୍ରଦୂଷଣମୁକ୍ତ ନୁହେଁ। ଯେଉଁଠି ନଳକୂପ ଅଛି, ତା' ଚାରିପଟ ଭୀଷଣ ଆବର୍ଜନା ଜମାହୋଇ ଭୂତଳ ଜଳ ପ୍ରଦୂଷିତ ହେଉଛି। ଫଳରେ ଗୋଟିଏ ପରେ ଗୋଟିଏ ଗାଁକୁ ହଇଜା ବ୍ୟାପୁଛି। ତୃଣମୂଳ ସ୍ତରରୁ ସଂଗ୍ରହ କରାଯାଇଥିବା ତଥ୍ୟ ଅନୁସାରେ ଶଙ୍କରଡ଼ା ପଞ୍ଚାୟତର ଗୋବରଘାଟି ଗାଁରେ ଥିବା ନଳକୂପର ଚାରିପଟେ ପଟେ ପ୍ରଚୁର ଆବର୍ଜନା ଥାଇ ପାଣି ଜମା ହୋଇରହିଛି। ସେହି ନଳକୂପରୁ ପାଣି ପିଇଲେ ସେଥିରୁ ଗନ୍ଧ ବାହାରୁଛି। ସେହି ପଞ୍ଚାୟତର ମିନାଦୁର୍ଗା ଗାଁରେ ଆଦୌ ନଳକୂପ ନାହିଁ। ଲୋକମାନେ ଝରଣାର ଗୋଳିଆ ପାଣି ପିଉଛନ୍ତି। କାରିଣୀପାଇ ଗାଁରେ ଥିବା ଏକମାତ୍ର ନଳକୂପ ଚାରିପଟେ ଅପରିଷ୍କାର ପାଣି ଜମି ରହିଛି। ସେଠାରେ ଡ୍ରେନ୍‌ର କୌଣସି ସୁବିଧା ନାହିଁ। ସିରିପାଇ ପଞ୍ଚାୟତର କଳାକାନି ଗାଁରେ ନଳକୂପ ନାହିଁ। ସେଠାକୁ ସ୍ୱଜଳଧାରା ଯୋଜନାରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ ପାଣିର ଉତ୍ସଟି ଖୋଲା ଅଛି। ତା' ଉପରେ ଢାଙ୍କୁଣୀ ନାହିଁ। ଫଳରେ ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ପଡ଼ି ତାହା ପାଣିକୁ ପ୍ରଦୂଷିତ କରୁଛି। ସୁଙ୍ଗେର ପଞ୍ଚାୟତର ଧାମଣଘାଟି ଗାଁରେ ଗୋଟିଏ ନଳକୂପ ଅଛି ଓ ସେଇଟି ଅଚଳ ଅବସ୍ଥାରେ ଅଛି। ଲୋକମାନେ ବ୍ଲକ୍ ପ୍ରଶାସନକୁ ଏକାଧିକ ଥର ଅଭିଯୋଗ କରିଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ବାଧ୍ୟହୋଇ ଲୋକମାନେ ନଦୀ ଓ ଝରଣାର ପାଣି ପିଉଛନ୍ତି।

ସମ୍ପ୍ରତି କାଶୀପୁରର ହଇଜା ମୃତ୍ୟୁ ପୁଣି ଥରେ ପ୍ରମାଣ କରିଦେଲା, ଗୋଟିଏ ପଟେ ଆମେ ବିକାଶର ବାହୁସ୍ଫୋଟ ମାରୁଥିବା ବେଳେ ଏବେ ବି ସାଧାରଣ ଲୋକଙ୍କ ପାଖରେ ସ୍ୱଚ୍ଛ ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ପରି ମୌଳିକ ସୁବିଧା ଉପଲବ୍ଧ ନାହିଁ। ସରକାର ପ୍ରଥମେ ଏହି ସବୁ ମୌଳିକ ସୁବିଧା ସୁଯୋଗ ଲୋକଙ୍କ ପାଖରେ ପହଞ୍ଚାଇବାର ସଫଳ ବ୍ୟବସ୍ଥା କରିବା ପାଇଁ ଦାୟିତ୍ୱବାନ୍ ହେବେ କି?

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ– ୯୪୩୮୪୬୮୪୭୪**

# ଜଳ ଓ ଜଳାଭିଷେକ



ସୁଧିରାଜ ରାଉତ

କିଛିଦିନ ତଳେ ଜଣେ ବନ୍ଧୁ ଏବର ବୋଲବମରେ ବିରକ୍ତ ହୋଇ କହିଲେ "ଆମ ଧର୍ମକୁ ଲୋକହସା କରିବାଛଡ଼ା ଏସବୁ ଆଉ କ'ଣ ? ଏହାଠାରୁ ବଡ଼ ଅନ୍ଧ ଆବେଗ ଅନ୍ଧବିଶ୍ୱାସ କ'ଣ ଅଛି ? ବନ୍ଧୁଙ୍କର ପ୍ରଶ୍ନ ମୋତେ ମନେପକାଇ ଦେଲା ୧୦/୧୨ ବର୍ଷ ତଳେ କିଛି ବନ୍ଧୁଙ୍କୁ ନେଇ ଜୟପୁର ନିକଟ ନଦୀରୁ ଜଳ କାଉଡ଼ିରେ ଭରି ୬୦ କିଲୋମିଟର ଗୁପ୍ତେଶ୍ୱର ଶୈବପୀଠକୁ ଯାତ୍ରାର କଥା। ବର୍ଷା ହେଉଥାଏ। କାନ୍ଧରେ ଜଳ ଭର୍ତ୍ତି କାଉଡ଼ି, ଅମା ଅନ୍ଧାରରେ ଘଞ୍ଚ ବନାନୀ ବାଘ ଭାଲୁ ଭୟକୁ ବେଖାତିର କରି ତମାମ ରାତି ଚାଲିବା କିଭଳି ସେଦିନ ମୋ ପାଇଁ ସମ୍ଭବ ହୋଇଥିଲା ସତେ ? ବନ୍ଧୁଙ୍କ ପ୍ରଶ୍ନ ଆଉ ମୋର ସେ ଦିନ ଅନୁଭବ ଭିତରେ ଖୋଜୁଥିଲି କାଉଡ଼ି ଭରା ଜଳ, ପ୍ରତି ସୋମବାର ମୋର ଜଳାଭିଷେକ କ'ଣ ପ୍ରକୃତରେ କିଛି ଗୁପ୍ତ ସତ୍ୟକୁ ଧାରଣ କରୁଛି? କ'ଣ ଏହା ଜୀବନରେ ଶୁଭତ୍ୱ ଦେବାକୁ ସାମର୍ଥ୍ୟ ରଖୁଛି? କିଛିଦିନ ଜଳମନସ୍କ ଭିତରେ ଜଳର ଅଦ୍ଭୁତ ସ୍ୱରୂପ ଦର୍ଶନ କରି ବିମୋହିତ ହେଲି। ଏହି ଜଳ କ'ଣ। ପୃଥିବୀରେ ୭୦ ଭାଗରୁ ଅଧିକ ଜଳ ଥିବା ବେଳେ ଆମେ ଚନ୍ଦ୍ରାୟଣ ପଠାଇ ଚନ୍ଦ୍ରରେ ଜଳ ଖୋଜୁଛୁ। ମାନବ ଏହି ଜଳକୁ କେତେ ବୁଝିଛି। ଏ ପ୍ରଶ୍ନର ଗହିରତାକୁ ନ ଗଲେ ଜଳାଭିଷେକର ନିହିତ ଅନ୍ତଃସତ୍ୟକୁ ବୁଝିବା ସମ୍ଭବ ନୁହେଁ। ଆମେ ପଢିଛୁ –ଜଳ ଦୁଇଟି ମୌଳିକକୁ ନେଇ ସୃଷ୍ଟ, ତାହା ଉଦଜାନ ଓ ଅମ୍ଳଜାନ। ୫୦୦୦ ବର୍ଷ ତଳେ ବୈଦିକ ଦର୍ଶନରେ ଲେଖାଅଛି, ଜଳ ଦୁଇଟି ତତ୍ତ୍ୱକୁ ନେଇ ସୃଷ୍ଟ, ତାହା ହେଲା ବାୟୁ ଏବଂ ଅଗ୍ନି। ଏଭଳି ଲେଖା ଅଛି ଆକାଶ ତତ୍ତ୍ୱରୁ ପ୍ରଥମେ ବାୟୁତତ୍ତ୍ୱ ସୃଷ୍ଟି ହେଲା, ବାୟୁତତ୍ତ୍ୱରୁ ଅଗ୍ନିତତ୍ତ୍ୱ ଜନ୍ମ ନେଲା ଏବଂ ବାୟୁ ଅଗ୍ନି ମିଶି ଜଳତତ୍ତ୍ୱକୁ ସୃଷ୍ଟି କଲେ। ଆଧୁନିକ ବିଜ୍ଞାନ ଏବଂ ବୈଦିକ ଦର୍ଶନରେ ଜଳସୃଷ୍ଟିକୁ ନେଇ ବାହ୍ୟ ସମାନତା ଥିଲେ ମଧ୍ୟ ବୈଦିକ ଦୃଷ୍ଟି ଭିନ୍ନ ଏବଂ ବ୍ୟାପକ। ଏଇ ଭିନ୍ନତାକୁ ନ ବୁଝିଲେ ଜଳକୁ ଠିକ୍ ରୂପେ ବୁଝିବା ସମ୍ଭବ ନୁହେଁ। ଜଳ ଉଦଜାନ ଓ ଅମ୍ଳଜାନର ଏକ ରାସାୟନିକ ପରିଣାମ ମାତ୍ର ନୁହେଁ, ବୈଦିକ ଦୃଷ୍ଟିରେ ଏହି ପରିଣାମ ଏକ ଅବକାଶ ସୃଷ୍ଟି କରେ,ଏକ ଆଧାର ସୃଷ୍ଟିକରେ ଜଳତତ୍ତ୍ୱ ବା ଜଳ ସତ୍ତାଙ୍କୁ ପ୍ରକାଶିତ ହେବାକୁ। ଋଷି ଶ୍ରୀଅରବିନ୍ଦ କହିଛନ୍ତି– ଉଦଜାନ ଓ ଅମ୍ଳଜାନ ମିଶି ଜଳ ସୃଷ୍ଟି କରିନାହାନ୍ତି, ଏକ ଅବକାଶ ସୃଷ୍ଟି କରିଛନ୍ତି ଜଳରୂପି ଚୈତନ୍ୟକୁ ଅବତରି ଆସିବାକୁ ଏବଂ ପ୍ରକାଶ ହେବାକୁ। ତେଣୁ ପ୍ରଥମେ ଜଳ ବା ଜଳସତ୍ତାଙ୍କୁ ବୁଝିବାର ସର୍ତ୍ତ ହେଉଛି – ଜଳ ଏକ ରାସାୟନିକ ପରିଣାମ ମାତ୍ର ନୁହେଁ, ଜଳ ଏକ ଚୈତନ୍ୟ, ଏକ ସଚେତନ ସତ୍ତା। ଆମେ ସମସ୍ତେ ଜଳର ଶୁଦ୍ଧତା କଥା ଜାଣୁ । ସେ କିଭଳି ଆମ ଶରୀର ଏବଂ ଆବଶ୍ୟକ ଉପାଦାନ ସବୁକୁ ଧୋଇ ଶୁଦ୍ଧ କରେ। କିନ୍ତୁ ଆମେ ଯଦି ଜଳକୁ ଏକ ଜୀବନ୍ତ ସତ୍ତା ବା ଦେବତା ରୂପେ ଦେଖି ଶିଖନ୍ତେ ଏଇ ପବିତ୍ର ଜଳ ଆମ ମନ ପ୍ରାଣର ବହୁ କାଳିମାକୁ ଧୋଇ ଆମକୁ ଅପୂର୍ବ ଶୁଦ୍ଧତାରେ ଭରିଦିଅନ୍ତେ। ଶ୍ରୀମା କହୁଥିଲେ ଆମେ ଯଦି ବର୍ଷାରେ ଭିଜି ଜାଣିବା ଏହି ଜଳକଣା ଆମ ଶରୀରରୁ ଦୁଃସାଧ ରୋଗକୁ ଧୋଇ ଆମକୁ ରୋଗମୁକ୍ତ କରି ପାରିବ। ଯେଉଁମାନେ ବିଜ୍ଞାନକୁ ବିଶ୍ୱାସ କରନ୍ତି କୌଣସି କଥାକୁ ବିନା ପରୀକ୍ଷାରେ ଅବିଶ୍ୱାସ କରିବା ଉଚିତ ନୁହେଁ। ଜଳ ଯେଭଳି ପବିତ୍ରତା ପ୍ରଦାନ କରିଥାଏ ସେଇଭଳି ସମୃଦ୍ଧି ମଧ୍ୟ ପ୍ରଦାନ କରିଥାଏ।



ଜଳର ଆଉ ଏକ ଅଦ୍ଭୁତ ସାମର୍ଥ୍ୟ ହେଉଛି ଗ୍ରହଣଶୀଳତା। ଆୟୁର୍ବେଦ କହେ ତମ୍ବାପାତ୍ରରେ ଜଳ ରାତ୍ରରେ ରଖି ସକାଳୁ ଖାଲି ପେଟରେ ପିଇଲେ ଏସିଡ୍ ବା ଅମ୍ଳ ସମସ୍ୟା ଦୂର ହୁଏ। ରାତିତମାମ ଜଳ ତମ୍ବା ପାତ୍ରରେ ରହିବା ଦ୍ୱାରା ତମ୍ବାତ୍ୱକୁ ଗ୍ରହଣ କରିନିଏ ଏବଂ ଏଇ ପାଣି ପିଇବା ଦ୍ୱାରା ପେଟରେ ସୃଷ୍ଟ ଅମ୍ଳ ସହ ତମ୍ବାତ୍ୱ ପତିକ୍ରିୟା କରି ଅମ୍ଳର ନକାରାତ୍ମକ ପ୍ରଭାବକୁ ନଷ୍ଟ କରିଦିଏ। ଜଳର ଏଇ ଗ୍ରହଣଶୀଳତା, ପରିସୀମା ଏତେ ବ୍ୟାପକ ଯେ ଆମେ ବୁଦ୍ଧି ଦ୍ୱାରା ବୁଝିବା ସହଜ ବା ସମ୍ଭବ ନୁହେଁ। ଅନେକ ଗବେଷଣା ଏହା କହୁଛି ସକାରାତ୍ମକ ଚିନ୍ତନକୁ ଏକ ଉପାଦାନରୂପେ ଜଳ ଭିତରେ ଦ୍ରବୀଭୂତ କରାଇ ପିଇଲେ ଏହି ସକାରାତ୍ମକ ଭାବନାକୁ ଜଳ ଶରୀରର ସବୁ କୋଷ ପାଖରେ ନେଇ ପହଞ୍ଚାଇ ଦେଇଥାଏ ଏବଂ ଆମକୁ ଆରୋଗ୍ୟ ଏବଂ ସକାରାତ୍ମକ ଜୀବନ ପ୍ରଦାନ କରିଥାଏ। ଆମ ଋଷି, ମୁନିମାନେ ଚରଣାମୃତକୁ କାହିଁକି ଏତେ ପବିତ୍ର ଏବଂ ଶ୍ରେଷ୍ଠ ଭାବନ୍ତି? କାରଣ ଏହା ଜଗତର ସ୍ରଷ୍ଟାରୂପି ଈଶ୍ୱର ମୂର୍ତ୍ତିର ସ୍ନାନ ଜଳ। ଈଶ୍ୱରଙ୍କ ସ୍ନାନ ଜଳ ଈଶ୍ୱରଙ୍କୁ ଧାରଣ କରିଥାଏ, କାରଣ ଏହା ଜଳର ସ୍ୱଭାବ ବା ଧର୍ମ । ସେଥିପାଇଁ ଆମ ଶାସ୍ତ୍ର ଏହି ଜଳକୁ ଅତି ପବିତ୍ର ମାନେ। କାରଣ ତାହା ଈଶ୍ୱରଙ୍କ ଚେତନାକୁ ଗ୍ରହଣ କରି ଧାରଣ କରିଥାଏ। ଶିବଲିଙ୍ଗରେ ହେଉଥିବା ଜଳାଭିଷେକ ମଧ୍ୟ ଠିକ୍ ଏହି ସତ୍ୟକୁ ବହନ କରୁଛି।

ବର୍ତ୍ତମାନ ଶ୍ରାବଣ ମାସ। ବୋଲବମ କଥାକୁ ବିଚାରକୁ ନେବା। ଆମ ସଂସ୍କୃତିରେ ଶ୍ରାବଣ ଅମୃତ ଧାରାରେ ପୂର୍ଣ୍ଣ ଝରଣା, ନଈ ଜଳକୁ ଈଶ୍ୱରଙ୍କୁ ଅର୍ପଣ କରି ନିଜର କୃତଜ୍ଞତା ମଣିଷ ଜଣାଇଥାଏ। ଯେତେବେଳେ ଜଣେ କାଉଡ଼ିଆ କେଉଁ ନଈ ଝରଣାରୁ ଜଳ ନେଇ ଦୂର ଶିବଲିଙ୍ଗରେ ଅର୍ପିବାକୁ ବାହାରେ ସେଇ ଅର୍ପଣରେ ଥାଏ କୃତଜ୍ଞତା, ଆଉ ନିଜର କିଛି ମନସ୍କାମନା। କାଉଡ଼ିଆ ଜଳ ଧରି ଚାଲୁଥାଏ। ଜଳ କାଉଡ଼ିଆର ଚିନ୍ତା, ଚେତନା, ମନସ୍କାମନାକୁ ତା ସ୍ୱାଭାବିକ ଗ୍ରହଣଶୀଳତା ସାମର୍ଥ୍ୟରେ ଗ୍ରହଣ କରିନେଇଥାଏ। ଜଳ ଅର୍ପଣ ବା ଅଭିଷେକ ବେଳେ ଜଳ ତା ନିଜ ଭାଷାରେ କାଉଡ଼ିଆର ମନକଥା ଈଶ୍ୱରଙ୍କୁ ଜଣାଇଦିଏ। ପୁଣି ଈଶ୍ୱରଙ୍କ ଅଭିଷେକ ଜଳକୁ କାଉଡ଼ିଆ ପାଦୁକ ରୂପେ ଗ୍ରହଣ କରିବା ଦ୍ୱାରା ଈଶ୍ୱରଙ୍କ ଚେତନା ଏବଂ କୃପାକୁ କାଉଡ଼ିଆକୁ ପ୍ରାପ୍ତ କରିଥାଏ । ଜଳ ଏହି ରୂପରେ ଅଦୃଶ୍ୟ ଈଶ୍ୱର ଏବଂ ଦୃଶ୍ୟ ମଣିଷକୁ ଯୋଡ଼ିବାର ସୁପରିବାହୀ ରୂପେ କାମ କରେ। ଏହା ହିଁ ଜଳାଭିଷେକ ଅନ୍ତଃଦର୍ଶନ।

**ଇନ୍ଦ୍ରାବତୀ, ନବରଙ୍ଗପୁର**
**ମୋ: ୯୮୬୧୯୬୯୬୭୮**

## ଏଇ ଭାରତରେ

ଆମ ଆଖପାଖରେ ରହୁଥିବା ବୁଲାକୁକୁରଙ୍କୁ ଦେଖିଲେ ଦୟା ଲାଗେ, କିନ୍ତୁ ସେମାନଙ୍କ ପାଇଁ କିଛି କରୁଥିବା ଲୋକମାନଙ୍କ ମଧ୍ୟରେ ବେଙ୍ଗାଲୁରୁର ରଜନୀ ସେଟ୍ଟୀ ଅନ୍ୟତମ। ୨୦ ବର୍ଷ ହେଲା ସେ ବୁଲାକୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ବଡ଼ କଥା ହେଉଛି ସେ ନିଜ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ଘରେ କାମ କରୁଥିଲେ ବି ବୁଲାକୁକୁରଙ୍କୁ ଖାଇବାକୁ ଦେବାରେ କେବେ ଅବହେଳା କରିନାହାନ୍ତି। ସେ ଗୋଟିଏ କି ଦୁଇଟି ନୁହେଁ, ପ୍ରତିଦିନ ୮୦୦ କୁକୁରଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଦୁଇ କୁଇଣ୍ଟାଲ ଚାଉଳ ଲାଗୁଛି। ଭାତ ସହ ଚିକେନ କରି କୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ଏହି କାର୍ଯ୍ୟରେ ତାଙ୍କ ପରିବାରର ସହଯୋଗ ମିଳୁଛି। ସକାଳ ସାଢେ ୫ଟାରେ ଉଠି ଖାଦ୍ୟ ପ୍ରସ୍ତୁତ କରି ସ୍କୁଟରରେ କୁକୁରମାନଙ୍କ ପାଇଁ ନେଇ ଯାଉଛନ୍ତି। ସାଥୀରେ ବି ତାଙ୍କ ଝିଅ ଯାଇ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟ ଲାଗି ଲୋକମାନେ ତାଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି। କୁକୁରଙ୍କୁ ଖାଇବାକୁ ଦେବା ବ୍ୟତୀତ ରଜନୀ ବିପଦରେ ପଡ଼ିଥିବା ପ୍ରାଣୀମାନଙ୍କୁ ଉଦ୍ଧାର କରୁଛନ୍ତି। କୂଅରେ ପଶି ହେଉ ଅବା ଉଚ୍ଚ ପାଚେରିରେ ଚଢ଼ି ସେ ଏମାନଙ୍କୁ ଉଦ୍ଧାର କରୁଛନ୍ତି। ୨୦ ବର୍ଷ ମଧ୍ୟରେ ସେ ୨୦୦ ପ୍ରାଣୀଙ୍କୁ ମଧ୍ୟ ଉଦ୍ଧାର କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜୁଲାଇ ୧୯୯୭

- ଆଲଜେରିଆର ରାଜଧାନୀ ଆଲଜିଏର୍ସର ୩୫ କିମି ଦକ୍ଷିଣକୁ ଅବସ୍ଥିତ ଲରବା ସହରରେ ମୁସଲିମ୍ ଉଗ୍ରବାଦୀଙ୍କ ଆକ୍ରମଣରେ ୭୨ ନିହତ।
- ରୁଷିଆର ଉରାଲ ଅଞ୍ଚଳ ଅନ୍ତର୍ଗତ କୁଏଦାସ୍ଥିତ ତୈଳ କମ୍ପାନୀର ପ୍ରଶାସନିକ କାର୍ଯ୍ୟାଳୟର ରନ୍ଧନଶାଳା ବାଷ୍ପ ଟାଙ୍କିରେ ବିସ୍ଫୋରଣ ଘଟି ୧୮ ଜଣଙ୍କ ମୃତ୍ୟୁ।
- ପଞ୍ଚନ କୁମାର ଚାମଲିଙ୍ଗଙ୍କ ନେତୃତ୍ୱାଧୀନ ସିକିମ୍ ମନ୍ତ୍ରିମଣ୍ଡଳରୁ ଉପମୁଖ୍ୟମନ୍ତ୍ରୀ ପି.ଟି. ଲକ୍‌ସୋମ ବହିଷ୍କୃତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | 4 | | | |
| | | | | | 6 | | 8 | 3 |
| | | 2 | 3 | 1 | | | | |
| | 2 | 3 | | | | 7 | | |
| 5 | 1 | | | | | | | |
| | 9 | 7 | | | | | 5 | 6 |
| | | | | 8 | | 2 | | |
| | 3 | 8 | | 9 | | | | |
| 4 | | 9 | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 8 | 7 | 6 | 2 | 4 | 3 |
| 7 | 2 | 8 | 5 | 4 | 3 | 9 | 1 | 6 |
| 4 | 6 | 3 | 2 | 9 | 1 | 7 | 5 | 8 |
| 2 | 3 | 4 | 9 | 6 | 8 | 1 | 7 | 5 |
| 6 | 8 | 5 | 7 | 1 | 2 | 4 | 3 | 9 |
| 9 | 7 | 1 | 4 | 3 | 5 | 8 | 6 | 2 |
| 8 | 4 | 2 | 6 | 5 | 7 | 3 | 9 | 1 |
| 3 | 9 | 6 | 1 | 8 | 4 | 5 | 2 | 7 |
| 5 | 1 | 7 | 3 | 2 | 9 | 6 | 8 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଗରିବଙ୍କୁ ଅଧା ଦରରେ ଗ୍ୟାସ ଦିଆଯାଉ

ମହାଶୟ,

ବର୍ତ୍ତମାନ ଆମ ଦେଶରେ ୩୦ କୋଟିରୁ ଊର୍ଦ୍ଧ୍ୱ ଏଲ୍‌ପିଜି ଗ୍ରାହକ ଅଛନ୍ତି। ଏମାନଙ୍କ ମଧ୍ୟରୁ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ସଂଖ୍ୟା ହେଉଛି ପ୍ରାୟ ୯ କୋଟି। ଏମାନଙ୍କୁ ବର୍ତ୍ତମାନ ୧୪.୨ କିଲୋଗ୍ରାମ୍ ଓଜନ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଉପରେ ୨୦୦ ଟଙ୍କା ସବ୍‌ସିଡି ଦିଆଯାଉଛି ; ଅଥଚ ଅନ୍ୟ ଗରିବ ଜନସାଧାରଣଙ୍କୁ ନୁହେଁ। ବର୍ତ୍ତମାନ ଏଲପିଜିର ଦର ୧୧୦୦ ଟଙ୍କାରୁ ଅଧିକ। ଏହି କାରଣରୁ ଅଧିକାଂଶ ଏଲପିଜି ବ୍ୟବହାରକାରୀ ଗ୍ୟାସ ପରିବର୍ତ୍ତେ ନଡ଼ା, ଘଷି, କାଠ ଓ କୋଇଲା ପରି ପାରମ୍ପରିକ ଇନ୍ଧନ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ବାୟୁମଣ୍ଡଳରେ ଅଧିକରୁ ଅଧିକ ଗ୍ୟାସ୍ ବୃଦ୍ଧି ପାଇ ଏହା ପ୍ରଦୂଷିତ ହେବ। ଗରିବ ଲୋକେ ବାଧ ହୋଇ ଅଧିକ ବୃକ୍ଷ ଛେଦନ କରିବେ। ପ୍ରଥମେ ଲୋକଙ୍କୁ ମାଗଣା ଦେଇ ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କୁ ଅଭ୍ୟାସଗତ ମଦୁଆ ସଜାଇବା ଯାହା, ବର୍ତ୍ତମାନ ଗରିବ ଲୋକଙ୍କ କ୍ଷେତ୍ରରେ ଏଲପିଜି ବ୍ୟବହାର ତାହା ହିଁ ହୋଇଛି। କେନ୍ଦ୍ର ସରକାର ଏମାନଙ୍କୁ ଶୋଷଣ କରିବା ଆଦୌ ଉଚିତ ନୁହେଁ। ଦିନକୁ ଦିନ ଡାଲି, ଆଳୁ ଓ ଖାଇବା ତେଲ ପରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦର ବଢ଼ି ବଢ଼ି ଚାଲିଥିବା ବେଳେ ଏଲପିଜି ଦରବୃଦ୍ଧି ଗରିବଙ୍କ କ୍ଷେତ୍ରରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସୁତରାଂ କେନ୍ଦ୍ର ସରକାର ଦେଶର ୯ କୋଟି ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ଅଧା ଦରରେ ବାର୍ଷିକ ୧୨ ଗୋଟି ଗ୍ୟାସ ସିଲିଣ୍ଡର ଦେବାର ତୁରନ୍ତ ବ୍ୟବସ୍ଥା କରନ୍ତୁ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପୀରହାଟ, ଭଦ୍ରକ**

## ଚିରନ୍ତନୀ

ବିଶ୍ୱରାଶି
ନିଭାଇ ଦେଇ
ଆସିଲା ଘୋଟି ତମ
ସମ୍ମୁଖରେ ଡାହାଣ ବାମେ ମମ !
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିନ୍ଦେଙ୍କୁ ସମର୍ଥନ ଦେଲେ ଉଦ୍ଧବଙ୍କ ପୁତୁରା

ମୁମ୍ବାଇ,୨୯।୭

ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକରେଙ୍କ ହାତରୁ ମୁଖ୍ୟମନ୍ତ୍ରୀ ପଦ ଯିବା ପରେ ଦଳକୁ ଏକାଠି ରଖିବାରେ ସେ ଏକପ୍ରକାର ସଂଘର୍ଷ କରୁଛନ୍ତି। ଏହି ସମୟରେ ତାଙ୍କୁ ଆଉ ଏକ ରାଜନୈତିକ ଝଟକା ଲାଗିଛି। ବିଦ୍ରୋହୀ ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ନିଜକୁ ଶିବସେନା ପ୍ରତିଷ୍ଠାତା ବାଲ୍ ଠାକରେଙ୍କ ଲିଗାସି ଦାବି କରିଆସୁଥିବାବେଳେ ଉଦ୍ଧବଙ୍କ ପୁତୁରା ନିହାର ଠାକରେ ତାଙ୍କୁ ଭେଟି ସମର୍ଥନ ଜଣାଇଛନ୍ତି। ନିହାର ହେଉଛନ୍ତି ବାଲ୍ ଠାକରେଙ୍କ ବଡ଼ପୁଅ ବିନ୍ଦୁମାଧବ ଠାକରେଙ୍କ ପୁଅ। ଚଳଚ୍ଚିତ୍ର ପ୍ରଯୋଜକ ଥିବା ବିନ୍ଦୁମାଧବଙ୍କର ୧୯୯୬ରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ନିହାର ରାଜନୀତିରେ ପୋଖତ ନ ଥିଲେ ମଧ୍ୟ ପରିବାର ସଦସ୍ୟ ବିଦ୍ରୋହୀ ଶିବିରରେ ଯୋଗଦେବା ଉଦ୍ଧବଙ୍କୁ ଅଡୁଆରେ ପକାଇଛି। ନିକଟରେ ଉଦ୍ଧବଙ୍କ ଭାଇ ଜୟଦେବଙ୍କ ପୂର୍ବତନ ସ୍ତ୍ରୀ ସ୍ମିତା ଠାକରେ ମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ୨୦୧୨ରେ ବାଲ୍ ଠାକରେଙ୍କ ଦେହାନ୍ତ ପରେ ତାଙ୍କ ଇଚ୍ଛାପତ୍ରକୁ ନେଇ ବିବାଦ ଦେଖାଦେଇଥିଲା। ସେବେଠାରୁ ଉଦ୍ଧବଙ୍କର ଅନ୍ୟ ଭାଇଭାଇଙ୍କ ପରିବାର ସହ ଭଲ ସମ୍ପର୍କ ନାହିଁ। ନିହାର ଜଣେ ଆଇନଜୀବୀ ହୋଇଥିବାବେଳେ ଭାଜପା ନେତା ହର୍ଷବର୍ଦ୍ଧନ ପାଟିଲଙ୍କ ଝିଅ ଅଙ୍କିତାଙ୍କୁ ବିବାହ କରିଛନ୍ତି।


ଉଦ୍ଧବଙ୍କ ପୁତୁରା ନିହାର ଠାକରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ସାକ୍ଷାତ କରୁଛନ୍ତି।

# ୨୪ ଘଣ୍ଟାରେ ଟୁଇଟ୍ ଡିଲିଟ୍ କର

ନୂଆଦିଲ୍ଲୀ,୨୯।୭


ପବନ ଖେରା


ଜୟରାମ ରମେଶ

■ସ୍ମୃତି ଇରାନୀ ଝିଅଙ୍କ ବେଆଇନ ବାର୍ ବିବାଦ ମାମଲା
■କଂଗ୍ରେସ ନେତାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଦାଏର କରିଥିବା ମାନହାନି ମାମଲା ଉପରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କଂଗ୍ରେସ ନେତା ଜୟରାମ ରମେଶ, ପବନ ଖେରା ଏବଂ ନେଟ୍ଟା ଡି'ସୌଜାଙ୍କୁ ସମନ ଜାରି କରିଛନ୍ତି। ଇରାନୀଙ୍କ ଝିଅ ଜୋଇସ୍‌ଙ୍କ ସମ୍ପର୍କରେ କରିଥିବା ଟୁଇଟ୍ ୨୪ ଘଣ୍ଟା ମଧ୍ୟରେ ଡିଲିଟ୍ କରିବା ଲାଗି ହାଇକୋର୍ଟ ସମ୍ପୃକ୍ତ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜୋଇସ୍ ଏକ ଜାଲ୍ ଲାଇସେନ୍ସ ବଳରେ ଗୋଆରେ ବେଆଇନ ଭାବେ ରେଷ୍ଟୁରାଣ୍ଟ ଚଳାଉଥିବା ନେଇ କଂଗ୍ରେସ ନେତାମାନେ ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟ କରିଥିଲେ। ଏଭଳି ବେଆଇନ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ତୁରନ୍ତ ଇରାନୀଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରନ୍ତୁ ବୋଲି ପବନ ଖେରା ଦାବି କରିଥିଲେ। ଇରାନୀ ଅଭିଯୋଗକୁ ଖଣ୍ଡନ କରି କୋର୍ଟରେ ଦେଖିନେବେ ବୋଲି ଚେତାବନୀ ଦେବା ସହ ସମ୍ପୃକ୍ତ ନେତାଙ୍କୁ ଓକିଲ ନୋଟିସ ପଠାଇଥିଲେ। ଝିଅଙ୍କ ସମ୍ପର୍କରେ ଭିତ୍ତିହୀନ ଅଭିଯୋଗ ବିରୋଧରେ ଇରାନୀ ହାଇକୋର୍ଟରେ ୨ କୋଟି ଟଙ୍କାର ମାନହାନି ମାମଲା ଦାଏର କରିଥିଲେ। ମିଛ ଅଭିଯୋଗ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। ତାଙ୍କ ୧୮ ବର୍ଷୀୟା ଝିଅ ଜଣେ କଲେଜ ଛାତ୍ରୀ। ସେ କୌଣସି ରେଷ୍ଟୁରାଣ୍ଟ କିମ୍ବା ବାର୍ ଚଳାଉନାହାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ମାନହାନି ମାମଲାର ଶୁଣାଣି କରି ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଏ ସମ୍ପର୍କିତ ସମସ୍ତ ଟୁଇଟ୍, ପୋଷ୍ଟ, ଭିଡିଓ ଓ ଫଟୋ ହଟାଇବାକୁ ଜଷ୍ଟିସ୍ ମିନି ପୁଷ୍କର୍ଣ୍ଣ କଂଗ୍ରେସ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବେଆଇନ ବାର୍ ସମ୍ପର୍କରେ ସବୁ ତଥ୍ୟ କୋର୍ଟରେ ଉପସ୍ଥାପନ କରିବେ ଏବଂ ଇରାନୀଙ୍କ ଆବେଦନକୁ ଚ୍ୟାଲେଞ୍ଜ କରିବେ ବୋଲି ଜୟରାମ କହିଛନ୍ତି।

# ସସ୍ମିତ ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା

## ସୁଲତା ମୁଖ୍ୟ ସଚେତକ


ସସ୍ମିତ ପାତ୍ର


ସୁଲତା ଦେଓ

ଭୁବନେଶ୍ୱର,୨୯।୭(ବ୍ୟୁରୋ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭାବେ ସସ୍ମିତ ପାତ୍ର ଏବଂ ସୁଲତା ଦେଓଙ୍କୁ ବିଜେଡି ମୁଖ୍ୟ ସଚେତକ (ଚିଫ୍ ହୁଇପ) ଭାବେ ନିଯୁକ୍ତ ଦେଇଛନ୍ତି । ଏ ନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି । ସସ୍ମିତ ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନଲରେ ମଧ୍ୟ ରହିଛନ୍ତି । ସୁଲତା ଦେଓ ପ୍ରଥମ ଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ତାଙ୍କୁ ମୁଖ୍ୟ ସଚେତକ ଭାବେ ଗୁରୁ ଦାୟିତ୍ୱ ମିଳିଛି।

# ୯ରୁ 'ଘରେ ଘରେ ତ୍ରିରଙ୍ଗା'

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଅମୃତ ମହୋତ୍ସବ କାଳଖଣ୍ଡରେ ଓଡ଼ିଶା ସବୁଠାରୁ ଅଧିକ ଗର୍ବ ଓ ଗୌରବ ପ୍ରାପ୍ତ ହୋଇଛି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହୋଇଛନ୍ତି। ଯାହା ଅମୃତ କାଳଖଣ୍ଡର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଓଡ଼ିଆଙ୍କୁ ଗର୍ବିତ ଓ ଗୌରବାନ୍ୱିତ କରିଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଆଜି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି। ବିଗତ ୭୫ ବର୍ଷର ସ୍ୱାଧୀନତାର ସମୟ ବର୍ତ୍ତମାନର ପିଢ଼ି ପାଇଁ ଅମୃତ ସଦୃଶ। ଏହା ଏପରି ଏକ ଅମୃତ ଯାହାକି ଆମକୁ ଦେଶର ପ୍ରତ୍ୟେକ ମୁହୂର୍ତ୍ତ ପାଇଁ ବଞ୍ଚିବାକୁ ଓ ଆଗକୁ ବଢ଼ିବାକୁ ପ୍ରେରିତ କରିବ ବୋଲି ମୋଦି କହିଛନ୍ତି। ଅମୃତ ମହୋତ୍ସବ ଅବସରରେ 'ହର ଘର ତ୍ରିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା'ର କାର୍ଯ୍ୟକ୍ରମ ଆସନ୍ତା ୯ ଅଗଷ୍ଟ ୨୦୨୨ରୁ ୧୫ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ସମଗ୍ର ଦେଶରେ ଭାଜପା ପାଳନ କରିବ ବୋଲି ଦଳର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଅଗଷ୍ଟ ୯ରୁ ୧୧ ତାରିଖ ତ୍ରିରଙ୍ଗା ଯାତ୍ରା ଏବଂ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ସହର ୱାର୍ଡ, ପଞ୍ଚାୟତ ସ୍ତରରେ ସାଧାରଣ ଜନତାଙ୍କୁ ପ୍ରଭାତ ଫେରି ମାଧ୍ୟମରେ ସଚେତନ କରାଯିବ। ସେହିପରି ଅଗଷ୍ଟ ୧୩ରୁ ୧୫ ତାରିଖ ଓଡ଼ିଶାର ୧ କୋଟି ୧୫ ଲକ୍ଷଙ୍କ ଘରେ ଜାତୀୟ ପତାକା ଉଡାଇବାକୁ ସମୀର ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଚିବାଳୟରୁ ପଞ୍ଚାୟତ, ବିଦ୍ୟାଳୟରୁ ମହାବିଦ୍ୟାଳୟ ଓ ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ରାଜ୍ୟର ସମସ୍ତ ନାଗରିକ ନିଜ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରି ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିବାକୁ ସମୀର କହିଛନ୍ତି।

**ଦ.ପୂ. ରେଳପଥ ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏମ୍‌ଇସିଏଚ୍‌ସିକେପି-୨୨-୨୩-୦୫, ତାରିଖ: ୨୮।୦୭।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନବର୍ଣ୍ଣିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ନାମ: ଖୋଲା ଟେଣ୍ଡର ମାଧ୍ୟମରେ ୨ ବର୍ଷ ଅବଧି ପାଇଁ ଆରଓୟୁ କୋଚିଂ ଡିପୋ, ଦ.ପୂ. ରେଳପଥର ନାମାଙ୍କିତ ଟ୍ରେନ୍‌ଗୁଡ଼ିକରେ ଲିନେନ୍ ବଣ୍ଟନ ଏବଂ ଲିନେନ୍ ପ୍ୟାକେଟ୍‌ଗୁଡ଼ିକର ଲୋଡିଂ/ଅନ୍‌ଲୋଡିଂ । ଟେଣ୍ଡର ମୂଲ୍ୟ: ₹୭୧,୫୬,୨୧୯/- । ବିଡ୍ ଅମାନତ: ₹୧,୪୩,୨୦୦/- । ଟେଣ୍ଡର ଫର୍ମ ମୂଲ୍ୟ: ଶୂନ୍ୟ । ଟେଣ୍ଡର ଖୋଲାଯିବା ସ୍ଥାନ: ସିନିୟର ଡିଏମ୍‌ଇ/ସିକେପି, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । ଟେଣ୍ଡର ସମାପ୍ତିର ତାରିଖ ଏବଂ ସମୟ: ତା୧୮।୦୮।୨୦୨୨ରିଖ ୧୫.୦୦ ଘଣ୍ଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । PR-409

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/22-23/E-Tender/52,ତା.28.07.2022ରିଖ

(1) ଟେଣ୍ଡର ସଂ.e-tender-HQ-KUR-121-2022,ତା.21.07.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଟଙ୍ଗ-ଖୋର୍ଦ୍ଧା ରୋଡ୍ ସେକ୍ସନ ମଧ୍ୟରେ ଅପ୍, ଡାଉନ୍ ଏବଂ ମଧ୍ୟବର୍ତ୍ତୀ (Middle) ଲାଇନ୍‌ରେ କି.ମି. 450.20 ଠାରୁ କି.ମି. 455.20 ପର୍ଯ୍ୟନ୍ତ 15.00 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 376.31 ଲକ୍ଷ, EMD (ଟଙ୍କାରେ) : 3,38,200/- ।

(2) ଟେଣ୍ଡର ସଂ.e-tender-HQ-KUR-129-2022,ତା.21.07.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ଠାରେ ଟ୍ରେନ୍ ପ୍ରବନ୍ଧନ ପ୍ରଣାଳୀ (Train Management System) ନିମନ୍ତେ ଅବଶିଷ୍ଟ କାର୍ଯ୍ୟର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 172.98 ଲକ୍ଷ, EMD (ଟଙ୍କାରେ) : 2,36,500/- ।

ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 06 ମାସ (କ୍ରମ ସଂ.2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.08.2022 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-338/N/22-23

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
A SUPERVISOR FOR RE-ROLLING MILL AT JAGATPUR, CUTTACK
CONTACT:9937399588

**HOME TUTOR REQUIRED**
For Standard 1 Student at Fire Station Chhaka, only Central School Teacher may
Contact No. - 6372629986

**APPOINTMENT**
Required part time OFFICE ASSISTANCE for BBSR, 2 Hours, 3 times a week (MON, WED, FRI).
Contact: 9937203178

**GURU NANAK ENGLISH MEDIUM PUBLIC SCHOOL - II**
(Affiliated to CBSE, Affiliation No. 1530304)
Gudiapokhari, Sangulai, Pipili, Puri - 752104, Odisha, Phone No. 0674-2959509 / 8093043686
REQUIRES
- VICE PRINCIPAL:
  Qualification: Should be Post Graduate with B.Ed. having at least 5 years working experience in a CBSE affiliated School.
- COMPUTER TEACHER:
  Should be MCA or B.Tech. in Computer Science
- OFFICE STAFF:
  Should be Graduate having knowledge in Computers.
- TGT: (Trained Graduate Teacher in the following Subjects): SSt, Maths, Science, English, Hindi, Odia, Art, Dance & Music.

Mail your CV to: gnps2bbsr@gmail.com, gnps2bbsr.in, Latest by 05.08.2022

**Urgent Required**
B.Tech (Civil) - 3 years exp.
Diploma (Civil)-5 years exp.
Auto Cadd- Fresher
Contact
8093687918, 6200972622

**WANTED**
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
- Candidates must have minimum 3-5 years experience in Space Selling for Print Media.
- MBA candidates fluent in English with a drive for marketing may also apply.

Apply immediately to :
recruitment@dharitri.com
Attractive salary commensurate with experience

**PRAKASHJYOTI SURGICARE MEDICINE DISTRIBUTOR**
Bhubaneswar Required Urgently
(1) Accounts- 01 Male, (2) Marketing Executive - 03 Male experience and fresher for distributor, (3) Marketing Manager for igma and Johnson & Johnson Experience candidate only (4) Rack Person- 03 Male, (5) Collection Manager- 01 Male
Salary - Negotiable.
Email your CV to:
prakashjyotisurgicare@gmail.com
Contact: 9853767684, 7873696172

**ଶ୍ରମ ଠିକାଦାର ଆବଶ୍ୟକ**
ଆମର ଡିଫେନ୍ସ ହାଇ ରାଇଜ୍ ଆର୍.ସି.ସି. ବିଲ୍ଡିଂ ୱାର୍କ ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ ଠାରେ ନିର୍ମାଣ କାର୍ଯ୍ୟ ପାଇଁ ।
:: ଆବଶ୍ୟକ ଦସ୍ତାବିଜ ::
ସମସ୍ତ କର୍ମଚାରୀଙ୍କ ପାଇଁ ସ୍ଥାନୀୟ ପୋଲିସ ସତ୍ୟାପନ ପ୍ରମାଣପତ୍ର ବାଧ୍ୟତାମୂଳକ । ଯୋଗାଯୋଗ ନଂ.: 8900911789/7382905724

**Requirement of Labour Sub Contractors**
For Our Industrial Defence High Rise R.C.C. Building Works at Visakhapatnam, Andhrapradesh.
Required Documents:
Local Police Verification certificate is must for all workers. Contact No. 8900911789/7382905724

**WANTED**
Wanted one accts asst for our distribution office at Khordha.
Contact : 9556070670

**WANTED**
ଧରିତ୍ରୀ DHARITRI LIVE
Web Channel
is looking for
VIDEOGRAPHERS
- Videographers with 2-3 years experience in tv/ web channels required.
- Responsibilities will include shooting and handling camera & lighting team. A thorough expertise in camera-light handling will be prefered.

Apply immediately to :
recruitment@dharitri.com
Pay & perks will be the best in the industry for deserving candidates.

**APPOINTMENT**
Urgent hiring required Cook at MBA CHAIWALA CAFE, Patia. Hindi/Oriya speaker, basic cooking skills, Computer literate, Experience is bonus. Salary: 13k - 16k per month. (Negotiable).
Ph.: 7735062593

See Career Appointment on every Wednesday & Saturday

**JOB VACANCY**
In pursuance with the business expansion and growth of multi business entity M/s. Octothorp Marketing Services Unlimited seeks to appoint
TELESALES OFFICER CUM OFFICE ADMINISTRATOR (Female)
Qualification: Graduate with computer literacy (MS-OFFICE). Related experience 2-3 years. Age: 25yrs to 35 years. Good Communication Skills: Odia & Hindi. Attractive Salary Plus monthly Performance Linked Incentives (PLI).
Apply with CV & recent photo within 7 days.
Mail: octothorp2020@gmail.com
Wapp: 9938844566

**OFFICE OF THE DISTRICT JUDGE, KENDRAPARA**
ADVERTISEMENT NO. 01/Rect./2022
Dated, Kendrapara the 28th day of July, 2022
Applications in the prescribed format are invited from the intending candidates for filling up of the following vacancies in the judgeship of Kendrapara.

| Sl. No. | Name of the Post | Scale of Pay | Category | | | | Total No. of Posts |
|---|---|---|---|---|---|---|---|
| | | | SC | ST | SEBC | UR | |
| 1 | Junior Clerk-cum - Copyist | Rs.19,900/- - Rs.63,200/- | 03 | 08 | 01 | 05 | 17 |
| 2 | Stenographer Grade-III | Rs.25,500/- - Rs.81,100/- | - | 02 | 01 | 01 | 04 |
| 3 | Junior Typist | Rs.19,900/- - Rs.63,200/- | 01 | 02 | - | - | 03 |

Reservation in respect of PWD/EX-Servicemen/ Sports persons/ Women shall be made as per relevant rules. The last date of receipt of application is fixed to 30.08.2022. Details of this advertisement, application form, eligibility criteria, scheme of examination along with detail syllabus etc. are available in the websites www.districts.ecourts.gov.in/kendrapara and www.kendrapara.nic.in.
Sd./- DISTRICT JUDGE-CUM-CHAIRMAN, DISTRICT RECRUITMENT COMMITTEE, KENDRAPARA

**ODISHA HYDRO POWER CORPORATION LIMITED**
OHPC ISO 9001, 14001 & OHSAS 18001
(A Government of Odisha Undertaking)
Regd. Office- Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963

ADVERTISEMENT NO.OHPC:HQ:HRD: RECTT: 01/2022 Dated: 28.07.2022

CAREER OPPORTUNITIES FOR YOUNG PROFESSIONALS THROUGH GATE-2022

**The Corporation intends to recruit young, bright and energetic professionals as Graduate Engineer Trainees (GETs) in various disciplines through GATE-2022.**

Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80**MW) having **6(six)** projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).

OHPC intends to recruit bright, qualified and energetic professionals to be inducted as GRADUATE ENGINEER TRAINEES (GETs) in various disciplines through **valid GATE score of 2022** only as follows for their placement at various units & project sites.

| GET (Electrical) | GET (Civil) | GET (Mechanical) | GET (Instrumentation & Control) | GET (Information Technology) |
|---|---|---|---|---|
| 30 | 12 | 02 | 03 | 04 |

Important Dates :-
The Commencement of Online registration & payment of application fee - 16-08-2022
Last date for payment of online application fee - 15-09-2022
The last date for submission of Online application in complete shape - 15-09-2022

**The detailed advertisement containing the category wise vacancy position, eligibility criteria, remuneration, procedure for online application, and all other terms & conditions will be available shortly on the company's website-www.ohpcltd.com**
Director(HR)

**TATA PROJECTS LIMITED**
Tata projects is one of India's fastest growing Engineering Procurement & construction companies with experience and expertise in executing large, complex industrial and urban infrastructure projects.

WALK-IN-INTERVIEW FOR IMMEDIATE JOINERS
@ The Presidency hotel, 1471/A, Nayapalli, Bhubaneswar-751015
ON Sunday 31st JULY 2022 FROM 9.00 AM to 6.00 PM
(Please walk in with a copy of your CV and email the same to hrastpl@tataprojects.com)

POSITIONS:
1. **Civil Engineer (Non-Marine):** Diploma/B.E./B.Tech (Civil) with 5-15 years of experience in Piling, Non-Marine civil structural works, building, MHS structural, foundation, Road & Yard development work.
2. **Civil Engineer (Marine):** Diploma/B.E./B.Tech (Civil) with 5-15 years of experience in Marine Civil Construction field i.e. Jetty, Piling, Precast structures, Shore protection, marine equipment etc. Exposure to port construction activities will be an added advantage.
3. **Civil Engineer (Buildings):** Diploma/B.E./B.Tech (Civil) with 5-15 years of experience in High rise Buildings/Township in MEP Services/Finishing work/ Landscaping work.
4. **Civil Engineer (Roads):** Diploma/B.E./B.Tech (Civil) with 5-15 years of experience in Road/Highway Ground improvement/Culvert/Subways/Asphalt mix/ Topcoat and associated civil works.
5. **Safety officer/ Steward/Supervisor:** Diploma/Graduate in safety with 5-8 years of experience in Construction field (Preferably in Ports)
6. **Railway S&T Engineer:** Diploma/B.E. (EEE/E&C/Electrical) with 10-15 years of experience in Railways Signaling and Tele-Communication work.
7. **MEP Engineer:** Degree/Diploma (MEP) with 5-8 years of experience.

*Positions are available at-Bhubaneswar, Cuttack, Kolkata, Vizag, Chennai locations

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

**ଜୀବନ୍ତ ଭାରତ ପାଇଁ ପିଏମ୍ ୟଙ୍ଗ୍ ଆଚିଭର୍ସ ଛାତ୍ରବୃତ୍ତି ପୁରସ୍କାର ଯୋଜନା (ପିଏମ୍ ଯଶସ୍ୱୀ)**

ଓବିସି, ଇବିସି ଏବଂ ଡିଏନ୍‌ଟି ବିଦ୍ୟାର୍ଥୀଙ୍କ ନିମନ୍ତେ ୧୫,୦୦୦ ଛାତ୍ରବୃତ୍ତି
ଉଚ୍ଚ ଶ୍ରେଣୀ ବିଦ୍ୟାଳୟରେ

- ଯୋଗ୍ୟତା:
  - ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି), ଆର୍ଥିକ ଭାବେ ପଛୁଆ ବର୍ଗ (ଇବିସି) ଏବଂ ଅଣ-ଅଧିସୂଚିତ, ଯାଯାବର ତଥା ଅର୍ଦ୍ଧ-ଯାଯାବର ଜନଜାତି (ଡିଏନ୍‌ଟି)
  - ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ ଟ.୨.୫୦ ଲକ୍ଷରୁ ଅଧିକ ହୋଇ ନ ଥିବ
  - ଉଚ୍ଚ ଶ୍ରେଣୀ ବିଦ୍ୟାଳୟରେ (ତାଲିକା https://yet.nta.ac.inରେ) ୯ମ କିମ୍ବା ୧୧ଶ ଶ୍ରେଣୀରେ ପଢୁଥିବେ ।
- ହକ୍‌ଦାରିତା: ଶ୍ରେଣୀ ୯/୧୦ ପାଇଁ ବାର୍ଷିକ ଟ.୭୫,୦୦୦; ଶ୍ରେଣୀ ୧୧/୧୨ ପାଇଁ ବାର୍ଷିକ ଟ.୧,୨୫,୦୦୦ - ସ୍କୁଲ/ଛାତ୍ରାବାସ ଦେୟ ଅନ୍ତର୍ଭୁକ୍ତ
- ଚୟନ ପ୍ରକ୍ରିୟା: ଜାତୀୟ ପରୀକ୍ଷଣ ଏଜେନ୍ସି ଦ୍ୱାରା ସଞ୍ଚାଳିତ ଯଶସ୍ୱୀ ପ୍ରବେଶିକା ପରୀକ୍ଷା (ୱାଇଇଟି)ରେ ମେଧା ଅନୁସାରେ (ବିବରଣୀ https://yet.nta.ac.inରେ)
- ପରୀକ୍ଷା ପଦ୍ଧତି: କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି)
- ଆବେଦନ ଖୋଲିବାର ତାରିଖ: ତା୨୭।୦୭।୨୦୨୨ରୁ ୨୬।୦୮।୨୦୨୨ରିଖ
- ସଂଶୋଧନ ଅବଧି: ତା୨୭।୦୮।୨୦୨୨ରୁ ୩୧।୦୮।୨୦୨୨ରିଖ
- ପ୍ରବେଶ ପତ୍ର ପ୍ରଦର୍ଶନ/ଡାଉନଲୋଡ୍: ତା୦୫।୦୯।୨୦୨୨ରିଖ
- ପରୀକ୍ଷା ତାରିଖ: ତା୧୧।୦୯।୨୦୨୨ରିଖ (ରବିବାର)
- ଆବେଦନ ପାଇଁ କାଗଜପତ୍ର: ବିଦ୍ୟାର୍ଥୀଙ୍କର ଏକ ବୈଧ କାର୍ଯ୍ୟକ୍ଷମ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତି ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

(ଦ୍ରଷ୍ଟବ୍ୟ: ଯୋଜନାର ଦିଗ୍‌ନିର୍ଦ୍ଦେଶାବଳୀ, ସବିଶେଷ ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ବିବରଣୀ https://yet.nta.ac.in ଏବଂ http://socialjustice.gov.in/schemes/..... ରେ ଉପଲବ୍ଧ ।)
CBC 38101/11/0019/2223

## ସଂକ୍ଷେପରେ

### ଆଜି ବ୍ୟୟ ମଞ୍ଜୁରୀ ବିଲ୍

ଭୁବନେଶ୍ୱର,୨୯।୭(ବ୍ୟୁରୋ): ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଶନିବାର ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ ହେବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହର ଅନୁମୋଦନ ପାଇଁ ଏହାକୁ ବିଧାନସଭାରେ ଉପସ୍ଥାପନ କରିବେ। ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ଜୁଲାଇ ୨ରେ ଏହାକୁ ଅର୍ଥମନ୍ତ୍ରୀ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ଚଳିତ ବଜେଟ ୧୭.୬% ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ଅଭିବୃଦ୍ଧି ହାର ୮ରୁ ୮.୫% ରହିବା ନେଇ ଆକଳନ କରାଯାଇଛି। ବଜେଟରେ ରାଜସ୍ୱ ବଳକା ଜିଏସ୍‌ଡିପିର ୨.୫ ପ୍ରତିଶତ ଓ ବିତ୍ତୀୟ ନିଅଣ୍ଟ ୩ ପ୍ରତିଶତ ମଧ୍ୟରେ ରହିବା ନେଇ ଆକଳନ କରାଯାଇଛି। ତେବେ ରାଜ୍ୟର ଋଣଭାର ୧.୧୨ ଲକ୍ଷ କୋଟି ଛୁଇଁବା ନେଇ ଅନୁମାନ କରାଯାଇଛି।

### ଅଗଷ୍ଟ ପହିଲାରେ ନିଯୁକ୍ତି ପାଇବେ ୬୮୯୧ ଶିକ୍ଷକ

ଭୁବନେଶ୍ୱର,୨୯।୭(ବ୍ୟୁରୋ): ଅଗଷ୍ଟ ପହିଲାରେ ରାଜ୍ୟରେ ନିଯୁକ୍ତି ପାଇବେ ୬୮୯୧ ଶିକ୍ଷକ। କଳିଙ୍ଗ ଷ୍ଟାଡିୟମରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ସମସ୍ତଙ୍କୁ ଉଦବୋଧନ ଦେବେ। ୬ହଜାର ୮୯୧ ଜଣ କଳା, ବିଜ୍ଞାନ, ପିଇଟି ଓ ଅନ୍ୟାନ୍ୟ ବିଭାଗର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ସୂଚନା ଅନୁସାରେ ରାଜ୍ୟରେ ଏବେ ୧୧ ହଜାର ୮୦୦ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଆସନ୍ତା ୧ ତାରିଖରେ ନୂତନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ଦେବେ। ରାଜ୍ୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଶିକ୍ଷା କ୍ଷେତ୍ରକୁ ଶସକ୍ତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

### ଗୃହରେ ଡକ୍ୟୁମେଣ୍ଟ ଦେଖି କହିବାକୁ ନେଇ ନିରଞ୍ଜନ-ମୋହନ ମୁହାଁମୁହିଁ

ଭୁବନେଶ୍ୱର,୨୯।୭(ବ୍ୟୁରୋ): ବାଚସ୍ପତିଙ୍କ ବିନା ଅନୁମତିରେ ଗୃହରେ କୌଣସି ସଭ୍ୟ ଡକ୍ୟୁମେଣ୍ଟ ଦେଖି କହିପାରିବେ ନାହିଁ। ମାତ୍ର ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଅନେକ ସମୟରେ ଡକ୍ୟୁମେଣ୍ଟ ଦେଖି କହୁଛନ୍ତି। ଅର୍ଥ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉତ୍ଥାପନ କରିବା ପରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଥିଲା। ଅପରପକ୍ଷରେ ବିରୋଧୀ ଦଳ ମୁଖ୍ୟ ସଚେତକ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ କହିଥିଲେ, ଆପଣ ବି ବିନା କାଗଜ ସହାୟତାରେ କେବେ କିଛି କହୁଥିବା ମୁଁ ଦେଖିନି। ସବୁବେଳେ କାଗଜ ଦେଖି କହୁଛନ୍ତି । ବିଭିନ୍ନ ପ୍ରସଙ୍ଗରେ କିଛି ପଏଣ୍ଟ ନ ଦେଖିଲେ ବିରୋଧୀ ସଭ୍ୟ କିପରି କହିବେ ବୋଲି ପାଲଟା ପ୍ରଶ୍ନ କରି ମାଝୀ କହିଥିଲେ, ମୋତେ ଆପଣ କିଛି କହିବାର ପ୍ରାସଙ୍ଗିକତା ନାହିଁ। ତେବେ ନିରଞ୍ଜନ-ମୋହନଙ୍କ ମଧ୍ୟରେ ଏହି କଥା କଟାକଟି ଗୃହର ବାତାବରଣକୁ ବେଶ୍ କିଛି ସମୟ ପାଇଁ ସରଗରମ୍ କରିଥିଲା।

### ସିମେଣ୍ଟ ଉତ୍ପାଦନ ଲାଗି ପ୍ରତି ଟନ୍‌ରେ ଖର୍ଚ୍ଚ ହେଉଛି ୨୬୦୦ରୁ ୫୦୦୦ ଟଙ୍କା: ମନ୍ତ୍ରୀ

ଭୁବନେଶ୍ୱର,୨୯।୭(ବ୍ୟୁରୋ): ସିମେଣ୍ଟ ଉତ୍ପାଦନ ଲାଗି ପ୍ରତି ଟନ୍‌ରେ ହାରାହାରି ୨୬୦୦ରୁ ୫୦୦୦ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ସିମେଣ୍ଟର ବିକ୍ରୟ ମୂଲ୍ୟ ବିଭିନ୍ନ ପାରିପାର୍ଶ୍ୱିକ ଅବସ୍ଥା ଓ ବଜାରର ସ୍ଥିତି ଭଳି ସମସ୍ୟାକୁ ଦେଖି ଦର ଧାର୍ଯ୍ୟ ହୋଇଥାଏ। ଆପାତତଃ ସିମେଣ୍ଟ ପ୍ରତି ଟନ୍ ପିଛା ୩୯୦୦ରୁ ୬୦୦୦ ଟଙ୍କା ଘରୋଇ ବଜାରରେ ବିକ୍ରୟ କରାଯାଉଛି। ଶୁକ୍ରବାର ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଇନ୍‌ଭେଷ୍ଟମେଣ୍ଟ ଇନ୍‌ଫର୍‌ମେଶନ ଆଣ୍ଡ୍ କ୍ରେଡିଟ୍ ରେଟିଂ ଏଜେନ୍ସି ଅଫ୍ ଇଣ୍ଡିଆ ଲିମିଟେଡ୍(ଆଇଆଇସିଆର୍‌ଏ)ର ଏକ ରିପୋର୍ଟ ଅନୁଯାୟୀ, ଦେଶରେ ସିମେଣ୍ଟର ଉତ୍ପାଦନ ଆପାତତଃ ୭ରୁ ୮% ବଢ଼ି ୨୦୩୦ ସୁଦ୍ଧା ୩୮୨ ନିୟୁତ ଟନ୍ ହେବାର ଆକଳନ କରାଯାଇଛି। ରାଜ୍ୟରେ ସିମେଣ୍ଟ ଉତ୍ପାଦନ ବୃଦ୍ଧି କରିବାକୁ ରାଜ୍ୟ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଅଦ୍ୟାବଧି ୩୮ଟି ବୃହତ୍ ପ୍ରକଳ୍ପର ଅନୁମୋଦନ କରାଯାଇଛି  ବୋଲି ମନ୍ତ୍ରୀ କହିଛନ୍ତି।

# ଶିଳ୍ପ ପାଇଁ ୧ ଲକ୍ଷ ହେକ୍ଟର ଜମି

## ଅଧିଗ୍ରହଣ କରି ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରିବ ଇଡ୍‌କୋ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ରାଜ୍ୟରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଯୋଗାଇଦେବା ତଥା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିମନ୍ତେ ଇଡ୍‌କୋ ଦ୍ୱାରା ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରାଯାଇଛି। ଇଡ୍‌କୋ ଏଥିପାଇଁ ୧ ଲକ୍ଷ ହେକ୍ଟର ଜମି ଅଧିଗ୍ରହଣ କରିବ। ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଶୁକ୍ରବାର ପ୍ରଶ୍ନକାଳରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହା କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ ରାଜ୍ୟରେ ନୂତନ ଶିଳ୍ପ ପ୍ରତିଷ୍ଠା ଲାଗି ସରକାର ଇଡ୍‌କୋ ଜରିଆରେ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ଏହି ଯୋଜନାରେ ଭିତରକନିକା ନିକଟସ୍ଥ ଡାଙ୍ଗମାଳ, ଖମାରସାହି, ବଗପାଟିଆ ଓ ପେଣ୍ଠ ବେଳାଭୂମି ନିକଟରେ ପରିବେଶ ଅନୁକୂଳ ଇକୋ କଟେଜ୍, ରିସର୍ଟ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ରାଜ୍ୟ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ କାଟେଗୋରି-ଏ ଅଧୀନରେ ଭିତରକନିକା ନିକଟସ୍ଥ ଖମାରସାହିଠାରେ ୨୩.୨୯ ଏକର ଓ ଦୁର୍ଗାପ୍ରସାଦଠାରେ ୮.୧୪ ଏକର ଜମି ଚିହ୍ନଟ କରାଯାଇ ଏହାର ଲିଜ୍ ପାଇଁ ଇଡ୍‌କୋ ତରଫରୁ ଜିଲା କର୍ତ୍ତୃପକ୍ଷଙ୍କୁ ଆବେଦନ କରାଯାଇଛି। ଏହାଛଡ଼ା ପର୍ଯ୍ୟଟନ ବିଭାଗ ତରଫରୁ ଭିତରକନିକା ମାଷ୍ଟର ପ୍ଲାନ୍ ମାଧ୍ୟମରେ ଉକ୍ତ ଅଞ୍ଚଳର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରିବା ସହ ପେଣ୍ଠ ବେଳାଭୂମି ନିକଟରେ ଥିବା ସରକାରୀ ଜମିଗୁଡ଼ିକର ବିକାଶ ନିମନ୍ତେ ପ୍ରୟାସ କରାଯାଇଛି। ଅତିରିକ୍ତ ପ୍ରଶ୍ନରେ ବିଧାୟକ ନାଉରୀ ନାୟକ, ପ୍ରଶାନ୍ତ ବେହେରା, ତାରା ପ୍ରସାଦ ବାହିନୀପତି, ସୁଧାଂଶୁ ଶେଖର ପରିଡ଼ା, କୁସୁମ ଟେଟେ, ଅମର ଶତପଥୀ ପ୍ରମୁଖ ରାଜ୍ୟରେ ଶିଳ୍ପ ସ୍ଥାପନ ଓ କୋଣାର୍କ ଝୋଟକଳ ସମେତ ବନ୍ଦ ହୋଇଥିବା ଶିଳ୍ପର ପୁନରୁଦ୍ଧାର ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ବିଧାୟକମାନେ ନିଜ ଅଞ୍ଚଳରେ ଶିଳ୍ପ ପାଇଁ ପ୍ରସ୍ତାବ ଦେଲେ ତା’ ଉପରେ ସରକାର ବିଚାର କରିବେ। କେବଳ ଦାବି କଲେ ହେବନାହିଁ, ନିଜ ନିର୍ବାଚନ ମଣ୍ଡଳୀରେ ଜମି ଅଧିଗ୍ରହଣରେ ଯେପରି ସମସ୍ୟା ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ। ଏହା ହେଲେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଭାଗ ପଦକ୍ଷେପ ନେବ। କୋଣାର୍କ ଝୋଟକଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଘରୋଇ ସଂସ୍ଥାକୁ ବିକ୍ରି କରିଦିଆଯାଇଛି। ତା’ ଉପରେ ରାଜ୍ୟ ସରକାରଙ୍କର କିଛି କରିବାର ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।



କଟକ ଜିଲା ସାଲେପୁର ଜପକୁଦ ମହିଳା ଡିଗ୍ରୀ କଲେଜରେ ଅଧ୍ୟକ୍ଷା, ସଭାପତି ଓ ଅନ୍ୟାନ୍ୟ ପଦବୀରେ ବେଆଇନ ନିଯୁକ୍ତିର ତଦନ୍ତ ସହ ୧୨ ଦଫା ଦାବି ନେଇ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କଲେଜ କର୍ମଚାରୀଙ୍କ ଧାରଣା।

# ରତ୍ନଭଣ୍ଡାର ଖୋଲି ଅଡିଟ୍ କର: ବିରୋଧୀ

ଭୁବନେଶ୍ୱର,୨୯।୭

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇ ସେଠାରେ ଥିବା ଅଳଙ୍କାରଗୁଡ଼ିକର ସବିଶେଷ ତାଲିକା ପ୍ରସ୍ତୁତ କରିବାକୁ ବିରୋଧୀ ଭାଜପା ଏବଂ କଂଗ୍ରେସ ଶୁକ୍ରବାର ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ବିଧାନସଭାରେ ଶୂନ୍ୟ କାଳରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଥିଲେ, ରତ୍ନ ଭଣ୍ଡାର ମଧ୍ୟରେ ପ୍ରଭୁ ଜଗନ୍ନାଥଙ୍କ ଅଳଙ୍କାରଗୁଡ଼ିକ ସୁରକ୍ଷିତ ରହିଛି କି ନାହିଁ ତାହା ଜାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଆଗ୍ରହ ରହିଛି। ତେଣୁ ରତ୍ନଭଣ୍ଡାର ଖୋଲିବା ନିମନ୍ତେ ସରକାରଙ୍କୁ କହିବାକୁ ସେ ବାଚସ୍ପତିଙ୍କ ମାଧ୍ୟମରେ ଅନୁରୋଧ କରିଥିଲେ। ଏହାବ୍ୟତୀତ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ପାଇଁ ଗଢ଼ାଯାଇଥିବା ଜଷ୍ଟିସ ରଘୁବୀର ଦାସ କମିଶନ ରିପୋର୍ଟ ସରକାର ଗୃହରେ ଉପସ୍ଥାପନ କରିବା ଲାଗି ବାଚସ୍ପତି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ଭାଜପାର ମୁଖ୍ୟ ହ୍ୱିଇପ୍ ମୋହନ ମାଝି ମଧ୍ୟ ରତ୍ନଭଣ୍ଡାର ଖୋଲି ଅଳଙ୍କାରଗୁଡ଼ିକର ତାଲିକା ପ୍ରସ୍ତୁତ ଲାଗି ସରକାରଙ୍କୁ କହିଥିଲେ।

# ସାର୍... ବାଘ ମରିଗଲେ

## ରାଜ୍ୟରେ ବଞ୍ଚିଛନ୍ତି ମାତ୍ର ୨୮

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ସାର୍ ବାଘ ମରିଗଲେ। ସେମାନଙ୍କୁ ବଞ୍ଚାନ୍ତୁ। ରାଜ୍ୟରେ ବାଘସଂଖ୍ୟା ହ୍ରାସକୁ ନେଇ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶୁକ୍ରବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ, ସାର୍...ରାଜ୍ୟରେ ଆଉ ବାଘ ନାହାନ୍ତି। ନନ୍ଦନକାନନରେ ଜୀବଜନ୍ତୁ ସବୁ ମରିଗଲେଣି। ୨୦୦୬ ବ୍ୟାଘ୍ର ଗଣନା ଅନୁଯାୟୀ, ରାଜ୍ୟରେ ୧୧୧ଟି ବାଘ ଥିଲେ। ୨୦୦୮ ଗଣନା ଅନୁଯାୟୀ, ରାଜ୍ୟରେ ମାତ୍ର ୨୮ଟି ବାଘ ଅଛନ୍ତି। ସାର୍ ବାଘଙ୍କୁ ରକ୍ଷା ଦିଅନ୍ତୁ। ସବୁ ବାଘଙ୍କୁ ମାରିଦେବେ। ନନ୍ଦନକାନନରେ ଧଳା ଏବଂ କଳା ବାଘ ଥିଲେ। ଅନ୍ୟ କେଉଁଠି ଏଭଳି ବାଘ ଦେଖାଯାଆନ୍ତି ନାହିଁ। ନନ୍ଦନକାନନରେ ୩୫ଟି ବାଘରୁ ଏବେ ୭ଟି ଜୀବନମରଣ ସହ ସଂଘର୍ଷ କରୁଛନ୍ତି। କେବଳ ବାଘ ନୁହେଁ ଓଟ, ଜିରାଫ, ଶାଗୁଣା ଆଦି ପ୍ରାଣୀ ମରିଗଲେଣି। ଏଥିଲାଗି ଧ୍ୟାନ ଦିଆଯିବା ସହ ବାଘସଂଖ୍ୟା କିଭଳି ବୃଦ୍ଧି ପାଇବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ସେ ଲୋୟର ପିଏମ୍‌ଜିରେ ଧାରଣା ଦେଉଥିବା ଅଧ୍ୟାପକଙ୍କ ବିଷୟ ଉଠାଇଥିଲେ। ଦୀର୍ଘ ୧୫ ବର୍ଷ ଚାକିରି କରିବା ପରେ ମଧ୍ୟ ତାଙ୍କୁ ଦରମା ମିଳୁନାହିଁ। ସେମାନେ ମାସେ ହେବ ଧାରଣାରେ ବସିଛନ୍ତି। ସରକାର ତୁରନ୍ତ ସେମାନଙ୍କ କଥା ବିଚାର କରନ୍ତୁ ବୋଲି ସେ କହିଥିଲେ। ସେହିଭଳି ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ କହିଥିଲେ, ଘରୋଇ ସ୍କୁଲ ମନଇଚ୍ଛା ଫି’ ଆଦାୟ କରୁଛନ୍ତି। ପିଲାଙ୍କ ସୁରକ୍ଷା ବିଷୟରେ ଆଦୌ ଚିନ୍ତା କରୁନାହାନ୍ତି। ସରକାର ସେମାନଙ୍କୁ ନିୟନ୍ତ୍ରଣ କରନ୍ତୁ। କଂଗ୍ରେସ ସଭ୍ୟ ମହମ୍ମଦ ମୋକିମ ରେଭେନ୍‌ଶା କଲେଜରେ ଠିକା ଅଧ୍ୟାପକଙ୍କ ଦରମା କଥା ମଧ୍ୟ ଉଠାଇଥିଲେ।

# ସବୁ ଜିଲାରେ ବିଜ୍ଞାନକେନ୍ଦ୍ର

## ୬ ଜିଲାରେ ପ୍ଲାନେଟାରିୟମ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ରାଜ୍ୟର ସମସ୍ତ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଖୁବଶୀଘ୍ର ୬ଟି ଜିଲ୍ଲାରେ ଗୋଟିଏ କରି ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ସେହି ଜିଲ୍ଲାଗୁଡ଼ିକ ହେଉଛି ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବଲାଙ୍ଗିର, ସୁନ୍ଦରଗଡ଼ ଓ ରାୟଗଡ଼ା। ଶୁକ୍ରବାର ବିଧାନସଭାରେ ଭାଜପା ସଭ୍ୟ ଗଣେଶ୍ ରାମ୍ ସିଂ ଖୁଣ୍ଟିଆଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ଭଦ୍ରକ, ପୁରୀ, ବଲାଙ୍ଗିର, ସୁନ୍ଦରଗଡ଼, ଜଗତସିଂହପୁର ଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଯୋଜନା ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ଜିଲ୍ଲା ଗୁଡ଼ିକରୁ ଉପଯୁକ୍ତ ସ୍ଥାନ ଚିହ୍ନିତ ହୋଇ ଜମି ପଟ୍ଟା ବିଜ୍ଞାନ ଓ କାରିଗରୀ ବିଭାଗକୁ ହସ୍ତଗତ ହେବ ସେସବୁ ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଅଗ୍ରାଧିକାର ଦିଆଯିବ। ବର୍ତ୍ତମାନ ମାଲକାନଗିରି, ଦେବଗଡ଼, କଳାହାଣ୍ଡି, ନବରଙ୍ଗପୁର, ସୋନପୁର, ବୌଦ୍ଧ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ଅନୁଗୁଳ ଏବଂ ଗଜପତି ଜିଲ୍ଲାରେ ଚିହ୍ନିତ ସ୍ଥାନର ଜମି ହସ୍ତାନ୍ତର ପାଇଁ ତହସିଲଦାରଙ୍କ ପାଖରେ ଦରଖାସ୍ତ ଦାଖଲ କରାଯାଇଛି। ତେବେ ରାଜ୍ୟ ୬ଟି ଜିଲ୍ଲାରେ ପ୍ଲାନେଟୋରିୟମ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି। ପର୍ଯ୍ୟାୟକ୍ରମେ ତାହା ହେବ। ରାଜ୍ୟ ସରକାର ଚିହ୍ନଟ କରିଥିବା ଜିଲ୍ଲାଗୁଡ଼ିକ ହେଉଛି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବଲାଙ୍ଗିର, ସୁନ୍ଦରଗଡ଼ ଓ ରାୟଗଡ଼ା ବୋଲି ମନ୍ତ୍ରୀ କହିଛନ୍ତି।

# ସରକାରଙ୍କୁ ବିରୋଧୀଙ୍କ କୈଫିୟତ ତଲବ

## ପୋଲିସ ମହାସଂଘ ନିର୍ବାଚନକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

କନଷ୍ଟେବଳ ଓ ସିପାହି ମହାସଂଘର ନିର୍ବାଚନ ଗତ ୨ ବର୍ଷ ଧରି ହୋଇପାରିନାହିଁ। ପୋଲିସ ମହାନିର୍ଦ୍ଦେଶକ ଏଥିପାଇଁ ଅନୁମତି ଦେଉ ନ ଥିବାରୁ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ନିର୍ବାଚନ କରାଇବା ଲାଗି ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି।

ଶୁକ୍ରବାର ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଭାଜପା ସଭ୍ୟ ମୋହନ ଚରଣ ମାଝୀ କହିଲେ ଯେ, ପୋଲିସ ବିନା ଆମେ କେହି ସୁରକ୍ଷିତ ନୋହୁଁ। ସେମାନଙ୍କର ମଧ୍ୟ ଘର, ପିଲାଛୁଆ ଅଛନ୍ତି। ମହାସଂଘ ମାଧ୍ୟମରେ ସେମାନେ ତାଙ୍କ ସମସ୍ୟା ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚାଇଥାନ୍ତି। ଗତ ୨ ବର୍ଷ ହେବ ନିର୍ବାଚନ ହୋଇନାହିଁ। ସରକାର ଜାଣିଶୁଣି ନିର୍ବାଚନ କରାଇ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମହାସଂଘର ବାଇ ଲ’ ଅନୁଯାୟୀ ପ୍ରତି ଦୁଇବର୍ଷରେ ଥରେ ନିର୍ବାଚନ ହେବାକଥା। କୋଭିଡ୍ ନ ଥିଲେ ମଧ୍ୟ ନିର୍ବାଚନ କରିବାକୁ ଅନୁମତି ଦିଆଯାଉନାହିଁ। ନିର୍ବାଚନ କରିବା ଲାଗି ଅନୁମତି ଦେବା ସକାଶେ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଥିଲେ।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ମହାସଂଘ ନିର୍ବାଚନ ହୋଇ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଲେ, ମୁଁ ବିଧାୟକ ହେବା ପୂର୍ବରୁ ପୋଲିସ କନଷ୍ଟେବଳ ଥିଲି। ମହାସଂଘର ନେତା ଥିଲି। ୧୯୭୧ରେ ସଂଘ ଗଢ଼ାଯାଇଥିଲା। ୧୯୭୪ ଏବଂ ୭୯ରେ ମଧ୍ୟ ଆନ୍ଦୋଳନ ହୋଇଥିଲା। ସେଥିଲାଗି ସରକାର ଭାଙ୍ଗି ଯାଇଥିଲା। ବାଇ ଲ’ ଅନୁଯାୟୀ ପ୍ରତି ୨ ବର୍ଷରେ ଥରେ ନିର୍ବାଚନ ହେଉଥିଲା। ନିର୍ବାଚନ ଲାଗି ଡିଜି ଅନୁମତି ଦେଉ ନ ଥିବାରୁ ହୋଇପାରୁନାହିଁ। ପୋଲିସ ମହାସଂଘ ବିଷୟରେ ଡିଜିଙ୍କୁ ସେମିତି କିଛି ଜଣାନାହିଁ। ସେ ବହୁଦିନ ଧରି ବାହାରେ ରହୁଥିଲେ। ମହାସଂଘ ପାଇଁ ଅନେକ ଲୋକ ବଳିଦାନ ଦେଇଛନ୍ତି। ଆମେ କେତେଜଣ ବଞ୍ଚିଛୁ। ଡିଜି, ଆଇଜିଙ୍କୁ ଅନେକବାର ଘେରାଉ କରାଯାଇଛି। ବାଚସ୍ପତି ରୁଲିଂ ଦିଅନ୍ତୁ, କେବେ ସୁଦ୍ଧା ମହାସଂଘ ନିର୍ବାଚନ ହେବ ସେ ନେଇ ସରକାର ସ୍ପଷ୍ଟ କରନ୍ତୁ।

# ୨୦ ବର୍ଷରେ ସବୁ ଖଣି ସରିଯିବ

- ଖଣିଜ ସମ୍ପଦ ୫୦ ବର୍ଷରେ ସରିବ ନାହିଁ: ମନ୍ତ୍ରୀ
- ବିରୋଧୀଙ୍କ କକ୍ଷତ୍ୟାଗ
- ଖଣି ଓ ଇସ୍ପାତ ବିଭାଗର ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର,୨୯।୭(ବ୍ୟୁରୋ)



ଓଡ଼ିଶାରେ ମହଜୁଦ ଥିବା ଖଣିଜ ସମ୍ପଦ ଆସନ୍ତା ୫୦ ବର୍ଷ ମଧ୍ୟରେ ସରିଯିବ ନାହିଁ । ରାଜ୍ୟ ସରକାର ମହଜୁଦ ଥିବା ଖଣିକୁ ବଜାର ଚାହିଦା ମୁତାବକ ଉତ୍ତୋଳନ କରିବା ସହ ଭବିଷ୍ୟତ ପିଢ଼ିଙ୍କ ପାଇଁ ସୁରକ୍ଷିତ ରଖିବା ଯୋଜନା ପ୍ରସ୍ତୁତ କରୁଛନ୍ତି। ବିରୋଧୀ ଖଣି ସରିଯିବା ନେଇ କରିଥିବା ଆଶଙ୍କା ସମ୍ପୂର୍ଣ୍ଣ ନିରାଧାର ବୋଲି ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତକରି ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ କକ୍ଷ ତ୍ୟାଗ କରି ବାହାରକୁ ଚାଲି ଯାଇଥିଲେ।

ଶୁକ୍ରବାର ଅପରାହ୍ନରେ ଖଣି ଓ ଇସ୍ପାତ ବିଭାଗର ଖର୍ଚ୍ଚଦାବିକୁ ପାରିତ ପାଇଁ ମନ୍ତ୍ରୀ ଗୃହର ଅନୁମୋଦନ ଲୋଡ଼ିଥିଲେ। ଖର୍ଚ୍ଚ ଦାବିକୁ ବିରୋଧ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଥିଲେ, ଖଣି ଯୋଗୁ ରାଜ୍ୟ ତଥା ଦେଶର ବିକାଶ ସମ୍ଭବ। ହେଲେ ଓଡ଼ିଶାରେ ଖଣି ମାଫିଆମାନେ ସରକାର ଓ ପ୍ରଶାସନକୁ ନିୟନ୍ତ୍ରଣ କରୁଛନ୍ତି । ଏହି ବିଭାଗର ବଜେଟ ମାତ୍ର ୨ ହଜାର କୋଟି ଥିବାବେଳେ ଖଣି ରାଜସ୍ୱ ଆଦାୟ ପରିମାଣ ୫୦ ହଜାର କୋଟି ଟଙ୍କା । ମାତ୍ର ରାଜ୍ୟ ଗରିବ। ସରକାରଙ୍କ ଦୂରଦୃଷ୍ଟିହୀନ କାର୍ଯ୍ୟ ଯୋଗୁ ଏପରି ଅବସ୍ଥା ବୋଲି ସେ ଅଭିଯୋଗ କରିଥିଲେ । ଶାସକ ଦଳ ସଭ୍ୟ ପଦ୍ମନାଭ ବେହେରା ସରକାର ଖଣି ଉତ୍ତୋଳନରେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ସହ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ତେଣୁ ଖଣି ଲୁଟ୍ ଆଉ ସମ୍ଭବ ନୁହେଁ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଏବେ ରାଜ୍ୟରେ ତାଳରୁ ତଳି ଯାଏ ଦୁର୍ନୀତି ବୋଲି ଅଭିଯୋଗ କରିଥିଲାବେଳେ ତାରା ପ୍ରସାଦ ବାହିନୀପତି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ, ବିଜୁବାବୁ ଗୋଟିଏ ପାହାଡ଼ ବିକି ରାଜ୍ୟକୁ ସମୃଦ୍ଧ କରିଦେବେ ବୋଲି କହିଥିବାବେଳେ ଏବେ ସବୁ ଖଣିଭରା ପାହାଡ଼କୁ ବିକି ସାରିଲେଣି। ଆସନ୍ତା ୨୦ ବର୍ଷରେ ସବୁ ଶେଷ ହୋଇଯିବ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବିଭୂତି ବଳବନ୍ତରାୟ, ସୁଧୀର ସାମଲ, ପ୍ରଫୁଲ୍ଲ ସାମଲ, ନାଉରୀ ନାୟକ, କୁସୁମ ଟେଟେ ପ୍ରମୁଖ ନିଜ ନିଜର ମତ ରଖିଥିଲେ।

ଶେଷରେ ଖଣି ଓ ଇସ୍ପାତ ମନ୍ତ୍ରୀ କହିଥିଲେ, ଖଣିଜ ସମ୍ପଦଭରା ପ୍ରାକୃତିକ ଗନ୍ତାଘର ହେଉଛି ଓଡ଼ିଶା। ପ୍ରକୃତିର ଏହି ଦାନକୁ ସଦ୍‌ବିନିଯୋଗ କରିବା ସହ ତହିଁରୁ ରାଜସ୍ୱ ଆଦାୟ କରି ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବା ହିଁ ଖଣି ବିଭାଗର ଦାୟିତ୍ୱ। ୨୦୨୨-୨୩ ଆର୍ଥିକ ବର୍ଷ ବଜେଟରେ ଇସ୍ପାତ ଓ ଖଣି ବିଭାଗ ପାଇଁ ମୋଟ୍ ଯୋଜନା ବାବଦରେ ୧୧,୫୭୭.୪୯ ଲକ୍ଷ ଟଙ୍କା ରଖାଯାଇଥିବା ବେଳେ ପ୍ରଶାସନିକ ଖର୍ଚ୍ଚ ପାଇଁ ବ୍ୟୟବରାଦ ବାବଦକୁ ୬,୭୦୪.୯୪ ଲକ୍ଷ ଟଙ୍କା ରଖାଯାଇଛି। ଅଧିକ ନିଲାମ ଉପଯୋଗୀ ଖଣିଜ ବ୍ଲକ୍ ସୃଷ୍ଟି କରିବା ଲକ୍ଷ୍ୟରେ ଆର୍ଥିକ ବର୍ଷ ୨୦୨୨-୨୩ରେ ୨୩ ଗୋଟି ବିଭିନ୍ନ ମିନେରାଲ୍‌ସ ଅନୁସନ୍ଧାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନିଜ ସଂସ୍ଥା ଦ୍ୱାରା ୬,୦୦୦ ମିଟର ଏବଂ ବାହ୍ୟସଂସ୍ଥା ଦ୍ୱାରା ୨୫,୦୦୦ ମିଟର ଖନନ ପାଇଁ ଟାର୍ଗେଟ୍ ରଖାଯାଇଛି । ଏଥିସହ ଖଣିଜର ନୂତନ ଭଣ୍ଡାର ଅନୁସନ୍ଧାନ ତଥା ଲୋ-ଗ୍ରେଡ୍ ଓ ସବ୍-ଗ୍ରେଡ୍ ଖଣିଜର ପ୍ରକ୍ରିୟାକରଣ କରି ବଜାର ଚାହିଦା ମେଣ୍ଟାଇବାକୁ ଚେଷ୍ଟିତ ଅଛି।

ମନ୍ତ୍ରୀ କହିଥିଲେ, ଖଣିଜ ପଦାର୍ଥର ବେନିୟମ ଖନନ ଓ ଚୋରାଚାଲାଣକୁ ରୋକିବା ପାଇଁ ସ୍କ୍ୱାଡ୍ ଗଠନ କରାଯାଇଛି। ସେହି ସ୍କ୍ୱାଡ୍‌ଗୁଡ଼ିକ ଦ୍ୱାରା ୨୫୯ ଅବୈଧ ଖଣି ଖନନ ଏବଂ ସଂରକ୍ଷଣ ତଥା ୩୨ ଗୋଟି ଟ୍ରାନ୍ସପୋର୍ଟେଶନ୍ ଗାଡ଼ି ଜବତ କରାଯାଇଛି। ୧୩୪.୪୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏଥିସହିତ ୭୦ଟି ରେଡ୍ କରାଯାଇ ଗୋଟିଏ ଯାନକୁ ଜବତ କରାଯାଇ ସେଥିରୁ ୨୨.୬୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଥିଲେ। ଶେଷରେ ବିଭାଗର ୧୮୨ କୋଟି ୮୨ ଲକ୍ଷ ୪୩ ହଜାର ଟଙ୍କାର ଖର୍ଚ୍ଚଦାବିକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାଚନିକ ଭୋଟରେ ପାରିତ କରିଥିଲେ। ଏଥିସହିତ ଅନ୍ୟାନ୍ୟ ୨୩ଟି ବିଭାଗର ଖର୍ଚ୍ଚ ଦାବି ଗିଲୋଟିନ୍‌ରେ ପାରିତ ହୋଇଛି।

**ବୋରୱେଲ୍‌ରେ ୧୨ ବର୍ଷର ଝିଅ**

ଗୁଜରାଟ ସୁରେନ୍ଦ୍ରନଗର ଜିଲାର ଗଜନଭାଓ ଗ୍ରାମରେ ଜଣେ ନାବାଳିକା ୬୦ ଫୁଟ୍ ଗଭୀର ବୋର୍‌ୱେଲ୍‌ରେ ଖସିପଡ଼ିଛନ୍ତି। ସେନା ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ୧୨ ବର୍ଷୀୟାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସାଙ୍ଗକୁ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### ଭାଜପା ଯୁବନେତା ହତ୍ୟା ମାମଲା: ତଦନ୍ତ କରିବ ଏନ୍‌ଆଇଏ

**ବେଙ୍ଗାଲୁରୁ,୨୯।୭:** କର୍ଣ୍ଣାଟକରେ ଭାଜପା ଯୁବନେତା ପ୍ରବୀଣ ନେତ୍ତାର ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଶୁକ୍ରବାର ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡ କର୍ଣ୍ଣାଟକ-କେରଳ ସୀମାରେ ଘଟିଥିବାରୁ ଏହା ଏକ ଆନ୍ତଃରାଜ୍ୟ ପ୍ରସଙ୍ଗ। ତେଣୁ ମାମଲାର ତଦନ୍ତ ଏନ୍‌ଆଇଏକୁ ଦେବା ଲାଗି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଗୃହ ବିଭାଗକୁ ଜଣାଇ ଦିଆଯିବ ବୋଲି ବୋମାଇ କହିଛନ୍ତି। କର୍ଣ୍ଣାଟକର ଦକ୍ଷିଣ କନ୍ନଡ ଜିଲାରେ ମଙ୍ଗଳବାର ପ୍ରବୀଣଙ୍କୁ ହତ୍ୟା କରାଯାଇଥିଲା।

### କେଟିଆର୍‌ଙ୍କ ଜନ୍ମଦିନ ଉତ୍ସବରେ ଯୋଗ ନ ଦେବାରୁ ୪ କର୍ମଚାରୀ ନିଲମ୍ବିତ

**ହାଇଦ୍ରାବାଦ,୨୯।୭:** ତେଲଙ୍ଗାନାର ପ୍ରଭାବଶାଳୀ ମନ୍ତ୍ରୀ କେ.ଟି. ରାମାରାଓ (କେଟିଆର୍)ଙ୍କ ଜନ୍ମଦିନ ଉତ୍ସବରେ ଯୋଗଦେଇ ନ ଥିବା ବେଲାମପାଲ୍ଲୀ ମ୍ୟୁନିସିପାଲିଟିର ୪ ଜଣ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ପୁଅ କେଟିଆର୍ ପୌର ପ୍ରଶାସନ, ସହରାଞ୍ଚଳ ବିକାଶ,



ଶିଳ୍ପ ବାଣିଜ୍ୟ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଛନ୍ତି। ଗତ ୨୪ ତାରିଖରେ ମ୍ୟୁନିସିପାଲ କାଉନସିଲ୍ ପକ୍ଷରୁ ତାଙ୍କ ଜନ୍ମ ଉତ୍ସବ ବେଲାପାଲ୍ଲୀ ସରକାରୀ ହସ୍ପିଟାଲରେ ପାଳନ କରାଯାଇଥିଲା। ଏଥିରେ ଯୋଗ ଦେଇ ନ ଥିବା ୪ କର୍ମଚାରୀଙ୍କୁ ମ୍ୟୁନିସିପାଲ କମିଶନର ୨୪ ଘଣ୍ଟା ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ କହିଥିଲେ।

### ୨୦୨୫ ସୁଦ୍ଧା ବାୟୁସେନାରୁ ହଟିବ ମିଗ୍-୨୧

**ନୂଆଦିଲ୍ଲୀ,୨୯।୭:** ରୁଷିଆ ନିର୍ମିତ ମିଗ୍-୨୧ ଯୁଦ୍ଧବିମାନ ଏକାଧିକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଭାରତୀୟ ବାୟୁସେନା ଆଗାମୀ ସେପ୍ଟେମ୍ବର ୩୦ ସୁଦ୍ଧା ଏହାର ଆଉ ଏକ ସ୍କ୍ୱାଡ୍ରନ୍‌କୁ କାର୍ଯ୍ୟରୁ ଅବ୍ୟାହତି ଦେବାକୁ ନିଷ୍ପତ୍ତି ନେଇଛି। ୨୦୨୫ ସୁଦ୍ଧା ପର୍ଯ୍ୟାୟକ୍ରମେ ମିଗ୍-୨୧ର ସମସ୍ତ ସ୍କ୍ୱାଡ୍ରନ୍‌କୁ ହଟାଇ ଦିଆଯିବ। ଗୁରୁବାର ସନ୍ଧ୍ୟାରେ ରାଜସ୍ଥାନର ବରମେର୍‌ଠାରେ ମିଗ୍-୨୧ ଟାଇପ୍ ୬୯ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବା ସହ ୨ ପାଇଲଟଙ୍କ ମୃତ୍ୟୁ ଘଟିଥିଲା।

### ଶୁଟିଂ ବେଳେ ୮ ମଡେଲଙ୍କୁ ବଳାତ୍କାର

**ଜୋହାନସବର୍ଗ,୨୯।୭:** ଦକ୍ଷିଣ ଆଫ୍ରିକାରେ ମ୍ୟୁଜିକ୍ ଭିଡିଓ ଶୁଟିଂ ପାଇଁ ଯାଉଥିବା ୮ ମଡେଲଙ୍କୁ କେତେଜଣ ବନ୍ଧୁକଧାରୀ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ୩ ଯୁବକଙ୍କୁ ପୋଲିସ ଗିରଫ କରିଛି। କ୍ରୁଜର୍ସଡୋରପ୍‌ରେ ଏ ଘଟଣା ଘଟିଥିବାବେଳେ ଏଥିରେ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ଶୁଟିଂ ପାଇଁ ଗାଡ଼ିରୁ ଜିନିଷ କାଢ଼ିବା ସମୟରେ ଦୁର୍ବୃତ୍ତ ମଡେଲମାନଙ୍କ ଉପରକୁ ଆକ୍ରମଣ କରିଥିବା ପୋଲିସ ମନ୍ତ୍ରୀ ଭେକି ସେଲେ କହିଛନ୍ତି। ସେମାନଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବାବେଳେ ପ୍ରତି ଯୁବତୀଙ୍କୁ ପାଖାପାଖି ୧୦ ଜଣ ଯୁବକ ବଳାତ୍କାର କରିଥିବା ମଡେଲ କହିଛନ୍ତି ।

# ନିଆଁ ସହ ଖେଳ ନାହିଁ

## ତାଇୱାନ ପ୍ରସଙ୍ଗରେ ବାଇଡେନ୍‌ଙ୍କୁ ଜିନ୍‌ପିଙ୍ଗ୍ ଚେତାବନୀ

**ୱାଶିଂଟନ/ବେଜିଂ,୨୯।୭**

ତାଇୱାନ ପ୍ରସଙ୍ଗରେ ପୁଣି ମୁହାଁମୁହିଁ ଅବସ୍ଥାରେ ଆମେରିକା ଓ ଚାଇନା। ଏହି ଦ୍ୱୀପ ରାଷ୍ଟ୍ରକୁ ନେଇ ମୁଣ୍ଡ ନ ଖେଳାଇବାକୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଚେତାବନୀ ଦେଇଛନ୍ତି। ଜିନ୍‌ପିଙ୍ଗ୍ ତାଇୱାନକୁ ବଳପୂର୍ବକ ନିଜ ଅଧୀନକୁ ଆଣିବା ପାଇଁ ଶପଥ ନେଇଥିବାବେଳେ ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ଗସ୍ତକୁ ନେଇ ଦୁଇ ମହାଶକ୍ତି ମୁହାଁମୁହିଁ ହୋଇଛନ୍ତି।

ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା ହୋଇଛି। ଦୁଇ ନେତାଙ୍କ ମଧ୍ୟରେ ପଞ୍ଚମ



ଜୋ ବାଇଡେନ୍



ଶି ଜିନ୍‌ପିଙ୍ଗ

ଆଲୋଚନା ବେଳେ ବାଇଡେନ୍‌ଙ୍କୁ ଜିନ୍‌ପିଙ୍ଗ୍ କହିଥିଲେ, ଯିଏ ନିଆଁ ସହ ଖେଳିବେ ସିଏ ଜଳିଯିବେ। ଆମେରିକା ଏହି କଥାକୁ ଭଲ ଭାବେ ବୁଝିପାରୁଥିବ। ୱାଶିଂଟନ 'ୱାନ୍-ଚାଇନା ପ୍ରିନ୍ସିପଲ୍'କୁ ମାନିବା ଉଚିତ। ତାଇୱାନର ସ୍ୱାଧୀନତା ଓ ବାହ୍ୟ ହସ୍ତକ୍ଷେପକୁ ଚାଇନା ଦୃଢ଼ ବିରୋଧ କରେ। ଏହାର ଜବାବରେ ବାଇଡେନ୍ କହିଥିଲେ, ତାଇୱାନ ଉପରେ ଆମେରିକାର ନୀତି ଅପରିବର୍ତ୍ତିତ ରହିଛି। ସମଗ୍ର ତାଇୱାନ ପ୍ରଣାଳୀରେ ଶାନ୍ତି ଓ ସ୍ଥିରତାକୁ ନ୍ୟୂନ କରିବା କିମ୍ବା ସ୍ଥିତାବସ୍ଥା ବଦଳାଇବା ପାଇଁ ଏକତରଫା ଉଦ୍ୟମକୁ ୱାଶିଂଟନ ବିରୋଧ କରେ। ଦୁଇ ନେତାଙ୍କ ଆଲୋଚନା ପରେ ସମର୍ଥନ ପାଇଁ ବାଇଡେନ୍‌ଙ୍କୁ ତାଇୱାନ ଧନ୍ୟବାଦ ଦେଇଛି। ଆମେରିକା ସହ ସୁରକ୍ଷା ସହଯୋଗିତା ଆହୁରି ଦୃଢ଼ କରିବ ବୋଲି ତାଇୱାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବାଇଡେନ୍ ଓ ଜିନ୍‌ପିଙ୍ଗ୍ ଖୁବ୍‌ଶୀଘ୍ର ପ୍ରଥମ ଥର ପାଇଁ ସାମ୍ନାସାମ୍ନି ଆଲୋଚନା କରିପାରନ୍ତି। ଏହାର ପ୍ରସ୍ତୁତି ଅନୁଧ୍ୟାନ କରିବାକୁ ଦୁହେଁ ନିଜ ନିଜ ଟିମ୍‌କୁ ନିର୍ଦ୍ଦେଶ ଦେଇଥିବା ଆମେରିକାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଶକିରାଙ୍କୁ ହୋଇପାରେ ୮ ବର୍ଷ ଜେଲ

### ଟାକ୍ସ ଠକେଇ ଅଭିଯୋଗ



**ବାର୍ସିଲୋନା,୨୯।୭**

ଖ୍ୟାତନାମା ପପ୍ ସିଙ୍ଗର ଶକିରାଙ୍କ ବିରୋଧରେ ଟାକ୍ସ ଠକେଇ ଅଭିଯୋଗ ସାମ୍ନାକୁ ଆସିଛି। ୨୦୧୨ରୁ ୨୦୧୪ ମଧ୍ୟରେ ସେ ୧୪.୫ ମିଲିୟନ୍ ୟୁରୋ (୧,୧୭,୩୮, ୪୭, ୫୦୦ ଟଙ୍କା) ଟାକ୍ସ ପୈଠ ନ କରିବା ଆଧାରରେ ସ୍ପେନ୍‌ର ଏକ କୋର୍ଟରେ ଅଭିଯୋଗ ହୋଇଛି। ଯଦି ଶକିରା ଟାକ୍ସ ଠକେଇ ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ୮ ବର୍ଷର ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆୟକର ବିଭାଗ ଓକିଲ କହିଛନ୍ତି। ମାମଲାର ସମାଧାନ ପାଇଁ ଆୟକର ବିଭାଗ ଓକିଲ ତାଙ୍କ ଆଗରେ ଏକ ଡିଲ୍ ରଖିଥିଲେ ହେଁ ଶକିରା କୋର୍ଟରେ ମାମଲାର ସମାଧାନ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଶକିରା ଜାଣିଛନ୍ତି ସେ ନିର୍ଦ୍ଦୋଷ। ତାଙ୍କ ନାଁରେ ଆସିଥିବା ଟାକ୍ସ ଠକେଇ ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହିନ। ଆୟକର ବିଭାଗର କାର୍ଯ୍ୟ ପ୍ରଣାଳୀକୁ ସେ ନିନ୍ଦା କରିଛନ୍ତି। ତେବେ କୋର୍ଟ ତାଙ୍କୁ ଉଚିତ୍ ନ୍ୟାୟ ଦେବ ବୋଲି ସେ ତାଙ୍କ ଓକିଲଙ୍କ ଜରିଆରେ କହିଛନ୍ତି। ମାମଲାର ଟ୍ରାଏଲ୍ ନେଇ କୋର୍ଟ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇନାହିଁ।

ଫୁଟବୋଲର ଜେରାର୍ଡ ପିକ୍ୱୁଙ୍କ ସହ ସମ୍ପର୍କରେ ଆସିବା ପରେ ୨୦୧୧ରେ ଶକିରା ସ୍ପେନ୍‌ରେ ଆସି ରହିବା ଆରମ୍ଭ କରିଥିଲେ। କିନ୍ତୁ ୨୦୧୫ ପର୍ଯ୍ୟନ୍ତ ସେ ନିଜର ସମସ୍ତ ଦସ୍ତାବିଜ୍‌ରେ ତାଙ୍କ ଘର ବାହାମସ ଲେଖିଥିବା ଆୟକର ବିଭାଗ ଓକିଲ କହିଛନ୍ତି। ୨୦୧୩-୧୪ରେ ଶକିରା ଏକ ସିଙ୍ଗିଙ୍ଗ ଶୋ'ର ଜଜ୍ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ରେ ନିଜ ଆୟର ଅଧିକାଂଶ ଅଂଶ ସେ ଅନ୍ତର୍ଜାତୀୟ ଟୁର୍‌ରୁ ରୋଜଗାର କରିଥିବା ତାଙ୍କ ଓକିଲ କହିଛନ୍ତି। ୨୦୧୫ରେ ସେ ସମ୍ପୂର୍ଣ୍ଣ ଭାବେ ସ୍ପେନ୍‌ରେ ରହିଥିବାବେଳେ ୨୦୧୫ ପର୍ଯ୍ୟନ୍ତ ୧୭.୨ ମିଲିୟନ୍ ୟୁରୋ (୧,୩୯,୧୫,୯୭,୬୮୯.୯୭ ଟଙ୍କା) ସେ ପୈଠ କରିଥିବା କହିଛନ୍ତି। ଏ ନେଇ ଗତ ମେ'ରେ ଶକିରା ସ୍ପେନ୍‌ର ଏକ କୋର୍ଟରେ ଆବେଦନ କରିଥିବାବେଳେ କୋର୍ଟ ତାହାକୁ ଖାରଜ କରିଦେଇଥିଲେ।



ରୁଷିଆ ସହ ଚୁକ୍ତି ପରେ କୃଷ୍ଣସାଗର ଦେଇ ୟୁକ୍ରେନ୍‌ରୁ ପ୍ରଥମ ମାଲବାହୀ ଜାହାଜ ଯାତ୍ରା ଆରମ୍ଭ କରିଥିବାବେଳେ ଅନୁଧ୍ୟାନ କରୁଛନ୍ତି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍କି।

## ଦ୍ରୁତ ନ୍ୟାୟ ଦେଇ ବିଚାରପତି ନିଲମ୍ବିତ

### ବିହାର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୯।୭(ପି.ଟି.)**

ଏକ ମାମଲାରେ ଦ୍ରୁତ ନ୍ୟାୟ ପ୍ରଦାନ କରି ବିହାରର ଜଣେ ନ୍ୟାୟିକ ଅଧିକାରୀ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ପାଟନା ହାଇକୋର୍ଟଙ୍କ ନିଲମ୍ବନ ଆଦେଶକୁ ଚ୍ୟାଲେଞ୍ଜ କରି ଅରାରିଆର ଉକ୍ତ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ଶଶିକାନ୍ତ ରାୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଜଷ୍ଟିସ ୟୁ.ୟୁ. ଲଳିତ ଏବଂ ଏସ୍.ଆର୍. ଭଟ୍ଟଙ୍କ ଖଣ୍ଡପୀଠ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରିବା ସହ ବିହାର ସରକାର ଏବଂ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି।

ଅତିରିକ୍ତ ଜିଲା ଜଜ୍ ଶଶିକାନ୍ତ ଏକ ପୋକ୍ସୋ ମାମଲା ସମେତ ଏକାଧିକ ମାମଲାର ଦ୍ରୁତ୍ ବିଚାର କରି ରାୟ ଦେଇଥିଲେ। ଜଣେ ୬ ବର୍ଷୀୟା ବାଳିକା ବଳାତ୍କାର ଘଟଣାରେ ପୋକ୍ସୋ ଆଇନରେ ରୁଜୁ ମାମଲାକୁ ସେ ଗୋଟିଏ ଦିନରେ ଶୁଣାଣି ଶେଷ କରିଥିଲେ। ଅନ୍ୟ ଏକ ମାମଲାର ବିଚାର ମାତ୍ର ୪ କାର୍ଯ୍ୟଦିବସରେ ଶେଷ କରି ସେ ଅପରାଧୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଏହି ରିପୋର୍ଟ ଗଣମାଧ୍ୟମରେ ବ୍ୟାପକ ଭାବେ ପ୍ରସାରିତ ହେବା ସହ ସରକାର ଏବଂ ଜନସାଧାରଣରେ



ଜଜ୍ ଶଶିକାନ୍ତ ରାୟ

ଶଶିକାନ୍ତଙ୍କୁ ପ୍ରଶଂସା କରାଯାଇଥିଲା। ତାଙ୍କୁ ସସ୍‌ପେଣ୍ଡ କରି ତାଙ୍କ ବିରୋଧରେ ଆନୁଷ୍ଠାନିକ ପକ୍ଷପାତ କରାଯାଇଥିବା ବିଶ୍ୱାସ କରାଯାଉଛି ବୋଲି ଜିଲା ଜଜ୍ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ନୋଟିସର ଉତ୍ତର ରଖିବାକୁ ଖଣ୍ଡପୀଠ କହିଛନ୍ତି।

ଅନ୍ୟପକ୍ଷରେ ଶୁଣାଣି ଶେଷ ହେବା ଦିନ ଦଣ୍ଡ ଘୋଷଣା କରାଯିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ ଅନେକ ରାୟରେ କହିଛନ୍ତି। ଏକ ମାମଲାର ୯ ଦିନର ଶୁଣାଣି ପରେ ଦୋଷୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟ ଉକ୍ତ ରାୟକୁ ଖାରଜ କରିଦେଇ ମାମଲାର ସାନି ବିଚାର କରିବାକୁ ସେସନ୍ସ କୋର୍ଟକୁ ପଠାଇ ଦିଆଯାଇଥିଲା ବୋଲି ଜଷ୍ଟିସ ଲଳିତ କହିଥିଲେ।

## ଅର୍ପିତା ସମ୍ପୃକ୍ତ ଥିବା ୩ କମ୍ପାନୀ ଉପରେ ଇଡି ଚଢ଼ାଉ



ଅର୍ପିତା ମୁଖାର୍ଜୀ

**କୋଲକାତା,୨୯।୭**

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଟିଏମ୍‌ସି ନେତା ତଥା ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ବିପୁଳ ପରିମାଣର ସୁନା ମିଳିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ୩ଟି କମ୍ପାନୀ ଉପରେ ଚଢ଼ାଉ କରିଛି। ଏହି କମ୍ପାନୀ ସହ ଅର୍ପିତା ସମ୍ପୃକ୍ତ ଥିବା କୁହାଯାଉଛି। କମ୍ପାନୀଗୁଡ଼ିକ ହେଲା କୋଲକାତାର ସିମ୍ବିଓସିସ୍ ମର୍ଚ୍ଚାଣ୍ଟସ୍ ପ୍ରା.ଲିଃ, ସେଣ୍ଟ୍ରି ଇଞ୍ଜିନିୟରିଂ ପ୍ରା.ଲିଃ ଏବଂ ଅର୍ପିତା ଇଚ୍ଛାଏ ଇଣ୍ଟରଟେନମେଣ୍ଟ ପ୍ରା.ଲିଃ। ପାର୍ଥଙ୍କ ଘନିଷ୍ଠ ହେବା ପରେ ଅର୍ପିତାଙ୍କୁ ଉକ୍ତ କମ୍ପାନୀଗୁଡ଼ିକର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି କମ୍ପାନୀଗୁଡ଼ିକରେ କଲ୍ୟାଣ ଧର୍ ନିର୍ଦ୍ଦେଶକ ରହିବା ସହ ଅର୍ପିତାଙ୍କ ବିଜ୍‌ନେସ ପାର୍ଟନର ଅଛନ୍ତି।

ସୂଚନାଯୋଗ୍ୟ, ଇଡି ଚଢ଼ାଉ ବେଳେ ଅର୍ପିତାଙ୍କ ଦକ୍ଷିଣ କୋଲକାତାର ଟଲିଗଞ୍ଜ ଘରୁ ୨୧.୯ କୋଟି ନଗଦ ଟଙ୍କା, ୫୪ ଲକ୍ଷ ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା, ୭୪ ଲକ୍ଷ ଟଙ୍କାର ଅଳଙ୍କାର ମିଳିଥିଲା। ପରେ ବେଲଘୋରିଆସ୍ଥିତ ଘରୁ ୨୭.୯ କୋଟି ନଗଦ ଟଙ୍କା, ୪.୩ କୋଟି ଟଙ୍କା ମୂଲ୍ୟର ଅଳଙ୍କାର ଜବତ ହୋଇଥିଲା। ତେବେ ଏତେ ଟଙ୍କା ଘରେ ଗଚ୍ଛିତ ରହିବା ସମ୍ପର୍କରେ ଅର୍ପିତା କିଛି ଜାଣି ନ ଥିବା ଗୁରୁବାର ଇଡିକୁ କହିଛନ୍ତି। ପାର୍ଥ ଚାଟାର୍ଜୀ ଉକ୍ତ ଘରକୁ ତାଲା ପକାଇ ରଖିଥିଲେ ବୋଲି ଅର୍ପିତା ଜେରା ବେଳେ କହିଥିବା ଜଣାପଡ଼ିଛି।

### ମୋତେ ଫସାଇଦିଆଯାଇଛି



ପାର୍ଥ ଚାଟାର୍ଜୀ

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇ ମନ୍ତ୍ରିମଣ୍ଡଳରୁ ବିଦାହେବା ଓ ତୃଣମୂଳ କଂଗ୍ରେସରୁ ନିଲମ୍ବନ ହେବା ପରେ ପାର୍ଥ ଚାଟାର୍ଜୀ ପ୍ରଥମ ଥର ମୁହଁ ଖୋଲିଛନ୍ତି। ସ୍କୁଲ୍‌ରେ ନିଯୁକ୍ତି ଦୁର୍ନୀତି ମାମଲାରେ ଷଡ଼ଯନ୍ତ୍ର କରି ତାଙ୍କୁ ଫସାଇ ଦିଆଯାଇଥିବା ଶୁକ୍ରବାର ପାର୍ଥ କହିଛନ୍ତି। ତେବେ କିଏ ଷଡ଼ଯନ୍ତ୍ର କରିଛି, ସେ ନେଇ ପାର୍ଥ କୌଣସି ସୂଚନା ଦେଇନାହାନ୍ତି। ଜେଲ୍‌ରେ ଥିବା ପାର୍ଥଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଇଏସ୍‌ଆଇ ହସ୍ପିଟାଲ ନିଆଯାଇଥିବା ବେଳେ ସେ କହିଛନ୍ତି।

## ପାକିସ୍ତାନର ପ୍ରଥମ ହିନ୍ଦୁ ମହିଳା ପୋଲିସ ଅଫିସର

**ଇସ୍‌ଲାମାବାଦ୍,୨୯।୭**

ପାକିସ୍ତାନର ସିନ୍ଧ ପ୍ରଦେଶରେ ଜଣେ ହିନ୍ଦୁ ମହିଳା ପୋଲିସ ଅଧିକାରୀ ମନୀଷା ରୋପେଟାଙ୍କୁ ଡିଏସ୍‌ପି ଦାୟିତ୍ୱ ଦିଆଯାଇଛି। ପାକିସ୍ତାନରେ ଏହା ପ୍ରଥମ ଘଟଣା। ଜଣେ ମହିଳା ଅଧିକାରୀଙ୍କୁ ପୋଲିସ ବିଭାଗର ଉଚ୍ଚପଦ ମିଳିଛି। ପୁରୁଷ ପ୍ରଧାନ ପାକିସ୍ତାନରେ ମହିଳାମାନେ ପୋଲିସ ଚାକିରି ପାଇବା ଏକ ଅସାଧାରଣ ଘଟଣା କହିଲେ ଚଳେ। ଯଦି କୌଣସି ମହିଳା ବା ଯୁବତୀ ଚାକିରି କରି ଆତ୍ମ ନିର୍ଭରଶୀଳ ହେବାକୁ ଚାହାନ୍ତି ତେବେ ସେମାନଙ୍କ ଘର ଲୋକେ ତାଙ୍କୁ ଶିକ୍ଷକତା କିମ୍ବା ଡାକ୍ତରୀ ପାଠ ପଢ଼ିବା ପାଇଁ କହିଥାନ୍ତି। ହେଲେ ଦେଶରେ ପ୍ରଚଳିତ ପୁରୁଣା ପ୍ରଥାକୁ ହଟାଇବା ପାଇଁ ସେ ଚାହୁଁଥିବା ମନୀଷା କହିଛନ୍ତି। ସିନ୍ଧ ଅଞ୍ଚଳର ଜାକୋବାବାଦ୍‌ରେ ତାଙ୍କ ଘର। ୨୬ ବର୍ଷୀୟା ମନିଷା ବର୍ତ୍ତମାନ ପୋଲିସ ଟ୍ରେନିଂରେ ଥିବାବେଳେ ଲ୍ୟାରିରେ ତାଙ୍କ ପୋଷ୍ଟିଂ ହେବା ନେଇ ଖବର ପ୍ରକାଶ ପାଇଛି।

## ସ୍ତ୍ରୀଙ୍କୁ ଗଣବଳାତ୍କାର ପରେ ତିନି ତଲାକ୍

### ଯୌତୁକ ପାଇଁ ସ୍ୱାମୀଙ୍କ ବର୍ବରକାଣ୍ଡ

**ଲକ୍ଷ୍ନୌ,୨୯।୭**

ଉତ୍ତର ପ୍ରଦେଶ ଗୋଣ୍ଡାରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ତାଙ୍କ ସ୍ୱାମୀ ଓ ଦିଅର ବଳାତ୍କାର କରିବା ପରେ ତାଙ୍କୁ ଟ୍ରିପଲ୍ ତଲାକ୍ ଦେଇଛନ୍ତି। ଏ ନେଇ ପୀଡ଼ିତା ଅଭିଯୋଗ କରିବା ପରେ ଅଭିଯୁକ୍ତ ସ୍ୱାମୀ ମହମ୍ମଦ ଆଦନାନଙ୍କୁ ପୋଲିସ ଗିରଫ କରିଛି। ଲକ୍ଷ୍ନୌ ବାସିନ୍ଦା ଆଦନାନ ଯୌତୁକ ପାଇଁ ନିଜ ସ୍ତ୍ରୀଙ୍କୁ ସବୁବେଳେ ମାଡ଼ମାରୁଥିଲେ। ମହିଳା ଜଣକ ଏଥିପାଇଁ ବାପଘରକୁ ଚାଲିଯାଇଥିଲେ। ମଙ୍ଗଳବାର ଆଦନାନ ନିଜ ସମ୍ପର୍କୀୟ ଭାଇଙ୍କୁ ଧରି ଶ୍ୱଶୁର ଘରେ ପହଞ୍ଚିଥିଲେ। ମହିଳା ଙ୍କୁ ଏକୁଟିଆ ଦେଖି ଦୁହେଁ ବଳାତ୍କାର କରିଥିବା ଏସ୍‌ପି ଆକାଶ ତୋମାର କହିଛନ୍ତି।





ରାଜ୍ୟ ସଭାର ନିଲମ୍ବିତ ସଦସ୍ୟମାନେ ପାର୍ଲାମେଣ୍ଟ ଭବନ ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଆଗରେ ୫୦ ଘଣ୍ଟାର ପ୍ରତିବାଦ ଧାରଣା ପରେ ଶୁକ୍ରବାର ସ୍ଲୋଗାନ ଦେଉଛନ୍ତି।

## ରାଷ୍ଟ୍ରପତିଙ୍କୁ କ୍ଷମା ମାଗିଲେ ଅଧୀର

- ପାଟିରୁ ଖସିଯାଇଥିଲା 'ରାଷ୍ଟ୍ରପତ୍ନୀ' ଶବ୍ଦ
- ଦ୍ରୌପଦୀଙ୍କୁ ଭେଟିଲେ ସ୍ମୃତି ଇରାନୀ
- ସଂସଦରେ ଅଚଳାବସ୍ଥା ଜାରି

**ନୂଆଦିଲ୍ଲୀ,୨୯।୭**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ 'ରାଷ୍ଟ୍ରପତ୍ନୀ' କହି ହଟହଟା ହେବା ପରେ ନିଜ ବିବାଦୀୟ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ। ସେ ଶୁକ୍ରବାର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖି ଭୁଲ୍‌ରେ ରାଷ୍ଟ୍ରପତ୍ନୀ ଶବ୍ଦ ତାଙ୍କ ପାଟିରୁ ଖସିଯାଇଥିବା ଉଲ୍ଲେଖ କରିଛନ୍ତି।

ନ୍ୟାଶନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜେରା ବିରୋଧରେ ବିକ୍ଷୋଭ ବେଳେ ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଗଣମାଧ୍ୟମକୁ କହିଥିଲେ, ହଁ ଆମେ ରାଷ୍ଟ୍ରପତ୍ନୀଙ୍କ ନିକଟକୁ ଯିବୁ। ସେ ସମସ୍ତଙ୍କ ପାଇଁ 'ରାଷ୍ଟ୍ରପତ୍ନୀ'। ଉକ୍ତ ଭିଡିଓ ବହୁଳ



ଅଧୀର ରଞ୍ଜନ ଚୌଧୁରୀ

ପ୍ରସାରିତ ହେବା ପରେ ଗୁରୁବାର ଭାଜପା ଏହାକୁ ନିନ୍ଦା କରିଥିଲା। ପାର୍ଲାମେଣ୍ଟର ଉଭୟ ଗୃହରେ ଭାଜପା ସଦସ୍ୟମାନେ କଂଗ୍ରେସକୁ ଘେରିଥିଲେ। ଏଥିସହ ଅଧୀର ଓ ସୋନିଆ କ୍ଷମା ମାଗନ୍ତୁ ବୋଲି ଦାବି ସେମାନେ କରିଥିଲେ। ସମାଲୋଚିତ ହେବା ପରେ ଅଧୀର କହିଥିଲେ, ସେ ଜଣେ ବଙ୍ଗାଳୀ ହୋଇଥିବାରୁ ଭଲ ଭାବେ ହିନ୍ଦୀ କହିପାରନ୍ତି ନାହିଁ। ତାଙ୍କ ପାଟିରୁ 'ରାଷ୍ଟ୍ରପତ୍ନୀ' ଶବ୍ଦ ଖସିଯାଇଛି। ଏହା ବ୍ୟାକରଣଗତ ତ୍ରୁଟି। ରାଷ୍ଟ୍ରପତିଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟ ନ ଥିଲା। ତାଙ୍କ ମନ୍ତବ୍ୟ ଆଘାତ ଦେଇଥିଲେ ସେ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବେ, କିନ୍ତୁ ପାଖଣ୍ଡିମାନଙ୍କୁ ନୁହେଁ। ଏହି ବିବାଦ ଘନେଇବାରେ ଲାଗିଥିବାବେଳେ ଶୁକ୍ରବାର ଅଧୀର ରାଷ୍ଟ୍ରପତିଙ୍କ ନିକଟକୁ କ୍ଷମାପତ୍ର ଲେଖିଛନ୍ତି। ଭୁଲ୍‌ରେ ତାଙ୍କ ପାଟିରୁ ଏହା ଖସିଯାଇଥିଲା। ଏଥିପାଇଁ ସେ ଦୁଃଖିତ। ଆଗକୁ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ଅଧୀର ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷେ ଏହି ପ୍ରସଙ୍ଗରେ କଂଗ୍ରେସ ଓ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଲୋକ ସଭାରେ ଘେରିଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ସଂସଦରେ ଅଧୀରଙ୍କ ମନ୍ତବ୍ୟ ଓ ଦରଦାମ ବୃଦ୍ଧି ପ୍ରସଙ୍ଗକୁ ନେଇ ଦ୍ୱିତୀୟ ଦିନ ଧରି ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଶାସକ-ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଲୋକ ସଭା ଓ ରାଜ୍ୟ ସଭାକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ପ୍ରକାଶ ଯେ, ଜୁଲାଇ ୧୮ରେ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନରେ ଅଦ୍ୟାବଧି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରି ନାହିଁ।

# ସୋସିଆଲ ମିଡିଆ ପୋଷ୍ଟ ଉପରେ ମନ୍ତବ୍ୟ ଅଧିକାର ବାକ୍ ସ୍ୱାଧୀନତାର ଅଂଶ

**ନୂଆଦିଲ୍ଲୀ,୨୯।୭:** ସୋସିଆଲ ମିଡିଆ କିମ୍ବା ଟିଭି ଚ୍ୟାନେଲ୍ ବିଷୟବସ୍ତୁ ଉପରେ ମନ୍ତବ୍ୟ ରଖିବା ଅଧିକାର ସମ୍ବିଧାନ ଅନୁଯାୟୀ ଅଭିବ୍ୟକ୍ତି ସ୍ୱାଧୀନତାର ଅଂଶବିଶେଷ। ଅନ୍ୟମାନଙ୍କ ଦ୍ୱାରା ପ୍ରସାରିତ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା ଅଥବା ସମାଲୋଚନା କରିବା ଅଧିକାର ପ୍ରତ୍ୟେକ ପ୍ରସାରଣକାରୀ ସଂସ୍ଥାର ରହିଛି ବୋଲି ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କହିଛନ୍ତି। ଅନ୍‌ଲାଇନ ନ୍ୟୁଜ୍ ପୋର୍ଟାଲ ନ୍ୟୁଜ୍‌ଲଣ୍ଡ୍ରି ପକ୍ଷରୁ ଦାଏର ଏକ ଆବେଦନ ଉପରେ ବିଚାରପତି ଜଷ୍ଟିସ୍ ଆଶା ମେନନ ନିଜ ରାୟରେ କହିଛନ୍ତି, ସୂଚନା ପ୍ରସାରଣ ସମାଜକୁ ଉତ୍ତମ ରୂପେ ଅବଗତ କରାଇବ। ଜାତୀୟ ସୁରକ୍ଷା, ଆଇନଶୃଙ୍ଖଳା ଓ ମାନହାନି ସମ୍ପର୍କରେ ମନ୍ତବ୍ୟ ଦେବାର ଅଧିକାର ଉପରେ ସମ୍ବିଧାନ ଅନୁଯାୟୀ ଯଥାର୍ଥ କଟକଣା ରହିବା ଉଚିତ। ଅଭିବ୍ୟକ୍ତି ସ୍ୱାଧୀନତା ଆଳରେ ପ୍ରିଭେସୀ (ବ୍ୟକ୍ତିଗତ ଅନ୍ତରଙ୍ଗ ତଥ୍ୟ) ଅଧିକାର ଏବଂ ମର୍ଯ୍ୟାଦାର ଉଲ୍ଲଂଘନ କରାଯାଇପାରିବ ନାହିଁ। ଏହା ବ୍ୟତୀତ ମତ ରଖୁଥିବା ବ୍ୟକ୍ତି ବା ସଂସ୍ଥା ପାଇଁ ଅଭିବ୍ୟକ୍ତି ସାମର୍ଥ୍ୟ ମୁକ୍ତ

# ପୃଥିବୀରେ ଖସିବ ଚାଇନା ରକେଟ



**ବେଜିଂ,୨୯।୭**

ଚାଇନାର ନିର୍ମାଣାଧୀନ ମହାକାଶ ଷ୍ଟେଶନକୁ ନୂତନ ବିଜ୍ଞାନ ଉପକରଣ ନେଇ ଯାଇଥିବା ସବୁଠୁ ଶକ୍ତିଶାଳୀ ରକେଟ ଲଙ୍ଗ୍ ମାର୍ଚ୍ଚ-୫ବି ୱାଇ୩ ଏବେ ପୃଥିବୀକୁ ଖସୁଛି। ଏହା ଚଳିତ ସପ୍ତାହ ଶେଷ ଭାଗରେ ଖସିବାକୁ ଥିବାବେଳେ ନିର୍ଦ୍ଦିଷ୍ଟ କେଉଁ ସ୍ଥାନରେ ପଡ଼ିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗତ ରବିବାର ଚାଇନାର ହୈନାନ୍ ପ୍ରଦେଶର ୱେନ୍‌ଚାଙ୍ଗ ମହାକାଶ ଯାନ ଉତ୍କ୍ଷେପଣ ସ୍ଥଳରୁ ଲଙ୍ଗ୍ ମାର୍ଚ୍ଚ ରକେଟକୁ ମହାକାଶ କେନ୍ଦ୍ର ଅଭିମୁଖେ ଛଡ଼ାଯାଇଥିଲା। ଏହାର ମୁଖ୍ୟ ଭାଗର ଲମ୍ବ ୧୦୦ ମିଟର ଏବଂ ଓଜନ ୨୨ ଟନ୍। ଏହା ନିମ୍ନ କକ୍ଷପଥରେ ପହଞ୍ଚିସାରିଛି ଓ ବାୟୁମଣ୍ଡଳର ଘର୍ଷଣ ଯୋଗୁ ଏହା ଟାଣିହୋଇ ଖସିବା ଆଶଙ୍କା ରହିଛି। ଚଳିତ ସପ୍ତାହାନ୍ତରେ ଏହା ପୁନର୍ବାର ପୃଥିବୀ ବାୟୁମଣ୍ଡଳରେ ପ୍ରବେଶ କରିବ ବୋଲି ମହାକାଶ ବିଜ୍ଞାନୀ ଜୋନାଥନ ମାକ୍‌ଡୋୱେଲ ପୂର୍ବାନୁମାନ କରିଛନ୍ତି।

# ଅବସର ନେଲେ ଜଷ୍ଟିସ୍ ଖାନ୍‌ୱିଲକର

**ନୂଆଦିଲ୍ଲୀ,୨୯।୭**



ସୁପ୍ରିମକୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ବିଦାୟୀ ସମ୍ବର୍ଦ୍ଧନା ବେଳେ ସେ ବାର୍ ଆସୋସିଏଶନ୍ ନେତାମାନଙ୍କୁ ସେମାନଙ୍କ ସ୍ନେହ ଓ ସଦିଚ୍ଛା ପାଇଁ ଧନ୍ୟବାଦ ଦେଇଛନ୍ତି। ୨୦୧୬ ମେ' ୧୩ରେ ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ଖାନ୍‌ୱିଲକର ବିଗତ ୫ ବର୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାୟ ଦେଇଥିଲେ। ୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ୬୩ ଅଭିଯୁକ୍ତଙ୍କୁ କ୍ଲିନ୍‌ଚିଟ୍ ଦେବା ଏବଂ ଆଧାର ମାମଲାର ବିଚାର ଖାନ୍‌ୱିଲକରଙ୍କ ଖଣ୍ଡପୀଠରେ ହୋଇଥିଲା। ସେହିପରି ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ମନି ଲଣ୍ଡରିଂ ମାମଲାରେ ତଲାସି, ସମ୍ପତ୍ତି ବାଜ୍ୟାପ୍ତ ଓ ଗିରଫ କ୍ଷମତା ପ୍ରଦାନକାରୀ ରାୟ ମଧ୍ୟ ଖାନ୍‌ୱିକର ଦେଇଥିଲେ। ୧୯୫୭ ଜୁଲାଇ ୩୦ରେ ପୁଣେରେ ଜନ୍ମିତ ଖାନ୍‌ୱିଲକର ମୁମ୍ବାଇର ଏକ ଲ' କଲେଜରେ ଏଲ୍‌ଏଲ୍‌ବି ଶିକ୍ଷା ଗ୍ରହଣ କରିଥିଲେ। ୨୦୦୦ ମାର୍ଚ୍ଚ ୨୯ରେ ସେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତ ହୋଇଥିଲେ।

# ବୃଦ୍ଧଙ୍କୁ ଗୋଇଠା ମାରି ପୋଲିସ ଅଧିକାରୀଙ୍କ ଚାକିରି ଗଲା

**ଭୋପାଳ,୨୯।୭:**

ମଧ୍ୟପ୍ରଦେଶ ଜବଲପୁର ରେଳ ଷ୍ଟେଶନ୍‌ରେ ଜଣେ ପୋଲିସ ଅଧିକାରୀ ବୟସ୍କ ବ୍ୟକ୍ତିଙ୍କୁ ଗୋଇଠା ମାରିବାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଅଧିକାରୀ ଅନନ୍ତ ଶର୍ମାଙ୍କୁ ନିଲମ୍ବନ କରାଯାଇଛି। ରେଳ ଷ୍ଟେଶନ୍‌ର ଜଣେ ଯାତ୍ରୀ ଘଟଣାର ଭିଡିଓକୁ ନିଜ ମୋବାଇଲରେ କଏଦ କରି ସୋସିଆଲ ମିଡିଆରେ ଶେୟାର କରିଥିଲେ। ପୋଲିସ ଅଧିକାରୀ ବୃଦ୍ଧଙ୍କ ମୁହଁକୁ ଗୋଇଠା ମାରୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ବୃଦ୍ଧଙ୍କ ନାମ ଗୋପାଳ ପ୍ରସାଦ। ରେଳ ଷ୍ଟେଶନରେ ଜଣେ ବ୍ୟକ୍ତି ତାଙ୍କ ସହ ଦୁର୍ବ୍ୟବହାର କରୁଥିବାବେଳେ ଏ ନେଇ ଅନନ୍ତଙ୍କ ନିକଟରେ ଅଭିଯୋଗ କରିବା ପରେ ସେ ତାଙ୍କୁ ଗୋଇଠା ମାରିଥିବା ବୃଦ୍ଧ ଜଣକ ପୋଲିସକୁ କହିଛନ୍ତି।

# ବିଧାୟକ ମୋକିମ୍‌ଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ



ମହମ୍ମଦ ମୋକିମ

**ନୂଆଦିଲ୍ଲୀ,୨୯।୭:** ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ସ୍ୱତନ୍ତ୍ର ଲିଭ୍ ପିଟିଶନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ୨୦୧୯ରେ ବାରାବାଟୀ-କଟକ ବିଧାନସଭା ଆସନରୁ ମୋକିମ୍‌ଙ୍କ ନିର୍ବାଚନକୁ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓଡ଼ିଶା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମୋକିମ ନାମାଙ୍କନ ପତ୍ର ଦାଖଲ ବେଳେ ତାଙ୍କ ବିରୋଧରେ ଥିବା ଅପରାଧ ମାମଲା ସମ୍ପର୍କିତ ତଥ୍ୟ ଲୁଚାଇଥିବା ଦେବାଶିଷ ତାଙ୍କ ପିଟିଶନରେ ଦର୍ଶାଇଥିଲେ। ଉକ୍ତ ପିଟିଶନକୁ ଖାରଜ କରିବା ଲାଗି ମୋକିମ ଆବେଦନ କରିଥିଲେ ହେଁ ହାଇକୋର୍ଟ ତାହାକୁ ଖାରଜ କରିଦେଇଥିଲେ। ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ବିଧାୟକ ସୁପ୍ରିମକୋର୍ଟରେ ସ୍ପେଶାଲ ଲିଭ୍ ପିଟିଶନ ଦାଏର କରିଥିଲେ। ବିଚାରପତି ଏସ୍.କେ. କୌଲ ଏବଂ ଏମ୍.ଏମ୍ ସୁନ୍ଦ୍ରେଶଙ୍କ ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ହାଇକୋର୍ଟଙ୍କ ରାୟ ଉପରେ ହସ୍ତକ୍ଷେପ କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି।


## ODISHA PUBLIC SERVICE COMMISSION CUTTACK

**NOTICE**

**No.6943/PSC, Dt.29.7.22**
**(2PE-02-22/23) (DR-I)**

**No.D-123:** In continuation to this office Notice No. 4324/PSC, Dt. 07.05.2022, It is for information of all concerned that, 02 (Two) candidates bearing following PPSAN have been called for the physical verification of original certificates/documents to determine their eligibility and suitability for recruitment to the post of Assistant Professor, Teacher Education(Odia), pursuant to Advt. No. 09 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN of candidates |
|---|---|---|
| 04.08.2022 | 11.30 AM | 00091326 & 00052232 = 02 Candidates |

The candidates are required to bring one set of self-attested photocopies of all the documents along with all original documents for verification as mentioned below:-

1. Hard copy of the online application form
2. Three passport size photographs.
3. Duly filled in & attested "Attestation form" and duly filled in "Bio-data form" (to be downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/ Council.
5. Bachelor's Degree mark sheet.
6. B.ED Degree marksheet.
7. Master's Degree mark sheet.
8. M. Phil mark sheet.
9. NET/JRF/SET/SLET qualified certificate.
10. Ph.D. Degree certificate.
11. Conversion certificate from the concerned University indicating the actual equivalent percentage of marks.
12. Odia Test pass certificate.
13. Caste certificate wherever applicable.
14. Identity card issued by the Director of Sports, Odisha in case of Sports person.
15. Permanent Disability Certificate (indicating permanent disability of 40% or more)
16. One set Xerox copy of published Research papers.
17. Teaching/Post-Doctoral experience certificate.
18. Awards.
19. No objection certificate from the competent authority in case of Govt. Servants.
20. Any proof of identity.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**
OIPR-12002/11/0124/2223

## OFFICE OF THE MUNICIPAL COUNCIL, BHAWANIPATNA

**No.2976/2022** **Date:27.07.2022**

**Tender Call Notice**

**No.C-897:** 1.Executive Officer, Bhawanipatna Municipality invites sealed Tenders from the intending reputed Suppliers/ Dealers for supply of "Furniture and Assets" for Shelter for Urban Homeless (SUH), Bhawanipatna, Kalahandi.
2.Tender papers required for the tender can be obtained from the office of the Bhawanipatna Municipality on payment of Rs.1000/- (Rupees one thousand) only (non-refundable) in Demand Draft towards cost of Tender paper on any working day in office hour from 27.07.2022 to 08 .08.2022 at 5.00 PM.
3.The Tender papers could be also downloaded from the website http://www.kalahandi.nic.in. In case of tender papers downloading from the website the tender shall accompany Bank Draft of Rs.1000/- (Rupees One thousand only) in favour of "Executive Officer, Bhawanipatna Municipality" payable at any Nationalized Bank of Bhawanipatna.
4.The tender shall reach the Executive Officer, Bhawanipatna Municipality, Kalahandi by Registered post / Speed post only on or before 08.08.2022 at 5.00 PM. The tender received beyond the date and time mentioned above shall not be taken into consideration.
5.Tender paper must be accompanied with Demand Draft towards cost of Tender papers and other relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.
6.The sealed tenders will be opened on 17.08.2022 at 3.30 PM by the undersigned in this Office in presence of the renderers' or their authorized representatives and members of the District level purchase Committee constituted for the purpose.
7.The undersigned reserves the right to cancel or reject any or all the tenders without assigning any reason thereof.
8.The detail of this tender is available in the Notice Board/ District Website http://www.kalahandi.nic.in.

**Sd./- Executive Officer, Bhawanipatna Municipality**
OIPR-13100/11/0006/2223

## Inviting RFP for Selection of Agency for Establishment and Running of Project Management Unit (PMU) at Odisha Adarsha Vidyalaya Sangathan (OAVS)

**Tender Ref.No.4147, Bhubaneswar, Dated 22.07.22**

**No.n-32:** The Odisha Adarsha Vidyalaya Sangathan (OAVS) invites Prequalification, Technical and Financial Proposals from Agencies of National repute for the establishment and running of a Project Management Unit (PMU) for increasing the efficiency and effectiveness of the operations of OAVS, Odisha as specified in this RFP Document.

The RFP document can be downloaded from the website link **http//www.oav.edu.in** with effect from 22/07/2022 (11 AM) to 17/08/2022(2 PM) and response to this tender shall be deemed to have been done after careful study and examination of this document with full understanding of its implications.

Interested agencies are requested to submit the details to the undersigned as per the schedule indicated in the Fact Sheet, by post (Registered / Speed) at the office of the Odisha Adarsha Vidyalaya Sangathan (OAVS). Based on the eligibility criteria as mentioned in the RFP, the applicant agency will be selected.

For any further clarifications, please contact the Odisha Adarsha Vidyalaya Sangathan (OAVS). on Phone Number: 0674-2300336 during official working hours only (10 am to 5 pm).

**Sd./- State Project Director, OAVS**
OIPR-27029/11/0007/2223

## ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ़ इंडिया Union Bank of India — आन्ध्रा Andhra — कार्पोरेशन Corporation

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୫୩୭୯୦୦**

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** ର **କ୍ଷମତାପ୍ରାପ୍ତ ଅଧିକାରୀ** (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୮.୨୦୨୨ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ **ଇ-ନିଲାମ** ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର.ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ପାରାଦୀପ ଶାଖା, ମୋ.: ୭୬୭୧୯୫୮୫୪୩** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଅଟଳ ବିହାରି ଦାସ, ପିତା: ଶ୍ରୀ ଧଡି ଦାସ,** ଠିକଣା: ସା-ଗଣ୍ଡକିପୁର, ପୋ.:ଗୋପିଆକୁଦ (କୁଜଙ୍ଗ), ଜିଲ୍ଲା: ଜଗତସିଂହପୁର/**ବକେୟା ରାଶି:**ତା.୩୧.୦୫.୨୦୨୨ରିଖ ସୁଦ୍ଧା **ଟ.୨୦,୯୯,୩୬୫.୩୦** + ତତ୍ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀ ଅଟଳ ବିହାରି ଦାସ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୩୫୪, ପ୍ଲଟ ନଂ.୧୨୬୯, ଏରିଆ: ଏ୦.୦୪୦ ଡିସିମିଲି (୧୭୪୨.୪ବର୍ଗଫୁଟ), ମୌଜା: ଗଣ୍ଡକିପୁର (କୁଜଙ୍ଗ), ଜିଲ୍ଲା: ଜଗତସିଂହପୁର, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୨୬୮, ଦକ୍ଷିଣ- ରାସ୍ତା ଏବଂ ପ୍ଲଟ ନଂ.୧୨୭୨, ପୂର୍ବ- ପ୍ଲଟ ନଂ.୧୨୭୬, ପଶ୍ଚିମ- ସରହଦ ମୌଜା। | ଟ.୧୮,୬୯,୦୦୦/- / ଟ.୧,୮୬,୯୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 158121980050000 IFSC Code: UBIN0159815 |
| ୨. | **ଢେଙ୍କାନାଳ ଶାଖା, ମୋ.: ୭୯୭୮୪୯୭୧୦୨** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ମହାଦେବ ମହାପାତ୍ର,** ପିତା: ଗତିକୃଷ୍ଣ ମହାପାତ୍ର, ଠିକଣା: ସା-ବଳଭଦ୍ରପୁର, ପୋ.-କୋରିଆଁ, ଥାନା-ଢେଙ୍କାନାଳ ସଦର, ଢେଙ୍କାନାଳ-୭୫୯୦୧୩/**ବକେୟା ରାଶି:**ତା.୩୦.୦୬.୨୦୨୨ରିଖ ସୁଦ୍ଧା **ଟ.୧୫,୧୬,୪୧୮.୧୩** + ତତ୍ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀ ମହାଦେବ ମହାପାତ୍ର,** ପିତା: ୰ଗତିକୃଷ୍ଣ ମହାପାତ୍ର ଙ୍କ (ସା-ବଳଭଦ୍ରପୁର, ପୋ.-କୋରିଆଁ, ଥାନା- ସଦର, ଜିଲ୍ଲା-ଢେଙ୍କାନାଳ,ଓଡିଶା) ନାମରେ ଥିବା ଜମି ଏବଂ ବାସୋପଯୋଗି ଗୃହ ଯାହାର ଖାତା ନଂ.୨୪୫/୩୮, ପ୍ଲଟ ନଂ.୫୮୫/ ୧୩୨୩, ମୌଜା: ବଳଭଦ୍ରପୁର, ତହସିଲି: ଢେଙ୍କାନାଳ ନଂ.୧୪୫, ଥାନା: ଢେଙ୍କାନାଳ ସଦର ନଂ.୬୯, ଜିଲ୍ଲା : ଢେଙ୍କାନାଳ, ଓଡିଶା, ଜମି ଏରିଆ: ଏ୦.୦୪୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ଅଶୋକ ବାରିକ, ପୂର୍ବ- ପଠାଣି ବାରିକ, ପଶ୍ଚିମ- ରାସ୍ତା। | ଟ.୧୧,୦୪,୦୦୦/- / ଟ.୧,୧୦,୪୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 540501980050000 IFSC Code: UBIN0554057 |

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୯.୦୮.୨୦୨୨ରିଖ କିମ୍ବା ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୮.୨୦୨୨ରିଖ, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୯.୦୮.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ପୂର୍ବରୁ**

**ସମ୍ପତ୍ତି ଉପରେ ଏନକମ୍ବ୍ରାନ୍‌ସେସ୍ ଯଦି ଥାଏ : ନାହିଁ**

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ: **https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in** ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: **ଶ୍ରୀ ଋଷିକାନ୍ତ ପ୍ରସାଦ, ମୋ.: ୯୭୬୯୯୮୭୨୦୮**

ଏହି ବିକ୍ରୟ ନୋଟିସ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍୮(୬)/୯(୧)ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ୮(୬)/ରୁଲ୍୯(୧)ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପର ଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୯.୦୭.୨୦୨୨** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## IN THE COURT OF THE AUTHORISED OFFICER-CUM-ASST. CONSERVATOR OF FORESTS SAMBALPUR FOREST DIVISION

**No. 02/ dt. 27.07.2022**

**In continuation to the Notice No. 01 dtd.22.03.2022 of A.O.-Cum-A.C.F., Sambalpur Forest Division**

**No.MM-113:-** A Notice under Section 56 (2-1) of the Orissa Forest Act, 1972 was served through News Paper proclamation vide this office No. 1765 dtd 23.03.2022 intending to confiscate the following seized vehicles alongwith forest produce. The owner of the seized vehicles failed to submit claim over the seized vehicles with all legality within statutory period.

**The details of vehicles seized.**

| Sl. No. | Year | C.C. No. | O.R. CASE No. | UD CASE No. | Range | Type of Vehicle | Regd. No. |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | 2011-12 | 60 | 3 | | Padiabahal | Truck | OR 15 K 9651 |
| 2 | 2013-14 | 11 | 88 | | Sadar | Truck | WB 33 B 7480 |
| 3 | 2014-15 | 2 | | UD 4 | Padiabahal | Mini Truck | OIS 4396 |
| 4 | 2014-15 | 3 | 27 | | Sadar | Truck | JH 02 K 1063 |
| 5 | 2014-15 | 4 | 28 | | Sadar | Truck | OD 17 A 6049 |
| 6 | 2014-15 | 5 | | UDC1 | Padiabahal | TVS Victor/Spl. Plus | CG 04 CB 5129 / CG 06 1338 |
| 7 | 2014-15 | 6 | 30 | | Sadar | Commander Jeep | ORP 3624 |
| 8 | 2014-15 | 9 | 34 | | Sadar | Tata Ace/Maruti Van | Nil/OAU 8079 |
| 9 | 2014-15 | 11 | 31 | | Padiabahal | Tata Sumo | OR 09 C 9897 |
| 10 | 2014-15 | 12 | 42 | | Sadar | Truck | OR 11 J 3631 |
| 11 | 2014-15 | 14 | 34 | | Padiabahal | Mahindra Maxima | OR 15 S 2476 |
| 12 | 2014-15 | 18 | 34 | | Town | Tata Ace | OR 15 R 8779 |
| 13 | 2014-15 | 19 | | UD 25 | Rengali | Tata Truck | MH 16 AY 1455 |
| 14 | 2014-15 | 23 | 125 | | Rengali | Tata Ace | OD 17 C 6277 |
| 15 | 2014-15 | 24 | 99 | | Sadar | One Tanker | OR 07 D 8257 |
| 16 | 2014-15 | 25 | 98 | | Sadar | Mini Truck | CG 04 J 1617 |
| 17 | 2014-15 | 27 | | UD 51 | Rengali | Tata Ace | OD 15 3474 |
| 18 | 2014-15 | 28 | 148 | | Sadar | Maruti Van | OAU 8079 |
| 19 | 2014-15 | 29 | 42 | | Padiabahal | Maruti Van/Motorcycle | MP 24 G 1762 / ORQ 9643 |
| 20 | 2014-15 | 34 | | UDC 68 | Rengali | Marshall | OR 15 F 3549 |
| 21 | 2014-15 | 47 | | UDC 35 | Rengali | Maruti Van | OR 15 C 5191 |
| 22 | 2014-15 | 50 | OR 38 | UD 24 | Town | Jeep | OR 02 G 0223 |
| 23 | 2014-15 | 51 | OR 47 | UD 31 | Town | Piaggion Tempo | Regd. No. not affixed. Eng. No. not visible. Ch. No. HM453516 |
| 24 | **2015-16** | 1 | 1 | | Rengali | Maruti Van | WB 02C 4478 |
| 25 | 2015-16 | 2 | 18 | | Rengali | Tata Ace/Hero Spl. | OR 17 G 1814 / OD 15 A 8169 |
| 26 | 2015-16 | 3 | 32 | | Rengali | Mahindra Bolero | OR 02 AL 6563 |
| 27 | 2015-16 | 6 | 7 | | Padiabahal | Tata 207 | OR 23 B 1879 |
| 28 | 2015-16 | 8 | | UD 7 | Town | Tata Ace | OR 15 R 3097 |
| 29 | 2015-16 | 9 | 56 | | Sadar | 407 Truck | OR 15 E 9107 |
| 30 | 2015-16 | 10 | 90 | UDC 15 | Sadar | Jeep | OSS 5532 |
| 31 | 2015-16 | 18 | | | Sadar | Tata Ace Van | OD 15 C 5360 |
| 32 | 2015-16 | 20 | 40 | | Sadar | Pickup Van | OD 15 C 1568 |
| 33 | 2015-16 | 21 | 22 | | Town | Tata Ace | OD 15 B 6787 |
| 34 | 2015-16 | 22 | 113 | | Sadar | Mahindra Pickup Van | OD 15 E 0882 |
| 35 | 2015-16 | 35 | 64 | | Dhama | S.K. Dansana, Fr. | OR 23 C 2582 |
| 36 | 2015-16 | 36 | OR 80 | UD 5 | Dhama | Tata Sumo | WB 02 P 7461 |
| 37 | 2015-16 | 37 | UDC 18 | | Padiabahal | Tata Ace | OR 23 B 7408 |
| 38 | 2015-16 | 38 | OR 24 | UD 18 | Twon | Tata Magic | OR 15 P 9374 |
| 39 | 2015-16 | 39 | 158 | | Rengali | Maruti Omni Van | OR 15 D 3548 |
| 40 | 2015-16 | 40 | OR 6 | UD 6 | Town | Tata Magic | OR 15 M 1223 |
| 41 | 2015-16 | 42 | 54 | | Sadar | Maruti Van | CG 04 ZP 4519 |
| 42 | 2015-16 | 43 | 158 | | Sadar | One auto | OD 15 D 4737 |
| 43 | 2015-16 | 44 | 28 | | Town | Mahindra Trolly Tempo | OR 17 G 0655 |
| 44 | 2015-16 | 45 | 159 | | Sadar | Tata 207 | OR 15 Q 8069 |
| 45 | 2015-16 | 46 | 160 | | Sadar | Tata 207 | OR 19 9113 |
| 46 | 2015-16 | 47 | 156 | | Sadar | Tractor/Trolly | OR 15 R 0451 / OR 15 R 0452 |
| 47 | 2015-16 | 59 | 185 | | Sadar | Hero Honda M/C | OD 15 A 1730 |
| 48 | 2015-16 | 61 | | UD.32 | Town | Tempo | OR-17-E-7735 |
| 49 | 2015-16 | 66 | | UD.17 | Town | TATA ACE | OR-15-N-6574 |
| 50 | **2016-17** | 2 | | UD.7 | Rengali | Bolero | OR-23-B-8429 |
| 51 | 2016-17 | 3 | | UD.11 | Padiabahal | Bolero | OD-15-A-7457 |
| 52 | 2016-17 | 5 | | UD.2 | Rengali | Mahindra Pickup Van | Eng. AB41B15483 |
| 53 | 2016-17 | 9 | | UD.14 | Padiabahal | Maruti Omni | OR-15-E-8631 |
| 54 | 2016-17 | 10 | | UD.14 | Town | Mahindr Pickup Truck | OD-23-4083 |
| 55 | 2016-17 | 17 | 126 | | Sadar | 2 Nos. of M/Cycle- UNICORN | OD-15-D-8134 & OR-15-R-5029 |
| 56 | **2017-18** | 1 | 3 | | Town | Maruti Van | OR-15-J-5225 |
| 57 | 2017-18 | 4 | | UD-01 | Padiabahal | TRUCK | OR-15-M-8658 |
| 58 | 2017-18 | 5 | 78 | | Sadar | CAR | WB-02-F-2538 |
| 59 | 2017-18 | 6 | | UD-12 | Town | Bolero Pickup | OR-03-F-9776 |
| 60 | 2017-18 | 8 | | UD-15 | Town | TATA-407 | OR-15-U-4744 |
| 61 | 2017-18 | 13 | 24 | | Town | TATA Pickup | JH-01-CS-7084 |
| 62 | **2018-19** | 4 | 1 | | Town | Maruti Van | MP-23-B-5679 |
| 63 | 2018-19 | 7 | | UD-5 | Sadar | Maruti Omni | WB-02-F-2538 |
| 64 | 2018-19 | 8 | | UD-6 | Sadar | TATA-407 | OR-28-2481 |
| 65 | 2018-19 | 9 | | UD-8 | Sadar | Tempo | Eng. S8D8839261 Ch. MCG27P3DK |
| 66 | 2018-19 | 10 | | UD-8 | Padiabahal | TATA-407 | OR-15-J-3429 |
| 67 | 2018-19 | 12 | | UD-14 | Town | TATA-709 | CG-04-ZB-2016 |
| 68 | 2018-19 | 13 | | UD-18 | Rengali | TATA-407 | OR-28-2481 |
| 69 | 2018-19 | 14 | | UD-15 | Town | Bolero Pick up | OR-02-BF-6501 |
| 70 | 2018-19 | 15 | 38 | | Padiabahal | TATA Pick up | OR-02-AP-3915 |
| 71 | **2019-20** | 1 | | UD-1 | Sadar | Tempo | OR-15-P-8633 |
| 72 | 2019-20 | 2 | | UD-8 | Rengali | Bolero pick up | CG-04-JD-3308 |
| 73 | 2019-20 | 3 | | UD-3 | Sadar | TATA-407 | OR-15-B-3121 |
| 74 | 2019-20 | 4 | | UD-6 | Sadar | TATA-407 | OR-16-8977 |
| 75 | 2019-20 | 5 | | UD-11 | Rengali | TATA ACE | OD-15-K-8546 |
| 76 | 2019-20 | 6 | 64 | | Sadar | TATA ACE | OD-15-A-1080 |
| 77 | 2019-20 | 7 | | UD-12 | Rengali | TATA-207 | OR-02-Y-4569 |
| 78 | 2019-20 | 8 | | UD-4 | Dhama | Bolero Pick up | WB-29-B-2965 |
| 79 | 2019-20 | 9 | | UD-1 | Padiabahal | TATA ACE | OD-16-E-7526 |
| 80 | 2019-20 | 10 | 26 | | Town | Van | OR-15-B-4813 |
| 81 | 2019-20 | 11 | 42 | | Padiabahal | TATA-407 | OR-23-C-7424 |
| 82 | 2019-20 | 12 | | UD-6 | Dhama | AUTO | OD-15-H-4026 |
| 83 | 2019-20 | 14 | | UD-16 | Town | TATA ACE | OR-16-C-9846 |
| 84 | 2019-20 | 15 | | UD-23 | Sadar | Truck | OD-15-G-4462 |
| 85 | 2019-20 | 16 | | UD-24 | Sadar | Bolero Pick up | OD-15-A-9681 |
| 86 | 2019-20 | 17 | 28 | | Dhama | MARUTI OMNI | OR-15-C-4729 |

Thus this Court of Authorised Officer-cum-Asst. Conservator of Forests, Sambalpur Forest Division concludes that the seized vehicles were used for illegal transportation of forest produce in the sole knowledge of the owner as well as his agent/driver violating the Orissa Forest Act, 1972.

Therefore, the undersigned in exercise of the power conferred under Section 56 of O.F.A., 1972, Notification No.12520 dtd.07.06.1983 of the Govt. of Orissa, do hereby order experte that, the above seized vehicles and forest produces etc. seized in, be confiscated to the Government, Odisha. The person aggrieved on the above order may prefer to appeal before the Appellate Authority within statutory period as provided under Section 56 (2-e) of the said Act, failing which action shall be taken for disposal of confiscated property with due observation of the formalities.

The 86 numbers of Confiscation Proceedings as mentioned in the table (as C.C. Nos.) are disposed off accordingly.

**Sd./- Authorised Officer-cum-Asst. Conservator of Forests**
**Sambalpur Forest Division**

OIPR-08104/11/0007/2223

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: ଲଗାତର ୩ୟ ଦିନ ପାଇଁ ଷ୍ଟକ୍ ବଜାର ଶେୟାର ବୃଦ୍ଧି ପାଇଛି। ଏପରିକି ଦଲାଲ ଷ୍ଟ୍ରିଟ୍‌ର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଦେଶରେ ଦର ବୃଦ୍ଧି ଓ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପରେ ମଧ ଷ୍ଟକ୍ ମାର୍କେଟର ୫ମ କାର୍ଯ୍ୟ ଦିବସରେ ମଧ କାରବାର ଭଲ ରହିଛି। ଶୁକ୍ରବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ୧% ରୁ ଊର୍ଦ୍ଧ୍ୱ ଶେୟାର ବୃଦ୍ଧି ଘଟିଛି। ଫଳରେ ସେନ୍‌ସେକ୍ସ ୭୧୨ (୭୧୨.୪୬) ପଏଣ୍ଟ ବୃଦ୍ଧି ଘଟି ୫୭,୫୭୦ (୫୭,୫୭୦.୨୫) ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୨୨୯ (୨୨୮.୬୫) ପଏଣ୍ଟ ବଢ଼ି ୧୭,୧୫୮ (୧୭,୧୫୮.୨୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

# ବାଲ୍‌ମର ଲରିର ନୂତନ କୋଲ୍ଡ ଚେନ୍ ୟୁନିଟ୍




ଭୁବନେଶ୍ୱର,୨୯।୭

ଭାରତ ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ମିନିରତ୍ନ ଆଇପିଏସ୍‌ଇ ବାଲ୍‌ମର ଲରି ଆଣ୍ଡ କୋ. ଲିମିଟେଡ୍ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଏହାର ଅତ୍ୟାଧୁନିକ କୋଲ୍ଡ ଚେନ୍ ୟୁନିଟ୍‌ର ଶୁଭାରମ୍ଭ କରାଯାଇଛି। ବାଲ୍‌ମର ଲରି ଆଣ୍ଡ କୋ. ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆଦିକା ରତ୍ନ ଶେଖରଙ୍କ ସମେତ କମ୍ପାନୀର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଭାରତ ସରକାରଙ୍କ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ, ଶ୍ରମ ଓ ନିଯୁକ୍ତି ରାଜ୍ୟମନ୍ତ୍ରୀ ରାମେଶ୍ୱର ତେଲି ଭିଡିଓ କନ୍‌ଫରେନ୍ସରେ ଏହାର ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ଉପକଣ୍ଠ ଛତାବରଠାରେ ନିର୍ମିତ ଏହି କୋଲ୍ଡଚେନ୍ ୟୁନିଟ ପୂର୍ବାଞ୍ଚଳରେ ପ୍ରଥମ ଏବଂ ସମଗ୍ର ଦେଶରେ ଚତୁର୍ଥ ୟୁନିଟ୍। ସମଗ୍ର ଭାରତରେ ଅତ୍ୟାଧୁନିକ ଭିତ୍ତିଭୂମି ସହ ବାଲ୍‌ମର୍ ଲରି ହେଉଛି ଏକ ସମନ୍ୱିତ ଲଜିଷ୍ଟିକ୍ ସେବା ପ୍ରଦାନକାରୀ ସଂସ୍ଥା ଏବଂ ଏହାର ଲଜି କୋଲ୍ଡ ବ୍ରାଣ୍ଡ ମାଧ୍ୟମରେ ବଜାରରେ ଏହାର ଉପସ୍ଥିତି ବୃଦ୍ଧି କରି ଆସୁଛି। ଭାରତ ସରକାରଙ୍କ 'ଆକ୍ଟ ଇଷ୍ଟ ନୀତି' ଏବଂ 'ଆତ୍ମନିର୍ଭର ଭାରତ'ର ଏକ ପ୍ରୟାସ ସ୍ୱରୂପ ଭୁବନେଶ୍ୱରରେ କୋଲ୍ଡଚେନ୍ ୟୁନିଟ ପ୍ରତିଷ୍ଠା କରାଯାଉଛି। ଏହି କୋଲ୍ଡଚେନ୍ ୟୁନିଟ ପୂର୍ବାଞ୍ଚଳରେ ସାମୁଦ୍ରିକ ଖାଦ୍ୟ, ଦୁଗ୍ଧ, କୃଷିଜାତ ଶିଳ୍ପ, ଏବଂ ରେଷ୍ଟୁରାଣ୍ଟର ଦ୍ରୁତ ସେବା (କ୍ୟୁଏସ୍‌ଆର୍)ର ଚାହିଦା ପୂରଣ କରିବ। ଏହି ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବାଲ୍‌ମର୍ ଲରିର ନିର୍ଦ୍ଦେଶକ (ସେବା ବ୍ୟବସାୟ) ଅଧିପନାଥ ପାଲ ଚୌଧୁରୀ ଉକ୍ତ ୟୁନିଟ୍ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍.ଏମ୍. ଉଥାୟାରାଜା, ନିର୍ଦ୍ଦେଶକ (ଉତ୍ପାଦନ ବ୍ୟବସାୟ) ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆଦିକା ରତ୍ନ ଶେଖର ଭିଡିଓ କନ୍‌ଫରେନ୍ସରେ ଯୋଡ଼ିହୋଇଥିଲେ। କୋଲ୍ଡଚେନ୍ ୟୁନିଟ୍‌କୁ ନୀତିଗତ ଭାବେ ଅବସ୍ଥାନ କରାଯାଇଛି ଏବଂ ଜାତୀୟ ରାଜପଥ ନିକଟରେ ସ୍ଥାପନ କରାଯାଇଥିବାରୁ ଗ୍ରାହକମାନଙ୍କ ପାଇଁ ଏହା ସୁବିଧାଜନକ ହେବ। ଏଠାରେ ବ୍ୟବହୃତ ଅତ୍ୟାଧୁନିକ ଶୀତଳୀକରଣ ଟେକ୍ନୋଲୋଜି ଏବଂ ସ୍ୱୟଂଚାଳିତ ଉତ୍ପାଦ ନିୟନ୍ତ୍ରଣ ଖାଦ୍ୟପଦାର୍ଥଗୁଡ଼ିକରେ ସର୍ବନିମ୍ନ ମାନବ ସ୍ପର୍ଶ ସହିତ ଉତ୍ପାଦଗୁଡ଼ିକର ନିରାପତ୍ତା ଏବଂ ଗୁଣବତ୍ତା ସୁନିଶ୍ଚିତ କରିଥାଏ। ଉନ୍ନତ ସେଟ୍‌ଅପ୍ କେବଳ ଗୁଣାତ୍ମକ ଖାଦ୍ୟ ପଦାର୍ଥ ରପ୍ତାନି ପାଇଁ ନୁହେଁ ବରଂ ନିୟନ୍ତ୍ରିତ ତାପମାତ୍ରାରେ ଫଳ ଓ ପନିପରିବାର ବିଶେଷକରି ଆଳୁ ସଂରକ୍ଷଣ ପାଇଁ ଏହା ଉତ୍କୃଷ୍ଟ। ଗତ ୨ ଦଶନ୍ଧି ମଧ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ୯ଗୁଣା ବୃଦ୍ଧି କରି ଓଡ଼ିଶା ଦେଶର ୪ର୍ଥ ବୃହତ୍ତମ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ ହୋଇପାରିଛି। ଭୁବନେଶ୍ୱରରେ ଏହି କୋଲ୍ଡଚେନ୍ ୟୁନିଟ୍ ପୂର୍ବାଞ୍ଚଳର ସାମୁଦ୍ରିକ ଖାଦ୍ୟର ରପ୍ତାନିକାରୀଙ୍କ ପାଇଁ ଉପଯୁକ୍ତ ଭିତ୍ତିଭୂମି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ୫ଜି ବିଡିଂ ୧.୫ ଟ୍ରିଲିୟନ

ଭୁବନେଶ୍ୱର,୨୯।୭

ଭାରତୀୟ ଟେଲିକମ୍ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର ସରକାର ଗତ ମଙ୍ଗଳବାରଠାରୁ ୫ଜି ନିଲାମି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଆଉ ୭ ରାଉଣ୍ଡ ନିଲାମ ପ୍ରକ୍ରିୟା କାର୍ଯ୍ୟ ଶେଷ କରାଯାଇଛି। ସେହିଭଳି ୪ର୍ଥ ଦିନର ନିଲାମ ପ୍ରକ୍ରିୟା ଶେଷ ସୁଦ୍ଧା ପ୍ରାୟ ୧.୫ ଟ୍ରିଲିୟନ ନିକଟବର୍ତ୍ତୀ ବିଡିଂ ହୋଇପାରିଛି। ଏପରିକି ମୋଟ ୨୩ ରାଉଣ୍ଡ ବିଡିଂ ଶେଷ ସୁଦ୍ଧା ମୋଟ ୧,୪୯,୮୫୫ କୋଟି ଟଙ୍କାର ବିଡ ଆସିଥିବା ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସେହିପରି ଗୁରୁବାର ଭଳି ଶୁକ୍ରବାର ମଧ ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ନିଲାମ ସନ୍ଧ୍ୟା ୬ ଘଟିକାରେ ବିଡିଂ ଶେଷ ହୋଇଥିଲା। ପ୍ରଥମ ଦିନରେ ୪ ରାଉଣ୍ଡ ବିଡିଂ,୨ୟ ଦିନରେ ୫ ରାଉଣ୍ଡ, ୩ୟ ଦିନରେ ୭ ରାଉଣ୍ଡ ଏବଂ ୪ର୍ଥ ଦିନରେ ମଧ ୭ ବିଡିଂ ଡାକ ହୋଇଥିଲା। ଏହିଭଳି ୪ ଦିନରେ ମୋଟ ୨୩ ରାଉଣ୍ଡ ନିଲାମ ପ୍ରକ୍ରିୟା ସମସ୍ତ ନୀତିନିୟମ ଅନୁଯାୟୀ ଆୟୋଜିତ ହୋଇଥିଲା। ଶନିବାର ମଧ ନିଲାମ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

## ଓଡିଏମ୍ ଗ୍ଲୋବାଲ ସ୍କୁଲ ସମ୍ମାନିତ




ଭୁବନେଶ୍ୱର,୨୯।୭

ହାଇଦ୍ରାବାଦରେ ଅନୁଷ୍ଠିତ ୨୪ତମ ବିଶ୍ୱ ଶିକ୍ଷା-ଶିଖର ସମ୍ମିଳନୀ (୨୪ତମ ୱାର୍ଲଡ୍ ଏଜୁକେସନ୍ ସମିଟ୍)ରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ବିଶ୍ୱସ୍ତରୀୟ ସହଯୋଗାତ୍ମକ ଶିକ୍ଷାରେ ଉତ୍କୃଷ୍ଟ ନବାଚାର ପାଇଁ ପ୍ରମାଣପତ୍ର ଓ ବୈଜୟନ୍ତୀ ଦ୍ୱାରା ସମ୍ମାନିତ ହେବାର ଗୌରବ ଲାଭ କରିଛି। ଏହି ଶିଖର ସମ୍ମିଳନୀରେ ଓଡିଏମ୍ ଗ୍ଲୋବାଲ ସ୍କୁଲର ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟମ୍ ସତ୍ୟେନ୍ଦୁ ଓଡିଏମ୍ ଶିକ୍ଷା ସମୂହର ପ୍ରତିନିଧି ଓ ବକ୍ତା ଭାବେ ଯୋଗଦାନ କରି ବିଦ୍ୟାଳୟର ପଠନ କ୍ଷେତ୍ରରେ ନବାଚାର ଓ ସୃଜନଶୀଳତାର ଉତ୍କୃଷ୍ଟ ବ୍ୟବହାର ସମ୍ବନ୍ଧରେ ଆଲୋକପାତ କରି ବିଚାରକମାନଙ୍କୁ ଗଭୀର ପ୍ରଭାବିତ କରିଥିଲା। ଏହି ପରିପ୍ରେକ୍ଷୀରେ ସତ୍ୟେନ୍ଦୁ କହିଛନ୍ତି, ଓଡିଏମ୍ ଗ୍ଲୋବାଲ ସ୍କୁଲ ଏହିପରି ଏକ ବିଶ୍ୱସ୍ତରୀୟ ସହଯୋଗାତ୍ମକ ଓ ଅତ୍ୟାଧୁନିକ ନବାଚାର ପ୍ରୟୋଗକୁ ବିଦ୍ୟାଳୟସ୍ତରୀୟ ଶିକ୍ଷା ପ୍ରଣାଳୀରେ ଅଧିକରୁ ଅଧିକ ପ୍ରୋତ୍ସାହିତ କରି ଛାତ୍ରୀଛାତ୍ରମାନଙ୍କୁ ସମୟୋପଯୋଗୀ ସକ୍ଷମ ମାନବ-ସଂସାଧନ ଏବଂ ଉନ୍ନତ ରାଷ୍ଟ୍ର ଗଠନ ଉଦ୍ଦେଶ୍ୟରେ ଗଢି ତୋଲୁଛି। ଏହି ଅବସରରେ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଓ ମୁଖ୍ୟ ଡକ୍ଟର ସତ୍ୟବ୍ରତ ମୀନକେତନ ଓ ପ୍ରବନ୍ଧିକା ଇନ୍ଦୁମତୀ ରାୟ, ବିଦ୍ୟାଳୟର ଅଧ୍ୟକ୍ଷା ଶୈଳେନ୍ଦ୍ର କୁମାରୀ ତଥା ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ହିରୋ ଫର୍ ହ୍ୟୁମାନିଟି

ଭୁବନେଶ୍ୱର,୨୯।୭

ସମାଜର ଉନ୍ନତି ଦିଗରେ ନିଜର ପ୍ରତିବଦ୍ଧତାକୁ ପାଳନ କରିବାକୁ ଯାଇ ହିରୋ ମୋଟୋକର୍ପ ଓଡ଼ିଶାର ୧୫୦ କୋଭିଡ୍ ପ୍ରଭାବିତ ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରିଛି। କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପ୍ଲାଟ୍‌ଫର୍ମ 'ହିରୋ ୱି କେୟାର' ଅନ୍ତର୍ଗତ ଆରମ୍ଭ ହୋଇଥିବା 'ହିରୋ ଫଭର ହ୍ୟୁମାନିଟି' ପ୍ରୋଜେକ୍ଟରେ କରୋନା ଭାଇରସ୍ ମହାମାରୀ ଯୋଗୁ ଗୁରୁତର ପ୍ରଭାବିତ ହୋଇଥିବା ରାଜ୍ୟର ୧୫୦ ଚିହ୍ନଟ ପରିବାର ପାଇଁ ସ୍ୱତନ୍ତ୍ର କଲ୍ୟାଣ ପ୍ୟାକେଜ ପ୍ରଦାନ କରାଯାଇଛି। ଆସୋସିଏଶନ ଅଫ୍ ବିଜ୍‌ନେସ୍ ଓମେନ ଇନ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏବିଡବ୍ଲ୍ୟୁସିଆଇ) ସହ ମିଳିତ ଭାବେ ଏହି ପ୍ରକଳ୍ପ ଆରମ୍ଭ କରାଯାଇଛି। ଏପରିକି କମ୍ପାନୀ ଓଡ଼ିଶାର ସେହି ପିଲାମାନଙ୍କୁ ସହାୟତା ପ୍ରଦାନ କରିବ, ଯେଉଁମାନେ ସେମାନଙ୍କର ପିତାମାତାଙ୍କ ମଧ୍ୟରୁ ଜଣଙ୍କୁ ଅବା ଉଭୟଙ୍କୁ କିମ୍ବା ଅଭିଭାବକଙ୍କୁ ଏବଂ ସ୍ୱାମୀଙ୍କୁ କୋଭିଡ୍-୧୯ କାରଣରୁ ହରାଇଥିବା ମହିଳାଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବ। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ୨୫ ପରିବାରଙ୍କୁ ରିଲିଫ ପ୍ୟାକେଜ ବଣ୍ଟନ କରାଯାଇଛି।

ଏ ସମ୍ପର୍କରେ ହିରୋ ସିଏସ୍‌ଆର୍ ଏବଂ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଭାରତେନ୍ଦୁ କବି କହିଛନ୍ତି, ଜଣେ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବରେ ହିରୋ ମୋଟୋକର୍ପ ତୁରନ୍ତ ମାନବିକ ଆବଶ୍ୟକତା ତଥା କରୋନା ଭାଇରସ୍ ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ଦୀର୍ଘକାଳୀନ ଅର୍ଥନୈତିକ ଆହ୍ୱାନକୁ ସମାଧାନ କରିବାରେ ସହାୟତା ପ୍ରଦାନ କରୁଛି।



ରାଜ୍ୟର ୧୫୦ ଚିହ୍ନଟ ପରିବାର ପାଇଁ ସ୍ୱତନ୍ତ୍ର କଲ୍ୟାଣ ପ୍ୟାକେଜ ପ୍ରଦାନ କରାଯାଉଛି।

# ପୂର୍ବତଟ ରେଳପଥର ୬୭ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ




ଭୁବନେଶ୍ୱର,୨୯।୭

ପୂର୍ବତଟ ରେଳପଥ ପକ୍ଷରୁ ୬୭ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ସ୍ଥାନୀୟ ରେଳ ଅଡିଟୋରିୟମ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଳ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେବା ସହ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ପାଇଁ ୨୮୫ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ଅଧ୍ୟକ୍ଷା ଅନୁପମା ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ବିଭିନ୍ନ କ୍ଷେତ୍ରରେ ସାମଗ୍ରିକ ପ୍ରଦର୍ଶନ ପାଇଁ ୱାଲ୍‌ଟିୟର ରେଳମଣ୍ଡଳକୁ ସାମଗ୍ରିକ ଦକ୍ଷତା ଶିଲ୍ଡ,ବଲାଙ୍ଗୀର ଷ୍ଟେଶନକୁ ଶ୍ରେଷ୍ଠ ମେଜର କ୍ଲିନ୍ ଷ୍ଟେଶନ ଶିଲ୍ଡ ଏବଂ ହରିଚନ୍ଦନପୁର ଷ୍ଟେଶନକୁ ଶ୍ରେଷ୍ଠ ଛୋଟ କ୍ଲିନ୍ ଷ୍ଟେଶନ୍ ଶିଲ୍ଡ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଦଳଗତ ପୁରସ୍କାର ଏବଂ ବ୍ୟକ୍ତିଗତ ପୁରସ୍କାର ସହ ଦକ୍ଷ ଓ ନିଷ୍ଠାପର କର୍ମଚାରୀ ଏବଂ ବିଭାଗୀୟ ୟୁନିଟ୍‌ଗୁଡ଼ିକୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। ୱାଲ୍‌ଟିୟର ରେଳମଣ୍ଡଳକୁ ଶ୍ରେଷ୍ଠ ଷ୍ଟୋରସ୍ ଡିପୋ,କୋଚିଂ ଡିପୋ, ବାଣିଜ୍ୟିକ, ଇଲେକ୍ଟ୍ରିକାଲ୍ ନନ୍ ଟ୍ରାକ୍ସନ୍ ଏନର୍ଜି ମ୍ୟାନେଜମେଣ୍ଟ, ଅପରେଟିଂ, ରାଜଭାଷା, ସୁରକ୍ଷା, ନିରାପତ୍ତା, କ୍ରୀଡ଼ା, ୱାଗନ୍ ମେଣ୍ଟେନାନ୍ସ ଶିଲ୍ଡ ପ୍ରଦାନ କରାଯାଇଥିବା ବେଳେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳକୁ ଶ୍ରେଷ୍ଠ ସିଭିଲ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଟ୍ରାକ୍ସନ୍, ଫାଇନାନ୍ସ,ସିଗ୍‌ନାଲ ଏବଂ ଟେଲିକମ୍ ଶିଲ୍ଡ ପ୍ରଦାନ କରାଯାଇଥିଲା। ସେହିପରି ସମ୍ବଲପୁର ରେଳ ମଣ୍ଡଳକୁ ପରିବେଶ ଏବଂ ହାଉସ କିପିଙ୍ଗ୍ ପରିଚାଳନା, ସର୍ଭେ ଏବଂ ନିର୍ମାଣ ଏବଂ ଆଇନ ସମ୍ବନ୍ଧୀୟ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ପୁରସ୍କୃତ କରାଯାଇଛି। ଖୋର୍ଦ୍ଧା ରୋଡ୍ ଏବଂ ୱାଲ୍‌ଟିୟର ରେଳ ମଣ୍ଡଳକୁ ମିଳିତ ଭାବେ ମେକାନିକାଲ ଏବଂ ସ୍କ୍ରାପ୍ ଡିସ୍‌ପୋଜାଲ ଶିଲ୍ଡ ପ୍ରଦାନ କରାଯାଇଥିବା ବେଳେ ଖୋର୍ଦ୍ଧା ରୋଡ୍ ଏବଂ ସମ୍ବଲପୁର ରେଳ ମଣ୍ଡଳକୁ ମିଳିତ ଭାବେ କାର୍ମିକ ପର୍ସନାଲ ଶିଲ୍ଡ ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରୁ ପୂର୍ବତଟ ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ମହାପାତ୍ର ସ୍ୱାଗତ ଅଭିଭାଷଣ ସହ ରେଳପଥ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ଏବଂ ଦେଶ ଉନ୍ନତିରେ ରେଳପଥ କର୍ମଚାରୀମାନଙ୍କ କାର୍ଯ୍ୟର ଗୁରୁତ୍ୱ ବିଷୟରେ କହିଥିଲେ। ଉପ ମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ଉତ୍ସବ ପରିଚାଳନା କରିବା ସହ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜାଜ ଆଲିଆଞ୍ଜ ସହ ଡିବିଏସ୍ ବ୍ୟାଙ୍କର ସହଯୋଗିତା

ନୂଆଦିଲ୍ଲୀ,୨୯।୭

ବଜାଜ ଆଲିଆଞ୍ଜ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଡିବିଏସ୍ ବ୍ୟାଙ୍କ୍ ଇଣ୍ଡିଆ ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହା ଜରିଆରେ ବ୍ୟାଙ୍କର ୩ଏମ୍ ଗ୍ରାହକଙ୍କୁ ବ୍ୟାପକ ପ୍ରକାର ଜୀବନ ବୀମା ସମାଧାନ ପ୍ରଦାନ କରାଯିବ। ଏହି ସହଯୋଗିତା ଜରିଆରେ ବଜାଜ୍ ଆଲିଆଞ୍ଜ ଲାଇଫ୍ ଓ ଡିବିଏସ୍ ବ୍ୟାଙ୍କ ଗ୍ରାହକମାନଙ୍କୁ ଜୀବନ ବୀମା ଉତ୍ପାଦରେ ନିବେଶ କରି ନିଜ ଜୀବନର ଆବଶ୍ୟକତାକୁ ପର୍ଯ୍ୟାୟକ୍ରମେ ପୂରଣ କରି ସେମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରହିଛି। ଡିବିଏସ୍‌ର ୫୫୦ରୁ ଅଧିକ ଶାଖାରେ ନୂଆ ଓ ପୁରୁଣା ଗ୍ରାହକମାନେ ଏବେ ବଜାଜ ଆଲିଆଞ୍ଜ ଲାଇଫ୍‌ର ମିଆଦୀ, ସଞ୍ଚୟ, ଅବସରକାଳୀନ ଓ ନିବେଶ ଉତ୍ପାଦଗୁଡ଼ିକୁ ହାସଲ କରପାରିବେ। ମୁମ୍ବାଇରେ ବଜାଜ ଆଲିଆଞ୍ଜ୍ ଲାଇଫ୍ ଇନ୍‌ସ୍ୟୁରାନ୍ସର ଏମ୍‌ଡି ଓ ସିଇଓ ତରୁଣ ଚୁଗ୍ ଓ ଡିବିଏସ୍ ବ୍ୟାଙ୍କ୍ ଇଣ୍ଡିଆର କଞ୍ଜ୍ୟୁମର୍ ବ୍ୟାଙ୍କିଙ୍ଗ୍ ଗ୍ରୁପ୍‌ର ଏମ୍‌ଡି ଓ ମୁଖ୍ୟ ପ୍ରଶାନ୍ତ ଜୋଷୀ ଉଭୟ ସଂସ୍ଥାର ଅନ୍ୟମାନଙ୍କ ଉପସ୍ଥିତିରେ ଏହି କର୍ପୋରେଟ୍ ଏଜେନ୍ସି ବୁଝାମଣା ସ୍ୱାକ୍ଷର କରିଛନ୍ତି।

# ଗୁଣାତ୍ମକ ଉତ୍ପାଦ-ସେବାକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୯।୭

ଦେଶର ପ୍ରମୁଖ ତଥା ଗୁଣାତ୍ମକ ଏବଂ ସଚେତନ ସୋଲାର ବ୍ରାଣ୍ଡ ଭାବେ 'ଗୋଲ୍‌ଡି ସୋଲାର' ବେଶ୍ ପରିଚିତ। ବର୍ତ୍ତମାନ ଏହା ଓଡ଼ିଶାର ବଲାଙ୍ଗୀରଠାରେ ଅବସ୍ଥିତ ଏକ ଅଗ୍ରଣୀ ସୋଲାର ସଲ୍ୟୁସନ ପ୍ରଦାନକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛି। ଯିଏ କି ୯+ ମେଗାୱାଟ୍ ଯୋଗାଣକ୍ରମ ଅର୍ଡର ପାଇପାରିଛି। ଓଡ଼ିଶାରେ ହିଲ୍‌ଡ ପ୍ରୋଜେକ୍ଟ ସହ କମ୍ପାନୀ ସହଭାଗିତାରେ କାର୍ଯ୍ୟ କରୁଛି। ସେହିଭଳି ଚଳିତ ବର୍ଷ ଜୁଲାଇରେ ଏହି ସଂସ୍ଥା ମହାନଦୀ କୋଲ୍ ଫିଲ୍‌ଡ ଲିମିଟେଡ୍ ସହ ମିଶି ଏକ ପ୍ରୋଜେକ୍ଟକୁ ନେଇ କାର୍ଯ୍ୟ କରୁଛି। ଏହାର ଗୁଣାତ୍ମକ ଉତ୍ପାଦ ଓ ସେବା ଦ୍ୱାରା ଲୋକମାନଙ୍କ ନିକଟତର ହୋଇପାରିଛି। କମ୍ପାନୀ ବର୍ତ୍ତମାନ ଗୁଜରାଟରେ ୨ଟି ଅତ୍ୟାଧୁନିକ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଗୋଲ୍‌ଡି ସୋଲାର ଏକ ଦଶନ୍ଧିରୁ ଅଧିକ ସମୟ ଧରି ଶିଳ୍ପ ସମୃଦ୍ଧ ଅଭିଜ୍ଞତା ଅର୍ଜନ କରିପାରିଛି। ଏହାର ବର୍ତ୍ତମାନ ଉତ୍ପାଦନ କ୍ଷମତା ୨.୫ ଜିଡବ୍ଲ୍ୟୁ ରହିଥିବାବେଳେ ଖୁବ୍‌ଶୀଘ୍ର ଏହା ୬ଜିଡବ୍ଲ୍ୟୁକୁ ବୃଦ୍ଧି ହେବାକୁ ଯାଉଛି। ଏ ସମ୍ପର୍କରେ ଗୋଲ୍‌ଡି ସୋଲାରର ସହ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଭାରତ ଭୁତ୍ କହିଛନ୍ତି, ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଆମେ ଏଠାରେ ବହୁ ପ୍ରକଳ୍ପରେ ଅଂଶ ଗ୍ରହଣ କରିବାକୁ ପ୍ରୟାସ କରୁଛୁ। ଆମର ଗୁଣାତ୍ମକ ଉତ୍ପାଦ ଓ ବ୍ରାଣ୍ଡକୁ ନେଇ ଆମର ସୁଦୃଢ ପାଇପଲାଇନ ରହିଛି। ଓଡ଼ିଶାରେ ହିଲ୍‌ଡ ପ୍ରୋଜେକ୍ଟ ସହ ସହଭାଗୀ ହୋଇ ପାରିଥିବାରୁ ଆମେ ଗର୍ବିତ।

## ଭିତ୍ତିଭୂମି କ୍ଷେତ୍ରରେ ଅଭିବୃଦ୍ଧି ଜାରି

ନୂଆଦିଲ୍ଲୀ,୨୯।୭

ଚଳିତ ବର୍ଷ ଜୁନ୍‌ରେ ଭାରତର ୮ଟି ଭିତ୍ତିଭୂମି କ୍ଷେତ୍ର ବ୍ୟାପକ ଅଭିବୃଦ୍ଧି ହାସଲ କରିଛି। ଏପରିକି ଲଗାତର ୨ୟ ମାସ ପାଇଁ ଭିତ୍ତିଭୂମି କ୍ଷେତ୍ରରେ ୨ଅଙ୍କ ବୃଦ୍ଧି ଘଟିଛି। ସେହିପରି ଏହି କ୍ଷେତ୍ରରେ କ୍ରମାଗତ ଭାବେ ଅଭିବୃଦ୍ଧି ହାର ହ୍ରାସ ପାଉଥିବା ଶୁକ୍ରବାର ଶିଳ୍ପ ବିଭାଗ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡିଛି। ଚଳିତ ବର୍ଷ ଜୁନ୍‌ରେ ଭାରତୀୟ କୋର ସେକ୍ଟର ୧୨.୭ % ବୃଦ୍ଧି ପାଇଥିବା ବେଳେ କ୍ରମାଗତ ଭାବେ ଏହା ୪.୧% ଚୁକ୍ତି କରିଛି। ଏ ନେଇ ମଧ ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତ୍ୟ ନାୟାର କହିଛନ୍ତି, ମେ'ମାସରେ ୧୯.୩% ରୁ କୋର ସେକ୍ଟର ଅଭିବୃଦ୍ଧିରେ ଯଥେଷ୍ଟ ମୋଡରେସନ ରହିଛି। ସେହିଭଳି ଜୁନ୍‌ରେ ୧୨.୭% ଅଭିବୃଦ୍ଧି ଯାହା ସାଧାରଣକରଣ ଆଧାରକୁ ପ୍ରତିଫଳିତ କରିଥାଏ। ଇସ୍ପାତ ଏବଂ ଅଶୋଧିତ ତୈଳ ବ୍ୟତୀତ ସମସ୍ତ କ୍ଷେତ୍ରରୁ ସୁସ୍ଥ ପ୍ରଦର୍ଶନ ସହ ଜୁନ୍ ୨୦୨୨ରେ ପ୍ରି-କୋଭିଡ୍ ସ୍ତରରୁ ମୂଳ କ୍ଷେତ୍ର ୮% ଅଭିବୃଦ୍ଧି ରିପୋର୍ଟ କରିଛି।

# ଟାଟା ଷ୍ଟିଲ୍ ପକ୍ଷରୁ ଜେଆର୍‌ଡି ଟାଟାଙ୍କ ୧୧୮ତମ ଜୟନ୍ତୀ



ଭୁବନେଶ୍ୱର,୨୯।୭

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ଟାଟା ଗ୍ରୁପ୍‌ର ଅନ୍ୟତମ ସଂସ୍ଥା ଟାଟା ଷ୍ଟିଲ୍, ଓଡ଼ିଶା ୟୁନିଟ୍ ପକ୍ଷରୁ ଜାହାଙ୍ଗୀର ରତନ୍‌ଜୀ ଦାଦାଭୟା (ଜେଆର୍‌ଡି) ଟାଟାଙ୍କ ୧୧୮ତମ ଜୟନ୍ତୀ ମହା ଆଡମ୍ବର ସହକାରେ ପାଳନ କରାଯାଇଥିଲା। ଏପରିକି ଓଡ଼ିଶାରେ ଥିବା ଏହାର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ ଅବସରରେ କ୍ରୀଡ଼ା, କୁଇଜ, ବୃକ୍ଷରୋପଣ, ରକ୍ତଦାନ ଶିବିର ଭଳି ଅନେକ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର କଳିଙ୍ଗନଗର, ମେରାମଣ୍ଡଳୀ, ଯୋଡ଼ା ଭଳି କାର୍ଯ୍ୟ କ୍ଷେତ୍ରରେ ମଧ ଉପରୋକ୍ତ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା।

ଯାଜପୁର ଜିଲାର ଦୁବୁରିସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ପ୍ରଭାତ ସମୟରୁ ବ୍ରାହ୍ମଣୀପାଳ ହାଉସିଂ କମ୍ପ୍ଲେକ୍ସଠାରେ ଆୟୋଜିତ ରନ୍-ଏ-ଥନ୍ ସହ ଆରମ୍ଭ ହୋଇଥିଲା, ଯେଉଁଥିରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ୩୦୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ସେହିଭଳି ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ରକ୍ତଦାନ ଶିବିର ଓ ପିଲାମାନଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ସମେତ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଓଡ଼ିଶା ବ୍ଲଡ୍ ସେଣ୍ଟର ସହଯୋଗରେ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ କର୍ମଚାରୀ, ଭେଣ୍ଡର ସହଯୋଗୀ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ୬୧ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। କଳିଙ୍ଗନଗର ଆଖପାଖରେ ଟିଏସ୍‌ଏଫ୍ ଚଳାଉଥିବା ୫୯ଟି କମ୍ପ୍ୟୁଟର ଏଜୁକେଶନ ରିସୋର୍ସ ସେଣ୍ଟରଗୁଡ଼ିକରେ ପଢୁଥିବା ପ୍ରାୟ ୧୭୦୦ ପିଲାଙ୍କୁ ନେଇ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେହିପରି କେନ୍ଦୁଝର ଜିଲା ଯୋଡ଼ା ଏବଂ ଏହାର ଆଖପାଖରେ ଥିବା ବିଭିନ୍ନ ୟୁନିଟ୍‌ରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସଂଗଠନର ପ୍ରତିନିଧିଙ୍କ ପକ୍ଷରୁ ଏହି କିମ୍ବଦନ୍ତୀ ବ୍ୟକ୍ତିତ୍ୱଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଯୋଡ଼ା ଇଷ୍ଟ, ଖଣ୍ଡବନ୍ଧ, ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ, ବିଚାକୁଣ୍ଡି ଏବଂ ଫେରୋ ଆଲଏଜ୍ କାରଖାନା, ଯୋଡ଼ାରେ ମଧ୍ୟ ସମାନ ଧରଣର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯୋଡ଼ାର ଟାଟା ଷ୍ଟିଲ୍ ହସ୍ପିଟାଲରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

ଅପରପକ୍ଷରେ ଢେଙ୍କାନାଳ ମେରାମଣ୍ଡଳୀରେ ଥିବା ଟାଟା ଷ୍ଟିଲ୍ କାରଖାନାରେ ଏହି ମହାନ୍ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ବ୍ୟତୀତ ମେରାମଣ୍ଡଳୀ ହାଉସିଂ କଲୋନିରେ କର୍ମଚାରୀ ଓ ସେମାନଙ୍କ ପରିବାର ସମସ୍ୟଙ୍କୁ ନେଇ ଏକ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ସହ ବିଭିନ୍ନ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜୟନ୍ତୀ ପାଳନ ଅବସରରେ ପିଲାମାନଙ୍କ ମଧ୍ୟରେ ବିମାନର ମଡେଲ ପ୍ରସ୍ତୁତ କରିବା ଲାଗି ଏକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହା ବ୍ୟତୀତ ଟିଏସ୍‌ଏଫ୍ ପକ୍ଷରୁ କାରଖାନା ପାଖ ସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଜେଆର୍‌ଡି ଟାଟାଙ୍କ ଜୀବନ ଉପରେ ଆଧାରିତ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# କଳିଙ୍ଗ ହସ୍ପିଟାଲରେ ଖୋଲିବ ସ୍ୱତନ୍ତ୍ର କ୍ୟାନ୍‌ସର ୟୁନିଟ୍

ଭୁବନେଶ୍ୱର,୨୯।୭

ରାଜ୍ୟର ଜଣାଶୁଣା ଘରୋଇ ଚିକିତ୍ସାଳୟ କଳିଙ୍ଗ ହସ୍ପିଟାଲରେ ମିଳିବ ବିଶ୍ୱସ୍ତରୀୟ ଅତ୍ୟାଧୁନିକ କ୍ୟାନ୍‌ସର ଚିକିତ୍ସା। ଖୁବ୍‌ଶୀଘ୍ର କଳିଙ୍ଗ ହସ୍ପିଟାଲରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ସ୍ୱତନ୍ତ୍ର କ୍ୟାନ୍‌ସର ୟୁନିଟ୍ ଖୋଲିବାକୁ ଯାଉଛି। ଏଠାରେ ସମସ୍ତ ପ୍ରକାର କ୍ୟାନ୍‌ସରର ନିଦାନ ଓ ଚିକିତ୍ସା ଉପଲବ୍ଧ ହେବ ବୋଲି କଳିଙ୍ଗ ହସ୍ପିଟାଲର ନୂତନ ପରିଚାଳନା ଦାୟିତ୍ୱ ନେଇଥିବା ଡାକ୍ତର ଏସ୍.କେ.ଦାଶ କହିଛନ୍ତି। କଳିଙ୍ଗ ହସ୍ପିଟାଲ ହେଉଛି ଓଡ଼ିଶାର ପ୍ରଥମ କର୍ପୋରେଟ୍ ହସ୍ପିଟାଲ, ଯାହା ଦୀର୍ଘ ୨୫ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେଇ ଆସିଛି। ଓଡ଼ିଶାରେ କ୍ୟାନ୍‌ସର ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ଏବଂ କ୍ୟାନ୍‌ସର ଚିକିତ୍ସା ପାଇଁ ରୋଗୀମାନେ ରାଜ୍ୟ ବାହାରେ ଯାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାରୁ କଳିଙ୍ଗ ହସ୍ପିଟାଲରେ ଏକ ସ୍ୱତନ୍ତ୍ର କ୍ୟାନ୍‌ସର ୟୁନିଟ୍ ପ୍ରତିଷ୍ଠା ହେବାକୁ ଯାଉଛି। ଏଠାରେ ଗୋଟିଏ ଛାତ ତଳେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା କ୍ୟାନ୍‌ସରର ସମସ୍ତ ଚିକିତ୍ସା ଯଥା ସର୍ଜରି, ରେଡିଓଥେରାପୀ ଓ କେମୋଥେରାପୀ ଇତ୍ୟାଦି ଉପଲବ୍ଧ ହେବ। ଏହି ଅବସରରେ କଳିଙ୍ଗ ହସ୍ପିଟାଲର ବ୍ରାଣ୍ଡ ଆମ୍ବାସାଡର ତଥା ପିଆର୍‌ଓ ଡ. ନାଜିଆ ଆଲମ୍ ଯୋଗଦେଇ ରୋଗୀ ସେବା କ୍ଷେତ୍ରରେ କଳିଙ୍ଗ ହସ୍ପିଟାଲର ଅବଦାନ ଓ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ।



କଳିଙ୍ଗ ହସ୍ପିଟାଲର ନୂତନ ମ୍ୟାନେଜମେଣ୍ଟ ଟିମ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀକୁ ଏସ୍.କେ. ଦାସ ସମ୍ବୋଧିତ କରୁଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପରମାରାଧା ଜଗଜ୍ଜନନୀ ଶ୍ରୀ ଶ୍ରୀ ବଡ଼ ମା'ଙ୍କର ୧୨୯ତମ ଜନ୍ମଦିବସ ପାଳନ ଓ ସାଧାରଣ ସଭା, ସତ୍‌ସଙ୍ଗ ବିହାର, ପୂର୍ବାହ୍ନ ୧୦ଟା ୩୦।
- ଡକ୍ୟୁମେଣ୍ଟାରୀ ଫିଲ୍ମ 'ଦି କଲେଜିଏଟ୍- ଏ ରୋଲ ମଡେଲ', ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ, କିଟ୍ କ୍ୟାମ୍ପସ ୧୭ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ପଣ୍ଡିତ ଡା.ଦାମୋଦର ହୋତାଙ୍କୁ ଶ୍ରଦ୍ଧାଞ୍ଜଳି ଅବସରରେ ସଙ୍ଗୀତ ପରିବେଷଣ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

କଟକ
- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଉଜ୍ୱଳ ଭାରତ, ଉଜ୍ୱଳ ଭବିଷ୍ୟତ ପାୱାର ୨୦୪୭, ଶହୀଦ ଭବନ, ପୂର୍ବାହ୍ନ ୧୦ଟା ୩୦ ।
- କବି, ଗାଳ୍ପିକ ରଞ୍ଜନ କୁମାର ଦାସଙ୍କ ୩ଟି ପୁସ୍ତକ ଉନ୍ମୋଚନ ସମାରୋହ, ଶାରଳା ଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଅଗଷ୍ଟ ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ ଅଫିସ, ୨୯।୭:** ରାଜ୍ୟ ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଆସନ୍ତା ୧୩ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତ ହାଇକୋର୍ଟ ପରିସର, ପ୍ରତ୍ୟେକ ଜିଲାସ୍ତରୀୟ, ରାଷ୍ଟ୍ରସ୍ତରୀୟ ଓ ତାଲୁକସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ କରାଯିବ। ଏଥିରେ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଦେୱାନୀ ଓ ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ ମାମଲା ଆଦିର ଆପୋସ ସମାଧାନ ସହମତିରେ କରାଯାଇପାରିବ। କେବଳ ବିଚାରାଧୀନ ମାମଲା ନୁହେଁ ପ୍ରାକ୍ ମକଦ୍ଦମାସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ବ୍ୟାଙ୍କଋଣ ବିବାଦ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ପାରିବାରିକ ବିବାଦ ମଧ ସମାଧାନ ହୋଇପାରିବ। ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ କରାଯିବ। ଏହି ଲୋକ ଅଦାଲତରେ ମକଦ୍ଦମାର ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ପଡିବ ନାହିଁ। ଲୋକ ଅଦାଲତ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ। ଏ ସମ୍ପର୍କରେ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

### ଓଏପିଏସ୍‌ର ୩ ଅଧିକାରୀଙ୍କ ପଦୋନ୍ନତି

**କଟକ ଅଫିସ, ୨୯।୭:** ଓଡ଼ିଶା ଆର୍ମଡ୍ ପୋଲିସ ସର୍ଭିସ (ଓଏପିଏସ୍)ର ୩ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇ ବଦଳି କରାଯାଇଛି। କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସନ୍ତୋଷ ବିଶ୍ୱାଳଙ୍କୁ ଡେପୁଟି କମାଣ୍ଡାଣ୍ଟ ର୍ୟାଙ୍କକୁ ପଦୋନ୍ନତି ଦିଆଯାଇ କଳାହାଣ୍ଡିସ୍ଥିତ ନବମ ଆଇଆର୍ ବାଟାଲିୟନରେ ଅବସ୍ଥାପିତ କରାଯାଇଛି। କେନ୍ଦ୍ରାପଡ଼ାସ୍ଥିତ ହୋମ୍‌ଗାର୍ଡର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେନ୍ଦ୍ରନାଥ ନାୟକଙ୍କୁ ପଦୋନ୍ନତି ଦିଆଯାଇ କୋରାପୁଟସ୍ଥିତ ସପ୍ତମ ଆଇଆର୍ ବାଟାଲିୟନରେ ଡେପୁଟି କମାଣ୍ଡାଣ୍ଟ ଭାବେ ଅବସ୍ଥାପିତ କରାଯାଇଛି। ଏତଦ୍‌ବ୍ୟତୀତ କଳିଙ୍ଗନଗରସ୍ଥିତ ତୃତୀୟ ଆଇଆର୍ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଭୂତି ଭୂଷଣ ପରିଡ଼ାଙ୍କୁ ଡେପୁଟି କମାଣ୍ଡାଣ୍ଟ ର୍ୟାଙ୍କକୁ ପଦୋନ୍ନତି ଦିଆଯାଇ ଭଞ୍ଜନଗରସ୍ଥିତ ଅଷ୍ଟମ ଆଇଆର୍ ବାଟାଲିୟନରେ ଅବସ୍ଥାପିତ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଟ୍ରାନ୍ସଫର କମିଟି ବୈଠକରେ ଉପରୋକ୍ତ ଓଏପିଏସ୍ କ୍ୟାଡର ଅଧିକାରୀମାନଙ୍କୁ ପଦୋନ୍ନତି ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଦାମ୍ପତ୍ୟ କଳିରେ ହୋଇପାରେ ସମାଧାନ

## ବାବୁସାନ୍-ତୃପ୍ତି-ପ୍ରକୃତି ହାଇଡ୍ରାମା

- ତୃପ୍ତିଙ୍କ ପରିବାର ସହ ଆଲୋଚନା କଲେ ଅଭିନେତା ରବି ମିଶ୍ର
- ଛାତ ଉପରୁ ପ୍ରକୃତି କହିଲେ 'ସମୟ ଆସିଲେ ସବୁ କହିବି'

ଭୁବନେଶ୍ୱର,(ବ୍ୟୁରୋ) ୨୯।୭


ପ୍ରକୃତି ମିଶ୍ର

ରାଜରାସ୍ତାରେ ଅଭିନେତା ବାବୁସାନ୍ ମହାନ୍ତି, ସ୍ତ୍ରୀ ତୃପ୍ତି ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ହୋଇଥିବା ହାଇଡ୍ରାମା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏପରିସ୍ଥିତିରେ ବାବୁସାନ ଓ ତୃପ୍ତିଙ୍କ ଦାମ୍ପତ୍ୟ କଳିର ଶୀଘ୍ର ସମାଧାନ ହୋଇଯାଉ ବୋଲି ପ୍ରଶଂସକ, ଶୁଭାକାଂକ୍ଷୀ ଓ ସମ୍ପର୍କୀୟମାନେ ଚାହୁଁଛନ୍ତି। ଏଥିପାଇଁ ଉଦ୍ୟମ ମଧ ଆରମ୍ଭ ହୋଇଛି। ବାବୁସାନଙ୍କ ପାରିବାରିକ ବନ୍ଧୁ ଅଭିନେତା ରବି ମିଶ୍ର ଶୁକ୍ରବାର ମଧ୍ୟାହ୍ନରେ ତୃପ୍ତି ରହୁଥିବା ସତ୍ୟନଗରସ୍ଥିତ ବାସଘରକୁ ଯାଇଥିଲେ। ସେଠାରେ ସେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ଫେରିଥିଲେ। ଏହି ସମୟରେ ରବି ଗଣମାଧମକୁ କହିଥିଲେ, ଓଡ଼ିଶାବାସୀଙ୍କ ଆଶୀର୍ବାଦ ରହିଛି। ସବୁ ଠିକ୍ ହେବ ଓ ବହୁଶୀଘ୍ର ସମାଧାନ ହେବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବାବୁସାନ ବୁଧବାର ଚେନ୍ନାଇରୁ ଫେରି ବରମୁଣ୍ଡା ଜଗନ୍ନାଥ ବିହାରସ୍ଥିତ ବାସଭବନରେ ବାପା-ମା'ଙ୍କ ସହ ରହୁଥିଲେ ମଧ ଏଯାଏ ସ୍ତ୍ରୀ ତୃପ୍ତି କିମ୍ବା ପୁଅ ପାଖକୁ ଯାଇନାହାନ୍ତି। ସେ ଗୁରୁବାର ପୂର୍ବାହ୍ନରେ ବାଲ୍‌କୋନିକୁ ଆସି ପ୍ରଶଂସକ ଓ ଗଣମାଧମ ପ୍ରତିନିଧିଙ୍କୁ କହିଥିଲେ, ପରିବାର ପାଖରେ ଥିବାରୁ ଖୁସି ଅଛି, ଠିକ ସମୟରେ ଠିକ୍ କଥା କହିବି। ଏପଟେ ଶୁକ୍ରବାର ଅପରାହ୍ନରେ ପ୍ରକୃତି ମଧ ବାବୁସାନଙ୍କ ପରି ତାଙ୍କ ଛାତ ଉପରୁ ଗଣମାଧମକୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଥିଲେ, ସମୟ ଆସିଲେ ସବୁ କହିବି ଆଜ୍ଞା। ଥ୍ୟାଙ୍କ୍ ୟୁ ସୋ ମଚ୍। ଏହାର କିଛି ସମୟ ପରେ ବାପା ମନ୍ମଥ ମିଶ୍ର ଝିଅ ପ୍ରକୃତିଙ୍କ ପାଖରେ ରହି କହିଥିଲେ, ଦୁଇ ପରିବାର ମିଶିଯାଆନ୍ତୁ। ପୂର୍ବରୁ ଯାହା ମୁଁ କହିଥିଲି ସେଥିରେ ମୁଁ ଷ୍ଟାଣ୍ଡ୍ କରୁଛି। କାରଣ ଏଇଟା ସମାଧାନ ହିଁ ହୋଇଯିବା ଦରକାର। ଆଉ ଅଧିକ କିଛି କଥା ନାହିଁ। ବାବୁସାନ ଓ ତୃପ୍ତି ମଧ୍ୟରେ ଆପୋସ ମିଳାମିଶା ହୋଇଗଲେ ସମାଧାନ ହୋଇଗଲା ବୋଲି ଜଣାଯିବ ବୋଲି ସେ କହିଥିଲେ। ସେପଟେ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ଖାରବେଳନଗର ଥାନା ପୋଲିସ ୨ଟି ମାମଲା ରୁଜୁ କରିଛି। ପୋଲିସ ଉଭୟ ପରିବାରର ୭ରୁ ଅଧିକ ସଦସ୍ୟଙ୍କ ସମେତ ପ୍ରକୃତିଙ୍କର ମଧ ବୟାନ ରେକର୍ଡ କରିଛି। ହେଲେ ବାବୁସାନ ଚେନ୍ନାଇ ଆସିବାର ୨ ଦିନ ବିତିଯାଇଥିଲେ ମଧ ପୋଲିସ ତାଙ୍କୁ ପଚରାଉଚରା କରିନାହିଁ। ତେଣୁ ପୋଲିସ ଶୀଘ୍ର ପ୍ରକୃତି, ବାବୁସାନ ଓ ତୃପ୍ତିଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ମାମଲାରେ ଆପୋସ ସମାଧାନ ଉଦ୍ୟମ କରୁ ବୋଲି ପ୍ରଶଂସକମାନେ କହିଛନ୍ତି।

### ସ୍ତ୍ରୀ, ପୁଅଙ୍କ ସହ ଜନ୍ମଦିନ ପାଳିବି: ବାବୁସାନ



ପ୍ରକୃତିଙ୍କ ସହ ସମ୍ପର୍କକୁ ନେଇ ବିବାଦକୁ ଆସିଥିବା ଅଭିନେତା ବାବୁସାନଙ୍କ ଜନ୍ମଦିନ ଶନିବାର ପଡୁଛି। ପ୍ରତିବର୍ଷ ପରିବାର ସଦସ୍ୟ ଓ ଫ୍ୟାନ୍‌ଙ୍କ ଗହଣରେ ସେ ତାଙ୍କ ଜନ୍ମଦିନକୁ ଆଡମ୍ବର ସହକାରେ ପାଳନ କରନ୍ତି। ହେଲେ ହାଇଡ୍ରାମା ଘଟଣା ପରେ ସ୍ତ୍ରୀ ତୃପ୍ତି କୁନି ପୁଅକୁ ଧରି ତାଙ୍କ ବାପଘରକୁ ଚାଲି ଯାଇଛନ୍ତି। ତେବେ ଶୁକ୍ରବାର ରାତିରେ ବାବୁସାନ ଘର ବାହାରକୁ ଆସିଥିବାବେଳେ ତାଙ୍କ ଜନ୍ମଦିନ କିପରି ପାଳନ କରିବେ ଫ୍ୟାନ୍‌ମାନେ ଅତି ଉତ୍କଣ୍ଠାର ସହ ପଚାରିଥିଲେ। ବାବୁସାନ କହିଥିଲେ, ଜନ୍ମଦିନ ଉପଲକ୍ଷେ ଶନିବାର କେକ୍ କଟାଯିବ। ବାପା-ମା'ଙ୍କ ସହ ଜନ୍ମଦିନ ପାଳିବି। ଏଥିସହ ସ୍ତ୍ରୀ ଓ ପୁଅଙ୍କ ପାଖକୁ ଯାଇ ମଧ ଜନ୍ମଦିନ ପାଳିବି ବୋଲି ସେ କହିଥିଲେ।



ନନ୍ଦନକାନନଠାରେ ଶୁକ୍ରବାର ବ୍ୟାଘ୍ର ଦିବସ ପାଳନ ଅବସରରେ ଅତିଥିମାନେ ବାଘର ଛବିଥିବା ପୋଷ୍ଟକାର୍ଡ ଉନ୍ମୋଚନ କରୁଛନ୍ତି।

### ରେଭେନ୍ସା କୁଳସଚିବଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କଟକ ଅଫିସ,୨୯।୭

ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଶୁକ୍ରବାର ଧାରଣା ଦେଇଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟରେ ସମ୍ବଲପୁର ଦିବସ ସମାରୋହ ପାଳନ ପାଇଁ ଅନୁମତି ଦିଆଯାଇ ନ ଥିଲା। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିଲେ। ପରେ କୁଳସଚିବଙ୍କ ସହ ଆଲୋଚନା କରାଯାଇ ଉକ୍ତ ସମାରୋହ ପାଳନ ପାଇଁ ଅନୁମତି ଦିଆଯିବାରୁ ଛାତ୍ରୀଛାତ୍ରମାନେ ଧାରଣାରୁ ହଟିଥିଲେ।

# ନନ୍ଦନକାନନରେ ବଢ଼ିବ ବାଘ ସଂଖ୍ୟା

## ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନ

- ଶାବକଙ୍କୁ ହିଂସ୍ର କରାଯାଇ ଜଙ୍ଗଲରେ ଛଡ଼ାଯିବ
- ବାଘ ଛବି ଥିବା ପୋଷ୍ଟ କାର୍ଡ ଉନ୍ମୋଚନ

ବାରଙ୍ଗ,୨୯।୭(ଡି.ଏନ୍.ଏ.)





ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ପାଳନ ହୋଇଯାଇଛି। ଅତିଥିଭାବେ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭିନାୟାର ଯୋଗଦେଇ କହିଥିଲେ, ରାଜ୍ୟରେ ବାଘ ସଂଖ୍ୟା କମୁଥିବାରୁ ଏହାକୁ ଦୃଷ୍ଟିରେ ରଖି ନନ୍ଦନକାନନରେ ଥିବା ବାଘଙ୍କର ବଂଶବୃଦ୍ଧି କରାଯିବ। ସେମାନଙ୍କ ମଧ୍ୟରେ ଥିବା ଜିନ୍‌କୁ ଚିହ୍ନଟ କରାଯାଇ ପର୍ଯ୍ୟାୟକ୍ରମେ ସେମାନଙ୍କର ମିଳନର ଯୋଜନା କରାଯିବ। ଏଥିସହ ନନ୍ଦନକାନନରେ ଥିବା ୨୬ଟି ବାଘ ମଧ୍ୟରେ ଥିବା ଜିନ୍‌କୁ ଚିହ୍ନଟ କାରଯିବ। ଏଥିପାଇଁ ବେଙ୍ଗାଲୁରୁ ନ୍ୟାଶନାଲ ୱାଇଲ୍ଡଲାଇଫ କଞ୍ଜରଭେଶନ ସେକ୍ଟରର ଜଣେ ବିଶେଷଜ୍ଞଙ୍କ ସହ ଆଲୋଚନା ହୋଇଛି। ସେ ଖୁବ୍‌ଶୀଘ୍ର ନନ୍ଦନକାନନ ଆସି ଏଠାକାର ବାଘଙ୍କ ବିଷୟରେ ଅନୁଧ୍ୟାନ ଓ ଗବେଷଣା କରିବା ପରେ ସମ୍ପୂର୍ଣ୍ଣ ବିବରଣୀ ମିଳିପାରିବ। ଏହାପରେ କେଉଁ କେଉଁ ପ୍ରକାର ଜିନ୍ ସେମାନଙ୍କଠାରେ ରହିଛି ଜଣାପଡିବା ପରେ ସେ ଅନୁସାରେ କାହାର କାହା ସହ ମିଳନ କରାଯିବ ତାହା ସ୍ଥିର ହେବ ବୋଲି ନିର୍ଦ୍ଦେଶକ ଭିନାୟାର କହିଛନ୍ତି।

ଏହାସହ ଏଠାକାର ଜଙ୍ଗଲୀ ପ୍ରବୃତ୍ତି ଥିବା ବାଘଙ୍କର ମିଳନରୁ ଜନ୍ମିତ ଶାବକଙ୍କୁ ହିଂସ୍ର କରାଯାଇ ଜଙ୍ଗଲରେ ଛଡ଼ାଯିବ। ଜଙ୍ଗଲରେ କିଭଳି ଶିକାର କରିବା, ସେଠାକାର ପରିବେଶ ସହ କିଭଳି ଖାପଖୁଆଇ ବଞ୍ଚିପାରିବା ଭଳି ସେମାନଙ୍କୁ ଟ୍ରେଣ୍ଡ କରାଯିବ। ଏଥିସହ ସେମାନଙ୍କୁ ଜଙ୍ଗଲର ପ୍ରାକୃତିକ ପରିବେଶରେ ଛଡ଼ାଯିବାର ଯୋଜନା କରାଯାଉଛି ବୋଲି ନିର୍ଦ୍ଦେଶକ କହିଥିଲେ। ସ୍ଥାନୀୟ ବାଘ ପ୍ରତିମୂର୍ତ୍ତି ପାଖରେ ଆୟୋଜିତ ବ୍ୟାଘ୍ର ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ପିସିସିଏଫ ୱାଇଲ୍ଡ ଲାଇଫ ଶଶୀ ପଲ ଯୋଗଦେଇ ପର୍ଯ୍ୟଟକଙ୍କୁ ନେଇ ବ୍ୟାଘ୍ର ସଂରକ୍ଷଣ ଉପରେ ଆଧାରିତ କୁଇଜ୍‌ରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପର୍ଯ୍ୟଟକଙ୍କୁ ନେଇ ଏକ ଦସ୍ତଖତ ଅଭିଯାନ ହେବା ସହ ବାଘମାନଙ୍କ ଏନକ୍ଲୋଜରର ଦାୟିତ୍ୱରେ ଥିବା ଜନ୍ତୁରକ୍ଷକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍‌ଲାଇନରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମଧ ହୋଇଥିଲା। ନନ୍ଦନକାନନର ବାଘଙ୍କ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଥିବା ନନ୍ଦନମ ନାମକ ତ୍ରୈମାସିକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଓଡ଼ିଶା ଡାକ ସର୍କଲ ଦ୍ୱାରା କରାଯାଇଥିବା ବାଘର ଛବିଥିବା ପୋଷ୍ଟ କାର୍ଡ ଉନ୍ମୋଚନ ହୋଇଥିଲା। ଏଥିସହ ବାଘ ଏନକ୍ଲୋଜରରେ ପର୍ଯ୍ୟଟକଙ୍କ ପାଇଁ ସେଲ୍ଫି ପଏଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ସମସ୍ତ ବାଘଙ୍କୁ ସୁସ୍ୱାଦ ଖାଦ୍ୟ ଖାଇବାକୁ ଦିଆଯାଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶାଶ୍ୱତୀ


@ ବିନାୟକ


@ ରିଙ୍କୁ


@ ଲକ୍ଷ୍ମୀଧର


@ ସତ୍ୟଜିତ୍

# ହୋଟେଲରେ ଯୁବକଙ୍କ ମୃତ୍ୟୁ

- ହାତରେ ଧରିଥିଲେ ମୋବାଇଲ, ହୃଦ୍‌ଘାତ ସନ୍ଦେହ
- ବିଶାଖାପାଟଣାରୁ ବ୍ୟବସାୟିକ କାର୍ଯ୍ୟରେ ଆସିଥିଲେ

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗରସ୍ଥିତ ମ୍ୟାରିଗୋଲ୍ଡ ହୋଟେଲରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାର ସୌମ୍ୟଜୁଲା ରବିଶଙ୍କର ଭାସ୍କର ରାଓ (୪୧)। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ବ୍ୟବସାୟିକ କାର୍ଯ୍ୟରେ ସୌମ୍ୟଜୁଲା ଭୁବନେଶ୍ୱର ଆସି ଉକ୍ତ ହୋଟେଲରେ ରହିଥିଲେ। ରାତି ଟ୍ରେନରେ ତାଙ୍କ ବନ୍ଧୁ ଆସି ସେଠାରେ ରହିଥାନ୍ତେ। ହେଲେ ବିଳମ୍ବିତ ରାତିରେ ସୌମ୍ୟଜୁଲାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଏନେଇ କର୍ମଚାରୀଙ୍କୁ ସେ ଡାକିଥିଲେ। ହୋଟେଲ କର୍ମଚାରୀ ତାଙ୍କ ରୁମ୍‌ରେ ପହଞ୍ଚିବା ବେଳକୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ହାତରେ ମୋବାଇଲ୍ ଫୋନ୍ ରହିଥିଲା। କର୍ମଚାରୀମାନେ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ପୋଲିସ ସେଠାରେ ଆସି ପହଞ୍ଚି ତଦନ୍ତ କରିଥିଲା।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଶୁକ୍ରବାର ଅନୁଷ୍ଠିତ ଉତ୍କଳ ମହିଳା ସମିତିର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।


ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ(ଇକୋରୋ)ର ଅଧ୍ୟକ୍ଷା ଅନୁପମା ଶ୍ରୀବାସ୍ତବଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତାମାନେ ଶୁକ୍ରବାର ଭୁବନେଶ୍ୱରର ଆଶା କିରଣରେ ରହୁଥିବା ଅନ୍ତେବାସୀଙ୍କୁ ପ୍ରିଣ୍ଟର୍ ସହିତ ଏକ କମ୍ପ୍ୟୁଟର ଡେସ୍କଟପ ସେଟ ପ୍ରଦାନ କରିଛନ୍ତି। ସଂଗଠନର ସମ୍ପାଦିକା ମନମିତା ମଣ୍ଡଳ, କୋଷାଧ୍ୟକ୍ଷା ଭାରତୀ ନିନାୱେ ଏବଂ ରୋଜିନା ଜେନା ପ୍ରମୁଖ ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### ବାପାଙ୍କୁ ମାଡ଼ ମାରି ପୁଅବୋହୂ ଗିରଫ

ଯାଁଳା,୨୯।୭(ଡି.ଏନ୍.ଏ.): ବାପାଙ୍କୁ ନିର୍ଯାତନା ସହ ମାଡ଼ ମାରିବା ଅଭିଯୋଗରେ ଶୁକ୍ରବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ପୁଅ ବୋହୂଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଣେଶ ସାହୁ ଓ ବନିତା। ଅଭିଯୋଗ ମୁତାବକ, ମଦନପୁର ପଞ୍ଚାୟତର ଦେଉଳିଆପାଟଣା ଗ୍ରାମର ଲକ୍ଷ୍ମଣ ସାହୁ (୮୦) ଓ ତାଙ୍କ ସ୍ତ୍ରୀ ତପୋଇ ପୁଅବୋହୂ ପାଖରେ ରହୁଥିଲେ। ବୟସାଧିକ ଯୋଗୁ ଲକ୍ଷ୍ମଣଙ୍କ ଆଖିକୁ ଦେଖାଯାଉ ନ ଥିବା ବେଳେ ସ୍ତ୍ରୀ ତପୋଇ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ଥିଲେ। କୌଣସି କାରଣରୁ ୬ବର୍ଷ ହେବ ତପୋଇ ଝିଅଘରେ ରହୁଥିଲେ। ଗତ ୨୬ ତାରିଖରେ ଲକ୍ଷ୍ମଣଙ୍କୁ ତାଙ୍କ ପୁଅବୋହୂ ମାଡ଼ ମାରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ତପୋଇ ଓ ଝିଅ ପହଞ୍ଚିଥିଲେ। ଏନେଇ ସେମାନେ ଯାଁଳା ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଆଇନଜୀବୀ ମଧୁସ୍ମିତା ରଥଙ୍କ ହସ୍ତକ୍ଷେପ ପରେ ପୋଲିସ ଅଭିଯୋଗ ଗ୍ରହଣ କରି ପୁଅ ବୋହୂଙ୍କୁ ଗିରଫ କରିଥିଲା।

### ମୋରମ ଖଣିରେ ଚଢ଼ାଉ, ୭ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨୯।୭(ଡି.ଏନ୍.ଏ.): ଟାଙ୍ଗୀ ତହସିଲ ଅନ୍ତର୍ଗତ ଚଣ୍ଡେଶ୍ୱର ଅଞ୍ଚଳରେ ଥିବା ଏକ ମୋରମ ଖଣିରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିବା ସହ ୬ଟି ହାଇୱା ଓ ଗୋଟିଏ ପୋକଲିନ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର କୁମାର ଯାଦବ, ରଘୁବୀର ଯାଦବ, ନରେଶ ସିଂ, ବିହାରର ଦୁର୍ଗା ପ୍ରସାଦ ଯାଦବ, ଉତ୍ତରପ୍ରଦେଶର ଅରବିନ୍ଦ ଓ ରାମପତି, ଓଡ଼ିଶା ଯାଜପୁର ଜିଲା ସୁକିନ୍ଦାର ଶେଷଦେବ ନାୟକ। ସୂଚନା ମୁତାବକ, ଚଣ୍ଡେଶ୍ୱର ଅଞ୍ଚଳରୁ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ନେଇ ଟାଙ୍ଗୀ ପୋଲିସକୁ ସୂଚନା ମିଳିଥିଲା। ଖବର ପାଇ ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ସଦଳବଳ ଉକ୍ତ ଖଣିରେ ଚଢ଼ାଉ କରି ଗାଡ଼ି ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଧରିଥିଲେ।

### ୧୦ ଥାନା ଅଧିକାରୀଙ୍କ ବଦଳି

ପୁରୀ ଅଫିସ,୨୯।୭: ପୁରୀ ଜିଲାରେ ୧୦ ଥାନା ଅଧିକାରୀଙ୍କ ବଦଳି ହୋଇଛି। ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଏ ନେଇ ଥାନା ଅଧିକାରୀମାନଙ୍କୁ ଚିଠି ଦ୍ୱାରା ସୂଚନା ଦିଆଯାଇଛି। କୃଷ୍ଣପ୍ରସାଦ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କୁ କୁମାରପଡ଼ା, ଅସ୍ତରଙ୍ଗ ଥାନା ଅଧିକାରୀ ବାମଦେବ ନନ୍ଦଙ୍କୁ ଅସ୍ତରଙ୍ଗ ମେରାଇନ ଥାନା, ଅସ୍ତରଙ୍ଗ ମେରାଇନ ଥାନା ଅଧିକାରୀ ରବୀନ୍ଦ୍ର ସେଠୀଙ୍କୁ ଚନ୍ଦ୍ରଭାଗା ମେରାଇନ ଥାନାକୁ ବଦଳି କରାଯାଇଛି। ସେହିପରି ପଞ୍ଚାନନ ପରିଡ଼ାଙ୍କୁ ଜିଲା ମୁଖ୍ୟାଳୟରୁ ଅସ୍ତରଙ୍ଗ ଥାନା, ସୁନୀଲ କୁମାର ପ୍ରଧାନଙ୍କୁ ସିଂହଦ୍ୱାର ଥାନାରୁ ଗୋପ ଥାନା, ଶରତ କୁମାର ନାୟକଙ୍କୁ ରାମଚଣ୍ଡୀ ଥାନାରୁ କୃଷ୍ଣପ୍ରସାଦ ଥାନା, ଶ୍ୱେତପଦ୍ମା ଦାଶଙ୍କୁ ଜିଲା ମୁଖ୍ୟାଳୟରୁ ସିଂହଦ୍ୱାର ଥାନା ଏବଂ ଉପେନ୍ଦ୍ରନାଥ ଦାଶଙ୍କୁ ପେଣ୍ଠକଟା ମେରାଇନ ଥାନାକୁ ବଦଳି ହୋଇଛି। ପେଣ୍ଠକଟା ମେରାଇନ ଥାନାର ଜ୍ଞାନେନ୍ଦ୍ର କୁମାର ସାହୁଙ୍କୁ ମହିଳା ବିରୋଧୀ ଅପରାଧ ତଦନ୍ତ ଶାଖା ଦାୟିତ୍ୱ ଦିଆଯାଇଛି। ଜିଲା ମୁଖ୍ୟାଳୟ ଦାୟିତ୍ୱରେ ଥିବା ସଞ୍ଜୟ କୁମାର ନାୟକଙ୍କୁ ରାମଚଣ୍ଡୀ ଥାନାରେ ଅବସ୍ଥାପିତ କରାଯାଇଛି।

# ଇଞ୍ଜେକ୍ସନ ନେବା ପରେ ଚାଲିଗଲା ଜୀବନ

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

**କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା**
- ପ୍ରେସ୍‌କ୍ରିପ୍‌ଶନ ଛଡ଼ାଇ ନେଲେ ଡାକ୍ତର
- ଅପମୃତ୍ୟୁ ମାମଲା ରୁଜୁ, ପୋଲିସର ତଦନ୍ତ ଆରମ୍ଭ
- ତଦନ୍ତ ପାଇଁ ଗଠନ ହୋଇଛି ଟିମ୍‌: ହସ୍ପିଟାଲ କର୍ତ୍ତୃପକ୍ଷ

ସ୍ୱାସ୍ଥ୍ୟ ସେବାକୁ ନେଇ ସାରା ରାଜ୍ୟରୁ ଆସୁଛି ନାନା ଅଭିଯୋଗ। ଏସ୍‌ସିବି ମେଡିକାଲର ଭୁଲ୍ କ୍ୟାନ୍‌ସର ରିପୋର୍ଟ ପାଇଁ ମହିଳା ଅଙ୍ଗ ହରାଇଥିବାବେଳେ ଭୁଲ୍ ଇଞ୍ଜେକ୍ସନ ଓ ତ୍ରୁଟିପୂର୍ଣ୍ଣ ଚିକିତ୍ସାଯୋଗୁ ଅନେକଙ୍କ ଜୀବନ ଯାଉଛି। ଏବେ ରାଜଧାନୀର ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ସମାନ ଘଟଣା ଘଟିଛି। ଇଞ୍ଜେକ୍ସନ ନେବାର କିଛି ସମୟ ପରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଧଉଳି ଥାନା ଅନ୍ତର୍ଗତ ଜଗନ୍ନାଥପୁରପାଟନା ଗାଁର ଦୁଃଶାସନ ସାହୁ (୫୫)। ଭୁଲ୍ ଚିକିତ୍ସା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣି ହୋହଲ୍ଲା କରିବାରୁ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଆଧାରରେ ଧଉଳି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୦୨୨) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ଚିତ୍ତ ଜେନା କହିଛନ୍ତି। ସୂଚନା ଅନୁଯାୟୀ, ସକାଳେ ଦୁଃଶାସନ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପୁତୁରା ଶତୃଘ୍ନ ତାଙ୍କୁ ସ୍ଥାନୀୟ ମ୍ୟୁନିସିପାଲିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ଏକ ଇଞ୍ଜେକ୍ସନ ଦିଆଯାଇଥିଲା। ଅଧିକ ଚିକିତ୍ସା ଲାଗି ପରିବାର ଲୋକେ ତାଙ୍କୁ କ୍ୟାପିଟଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଏସିଡିଟି ହୋଇଥିବା କହି କିଛି ପରୀକ୍ଷା କରିଥିଲେ। ପ୍ରେସ୍‌କ୍ରିପ୍‌ଶନରେ ଔଷଧ ଲେଖିବା ସହ ୨ଟି ଇଞ୍ଜେକ୍ସନ ଦେଇଥିଲେ। ୪୫ ମିନିଟ୍ ପରେ ଦେହ ଠିକ୍ ହୋଇଯିବ କହି ଡାକ୍ତର ରୋଗୀଙ୍କୁ ଘରକୁ ନେଇଯିବାକୁ କହିଥିଲେ। କିନ୍ତୁ ଇଞ୍ଜେକ୍ସନ ନେବା ପରେ ଦୁଃଶାସନଙ୍କ ଛାତିରେ ଅଧିକ ଯନ୍ତ୍ରଣା ହୋଇଥିଲା। ଏନେଇ ପରିବାର ଲୋକ ଡାକ୍ତରଙ୍କୁ ଜଣାଇବାରୁ ସେ କିଛି ହେବନି ଘରକୁ ପଳାଇଯାଅ ବୋଲି କହିଥିଲେ। ଏହାପରେ ପରିବାର ଲୋକେ ଦୁଃଶାସନଙ୍କୁ ଧରି ଘରକୁ ଫେରୁଥିଲେ। ବାଟରେ ସାମନ୍ତରାପୁର ଛକ ନିକଟରେ ତାଙ୍କ ଯନ୍ତ୍ରଣା ଅସହ୍ୟ ହୋଇଥିଲା ଓ ସେ ସଂଜ୍ଞାହୀନ ହୋଇପଡିଥିଲେ। ଫଳରେ ତାଙ୍କୁ ପୁଣି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କାଜୁଆଲିଟିରେ ଜଣେ ମହିଳା ଡାକ୍ତର ରୋଗୀଙ୍କ ପ୍ରେସ୍‌କ୍ରିପ୍‌ଶନ ଛଡ଼ାଇ ନେଇଥିଲେ। ପରିବାର ଲୋକେ ପଚାରିବାରୁ ଚିକିତ୍ସା ସରିବା ପରେ ଦିଆଯିବ ବୋଲି କହିଥିଲେ। ଏହା ପରେ ଦୁଃଶାସନଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହାକୁ ନେଇ ମଧ୍ୟାହ୍ନରେ ମେଡ଼ିକାଲ ପରିସରରେ ମୃତକଙ୍କ ସମ୍ପର୍କୀୟମାନେ ପାଟିତୁଣ୍ଡ କରିଥିଲେ। ଭୁଲ୍ ଇଞ୍ଜେକ୍ସନ ଓ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଦୁଃଶାସନଙ୍କ ମୃତ୍ୟୁ ହେଲା ଓ ଏଥିପାଇଁ ଚିକିତ୍ସା କରୁଥିବା ଡାକ୍ତର ହିଁ ଦାୟୀ ବୋଲି ଅଭିଯୋଗ କରିଥିଲେ। ଦୀର୍ଘ ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ବିଭାଗ ପକ୍ଷରୁ ତଦନ୍ତ ଟିମ୍ ଗଠନ କରାଯାଇଛି। ଶନିବାର ଉକ୍ତ ଟିମ୍ ତଦନ୍ତ ରିପୋର୍ଟ ପ୍ରଦାନ କରିବ ବୋଲି ସେ କହିଛନ୍ତି।



ରାଜଧାନୀକୁ ହାଇକୋର୍ଟ ସ୍ଥାନାନ୍ତର ପାଇଁ ଶୁକ୍ରବାର ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଦାବି କରାଯାଉଛି।

### ବିଦ୍ୟୁତ୍ ଆଘାତରେ ନାବାଳକଙ୍କ ମୃତ୍ୟୁ

ଟାଙ୍ଗୀ(ଖୋର୍ଦ୍ଧା),୨୯।୭(ଡି.ଏନ୍.ଏ.)

ଟାଙ୍ଗୀ ଥାନା ମଙ୍ଗଳାଯୋଡ଼ି ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲାଲୁ ସାହୁ(୧୬)। ଲାଲୁ ଘରେ କାଠ କାମ ପାଇଁ ବିଦ୍ୟୁତ୍ ତାର ମରାମତି କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବେଙ୍ଗାଲୁରୁରେ ରାଜ୍ୟସ୍ତରୀୟ ଚିତ୍ରକଳା ଶିବିର


ଅତିଥିମାନେ ଚିତ୍ରକଳା ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୨୯।୭(ବ୍ୟୁରୋ)

**୨୫ ଶିଳ୍ପୀଙ୍କ ମଧ୍ୟରୁ ୧୬ଜଣ ନାରୀ**

ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ରାଜ୍ୟ ବାହାରେ ବେଙ୍ଗାଲୁରୁଠାରେ ୪ଦିନିଆ ରାଜ୍ୟସ୍ତରୀୟ ଆଦିବାସୀ ଚିତ୍ରକଳା ଶିବିର ଆୟୋଜିତ ହୋଇଯାଇଛି। ଗୁରୁବାର ଉତ୍ସବରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କର୍ନାଟକ ଲଳିତ କଳା ଏକାଡେମୀର ସଭାପତି ଡି. ମହେନ୍ଦ୍ର ଓ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଦାସ କହିଛନ୍ତି, ସଉରା ଜନଜାତି ଚିତ୍ରକଳା ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ। ସମ୍ମାନିତ ଅତିଥି ଭାବେ ଡି. ମହେନ୍ଦ୍ର ଯୋଗଦେଇ ଓଡ଼ିଶାର ଆଦିବାସୀ ଶିଳ୍ପୀମାନଙ୍କୁ ଦେଖି ଖୁସିବ୍ୟକ୍ତ କରି କହିଛନ୍ତି, ଏହି ଶିବିର ଦ୍ୱାରା କର୍ନାଟକର ଶିଳ୍ପୀମାନେ ଅନୁପ୍ରାଣିତ ହେବେ। ସେହିଭଳି ଏକାଡେମୀ ସଭାପତି ପଟ୍ଟନାୟକ କହିଛନ୍ତି, ପ୍ରଥମଥର ଲଳିତ କଳା ଏକାଡେମୀ ପକ୍ଷରୁ ଓଡ଼ିଶାର ଶିଳ୍ପୀମାନଙ୍କୁ ନେଇ ଏହିପରି ଚିତ୍ରକଳା ଶିବିର ଆୟୋଜନ କରାଯାଇଛି। ଏକାଡେମୀ ସଚିବ ପଞ୍ଚାନନ ସାମଲ ଶିବିର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ୧୬ଜଣ ନାରୀ ଶିଳ୍ପୀ ସମେତ ମୋଟ ୨୫ଜଣ ଶିଳ୍ପୀ ସଉରା ଜନଜୀବନର ବିଭିନ୍ନ ଘଟଣାକୁ ନେଇ ଚିତ୍ର କରିଛନ୍ତି। କର୍ନାଟକ ଚିତ୍ରକଳା ପରିଷଦର ସାଧାରଣ ସମ୍ପାଦକ ଏସ.ଏନ. ଶଶୀଧର ଓ ସହ ସମ୍ପାଦକ ବି.ଏଲ. ଶ୍ରୀନିବାସ ଓ ବେଙ୍ଗାଲୁରୁରେ ଥିବା ଅନେକ ଓଡ଼ିଆ ଶିଳ୍ପୀମାନେ ଉପସ୍ଥିତ ଥିଲେ।

## ସ୍କେଶାଲାଇଜ୍ଡ ପ୍ରୋଗ୍ରାମ ଇନ୍ ଇ-ଗଭର୍ନାନ୍ସ ପ୍ରଶିକ୍ଷଣ ସରିଲା

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ରାଜ୍ୟ ଇଲେକ୍ଟ୍ରୋନିକ୍ସ, ଆଇଟି ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍) ତରଫରୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ସ୍ମାର୍ଟ ଗଭର୍ନମେଣ୍ଟ (ଏନ୍‌ଆଇଏସ୍‌ଜି) ସହଯୋଗରେ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରୁ ୪୦ଜଣ ଅଧିକାରୀଙ୍କୁ ଇ-ଗଭର୍ନାନ୍ସ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ସ୍କେଶାଲାଇଜ୍ଡ ପ୍ରୋଗ୍ରାମ ଇନ୍ ଇ-ଗଭର୍ନାନ୍ସ) ଦିଆଯାଇଛି। ଜୁଲାଇ ୨୫ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଓକାକ୍‌ର ସାଧାରଣ ପରିଚାଳକ(ପ୍ରଶାସନ) ମଧୁମିତା ରଥ ରାଜ୍ୟ ସରକାରଙ୍କ ୫-ଟି ଆଧାରରେ ବିଭିନ୍ନ ସେବା ପ୍ରଦାନକୁ ଗୁରୁତ୍ୱ ଦେଉଥିବା ବେଳେ ଟିମ୍ ୱାର୍କ ବା ଦଳଗତ ପ୍ରଚେଷ୍ଟାରେ ବିଭାଗୀୟ କାର୍ଯ୍ୟ ସକାରାତ୍ମକ ମନୋଭାବ ନେଇ ସୁସମ୍ପାଦନ କରିବାକୁ ପ୍ରକାଶ କରିଥିଲେ। ଓକାକ୍‌ର ଯୁଗ୍ମ ପରିଚାଳକ ସରୋଜ କୁମାର ତ୍ରିପାଠୀ, ଏନ୍‌ଆଇଏସ୍‌ଜିର ଡେପୁଟି ଜେନେରାଲ ମ୍ୟାନେଜର ରାଜେଶ ଚୌଧୁରୀ ଉପସ୍ଥିତ ଥିଲେ। ପି. ସାଇ ସମୀର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଦିବସଗୁଡ଼ିକରେ ବିଶେଷଜ୍ଞ ପ୍ରକାଶ ରାଓ ସୁଞ୍ଝୁ, ବି.ଜି.ଗୁପ୍ତା, ସନ୍ଦୀପ ମୁଦାଲକର, ଭେଙ୍କଟେଶ୍ୱରଲୁ ମାଦାଲା, ଅଭିରାମ କ୍ରିଷ୍ଣା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଗଭର୍ନାନ୍ସର ଲକ୍ଷ୍ୟ, ଉଦ୍ଦେଶ୍ୟ, ଡିଜିଟାଲ ଇଣ୍ଡିଆ ଫ୍ରେମ ୱାର୍କ, ଇ-କ୍ରାନ୍ତି, ସରକାରୀ ସେବା ପ୍ରଦାନ ବ୍ୟବସ୍ଥାର ବିଭିନ୍ନ ମଡେଲ, ଗଭର୍ନମେଣ୍ଟ ପ୍ରୋସେସ୍ ରି ଇଞ୍ଜିନିୟରିଂ, ବିଭିନ୍ନ ପ୍ରକାର ସରକାରୀ ସେବା ପ୍ରଦାନରେ ଗୁଣାତ୍ମକମାନ ବୃଦ୍ଧି, ପ୍ରକଳ୍ପ ଉପସ୍ଥାପନର ବିବରଣୀ(ଡିପିଆର ପ୍ରସ୍ତୁତି), ସୂଚନା ପ୍ରଦାନ ବ୍ୟବସ୍ଥା ସିକ୍ୟୁରିଟି ପଲିସି, ସାଇବର ସିକ୍ୟୁରିଟି ବ୍ୟବସ୍ଥା, ବିଭିନ୍ନ ବ୍ୟବସ୍ଥାର କମ୍ପ୍ୟୁଟରୀକରଣ, ଡାଟା ଆନାଲିସିସ୍, ତଥ୍ୟ ସଂରକ୍ଷଣ ପାଇଁ କ୍ଲାଉଡ୍ ବ୍ୟବସ୍ଥା, ବିଭିନ୍ନ ପ୍ରକଳ୍ପ ଉପସ୍ଥାପନ ବେଳେ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକ ପ୍ରତି ଦୃଷ୍ଟି ଦେବା ସହ ବିଭିନ୍ନ ପ୍ରସଙ୍ଗରେ ଅଧିକାରୀଙ୍କର ଦକ୍ଷତା ବୃଦ୍ଧି ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

## ଡିସିପିଙ୍କ ଦ୍ୱାରସ୍ଥ ହେଲେ ଜମି ମାଲିକ

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

**ପାଚେରି ଭାଙ୍ଗି ୨ ଭାଇଙ୍କ ଧମକ, ଶୁଣୁନି ପୋଲିସ**

ଶହୀଦନଗର ଥାନା ଅନ୍ତର୍ଗତ ପୁରୀ ବାଇପାସ ରୋଡ ନିକଟ ଖାରପଡ଼ା ମୌଜାରେ ଜମି କିଣିଥିବା ଜମି ମାଲିକମାନେ ନିଜ ଜମିରେ କୌଣସି ନିର୍ମାଣ କରିପାରୁ ନାହାନ୍ତି। ଖାରପଡ଼ା ଅଞ୍ଚଳର ୨ ଭାଇ ଧମକ ଦେବା ସହ ନିର୍ମାଣ ପାଚେରୀ ଆଦିକୁ ଭାଙ୍ଗି ଦେଉଛନ୍ତି। ଏନେଇ ସେମାନେ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ତେଣୁ ଶୁକ୍ରବାର ୧୭ରୁ ଊର୍ଦ୍ଧ୍ୱ ଜମି ମାଲିକ ନ୍ୟାୟ ପାଇଁ ଭୁବନେଶ୍ୱର ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଡିସିପି ଅଫିସ ପକ୍ଷରୁ ସେମାନଙ୍କ ଅଭିଯୋଗ ପତ୍ର ରଖାଯିବା ସହ ୨ରୁ ୩ ଦିନ ପରେ ପୁଣିଥରେ ଆସିବାକୁ କୁହାଯାଇଛି। କଟକ ଜିଲା ବାଦମବାଡ଼ି ଥାନା ଅଞ୍ଚଳର ଜମି ଜଣେ ମାଲିକ ସଞ୍ଜୟ କୁମାର ଗୁପ୍ତା କହିଛନ୍ତି, ୨୦୦୬ରୁ ଉକ୍ତ ସ୍ଥାନରେ ତାଙ୍କ ସହ ଅନେକ ଲୋକ ଜମି କିଣିଛନ୍ତି। ଏଥିପାଇଁ ଜମି ମାଲିକମାନେ ନିୟମିତ ଖଜଣା ଦେଉଛନ୍ତି। ଉକ୍ତ ଜମିରେ ମାଲିକଙ୍କ ପକ୍ଷରୁ ପାଚେରୀ ନିର୍ମାଣ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ୨ ଭାଇ ୨୦୧୭ରୁ ଏହାକୁ ବିରୋଧ କରି ପାଚେରୀ ଭାଙ୍ଗିବା ସହ ଜାଲ କାଗଜପତ୍ର ଦେଖାଇ ଉକ୍ତ ଜମି ତାଙ୍କର ବୋଲି କହୁଛନ୍ତି। ଏଥିପାଇଁ ଜମି ମାଲିକମାନେ ଭୟଭୀତ ରହୁଥିବା ସେ କହିଛନ୍ତି। ଏପରିକି ସିଭିଲ୍ କୋର୍ଟରେ ମଧ ମାମଲା କରାଯାଇଛି। ଏଥିସହ ଅନେକଥର ଏକାଧିକ ଜମି ମାଲିକ ଥାନାକୁ ଜଣାଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନେଉନାହିଁ। ଡିସିପିଙ୍କ ପକ୍ଷରୁ ତଦନ୍ତ କରାଯାଇ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଜମି ମାଲିକମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।



ଡିସିପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ଜମିମାଲିକମାନେ।

### ୱାର୍ଡ ନଂ. ୩୦, ୪୫କୁ ନେଇ ପବ୍ଲିକ୍ ଇଣ୍ଟରଫେସ୍

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ଶୁକ୍ରବାର ୪୫ ଓ ୩୦ ନଂ. ୱାର୍ଡର ବିଭିନ୍ନ ସମସ୍ୟା ଏବଂ ବିକାଶମୂଳକ କାର୍ଯ୍ୟକୁ ନେଇ ଶୁକ୍ରବାର ବିଏମ୍‌ସି କାର୍ଯ୍ୟାଳୟରେ 'ପବ୍ଲିକ୍ ଇଣ୍ଟରଫେସ୍' ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, ୱାର୍ଡ ନଂ ୪୫ର କର୍ପୋରେଟର ଅମରେଶ ଜେନା ଏବଂ ୱାର୍ଡ ୩୦ର କର୍ପୋରେଟର ରାଜେଶ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୨ଟି ଅଧିବେଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେସିଡେଣ୍ଟ ୱେଲଫେୟାର ଆସୋସିଏଶନ୍, ରେସିଡେଣ୍ଟ, ମହିଳା ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଲବ ପ୍ରତିନିଧି, ବସ୍ତି ପ୍ରତିନିଧି ଏବଂ ବରିଷ୍ଠ ନାଗରିକଙ୍କ ପ୍ରତିନିଧିମାନେ ଯୋଗଦେଇ କର୍ତ୍ତୃପକ୍ଷଙ୍କ ନିକଟରେ ବିଭିନ୍ନ ସମସ୍ୟା ଏହାର ସମାଧାନ ଓ ଆବଶ୍ୟକ ପରାମର୍ଶ ଦେଇଥିଲେ। ସ୍ୱରେଜ ସମସ୍ୟା, କେତେକ ସ୍ଥାନ ଜବର ଦଖଲ, ଜାଲି ଗଳିର କାର୍ଯ୍ୟ, ହିତାଧିକାରୀଙ୍କ ଭତ୍ତା ସମସ୍ୟା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡେପୁଟି ମେୟର ମଞ୍ଜୁଲତା କହଁରଙ୍କ ସମେତ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ ଉପସ୍ଥିତ ଥିଲେ। ଡେପୁଟି କମିଶନର କମଳାକାନ୍ତ ବେହେରା ସଂଯୋଜନା କରିଥିଲେ।

## ନକଲି ମିନିଟ୍ରକ୍ ଆସୋସିଏଶନ ନାଁରେ ଜୁଲମ




ଭୁବନେଶ୍ୱର,୨୮।୭

କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବେଆଇନ ବେଆଇନ ମିନିଟ୍ରକ୍ ଆସୋସିଏଶନ ପଞ୍ଜୀକରଣ ନାଁରେ ମାଲିକଙ୍କ ଉପରେ ଜୁଲମ କରି ଲକ୍ଷ ଲକ୍ଷ ଟଙ୍କା ଲୁଟ କରୁଛନ୍ତି। ଏନେଇ ଅଲ ଓଡିଶା ମିନି ଟ୍ରକ ଆସୋସିଏସନ ପକ୍ଷରୁ ସ୍ଥାନୀୟ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଆସୋସିଏସନ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ଅଭିଯୋଗ ଆଣିଛନ୍ତି। ଆସୋସିଏଶନ ସଭାପତି ବଳରାମ ମହାପାତ୍ର, ସମ୍ପାଦକ ସୁଶାନ୍ତ କୁମାର ରଣା ଓ ବାସନ୍ତୀ ଦୁର୍ଗା ମିନିଟ୍ରକ ଅସୋସିଏଶନର ସଭାପତି ତ୍ରିଲୋଚନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଆସୋସିଏସନର କର୍ମକର୍ତ୍ତାମାନଙ୍କ ଉପରେ ହେଉଥିବା ଜୁଲମ ଓ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ କହିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳଠାରେ ବିଭିନ୍ନ ଆସୋସିଏଶନର ବେନାମୀ ପଞ୍ଜୀକରଣ ଦେଖାଇ କିଛି ଅସାଧୁ ବ୍ୟକ୍ତି ମିନିଟ୍ରକ ମାଲିକଙ୍କ ଠାରୁ ଟଙ୍କା ଆଦାୟ କରିବା ସହ ସରକାରୀ ଜାଗାରେ ଘରକରି ଭଡା ଆଦାୟ କରୁଛନ୍ତି। ଆମେ ସେମାନଙ୍କ ବିରୋଧରେ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଛୁ। ତେଣୁ ନକଲି ଆସୋସିଏଶନ ପ୍ରତି ସାବଧାନ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ସେବାୟତଙ୍କ ଆବାସ ପାଇଁ ଜମି ଚିହ୍ନଟ

ପୁରୀ ଅଫିସ, ୨୯।୭

**୩ ଏକର ଜାଗାରେ ହେବ ୪ ମହଲା କୋଠା**
- ଉପକୃତ ହେବେ ୪ଶହରୁ ଊର୍ଦ୍ଧ୍ୱ ସେବାୟତ
- ଜାଗାକୁ ନେଇ କୋର୍ଟରେ ମାମଲା
- ସମସ୍ୟା ହେବନାହିଁ: ଶ୍ରୀମନ୍ଦିର ପ୍ରଶାସନ

ବହୁ ବର୍ଷ ଧରି ଆବାସ ପାଇଁ ପ୍ରତୀକ୍ଷାରତ ଶ୍ରୀମନ୍ଦିରର ଗରିବ ଓ ବାସହୀନ ସେବାୟତଙ୍କ ମନରେ ଆଶା ସଞ୍ଚାର ହୋଇଛି। ସେବାୟତ ଆବାସ ଯୋଜନାରେ ଗୃହ ନିର୍ମାଣ ଲାଗି ଶୁକ୍ରବାରଠାରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ହରଚଣ୍ଡୀ ସାହି ମୌଜାରେ ପ୍ରାୟ ୩ ଏକର ଜାଗା ଚିହ୍ନଟ କରାଯାଇ ପାଚେରି ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ହେବା ଦ୍ୱାରା ପ୍ରାୟ ୫ଶହ ସେବାୟତ ଉପକୃତ ହେବେ। ସାମାଜିକ, ଅର୍ଥନୈତିକ ସର୍ବେକ୍ଷଣ ଶେଷ ପରେ ସେବାୟତ ଆବାସ ଯୋଜନା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

୨୦୧୩ରେ ନବକୃଷ୍ଣ ସେଣ୍ଟର ଫର୍ ଡେଭ୍‌ଲପ୍‌ମେଣ୍ଟ ଷ୍ଟଡିଜ ପକ୍ଷରୁ ସେବାୟତଙ୍କ ସାମାଜିକ ଓ ଅର୍ଥନୈତିକ ସର୍ଭେ କରାଯାଇଥିଲା। ପ୍ରାୟ ୨୨୩୬ ସେବାୟତ ପରିବାର ଥିବା ବେଳେ ୯୫୫୮ଜଣ ସେବାୟତ ରହିଥିବା ଜଣାପଡ଼ିଥିଲା। ସେବାୟତଙ୍କ ସଂଖ୍ୟା, ଶିକ୍ଷାଗତ ଯୋଗ୍ୟତା, ଅନ୍ୟ ବୃତ୍ତି ଓ ଆର୍ଥିକ ମାନଦଣ୍ଡକୁ ନେଇ ଭବିଷ୍ୟତରେ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରାଯିବାକୁ ସ୍ଥିର ହୋଇଥିଲା। ସେବାୟତଙ୍କ ଲାଗି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହଯୋଗରେ ଗୃହ ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଥିଲା। ସୂଚନାଯୋଗ୍ୟ, ଅନେକ ସେବାୟତ ସାହିରେ ଗୋଟିଏ ଗୋଟିଏ ଘରେ ୧୦-୧୫ ପରିବାର ବହୁକଷ୍ଟରେ ରହୁଛନ୍ତି। ଅନେକ ସେବାୟତ ପରିବାର ବାସହୀନ ଅଛନ୍ତି। ଦୀର୍ଘବର୍ଷ ହେବ ବାସହୀନ ସେବାୟତ ପରିବାରକୁ ଘର ଯୋଗାଇବା ଲାଗି ଦାବି ହୋଇଆସୁଥିଲା। ଏହାପରେ ସେମାନଙ୍କୁ ଆର୍ଥିକ ସହାୟତା ଓ ଗୃହ ଯୋଗାଇବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ହରଚଣ୍ଡୀ ସାହି ମୌଜାରେ ଥିବା ମହିପ୍ରକାଶ ମଠର ୩ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ସହ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମାଟିମଣ୍ଡପ ସାହି ମୌଜାରେ ଥିବା ଏମାର ମଠର ଜମି ଅଧିଗ୍ରହଣ ହେବ ବୋଲି ସୂଚନା ମିଳିଛି। ଏହି ଦୁଇଟି ମୌଜା ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିଛି। ସେହି ସ୍ଥାନ ସଫା କରାଯାଇ ପାଚେରି ନିର୍ମାଣ ପରେ ଆପାର୍ଟମେଣ୍ଟ ନିର୍ମାଣ କରାଯିବ। ୨୦୧୪ ଓ ୨୦୧୫ରେ ସେବାୟତ ଜଣଗଣନା କରାଯାଇଥିଲା। ପରେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭ୍‌ଲପମେଣ୍ଟ ଷ୍ଟଡିଜ୍ ପକ୍ଷରୁ ସେବାୟତଙ୍କ ସାମାଜିକ, ଅର୍ଥନୈତିକ ନେଇ ପୁନଃ ଗଣନା କରାଯାଇଥିଲା। ସେବାୟତ ବାସଗୃହ ଯୋଜନା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ବଜେଟ ପାରିତ ହୋଇଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ, ହରଚଣ୍ଡୀ ସାହି ମୌଜାରେ ଗରିବ ସେବାୟତଙ୍କ ପାଇଁ ବାସଗୃହ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମେ ମାଟିତୋଟା ଅଞ୍ଚଳରେ ପ୍ରକଳ୍ପ କରାଯିବାକୁ ଥିଲା। ମାତ୍ର ଉକ୍ତ ସ୍ଥାନ ଶ୍ରୀମନ୍ଦିରଠାରୁ କିଛି ଦୂରରେ ଥିବାରୁ ସେବାୟତମାନେ ଦାରୁଦିଅଁଙ୍କ ସେବା ପୂଜାରେ ହଇରାଣ ହେବା ଆଶଙ୍କା କରି ହରଚଣ୍ଡୀ ସାହି ମୌଜାକୁ ସ୍ଥାନାନ୍ତର କରାଯାଇଥିଲା। ହରଚଣ୍ଡୀ ସାହି ମୌଜାର ୯୧, ୯୨ ଏବଂ ୯୩ ନମ୍ବର ପ୍ଲଟର ୩ ଏକରରୁ ଅଧିକ ସ୍ଥାନରେ ଏହି ପ୍ରକଳ୍ପ କରାଯିବ। ମୁଖ୍ୟତଃ ୯୩ ନମ୍ବର ପ୍ଲଟରେ ପାଖାପାଖି ୨ ଏକର ୮ ଶହ ଜାଗା ରହିଛି। ୬ଶହ ବର୍ଗଫୁଟର ୪ ମହଲା କୋଠା ହେବ। ଜି + ୩ ଆପାର୍ଟମେଣ୍ଟ କରାଯିବ। ସେଠାରେ ସମସ୍ତ ସୁବିଧା ରହିବ। ଦୁଇବର୍ଷ ମଧ୍ୟରେ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଯୋଗ୍ୟ ସେବାୟତଙ୍କୁ ଚିହ୍ନଟ କରାଯାଇ ଗୃହ ଦିଆଯିବ। ଯେଉଁମାନେ ବାସଗୃହ ପାଇଁ ପ୍ରଶାସନ ପାଖକୁ ଆବେଦନପତ୍ର ପଠାଇବେ, ସେମାନଙ୍କ ନିକଟକୁ ଏକ କମିଟି ଯାଇ ଅନୁଧ୍ୟାନ କରିବ। ଏବେ ପ୍ରଶାସନ ପକ୍ଷରୁ ଚିହ୍ନଟ ଜାଗାରେ ଏବେ ପାଚେରି ନିର୍ମାଣ ଚାଲିଛି। ଡିଜାଇନ ଚୂଡ଼ାନ୍ତ ହେବା ପରେ କେତେ ଖର୍ଚ୍ଚ ହେବ ତାହା ଜଣାପଡ଼ିବ। ତେବେ ଚିହ୍ନଟ ଜାଗା ଉପରେ ଜଣେ ବ୍ୟକ୍ତି ଘର କରି ରହିଛନ୍ତି। ସେ ପୁରୀ ସିଭିଲ କୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଉକ୍ତ ଜମି ଶ୍ରୀମନ୍ଦିର ନାମରେ ଥିବାରୁ ସେପରି କିଛି ସମସ୍ୟା ହେବ ନାହିଁ ବୋଲି ଜେନା ଆଶା ବ୍ୟକ୍ତ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ପ୍ରକଳ୍ପ ହେବା ଦ୍ୱାରା ଗରିବ ସେବାୟତ ଉପକୃତ ହେବେ। ସେହିପରି ସେବାୟତମାନେ ଶ୍ରୀମନ୍ଦିର ପାଖରେ ରହିଲେ ଠିକ ସମୟରେ ନୀତି ହୋଇପାରିବ।

## ସଂକ୍ଷେପରେ

### ୨ ଗାଡ଼ି ମୁହାଁମୁହିଁ ଧକ୍କା : ମହିଳା ମୃତ, ୩ ଗୁରୁତର

ସାଲେପୁର,୨୯।୭(ଡି.ଏନ୍.ଏ.)- ସାଲେପୁର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର କଳାମ୍ବି ଛକରେ ଏକ ଯାତ୍ରୀବାହୀ ଗାଡ଼ି ଓ ପିକଅପ୍ ଭ୍ୟାନ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର କଳ୍ପନା ପ୍ରଧାନ (୨୩)। ଏହି ଦୁର୍ଘଟଣାରେ ତାଙ୍କ ସ୍ୱାମୀ କ୍ରିଷ୍ଣା ପ୍ରଧାନଙ୍କ ସମେତ ୫ ବର୍ଷର ପୁଅ ଓ ଉଭୟ ଗାଡ଼ିର ଚାଳକ ଗୁରୁତର ହୋଇଛନ୍ତି। ଅପରାହ୍ନ ସମୟରେ ଯାତ୍ରୀବାହୀ ଗାଡ଼ିଟି କିଛି ଯାତ୍ରୀଙ୍କୁ ନେଇ କଟକରୁ ପଟ୍ଟାମୁଣ୍ଡାଇ ଅଭିମୁଖେ ଆସୁଥିବାବେଳେ କଳାମ୍ବି ଛକରେ ବିପରୀତ ଦିଗରୁ ଆସୁଥିବା ସାର ବୋଝେଇ ପିକ୍‌ଅପ୍ ଭ୍ୟାନ ସହ ଧକ୍କା ହୋଇଥିଲା। ଖବରପାଇ ଦୁର୍ଘଟଣାସ୍ଥଳରେ ପୋଲିସ ପହଞ୍ଚି କଳ୍ପନାଙ୍କ ମୃତଦେହ ଜବତ କରିବା ସହ ସାଲେପୁର ଥାନାରେ ମାମଲା (ନଂ.୨୩୩/୨୦୨୨) ରୁଜୁ କରିଛି। ପୋଲିସ ଗାଡ଼ି ଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି।

### ମୋବାଇଲ ଚୋରି ଗ୍ୟାଙ୍ଗର ୩ ଗିରଫ

୧୫ ଚୋରା ମୋବାଇଲ, ସ୍କୁଟି ଜବତ



ଭୁବନେଶ୍ୱର, ୨୯।୭(ବ୍ୟୁରୋ)- ଚୋରା ମୋବାଇଲ ବିକ୍ରିବେଳେ ଶୁକ୍ରବାର ଶହୀଦନଗର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଆଦର୍ଶବସ୍ତିର କିରଣ କୁମାର ପଟ୍ଟନାୟକ(୫୫), ନିଳାଦ୍ରୀବିହାର ହରେକ୍ରିଷ୍ଣା ବସ୍ତିର କାର୍ତ୍ତିକ ପ୍ରଧାନ(୨୮) ଓ ମୁଣ୍ଡାବସ୍ତିର ରୋଶନ ମଲ୍ଲ(୨୫)। ଏମାନଙ୍କଠାରୁ ୨ ସ୍କୁଟି ସହ ୧୫ଟି ଚୋରା ମୋବାଇଲ ଜବତ ହୋଇଛି। ଏନେଇ ପୁଲିସ ଏକ ମାମଲା(ନଂ.୩୪୩/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଉକ୍ତ ସ୍କୁଟିରେ ବାଣୀବିହାର, ଭିଏସ୍ଏସ୍ ନଗର ଏବଂ ସହିଦନଗର ଅଞ୍ଚଳରୁ ମୋବାଇଲ ଆଦି ଲୁଟ୍ କରୁଥିଲେ। ଶୁକ୍ରବାର ଆଚାର୍ଯ୍ୟବିହାରସ୍ଥିତ ମହାରାଜା ସିନେମା ହଲ୍ ନିକଟରେ ଅଭିଯୁକ୍ତମାନେ ଏକ ବ୍ୟାଗରେ ମୋବାଇଲ ଭର୍ତ୍ତି କରି ବିକ୍ରି କରିବାକୁ ଗ୍ରାହକ ଖୋଜୁଥିଲେ। ଖବର ମିଳିବା ପରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

### ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଖୁଣ୍ଟୁଣୀ,୨୯।୭(ଡି.ଏନ୍.ଏ.)- ଖୁଣ୍ଟୁଣୀ ଥାନା ଅଧୀନ ରାମନଗର ରଗଡିପଡ଼ା ସାହିରେ ଭଡ଼ାରେ ରହିଥିବା ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଉତ୍ତରପ୍ରଦେଶ ଜଲାଉନ ଜିଲା ଓରାଇର ଗୋବିନ୍ଦ ବର୍ମା (୪୦)। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧ ମାସ ହେବ ଗୋବିନ୍ଦ ୩ ଜଣ ସହଯୋଗୀଙ୍କ ସହିତ ରଗଡିପଡ଼ା ସାହିରେ ଭଡ଼ାରେ ରହୁଥିଲେ। ଗୁରୁବାର ରାତିରେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ୍ ହୋଇଥିଲା। ପରେ ଗୁରୁତର ଅବସ୍ଥାରେ ସହଯୋଗୀମାନେ ୧୦୮ ଆମ୍ବୁଲାନ୍ସରେ ଗୋବିନ୍ଦଙ୍କୁ ଆଠଗଡ ଡାକ୍ତରଖାନା ନେଇଥିଲେ। ସେଠାରେ ଛାଡିବା ପରେ ପୁଣି ସେମାନେ ଭଡାଘରକୁ ଚାଲି ଆସିଥିଲେ। ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଗୋବିନ୍ଦଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନା ସୂତ୍ରରୁ ଖବରପାଇ ଶୁକ୍ରବାର ସକାଳେ ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ସାଇଣ୍ଟିଫିକ୍ ଟିମ୍ ସହ ଉକ୍ତ ଭଡାଘରେ ପହଞ୍ଚି ତଦନ୍ତ କରିଥିଲେ। ସେଠାରେ ୨ ଜଣ ଶ୍ରମିକ ଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ପୋଲିସ ଶ୍ରମିକ ଦ୍ୱୟଙ୍କୁ ଥାନାକୁ ଆଣି ପଚରାଉଚରା କରିଛି। ଏ ନେଇ ଆଇଆଇସି ଖୁଣ୍ଟିଆ କହିଛନ୍ତି, ମୃତଦେହରେ କ୍ଷତ ଚିହ୍ନ ରହିଛି। ତାଙ୍କ ଘର ଲୋକ ନ ଆସିବା ପର୍ଯ୍ୟନ୍ତ ମୃତଦେହକୁ ସଂରକ୍ଷିତ କରି ରଖାଯିବ। ଘର ଲୋକଙ୍କ ବୟାନ ଆଧାରରେ ପଦକ୍ଷେପ ନିଆଯିବ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୨) ରୁଜୁ ହୋଇଛି।







ଭୁବନେଶ୍ୱର ଏୟାରପୋର୍ଟ ରୋଡ୍‌ରେ ନବୀନ ନିବାସ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ୟମାନଙ୍କ ଉପସ୍ଥିତିରେ ମୋ ଇ-ବସ୍ ଓ ଇ-ରିକ୍ସା ସେବାକୁ ଉଦ୍‌ଘାଟନ କରୁଛନ୍ତି।

# ଭୁବନେଶ୍ୱରରେ ମୋ ଇ-ବସ୍, ଇ-ରିକ୍ସା ସେବା ଆରମ୍ଭ

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

■ପ୍ରଥମ ପର୍ଯ୍ୟାୟରେ ଗଡ଼ିଲା ୧୦ ଇ-ବସ୍, ୫୦ ଇ-ରିକ୍ସା

■ବସ୍‌ରେ ୫୦% ମହିଳା, ରିକ୍ସାରେ ଶତପ୍ରତିଶତ ମହିଳା ଓ କିନ୍ନର ନିଯୁକ୍ତ

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଭୁବନେଶ୍ୱରରେ ମୋ ଇ-ବସ୍ ଓ ମୋ ଇ-ରାଇଡ୍ (ଇ-ରିକ୍ସା) ସେବା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏୟାରପୋର୍ଟ ରୋଡ୍ ନବୀନ ନିବାସ ସମ୍ମୁଖରୁ ଏହି ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବିଦ୍ୟୁତ୍ ଦ୍ୱାରା ଚାର୍ଜ ହେଉଥିବା ବ୍ୟାଟେରିଚାଳିତ ଉଭୟ ଇ-ବସ୍ ଓ ଇ-ଅଟୋ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ମୁକ୍ତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସହରରେ ବାୟୁ ପ୍ରଦୂଷଣ କମ୍ କରିବା ପାଇଁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ଇ-ବସ୍ ଓ ୫୦ଟି ଇ-ରିକ୍ସା ଚଳାଚଳ କରିବ। ଆଗାମୀ ଦିନରେ ୫୦ଟି ଇ-ବସ୍ ଚଳାଚଳ କରାଯିବାର ଲକ୍ଷ୍ୟ ରଖାଯାଇଛି। ଲିଙ୍ଗ ସମାନତା ଉପରେ ଗୁରୁତ୍ୱ ଦିଆଯାଇ କ୍ରୁଟ ପକ୍ଷରୁ ଇ-ବସ୍‌ରେ ଗାଇଡ୍ ଭାବରେ ୫୦ ପ୍ରତିଶତ ମହିଳା ଏବଂ ମୋ ଇ-ରିକ୍ସାରେ ଶତପ୍ରତିଶତ ମହିଳା ଓ କିନ୍ନରଙ୍କୁ ସାରଥି ଭାବରେ ନିଯୁକ୍ତି ଦିଆଯାଇଛି। ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମଧ୍ୟ ମହିଳାଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ବସରେ ୩୦ଟି ସିଟ୍ ରହିଥିବାବେଳେ ମହିଳାଙ୍କ ପାଇଁ ସଂରକ୍ଷିତ ଆସନଗୁଡ଼ିକୁ ଗୋଲାପି ରଙ୍ଗରେ ଚିହ୍ନିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଚାଳକମାନଙ୍କୁ ଚାବି ହସ୍ତାନ୍ତର କରିଥିଲେ। ଇ-ବସ୍‌ଗୁଡ଼ିକ 'ମୋ ବସ୍'ର ୪ଟି ରୁଟ୍‌ରେ ହିଁ ଗତି କରିବ। ସମସ୍ତ ଇ-ବସ୍‌ରେ ଏସି ସୁବିଧା ରହିଛି। ଏହି ନୂତନ ସେବାର ଶୁଭାରମ୍ଭ ଉପଲକ୍ଷେ ସାଧାରଣ ଯାତ୍ରୀମାନେ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ବିନା ଟିକେଟ୍‌ରେ ପ୍ରଦୂଷଣ ବିହୀନ ଇ-ବସ୍ ଯାତ୍ରାର ଅନୁଭବ ନେଇପାରିବେ। ସେହିପରି ଏହି ସେବା ଦ୍ୱାରା ୫୦୦ରୁ ଊର୍ଦ୍ଧ୍ୱ ରୋଜଗାର ସୃଷ୍ଟି ହୋଇଥିବାବେଳେ ଆଗାମୀ ଦିନରେ ଆହୁରି ଅଧିକ ରୋଜଗାର ସୃଷ୍ଟି ହେବା ସମ୍ଭାବନା ରହିଛି। ଇ-ବସ୍‌ର ଟିକେଟ ମୂଲ୍ୟ ସାଧାରଣ ଏସି ବସ୍ ଟିକେଟ୍ ମୂଲ୍ୟ ସହିତ ସମାନ ରହିଛି। ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବସ୍ ଟିକେଟ୍ ମୂଲ୍ୟରେ ରିହାତି ପୂର୍ବଭଳି ସମାନ ରହିଛି। ମୋ ଇ-ରିକ୍ସା ଭୁବନେଶ୍ୱରର ପଟିଆ, ପାତ୍ରପଡ଼ା ଓ ପୋଖରିପୁଟ ଅଞ୍ଚଳର ବିଭିନ୍ନ ରୁଟ୍‌ରେ ଗଡ଼ିବା ସହିତ ଏହାର ଟିକେଟ୍ ମୂଲ୍ୟ ଫ୍ଲାଟ୍ ୧୦ ଟଙ୍କା ରହିଛି। ଏ ସମ୍ପର୍କରେ ସୂଚନା ଦେଇ କ୍ରୁଟ୍ ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର କହିଛନ୍ତି, ବର୍ତ୍ତମାନ ସମୟକୁ ଲକ୍ଷ୍ୟକଲେ ବୈଦ୍ୟୁତିକ ଯାନର ଆବଶ୍ୟକତା ଅଧିକ ରହିଛି। କ୍ରୁଟ୍ ପକ୍ଷରୁ ନିଆଯାଉଥିବା ପ୍ରତ୍ୟେକଟି ପଦକ୍ଷେପ ସର୍ବଦା ଅଧିକ ଲୋକପ୍ରିୟତା ହାସଲ କରିଆସୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଅଁର ପ୍ରମୁଖ ଉପସ୍ଥିତ ଥିଲେ।

## ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରୁ କଏଦୀ ଚମ୍ପଟ

କଟକ ଅଫିସ, ୨୯।୭

କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣେ କଏଦୀ ଶୁକ୍ରବାର ଚମ୍ପଟ ମାରିଛନ୍ତି। କୋରାପୁଟ ଅଞ୍ଚଳର ମୁକୁ ଶାନ୍ତା ଏକ ହତ୍ୟା ମାମଲାରେ ଗିରଫ ହୋଇ କୋରାପୁଟ ଜେଲରେ ଥିଲେ। ପ୍ରାୟ ୧ ବର୍ଷ ହେବ ସେଠାରୁ ତାଙ୍କୁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ସେ ଗଳା କର୍କଟ ରୋଗରେ ପୀଡିତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଗୁରୁବାର ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ସେଠାରୁ ଚମ୍ପଟ ମାରିଥିବା ନେଇ ଚୌଦ୍ୱାର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଛନ୍ତି। ଏନେଇ ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର କହିଛନ୍ତି, କଏଦୀ ଚମ୍ପଟ ନେଇ ଜେଲ ପକ୍ଷରୁ ଅଭିଯୋଗ ହେବା ପରେ ଥାନାରେ ମାମଲା (ନଂ.୧୮୫/୨୨) ରୁଜୁ ହୋଇଛି।

## ସ୍ୱାସ୍ଥ୍ୟ ଭିତ୍ତିଭୂମି ଯାଞ୍ଚ ପାଇଁ ଗଠନ ହେବ ସ୍କ୍ରିନିଂ କମିଟି

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ଏମ୍‌ଡିଙ୍କ ଅଧ୍ୟକ୍ଷତାରେ ଏକ ସ୍କ୍ରିନିଂ କମିଟି ଗଠନ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେଥିରେ ଦର୍ଶାଯାଇଛି ଯେ, ଏହି ସ୍କ୍ରିନିଂ କମିଟିରେ ୬ଜଣ ସଦସ୍ୟ ରହିବେ। ଡିଏମ୍‌ଇଟି, ପରିବାର କଲ୍ୟାଣ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ନର୍ସିଂ ନିର୍ଦ୍ଦେଶକ ଓ ଆୟୁଷ ନିର୍ଦ୍ଦେଶକ ସଦସ୍ୟ ରହିଥିବାବେଳେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ମେମ୍ବର କନ୍‌ଭେନର ରହିବେ। ଏହି କମିଟି ରାଜ୍ୟର ବିଭିନ୍ନ ମେଡିକାଲଗୁଡିକର ଭିତ୍ତିଭୂମିର ରିପୋର୍ଟ ସମେତ ବ୍ୟୟ ଅଟକଳ ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଲାଗି ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥାର ଯାଞ୍ଚ କରି ରିପୋର୍ଟ ପ୍ରସ୍ତୁତ କରିବ। ଉକ୍ତ ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ସମୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ହାଇପାୱାର କମିଟିରେ ଉପସ୍ଥାପନ କରାଯିବ।

## ଗୋଦାବରୀଶ ମହାବିଦ୍ୟାଳୟ ହଷ୍ଟେଲ ଛାତ୍ରୀ ନିଖୋଜ

ବାଣପୁର,୨୯।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଗୋଦାବରୀଶ ମହାବିଦ୍ୟାଳୟ ହଷ୍ଟେଲର ଜଣେ ଛାତ୍ରୀ ନିଖୋଜ ଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ, ସକାଳେ ଛାତ୍ରୀ ଜଣକ କୌଣସି କାମରେ ହଷ୍ଟେଲରୁ ବାହାରକୁ ଆସିଥିଲେ। ତେବେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ହଷ୍ଟେଲରେ ନ ପହଞ୍ଚିବାରୁ ସୁପରିଣ୍ଟେଣ୍ଡେଣ୍ଟ କଲେଜ ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ଏନେଇ କଲେଜ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା କୁହନ୍ତି, ହଷ୍ଟେଲରୁ ଛାତ୍ରୀ ନିଖୋଜ ନେଇ ଅଭିଯୋଗ ହେବା ପରେ ତଦନ୍ତ ଜାରି ରହିଛି।

## 'ପର୍ଯ୍ୟାପ୍ତ ଗହମ ଯୋଗାଣ ନେଇ ବିଚାର କରାଯିବ'

### ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନା ଜ୍ୟୋତି

ପୁରୀ ଅଫିସ, ୨୯।୭

କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନା ଜ୍ୟୋତି ଶୁକ୍ରବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଦାରୁଦିଅଁଙ୍କୁ ଦର୍ଶନ କରିଛନ୍ତି। ଏ ନେଇ ସେ ଖୁସି ବ୍ୟକ୍ତ କରିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ପରେ ସ୍ଥାନୀୟ ସର୍କିଟ ହାଉସ୍‌ରେ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଭାଜପା ନେତା ଓ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ତାଙ୍କ ସହ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଭାଜପା କେନ୍ଦ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ସମେତ ଦଳର ବହୁ ନେତା ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ପ୍ରଧାନମନ୍ତ୍ରୀ ଶବ୍ଦ କଟାଯିବାକୁ ନେଇ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ପ୍ରକାଶ କରିଥିଲେ। ଆବାସ ଯୋଜନାରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଥିବା କଥା ସେ ସ୍ୱୀକାର କରିଥିଲେ। ଫନୀ କ୍ଷତିଗ୍ରସ୍ତଙ୍କୁ ଏଯାବତ କ୍ଷତିପୂରଣ ଦିଆଯାଇ ନ ଥିବାରୁ ରାଜ୍ୟ ସରକାର ତୁରନ୍ତ ଏକ ଡାଟା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାକୁ ସେ କହିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟସେବା ପାଇଁ ଆୟୁଷ୍ମାନ ଯୋଜନା ଖୁବଶୀଘ୍ର ଲାଗୁ କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ପୁରୀ ଜିଲାକୁ ପର୍ଯ୍ୟାପ୍ତ ପରିମାଣର ଗହମ ଯୋଗାଣ ଉପରେ ବିଚାର କରିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ ବିବାଦୀୟ ଟିପ୍ପଣୀ ପ୍ରସଙ୍ଗରେ ସେ କଡ଼ା ପ୍ରତିକ୍ରିୟା ରଖିଥିଲେ। କେବଳ କ୍ଷମା ମାଗିଲେ ହେବନାହିଁ ବରଂ ସଂସଦ ଭଳି ପବିତ୍ର ଗୃହରେ ଅଧୀର ରଞ୍ଜନ ସମସ୍ତ ଏମ୍‌ପିଙ୍କ ଉପସ୍ଥିତିରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କହି କଂଗ୍ରେସକୁ ସମାଲୋଚନା କରିଥିଲେ।

ଅନ୍ୟପକ୍ଷରେ ସର୍କିଟ ହାଉସ୍‌ରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟା ୩୦ରେ ଥିବାବେଳେ ରାତି ୮ଟା ପର୍ଯ୍ୟନ୍ତ ଭାଜପା ନେତା କିମ୍ବା କର୍ମୀଙ୍କ ଦେଖା ନ ଥିଲା। ମନ୍ତ୍ରୀଙ୍କୁ ଅପେକ୍ଷା କରି ଶେଷରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରି ଫେରିଥିଲେ। ଏ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ଉକ୍ତ ବୈଠକକୁ ବର୍ଜନ କରିଥିଲେ।



ପୁରୀ ସର୍କିଟ୍ ହାଉସ୍‌ରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନା ଜ୍ୟୋତି ଏବଂ ଭାଜପା ନେତୃବୃନ୍ଦ।

## ଜଙ୍କିଆରେ ୩ ହାତୀ, ଲୋକେ ଭୟଭୀତ

ନିରାକାରପୁର,୨୯।୭(ଡି.ଏନ୍.ଏ.)

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅଧୀନ ଜଙ୍କିଆ ଥାନା ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ପନିପରିବା ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରି କି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଶୁକ୍ରବାର ସନ୍ଧ୍ୟାରେ ଏହି ଥାନା ପଚ୍ଛପଟ ମହାବୀର ମୁଣ୍ଡିଆରେ ୩ଟି ହାତୀ ଦେଖିବାକୁ ମିଳିଥିଲା। ଏହାପରେ ହାତୀଗୁଡ଼ିକ ଲୋକଙ୍କ ବାରିରେ ପଶିଥିଲେ। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀମାନଙ୍କୁ ଘଉଡାଇବା ପାଇଁ ଉଦ୍ୟମ ଜାରିରଖିଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ରହୁଥିବା ହାତୀଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହେଉଛି।



## 'ମୋ ଇ-ଅଟୋ'କୁ ବିରୋଧ, ରାସ୍ତାକୁ ଓହ୍ଲାଇଲା ସ୍ମାର୍ଟ ସିଟି ଅନ୍‌ଲାଇନ ଅଟୋ ମହାସଂଘ

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱରରେ ଶନିବାରଠାରୁ ମୋ ଇ-ବସ୍ ଏବଂ ମୋ ଇ-ଅଟୋ ରିକ୍ସା ଗଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେବାକୁ ଉଦ୍‌ଘାଟନ କରିଛନ୍ତି। ହେଲେ ଆରମ୍ଭରୁ ଏହାକୁ ବିରୋଧ କରିଛି ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ମହାସଂଘ। ମୋ ବସ୍ ଚଳାଚଳ ଯୋଗୁ ସହରରେ ଅଟୋ ଚାଳକଙ୍କ ରୋଜଗାର ଗୁରୁତର ପ୍ରଭାବିତ ହୋଇ ଆସୁଛି। ଏଥିସହ କରୋନା ସେମାନଙ୍କ ଦୁର୍ଦ୍ଦଶାକୁ ବଢ଼ାଇ ଦେଇଥିବାବେଳେ ଏବେ ଇ-ଅଟୋ ରିକ୍ସା ଗଡ଼ିବା ଫଳରେ ସେମାନେ ସମ୍ପୂର୍ଣ୍ଣ ରୋଜଗାର ହରାଇବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ମହାସଂଘ ବିଭିନ୍ନ ଦାବି ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନି। ତେଣୁ ସଂଘର ଶତାଧିକ ସଦସ୍ୟ ଶନିବାର ଲୋୟର ପିଏମ୍‌ଜିରେ ଅଟୋ ସହ ଶୋଭାଯାତ୍ରାରେ ଆସି ବିକ୍ଷୋଭ କରିଥିଲେ। ସରକାର ସେମାନଙ୍କ ସମସ୍ୟା ନ ବୁଝିଲେ ଆଗକୁ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଦେଶର ୮ ଗ୍ରାମ ମଧ୍ୟରେ ଓଡ଼ିଶାର ରଘୁରାଜପୁର

### ପର୍ଯ୍ୟଟନ ସହ ବୟନ ଶିଳ୍ପର ସଂଯୋଗୀକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ହସ୍ତଶିଳ୍ପ କ୍ଲଷ୍ଟରରେ ସଂଯୁକ୍ତ କରାଯାଇଛି। ହସ୍ତଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ 'ପର୍ଯ୍ୟଟନ ସହିତ ବୟନ ଶିଳ୍ପ ସଂଯୋଗୀକରଣ' କାର୍ଯ୍ୟକ୍ରମ ଅଧୀନରେ ଭିତ୍ତିଭୂମି ସହାୟତା ପ୍ରଦାନ କରାଯାଉଛି। ଏଥିପାଇଁ ଦେଶର ୮ଟି ଗ୍ରାମକୁ ଚୟନ କରାଯାଇଥିବାବେଳେ ଏଥି ମଧ୍ୟରେ ଓଡ଼ିଶାର ଶିଳ୍ପଗ୍ରାମ ରଘୁରାଜପୁର ରହିଛି। ଅନ୍ୟ ଗ୍ରାମଗୁଡ଼ିକ ହେଲା ଆନ୍ଧ୍ର ପ୍ରଦେଶର ତିରୁପତି, ଗୁଜରାଟର ବଦାଜ୍, ଉତ୍ତରପ୍ରଦେଶର ନୈନୀ, କର୍ନାଟକର ଆନେଗୁଣ୍ଡି, ତାମିଲନାଡୁର ମହାବଳୀପୁରମ୍, ଉତ୍ତର ପ୍ରଦେଶର ତାଜ୍ ଗଞ୍ଜ ଓ ରାଜସ୍ଥାନର ଆମେର। ଏସବୁ ଗ୍ରାମର ସାମଗ୍ରିକ ବିକାଶ ସହ ଶିଳ୍ପ ଓ ପର୍ଯ୍ୟଟନର ପ୍ରଚାର ପ୍ରସାର ଏକସଙ୍ଗେ କରାଯିବ।

ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୁରୀ ଜିଲାର ରଘୁରାଜପୁର ପଟ୍ଟଚିତ୍ର, ହସ୍ତଶିଳ୍ପ ଓ ଐତିହ୍ୟ ଗ୍ରାମ ଭାବେ ସୁଖ୍ୟାତି ଅର୍ଜନ କରିଛି। ଏବେ ଏଠାରେ ପର୍ଯ୍ୟଟନ ସହ ଶିଳ୍ପର ଏକତ୍ର ପ୍ରଚାର ପ୍ରସାର କରାଯିବ। ହସ୍ତଶିଳ୍ପକୁ କାରିଗରଙ୍କ ନିମନ୍ତେ ଏକ ସ୍ଥାୟୀ ତଥା ଲାଭଦାୟକ ଜୀବିକା ନିର୍ବାହର ବିକଳ୍ପ ରୂପରେ ବିକଶିତ କରିବ। ଏହାଦ୍ୱାରା ଦେଶର ସମୃଦ୍ଧ କାରିଗରି ଐତିହ୍ୟର ସୁରକ୍ଷା ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଦେଶରେ ପ୍ରାୟ ୧,୦୦୦ କାରିଗର ପ୍ରତ୍ୟକ୍ଷ ଲାଭ ପାଇବେ। ଏଥିସହ ପର୍ଯ୍ୟଟକମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ବୋଲି ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ସୂଚନା ଦିଆଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ଜୁଲାଇ, ୨୦୨୨





ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଶୁକ୍ରବାର ଅନୁଷ୍ଠିତ ଟ୍ରାକ୍ ସାଇକ୍ଲିଂର ୪୦୦୦ ମିଟର ଟିମ୍ ପୁର୍ସ୍ୟୁଟ କ୍ୱାଲିଫାଇଂ ଅବସରରେ ଭାରତୀୟ ଦଳ।

# ଟେବୁଲ ଟେନିସରେ ବିଜୟ ଅଭିଯାନ

**ବର୍ମିଂହାମ୍, ୨୯।୭(ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗ୍ରୁପ୍-୨ରେ ମନିକା ବାତ୍ରାଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଟେବୁଲ ଟେନିସ୍ (ଟିଟି) ଦଳ ଏହାର ଓପ୍ନିଂ ମ୍ୟାଚ୍‌ରେ ୩-୦ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ପ୍ରଥମେ ଖେଳାଯାଇଥିବା ମହିଳା ଡବଲ୍ସରେ ଶ୍ରୀଜା ଆକୁଲା ଓ ରିଥ୍ ଟେନିସନ ଯୋଡ଼ି ୧୧-୭, ୧୧-୭, ୧୧-୫ରେ ଦକ୍ଷିଣ ଆଫ୍ରିକୀୟ ଯୋଡ଼ି ଲୈଲା ଏଡ୍‌ୱାର୍ଡ୍ସ ଓ ଡାନିଶା ପଟେଲଙ୍କୁ ପରାସ୍ତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ପରେ ଗତ ସଂସ୍କରଣର ସ୍ୱର୍ଣ୍ଣ ବିଜୟିନୀ ମନିକା ପ୍ରଥମ ସିଙ୍ଗଲ୍ସ ମ୍ୟାଚରେ ମୁସ୍‌ଫିକ୍ କାଲାମ୍‌ଙ୍କୁ ୧୧-୫, ୧୧-୩, ୧୧-୨ରେ ହରାଇ ଦେଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ ଆକୁଲା ୧୧-୫, ୧୧-୩, ୧୧-୬ରେ ପଟେଲଙ୍କୁ ହରାଇ ମ୍ୟାଚ୍‌ରେ ଭାରତକୁ ବିଜୟୀ କରାଇଥିଲେ। ଭାରତୀୟ ମହିଳା ଦଳ ଏହାର ଦ୍ୱିତୀୟ ମୁକାବିଲା ଫିଜି ସହିତ କରିବ। ଅନ୍ୟପକ୍ଷରେ ପୁରୁଷ ଦଳ ୩-୦ରେ ବାର୍ବାଡୋସ୍‌କୁ ହରାଇ ଦେଇଛି।

**ବକ୍ସିଂ: ଥାପ୍ପା କ୍ୱାର୍ଟରରେ**

ଭାରତର ଅଗ୍ରଣୀ ବକ୍ସର ଶିବ ଥାପା ଚମତ୍କାର ବିଜୟ ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଶୁକ୍ରବାର ୬୩.୫ କେଜି ଲାଇଟ୍ ୱେଲ୍ଟର ୱେଟ୍ କାଟେଗୋରିରେ ସେ ୫-୦ରେ ପାକିସ୍ତାନର ସୁଲେମାନ ବାଲୋଚ୍‌ଙ୍କୁ ହରାଇ ଦେଇଛନ୍ତି। ୨୮ ବର୍ଷୀୟ ଥାପା ହେଉଛନ୍ତି ୫ଥର ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା। ଟେକ୍‌ନିକ୍ ଦୃଷ୍ଟିରୁ ସେ ପାକିସ୍ତାନ ବକ୍ସରଙ୍କଠାରୁ ଯଥେଷ୍ଟ ଆଗରେ ରହିଥିଲେ। ପ୍ରତିଦ୍ୱନ୍ଦ୍ୱୀ ବାଲୋଚ୍‌ଙ୍କୁ ସେ ଗୋଟିକ ପରେ ଗୋଟିଏ ଶକ୍ତିଶାଳୀ ପଞ୍ଚ୍ ପ୍ରହାର କରିଚାଲିଥିଲେ। ଏପରି କି ପାକିସ୍ତାନ ବକ୍ସର କାନ୍‌ଭାସ ଉପରେ ପଡ଼ିଯାଇଥିଲେ। ଏନ୍ଇସି ଆରେନାରେ ଜଜମାନଙ୍କ ସର୍ବସମ୍ମତି ନିଷ୍ପତ୍ତିରେ ସେ ବିଜୟ ହାସଲ କରିଥିଲେ। ରବିବାର ସେ ସ୍କଟ୍‌ଲାଣ୍ଡର ରିସି ଲିଞ୍ଚଙ୍କ ସହ ମୁକାବିଲା କରିବେ। ବକ୍ସିଂରେ ଭାରତ ପାଇଁ ପଦକ ଦାବିଦାର ଥିବା ଅନ୍ୟ ବକ୍ସରମାନଙ୍କ ମଧ୍ୟରେ ରହିଛନ୍ତି ବର୍ତ୍ତମାନ ବିଶ୍ୱ ଚାମ୍ପିୟନ ନିଖତ ଜରିନ୍, ଅଲିମ୍ପିକ ପଦକ ବିଜୟିନୀ ଲଭ୍ଲିନା ବର୍ଗୋହେନ୍ ଓ ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ବିଜେତା ଅମିତ ପଙ୍ଘାଲ।



ଦକ୍ଷିଣ ଆଫ୍ରିକାର ମୁସଫିକ୍ କାଲାମଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ଭାରତର ମନିକା ବାତ୍ରା।

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

**ବ୍ୟାଡ୍‌ମିଣ୍ଟନ: ପାକିସ୍ତାନକୁ ହରାଇଲା ଭାରତ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତ ଏହାର ଉଦ୍‌ଘାଟନୀ ମୁକାବିଲାରେ ବିଜୟ ହାସଲ କରିଛି। ପାକିସ୍ତାନ ବିପକ୍ଷରେ ୩-୦ରେ ଅଗ୍ରଣୀ ସହ ଲଢେଇକୁ ଜିତି ନେଇଛି। ପ୍ରଥମେ ବି. ସୁମିଥ୍ ରେଡ୍ଡୀ ଓ ମାଚିମାଣ୍ଡା ପୋନାପ୍ପା ମିକ୍ସଡ ଡବଲ୍ସରେ ୨୧-୯, ୨୧-୧୨ରେ ମହମଦ ଇର୍ଫାନ ସଇଦ୍ ଭଟ୍ଟି ଓ ଘଜ୍‌ଲା ସିଦ୍ଦିକ୍‌ଙ୍କୁ ହରାଇ ଭାରତକୁ ୧-୦ରେ ଅଗୁଆ କରାଇଥିଲେ। ପରେ ପୁରୁଷ ସିଙ୍ଗଲ୍ସରେ କିଡାମ୍ବି ଶ୍ରୀକାନ୍ତ ୨୧-୭, ୨୧-୧୨ରେ ମୁରାଦ ଅଲିଙ୍କୁ ସହଜରେ ହରାଇ ଦେଇଥିଲେ। ମହିଳା ସିଙ୍ଗଲ୍ସରେ ପି. ଭି. ସିନ୍ଧୁ ମଧ୍ୟ ସହଜ ବିଜୟ ଲାଭ କରିଥିଲେ। ସେ ମାହୁର ଶାହାଜାଦ୍‌ଙ୍କୁ ୨୧-୭, ୨୧-୬ରେ ପରାସ୍ତ କରିଥିଲେ।

**ସୁଇମିଂ: ଶ୍ରୀହରି ସେମିରେ, ସଜନ, କୁଶାଗ୍ରା ଆଉଟ୍**

ଭାରତୀୟ ସୁଇମର ଶ୍ରୀହରି ନାଟରାଜ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବେଙ୍ଗାଲୁରୁର ଏହି ୨୧ ବର୍ଷୀୟ ସନ୍ତରଣକାରୀ ତାଙ୍କ ହିଟ୍‌ରେ ତୃତୀୟ ଦ୍ରୁତତମ ଏବଂ ଓଭରାଲ ୫ମ ଦ୍ରୁତତମ ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସଜନ ପ୍ରକାଶ (ପୁରୁଷ ୫୦ମିଟର ବଟରଫ୍ଲାଏ ଇଭେଣ୍ଟ) ଓ ନବାଗତ କୁଶାଗ୍ରା ରାୱତ (ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟ) ସେମାନଙ୍କ ବିଭାଗର ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ରହିଥିଲେ।

**ମହିଳା ହକିରେ ଭାରତ ବିଜୟୀ**

ଭାରତୀୟ ମହିଳା ହକି ଦଳ ଶୁକ୍ରବାର ୫-୦ ଗୋଲରେ ଘାନାକୁ ପରାସ୍ତ କରିଛି। ଗୁରଜିତ କୌର (୩ୟ ଓ ୩୯ତମ ମିନିଟ୍) ଦୁଇଟି ଗୋଲ ଦେଇଥିବା ବେଳେ ନେହା ଗୋୟଲ (୨୮ତମ), ସଙ୍ଗୀତା କୁମାରୀ ଓ ସାଲିମା ଟେଟେ (୫୬ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଭାରତ ବିଜୟୀ ହୋଇଥିଲେ ହେଁ ପ୍ରଦର୍ଶନ ସେତେଟା ପ୍ରଭାବୀ ହୋଇ ନ ଥିଲା। ଘାନା ଦୁର୍ବଳ ଦଳ ହୋଇଥିଲେ ହେଁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା।

**ମହିଳା କ୍ରିକେଟ ଦଳ ପରାସ୍ତ**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମଥର ପାଇଁ ମହିଳା କ୍ରିକେଟ୍ ସାମିଲ ହୋଇଥିବାବେଳେ ଭାରତ ଏହାର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ହାରି ଯାଇଛି। ପ୍ରଥମେ ବ୍ୟାଟିଂ କରି ଭାରତ ୮ ଉଇକେଟ ହରାଇ ୧୫୪ ରନ୍ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ଅଷ୍ଟ୍ରେଲିଆ ୧୯ ଓଭରରେ ୭ ଉଇକେଟ ହରାଇ ବିଜୟୀ ହୋଇଥିଲା।

# ଟି୨୦: ଭାରତର ସହଜ ବିଜୟ

**ଟାରୋବା, ୨୯।୭**

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଅଧିନାୟକ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ଏବଂ ଦୀନେଶ କାର୍ତ୍ତିକଙ୍କ ଦ୍ରୁତ ଅପରାଜିତ ୪୧ରନ ସହାୟତାରେ ଭାରତ ୬୮ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଭ୍ରମଣକାରୀ ଦଳ ଦ୍ୱାରା ଧାର୍ଯ୍ୟ ୧୯୧ରନର ବିଜୟ ଲକ୍ଷ୍ୟକୁ ପିଛା କରି ଘରୋଇ ଦଳ ୨୦ ଓଭରରେ ୮ ଉଇକେଟ ବିନିମୟରେ୧୨୨ ରନ କରିବା ସହ ମ୍ୟାଚ ହାରିଯାଇଥିଲା। ଦଳର ଟପ୍ ସ୍କୋରର ଶାମରା ବ୍ରୁକ୍ସ ମାତ୍ର ୨୦ ରନ କରିଥିଲେ। ଭାରତ ତରଫରୁ ରବିଚନ୍ଦ୍ରନ ଅଶ୍ୱିନ ଅର୍ଶଦୀପ ସିଂ ଓ ରବି ବିଷ୍ଣୋଇ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଭୁବନେଶ୍ୱର କୁମାର ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏଁ ଉଇକେଟ ମିଳିଥିଲା।





ପ୍ଲେୟର ଅଫ୍ ଦି ମ୍ୟାଚ ଦୀନେଶ କାର୍ତ୍ତିକ।

ୱେଷ୍ଟଇଣ୍ଡିଜ ଅଧିନାୟକ ନିକୋଲାସ ପୁରନ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ କରିବାକୁ ଯାଇ ଭାରତର ଦୁଇ ଓପନର ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ୪୪ ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ତେବେ ପରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ଭାରତ ଏକଦା ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିପାରିବା ଭଳି ମନେ ହେଉ ନ ଥିଲା। ରୋହିତ ୫ ବ୍ୟାଟ୍ସମ୍ୟାନ ଭାବେ ଜାସନ ହୋଲ୍ଡରଙ୍କ ବଲ୍‌ରେ ସିମନରନ ହେଟମେୟର ଦ୍ୱାରା କ୍ୟାଚ୍ ଆଉଟ ହେବା ବେଳକୁ ୪୪ବଲ୍‌ରେ ୭ଚୌକା ଓ ୨ ଛକା ସହ ୬୪ ରନ କରିଥିଲେ। ଏଠିକାର ସ୍ଲୋ ସ୍ପଞ୍ଜି ବାଉନ୍ସ ଟ୍ରାକ୍‌ରେ ଅଧିକାଂଶ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଖରାପ ଶଟ୍ ଖେଳି ଆଉଟ ହୋଇଥିଲେ। ରୋହିତ ଏହି ଫର୍ମାଟରେ ତାଙ୍କ ୨୭ମ ଅର୍ଦ୍ଧଶତକ ହାସଲ କରିଥିଲେ। ଏହି କ୍ରମରେ ସେ ଅନ୍ତର୍ଜାତୀୟ ଟି୨୦ରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତାଲିକାରେ ପୁଣି ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। ତାଙ୍କ ରନ ସଂଖ୍ୟା ୩୪୪୩ରେ ପହଞ୍ଚିଛି। ନିକଟରେ ଏହି ସ୍ଥାନ ମାର୍ଟିନ ଗୁପ୍‌ଟିଲ (୩୩୯୯) ତାଙ୍କଠାରୁ ଛଡ଼ାଇ ନେଇଥିଲେ। ପରେ ଲୋୟର ଅର୍ଡରରେ ଦୀନେଶ କାର୍ତ୍ତିକ ୧୯ ବଲ୍‌ରେ ୪ ଚୌକା ଓ ୨ ଛକା ସହ ୪୧ରନ କରି ଅପରାଜିତ ରହି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ୭ମ ଉଇକେଟରେ ଦୀନେଶ ଓ ୧୩ ରନ କରି ଅପରାଜିତ ରହିଥିବା ରବିଚନ୍ଦ୍ରନ ଅଶ୍ୱିନ ଶେଷ ୪ ଓଭରରେ ଅପରାଜିତ ୫୨ରନ ଯୋଗ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ସଫଳ ବୋଲର ଆଲଜାରୀ ଯୋଶେଫ ୪୬ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ଇନିଂସ:** ୨୦ ଓଭରରେ ୧୯୦/୬ (ରୋହିତ ଶର୍ମା-୬୪, ଦୀନେଶ କାର୍ତ୍ତିକ-୪୧*, ସୂର୍ଯ୍ୟକୁମାର ଯାଦବ-୨୪; ଅଲଜାରି ଯୋଶେଫ-୨/୪୬, ଅକିଲ ହୋସେନ-୧/୧୪)।

**ୱେଷ୍ଟଇଣ୍ଡିଜ ଇନିଂସ:** ୨୦ ଓଭରରେ ୧୨୨/୮ (ଶାମରା ବ୍ରୁକ୍ସ-୨୦; ରବିଚନ୍ଦ୍ରନ ଅଶ୍ୱିନ-୨/୨୨, ରବି ବିଷ୍ଣୋଇ-୨/୨୬, ଅର୍ଶଦୀପ ସିଂ-୨/୨୪)।

# ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଆଲେକ୍ସ

**ବର୍ମିଂହାମ୍, ୨୯।୭:** ଇଂଲଣ୍ଡର ଆଲେକ୍ସ ୟି ଶୁକ୍ରବାର ପୁରୁଷ ଟ୍ରାଇଥଲନ ସ୍ପ୍ରିଣ୍ଟ୍ ଡିଷ୍ଟାନ୍ସ ଇଭେଣ୍ଟ ଜିତିବା ସହ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇଂଲଣ୍ଡ ଆଥ୍‌ଲେଟ କୋର୍ସକୁ ୫୦ ମିନିଟ୍ ଓ ୩୪ ସେକେଣ୍ଡରେ ଶେଷକରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ସୁଇମିଂ ଟାଇମିଂ ୮:୪୯ ରହିଥିବା ବେଳେ ସାଇକ୍ଲିଂ କୋର୍ସକୁ ୨୬:୦୭ ଏବଂ ରନିଂ କୋର୍ସକୁ ୧୪:୩୧ ଟାଇମିଂରେ ଶେଷ କରିଥିଲେ। ନ୍ୟୁଜିଲାଣ୍ଡର ହର୍ବର୍ଟ ୱାଇଲ୍ଡ ଓ ଅଷ୍ଟ୍ରେଲିଆର ମାଉଥ୍ ହାଉଜର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପୁରୁଷ ଟ୍ରାଇଥଲନ ସ୍ପ୍ରିଣ୍ଟ୍ ଡିଷ୍ଟାନ୍ସ ଇଭେଣ୍ଟ ୭୫୦ ମିଟର ସୁଇମିଂ ସହ ଆରମ୍ଭ ହୋଇଥିଲା। ପରେ ବାଇକ୍‌ରେ ୨୦ କିମି ଓ ୫ କିମି ଦୌଡ଼ ହୋଇଥିଲା। ନ୍ୟୁଜିଲାଣ୍ଡର ହର୍ବର୍ଟ ୱାଇଲ୍ଡ ଟ୍ରାଇଥଲନ ରେସ୍‌ର ଅଧିକାଂଶ ସମୟ ଅଗ୍ରଣୀ ରହିଥିଲେ ହେଁ ବାଇକ୍ ଓ ରନିଂ ପର୍ଯ୍ୟାୟ ମଝିରେ ହେଲମେଟ୍ ଖୋଲିଥିବାରୁ ତାଙ୍କୁ ୧୦ ସେକେଣ୍ଡ ପେନାଲ୍ଟି ହୋଇଥିଲା। ଭାରତର ଆଦର୍ଶ ମୁରଲୀଧରନ ୧:୦୦:୦୮ ଟାଇମିଂ ସହ ୩୦ତମ ସ୍ଥାନରେ ରହିଥିଲେ। ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ଅନ୍ୟ ଜଣେ ଭାରତୀୟ ବିଶ୍ୱନାଥ ଯାଦବ ୧: ୦୨: ୫୨ ଟାଇମିଂ ସହ ୩୩ତମ ସ୍ଥାନରେ ରହିଛନ୍ତି।



ପଦକ ପ୍ରଦର୍ଶନ କରୁଛନ୍ତି ଆଲେକ୍ସ ୟି।

# ଉଦ୍‌ଘାଟନୀ ଅଧାରୁ ଚାଲିଆସିଲେ ଲଭ୍ଲିନା

**ବର୍ମିଂହାମ, ୨୯।୭(ପି.ଟି):** ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦ୍‌ଘାଟନୀ ସମାରୋହ ଅଧାରୁ ପଳାଇଆସି ବିବାଦଘେରରେ ବକ୍ସର ଲଭ୍ଲିନା ବୋର୍ଗୋହେନ୍। ଅଲିମ୍ପିକ୍ସ ପଦକ ବିଜୟିନୀ ଲଭ୍ଲିନା ସମାରୋହ ଅଧାରୁ ସାଥୀ ବକ୍ସର ହସମୁଦ୍ଦିନଙ୍କ ସହିତ ବାହାରି ଯାଇଥିଲେ। ହେଲେ ଉଭୟଙ୍କୁ ଗାଡ଼ି ନ ମିଳିବା କାରଣରୁ ହଟହଟା ହୋଇଥିଲେ। ଆଲେକ୍‌ଜାଣ୍ଡର ଷ୍ଟାଡିୟମରୁ କ୍ରୀଡ଼ା ଗ୍ରାମ ମାତ୍ର ୩୦ ମିନିଟ ଦୂରରେ ରହିଥିବା ବେଳେ ଉଭୟଙ୍କୁ କାର୍ ମିଳି ନ ଥିଲା। ଶେଷରେ ଉଭୟ ଖେଳାଳି ବସ୍ ଯୋଗେ କ୍ରୀଡ଼ା ଗ୍ରାମକୁ ଫେରିଥିଲେ। ଉଦ୍‌ଘାଟନୀ ସମାରୋହ ୨.୩୦ ଘଣ୍ଟାର ରହିଥିବା ବେଳେ ଏହି ଦୁଇ ଖେଳାଳି ପ୍ରାୟ ୧ ଘଣ୍ଟା ମଧ୍ୟରେ ଯିବାକୁ ବାହାରିଥିଲେ। ଭୋର୍ ସମୟରୁ ଉଭୟଙ୍କୁ ଅଭ୍ୟାସ କରିବାକୁ ପଡ଼ିବ ବୋଲି କାରଣ ମଧ୍ୟ ଦର୍ଶାଇଥିଲେ।

# ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୨୯।୭ (କ୍ରୀଡ଼ା ପ୍ରତିନିଧି):** ପୁଡୁଚେରୀରେ ଅନୁଷ୍ଠିତ ଆମନ୍ତ୍ରଣୀୟ ୩ ଦଳ ବିଶିଷ୍ଟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ଫାଇନାଲରେ ଓଡ଼ିଶା ପ୍ରତିପକ୍ଷ କେରଳକୁ ପରାସ୍ତ କରିଛି। ନକୁଳ ବଡ଼ନାୟକଙ୍କ ନେତୃତ୍ୱରେ ଓଡ଼ିଶା ଏହି ଟୁର୍ନାମେଣ୍ଟ ଖେଳିଥିଲା। ପ୍ରଥମେ ବ୍ୟାଟିଂ କରିଥିବା କେରଳ ୨୦ ଓଭରରେ ୧୩୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଫରହାନ ସର୍ବାଧିକ ୪୭ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଜାଫର, ତପନ, ରଘୁନାମ ଓ ବିଶୁ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୧୬.୧ ଓଭରରେ ୩ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରି ନେଇଥିଲା। ଆକାଶ ରାଉତ ସର୍ବାଧିକ ୬୭* ଓ ନକୁଳ ୨୬ ରନ ସ୍କୋର କରିଥିଲେ।

# ରାଜ୍ୟ ଲନ୍ ବଲ୍ ଦଳ ଚୟନ ୨ରୁ

**ଭୁବନେଶ୍ୱର, ୨୯।୭ (କ୍ରୀଡ଼ା ପ୍ରତିନିଧି):** ଆସନ୍ତା ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଗୁଜରାଟରେ ହେବାକୁଥିବା ଜାତୀୟ କ୍ରୀଡ଼ା ପାଇଁ ଓଡ଼ିଶା ଲନ୍ ବଲ୍ ଦଳ ଖେଳାଳି ଚୟନ ପ୍ରକ୍ରିୟା ଅଗଷ୍ଟ ୨ ଓ ୩ରେ ବଲାଙ୍ଗୀରର ଆର୍.ଏନ୍. ସିଂଦେଓ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଜାତୀୟ କ୍ରୀଡ଼ା ଲନ୍ ବଲ୍ ଇଭେଣ୍ଟରେ ଓଡ଼ିଶାରୁ ୬ ଜଣ ଲେଖାଏ ମହିଳା ପୁରୁଷ ଖେଳାଳି ଭାଗନେବେ। ଏହା ବ୍ୟତୀତ ଜଣେ କୋଚ୍ ଏବଂ ଜଣେ ମ୍ୟାନେଜର ଯୋଗଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଚୟନ ଶିବିରରେ ଭାଗନେବାକୁ ଆଗ୍ରହୀ ଖେଳାଳିମାନେ ୨ତାରିଖ ସକାଳ ୮ରେ ଆର୍.ଏନ୍. ସିଂଦେଓ ଷ୍ଟାଡିୟମରେ ରିପୋର୍ଟ କରିବେ ବୋଲି ଓଡ଼ିଶା ରାଜ୍ୟ ବୋଲିଂ ସଂଘ ସାଧାରଣ ସମ୍ପାଦକ ସୁମିତ୍ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଅଧିକ ବିବରଣୀ ପାଇଁ କାର୍ଯ୍ୟକାରିଣୀ ସଦସ୍ୟ କୈଳାସ ମାଝୀଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

# ଅଚ୍ୟୁତ ଓ ଅନିଲଙ୍କୁ ଏଫ୍‌ଆଇଭିବିର ସ୍ୱୀକୃତି

**ଭୁବନେଶ୍ୱର,୨୯।୭ (କ୍ରୀଡ଼ା ପ୍ରତିନିଧି):** ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ)ର ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ ନିର୍ବାଚିତ କର୍ମଚାରୀଙ୍କୁ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ପକ୍ଷରୁ ସ୍ୱୀକୃତି ମିଳିଛି। ଭିଏଫ୍‌ଆଇବି ପକ୍ଷରୁ ୨୦୨୦ ମାର୍ଚ୍ଚ ୧୨ରେ ଏହାର ନିର୍ବାଚନ କରାଯାଇଥିଲା। ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସଭାପତି ଏବଂ ଅନିଲ ଚୌଧାରୀ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଏଫ୍‌ଆଇଭିବି ପକ୍ଷରୁ ସ୍ୱୀକୃତି ମିଳିବା ପରେ ଏହି ନିର୍ବାଚିତ ପ୍ୟାନେଲ ୨୦୨୦-୨୦୨୪ ପର୍ଯ୍ୟନ୍ତ କାର୍ଯ୍ୟ କରିବା ସ୍ପଷ୍ଟ ହୋଇଛି। ପୂର୍ବରୁ ଭାରତୀୟ ଅଲିମ୍ପିକ ସଂଘ ଉକ୍ତ ନିର୍ବାଚନ ପ୍ରକ୍ରିୟାକୁ ସ୍ୱୀକୃତି ଦେଇଥିବାରୁ ସମସ୍ତ ଦ୍ୱନ୍ଦ୍ୱ ଓ ବିତର୍କର ଅବସାନ ଘଟିଛି।

# ସାଫ୍ ଫୁଟ୍‌ବଲ: ଭାରତର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୯।୭ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ଶୁକ୍ରବାର ପ୍ରଥମ ବିଜୟ ସ୍ୱାଦ ଚାଖିଛି ଆୟୋଜକ ଭାରତ। ପାର୍ଥିବ ସୁନ୍ଦର ଗୋଗୋଇଙ୍କ ଡବଲ ଗୋଲ ବଳରେ ଭାରତୀୟ ଦଳ ୪-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ୧-୨ ଗୋଲରେ ବାଂଲାଦେଶଠାରୁ ହାରିଯାଇ ଥିବାରୁ ୨ ମ୍ୟାଚରୁ ଭାରତର ଏହାଥିଲା ପ୍ରଥମ ବିଜୟ। ଫଳରେ ଦଳ ୩ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନରେ ରହିଛି।

ମ୍ୟାଚର ପ୍ରଥମାର୍ଦ୍ଧ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିଲେ ହେଁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଶ୍ରୀଲଙ୍କା। ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ପ୍ରଥମାର୍ଦ୍ଧରେ ଗୋଲ ହୋଇପାରି ନ ଥିଲା। ପଟ ପରିବର୍ତ୍ତନ ପରେ ଭାରତ କ୍ରମେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମ୍ୟାଚର ୫୦ତମ ମିନିଟରେ ଫରୱାର୍ଡ ହିମାଂଶୁ ଜାଙ୍ଗ୍ରା ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ୬୯ତମ ମିନିଟରେ ଏକ ଗୋଲ ମାଧ୍ୟମରେ ଗୋଗୋଇ ଏହାକୁ ୨-୦ରେ ପରିଣତ କରିଥିଲେ। ଶ୍ରୀଲଙ୍କା ଗୋଲ ପରିଶୋଧ ଉଦ୍ୟମରେ ଥିଲେ ହେଁ ୭୪ତମ ମିନିଟରେ ଲେଫ୍ଟ ବ୍ୟାକ୍ ୱିଙ୍ଗର ଗୁରକୀରଟ ସିଂ ଆଉ ଏକ ଗୋଲ ଦେଇ ଭାରତର ବିଜୟ ସମ୍ଭାବନାକୁ ଦୃଢ଼ୀଭୂତ କରିଥିଲେ। ୯୦ ମିନିଟ ସୁଦ୍ଧା ଭାରତ ୩-୦ରେ ଅଗ୍ରଣୀ ରହିଥିଲା ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୩ ମିନିଟରେ ଗୋଗୋଇ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଗୋଗୋଇ ଆଇ-ଲିଗ୍‌ରେ ଇଣ୍ଡିଆନ ଆରୋଜ ପକ୍ଷରୁ ପ୍ରତିନିଧିତ୍ୱ କରିଥାନ୍ତି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୩୧ ତାରିଖରେ ନେପାଳ ସହିତ ଖେଳିବ। ୫ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଶ୍ରେଷ୍ଠ ୨ଟି ଦଳ ମଧ୍ୟରେ ଫାଇନାଲ ଅଗଷ୍ଟ ୫ରେ ଅନୁଷ୍ଠିତ ହେବ।



ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ବାଂଲାଦେଶର ତୃତୀୟ ବିଜୟ**

ଶୁକ୍ରବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ୪-୧ ଗୋଲ୍‌ରେ ନେପାଳକୁ ହରାଇ ଦେଇଛି। ଚଳିତ ଟୁର୍ନାମେଣ୍ଟରେ ବାଂଲାଦେଶର ଏହା ତୃତୀୟ ବିଜୟ। ଫଳରେ ୩ ମ୍ୟାଚ୍‌ରୁ ୯ ପଏଣ୍ଟ ସହିତ ଏହି ଦଳ ଶୀର୍ଷରେ ରହିଛି।

# ଦ ରିଦମ୍ ଇଟରନାଲ

## ଅଭୁଲା ଅନୁଭବ



ମଣୀନ୍ଦ୍ର କୁମାର ମେହେର

ଏ ନୃତ୍ୟର ନାମକରଣ ସ୍ୱୟଂ ଶ୍ରୀମାଙ୍କ ଦ୍ୱାରା ପ୍ରଦତ୍ତ। ଯିଏ ମଞ୍ଚ ଉପରେ ନୃତ୍ୟ ରଚନା କଲେ ସେ ସୁବିଖ୍ୟାତ ନୃତ୍ୟଶିଳ୍ପୀ ଶୋଭା ମିତ୍ର।
: "ତୁମେ ଅସମ୍ଭବକୁ ଜୟ କରିଛ।"

ଶୋଭା ମିତ୍ରଙ୍କ ଦୁଇ ଆଖି ହୋଇଯାଇଥିଲା ଏତେ କୋମଳ ଓ ପ୍ରେମପୂର୍ଣ୍ଣ ଯେ ତାହା ବର୍ଣ୍ଣନା କରିବାର ଶକ୍ତି କୌଣସି ସାଧାରଣ ଲେଖକର ନ ଥାଏ।

ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀମାଙ୍କ ଅନନ୍ୟ କୃପାଲାଭ କରି ଶୋଭା ଏପରି ରୂପରେ ପରିଶୋଭିତ ହୋଇଥିଲେ ଯାହା ବର୍ଣ୍ଣନାତୀତ। ଆଶ୍ରମର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯେତେବେଳେ ନୃତ୍ୟ ପରିବେଷଣ କରନ୍ତି ସେସବୁ ଅନୁଭୂତି ଅସାମାନ୍ୟ। ତେବେ 'ଦ ରିଦମ୍ ଇଟରନାଲ' ନୃତ୍ୟ ପ୍ରଦର୍ଶନ ବେଳକୁ କ'ଣ ଯେ ଘଟିଗଲା ମୁହୂର୍ତ୍ତକରେ ତାହାର ରହସ୍ୟ ଉନ୍ମୋଚନ କରିବା ଥିଲା ଅସମ୍ଭବ।

କାର୍ଯ୍ୟକ୍ରମର ଦିନ ନିକଟତର। ଏହାରି ମଧ୍ୟରେ ଶୋଭାଙ୍କ ଶରୀରରେ ଦେଖାଗଲା ଅଶୋଭନୀୟ ଯନ୍ତ୍ରଣାର ଦାଗ। ତାଙ୍କ ଜଂଘର ଦୁଇ ପାଖରେ ଦୃଶ୍ୟମାନ ହେଲା ଦୁଇଟି ବିରାଟ ବଥ। ଆଉ ସ୍ୱାଭାବିକ ଭାବେ ସେ ଚାଲିପାରିଲେ ନାହିଁ, ବସିପାରିଲେ ନାହିଁ। ବଡ଼ କଷ୍ଟରେ ରିହର୍ସାଲ ଚାଲେ। ନିର୍ଦ୍ଧାରିତ ତାରିଖଟି ପରିବର୍ତ୍ତିତ କରିଦେଲେ ହୁଅନ୍ତାନି? ଶ୍ରୀମାଙ୍କ ନିକଟରେ ପ୍ରାର୍ଥନା କଲେ ଶୋଭା। ଏପରିକି କେଉଁ କାରଣରୁ ସେ ଏ ପ୍ରସ୍ତାବଟି ଦେଉଛନ୍ତି ତାହା ମଧ୍ୟ ସ୍ପଷ୍ଟ ଭାବେ ବ୍ୟକ୍ତ କଲେ। ଅଥଚ ମାଆଙ୍କ ଉତ୍ତର ଶୁଣି ସ୍ତବ୍ଧ ହୋଇ ରହିଗଲେ ସେ- ତାରିଖ ବଦଳାଇବା ସମ୍ଭବ ନୁହେଁ। ଆଶ୍ରମରେ କେତେକେତେ ହୃଦୟସ୍ପର୍ଶୀ ନୃତ୍ୟରେ ଅଂଶଗ୍ରହଣ କରି ସେ ଅସଂଖ୍ୟ ଦର୍ଶକଙ୍କୁ ପ୍ରଦାନ କରିଛନ୍ତି ଅଭୁଲା ଅନୁଭୂତି। ତା'ହେଲେ ପୂର୍ବବର୍ତ୍ତୀ ତାଙ୍କର ସବୁ ସଫଳତା କ'ଣ ପାଣିଫୋଟକା ଭଳି ଫାଟିଯିବ ଏ କାର୍ଯ୍ୟକ୍ରମରେ? ଷ୍ଟେଜ୍ ଉପରେ ମହାକାଳୀଙ୍କ ନୃତ୍ୟ ପ୍ରଦର୍ଶନକରି ସେ ଯେଉଁ ସାଫଲ୍ୟ ଲାଭ କରିଥିଲେ ତାହା ବି ମନେପଡ଼ିଗଲା ଏହି କ୍ଷଣଟିରେ।

ମଞ୍ଚ ଉପରେ ପାଦ ଦେବା ସଙ୍ଗେ ସଙ୍ଗେ ଶୋଭାଙ୍କ ସୌନ୍ଦର୍ଯ୍ୟ ହୋଇଯାଏ ଅଦ୍ଭୁତ ଭାବେ ପରିବର୍ତ୍ତିତ। ନୃତ୍ୟ ଓ ସଙ୍ଗୀତ ବିଭାଗର ଦାୟିତ୍ୱ ସେ ତୁଲାଇଛନ୍ତି କି ନିଷ୍ଠାରେ ସତେ! ମା' ପସନ୍ଦ କରନ୍ତି ଉଚ୍ଚକୋଟୀର ରାଗସଙ୍ଗୀତ। ପୃଥିବୀ ବିଖ୍ୟାତ ସଙ୍ଗୀତଜ୍ଞ ବାକ୍, ବିଥୋଭେନ ମୋଜାର୍ଟ- ଏ ସମସ୍ତଙ୍କ ସଙ୍ଗୀତ ସହିତ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଥିଲା ମାଆଙ୍କର ଏକାନ୍ତ ପ୍ରିୟ। ସେ ତାଙ୍କର ଏହି ଅତି ପ୍ରିୟ ଶିଷ୍ୟା ଶୋଭାଙ୍କୁ ସଚେତନ କରି ଦେଇଥିଲେ ଯେ ଯେଉଁ ସଙ୍ଗୀତରେ ଆଧାତ୍ମିକତାର ଧ୍ୱନି ଅନୁପସ୍ଥିତ, ତାହା ନିମ୍ନ ପ୍ରାଣର କୁରୁଚିକୁ ଉତ୍ତେଜିତ କରିବା ପାଇଁ ଉଦ୍ଦିଷ୍ଟ। ଏ ପ୍ରକାରର ହାଲୁକା ଉତ୍ତେଜନାରୁ ଏକ ଭିନ୍ନ ସୂକ୍ଷ୍ମତର ସୋପାନକୁ ଉତ୍ତୀର୍ଣ୍ଣ କରିନେବାକୁ ସେ ଚାହୁଁଥିଲେ ତାଙ୍କ ଶିଷ୍ୟାଶିଷ୍ୟମାନଙ୍କୁ। କହୁଥିଲେ, ଏ ପୃଥିବୀର ପରିମଣ୍ଡଳ ଉର୍ଦ୍ଧ୍ୱରେ ଏପରି ଏକ ସୂକ୍ଷ୍ମ ସ୍ତର ରହିଛି, ଯାହା ହେଉଛି କଳାର ଜଗତ। ସେଠାରେ ଅନ୍ତର୍ନିହିତ ସଙ୍ଗୀତର ଦିବ୍ୟ ମାଧୁର୍ଯ୍ୟ କ୍ୱଚିତ୍ ଅବତରଣ କରିଆସେ ଏ ପୃଥିବୀପୃଷ୍ଠକୁ।

ଶୋଭା ହୃଦୟଙ୍ଗମ କରିସାରିଥିଲେ ଯେ, ମାଆ ତାଙ୍କୁ ନିଜର ଯନ୍ତ୍ର ଭାବେ ନିର୍ମାଣ କରିବାକୁ ଚାହୁଁଛନ୍ତି ଏବଂ ତା' ମଧ୍ୟ ଦେଇ ଉର୍ଦ୍ଧ୍ୱସ୍ଥ କଳାମୟ ଜଗତର ମହିମାନ୍ୱିତ ସୌନ୍ଦର୍ଯ୍ୟକୁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆଣିବା ପାଇଁ ନିରନ୍ତର ପ୍ରଦାନ କରି ଚାଲିଛନ୍ତି ଶକ୍ତିର ଅସଂଖ୍ୟ ତରଙ୍ଗମାଳା। ଶୋଭା ସଙ୍ଗୀତମାଳା ଅନୁଷ୍ଠାନର ଦାୟିତ୍ୱ ନେବା ପରେ ତାଙ୍କୁ ମିଳିଥିଲା ଗୋଟିଏ ଛୋଟ ଅର୍ଗାନ ଆଉ ହାର୍ମୋନିୟମ। ମାଆ ଯେତେବେଳେ ଅର୍ଗାନ ବାଦନ କରନ୍ତି ସେତେବେଳେ ସେ ସମାଧିସ୍ଥ। ମାଆଙ୍କର ଏହି ସମୟର ଚିତ୍ରଟି ତାଙ୍କ ହୃଦୟରେ ନିଖୁଣ ଭାବେ ରୂପାୟିତ। ମାଆ ଅର୍ଗାନ ବାଦନର ଅମୋଘ ଉପାୟ ବତାଇ ଦେଇଥିଲେ। ତାହା ହେଲା ଅର୍ଗାନ ବଜାଇବା ପୂର୍ବରୁ ଶ୍ରୀଅରବିନ୍ଦଙ୍କ ଚେତନାରେ ଧ୍ୟାନସ୍ଥ ହେବା। ଶୋଭାଙ୍କର ମନେପଡ଼ିଯାଉଛି ଯେଉଁଦିନ ନୃତ୍ୟନାଟିକା ପ୍ରଦର୍ଶନ ବେଳେ ସେ ମହାକାଳୀ ରୂପରେ ଅବତୀର୍ଣ୍ଣା। ମହାକାଳୀଙ୍କ ଚେତନାକୁ ନିଜ ମଧ୍ୟକୁ ଓହ୍ଲାଇ ଆଣିବା କ'ଣ ସହଜ କଥା? ଶୋଭା ଜାଣିପାରୁ ନ ଥିଲେ ଯିଏ ଅସଲ ମହାକାଳୀ ଅର୍ଥାତ୍ ଶ୍ରୀମା, ତାଙ୍କରି ସମ୍ମୁଖରେ କିପରି ଅସୁରମାନଙ୍କ ସହିତ କରିବେ ଯୁଦ୍ଧ? ମନେପଡ଼ିଯାଉଛି ଷ୍ଟେଜ୍ ଉପରକୁ ଦୁଇଟି ଲମ୍ବା ଲମ୍ଫ ଦେଇ ଯେମିତି ଦୁମ୍ କରି ସେ ପଡ଼ିଯାଇଥିଲେ। ତାଙ୍କ ହାତରେ ଥିବା ଖଡ୍ଗଟି ଭାଙ୍ଗି ହୋଇଗଲା ଦୁଇଖଣ୍ଡ। ଖଣ୍ଡେ ରହିଲା ଶୋଭାଙ୍କ ହାତରେ। ଆଉ ଖଣ୍ଡେ ଯାଇ ପଡ଼ିଲା ଶ୍ରୀମାଙ୍କ ପାଦ ପାଖରେ। ସେଦିନର ଯେଉଁ ଶାରିରିକ କମ୍ପନ ସେ ଅନୁଭବ କରିଥିଲେ ସେଥିରୁ ଜାଣିପାରିଲେ ଯେ ସେ ଯେମିତି ଅନ୍ୟ ଜଣେ ମଣିଷ।

ଦ ରିଦମ୍ ଇଟରନାଲ ଅର୍ଥାତ୍ ଶାଶ୍ୱତ ଛନ୍ଦ। ଏଥିପାଇଁ ଶ୍ରୀଅରବିନ୍ଦଙ୍କ ଲେଖାର କିଛି କିଛି ଅଂଶ ନେବା ପାଇଁ ମାଆ ଦେଇଥିଲେ ନିର୍ଦ୍ଦେଶ। ଶୋଭା କେଡ଼େ ଆଗ୍ରହରେ 'ସାବିତ୍ରୀ' ମହାକାବ୍ୟର ପ୍ରଥମ ପର୍ବ, ପ୍ରଥମ ସର୍ଗରୁ ଆରମ୍ଭ କରିଥିଲେ ତାଙ୍କର ନୃତ୍ୟନାଟିକା ରଚନାର ଧାରା। ଆଶ୍ରମର ସୁନୀଲ ଦା'ଙ୍କ ମ୍ୟୁଜିକ୍ ବାଜିବ। ତା'ପରେ ଶ୍ରୀମାଙ୍କ କଣ୍ଠରେ ସାବିତ୍ରୀର ଯେଉଁ ଅଂଶ ରେକର୍ଡିଂ କରାଯାଇଛି, ତାହାର ଆବୃତ୍ତିକୁ ସଂଯୋଜିତ କରି ଦିଆଯିବ। ସୁନୀଲ ତାଙ୍କ ମ୍ୟୁଜିକ୍, ତେଜ ଦା'ଙ୍କ ଆଲୁଅର ଖେଳ ଆଉ ମାଆଙ୍କ କଣ୍ଠର ସ୍ୱର ସମନ୍ୱିତ ହୋଇଯିବ ଗୋଟିଏ ବିନ୍ଦୁରେ। ଏଠାରେ କୌଣସି ନାଚ ରହିବ ନାହିଁ। ପୃଥିବୀ ମଧ୍ୟରୁ କ୍ରମେ କ୍ରମେ ବାହାରି ଆସିବେ ଏକ ଏକ ଋତୁରାଣୀ। ଶ୍ରୀଅରବିନ୍ଦ ଏହି ଋତୁଚକ୍ରକୁ ଯେଉଁ ଭାଷାରେ ବର୍ଣ୍ଣନା କରିଛନ୍ତି, ତାହା ଧ୍ୱନିତ ହୋଇ ଉଠିବ ଦିବ୍ୟ ଜନନୀଙ୍କ ମଧୁର କଣ୍ଠରେ। ମାଆଙ୍କ ନିର୍ଦ୍ଦେଶରେ ଏହି ସ୍କ୍ରିପ୍ଟକୁ ପ୍ରସ୍ତୁତ କରିଛନ୍ତି ଶୋଭା। ଏପରିକି ମହାକବି କାଳିଦାସଙ୍କ ଋତୁ ସଂହାରରୁ କେତୋଟି ଶ୍ଳୋକ ଆଉ କବିଗୁରୁ ରବୀନ୍ଦ୍ରନାଥଙ୍କ ପ୍ରକୃତି ଆଧାରିତ କେତୋଟି ଗୀତକୁ ନିର୍ବାଚନ କରିଛନ୍ତି ଶୋଭା। ମନେପଡ଼ିଗଲା ମାଆଙ୍କ ଉଚ୍ଚାରିତ ଏକ ବାକ୍ୟ ତାଙ୍କର। କେମିତି ଏ ଲେଖାଟିରେ ସଂଯୋଜନା କରିବେ ବୋଲି ଚିନ୍ତାକଲା ବେଳେ ମାଆ କହିଥିଲେ- ମୁଁ କାହାକୁ କୌଣସି ଦାୟିତ୍ୱ ଦେଲେ ସେହି ଦାୟିତ୍ୱକୁ କାର୍ଯ୍ୟକାରୀ କରିବାର ଶକ୍ତି ମଧ୍ୟ ତାକୁ ଦିଏ।

...କାର୍ଯ୍ୟକ୍ରମ ଆରମ୍ଭ ହୁଏ। ଧରିତ୍ରୀ ମାତାଙ୍କର ଆବିର୍ଭାବ ଘଟେ। ମାୟା ମିତ୍ରଙ୍କ ଗିଟାର ବାଦନରେ ଥରି ଉଠେ ପରିବେଶ। ରବୀନ୍ଦ୍ର ସଙ୍ଗୀତର କୋରସ୍‌ରେ ଅପୂର୍ବ ରୂପ ପରିଗ୍ରହ କରନ୍ତି ଧରିତ୍ରୀ ମାତା।

ଶୋଭାଙ୍କର ଏକଥା ମଧ୍ୟ ମନେପଡ଼ୁଛି ଯେ, ଓଡ଼ିଶାର ସୁପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀଙ୍କୁ ଆମନ୍ତ୍ରଣ କରିବାର ପ୍ରସ୍ତାବ ସେ ଦେଇଥିଲେ। ଅଥଚ ଆସିଲା ଏକ ଆକସ୍ମିକ ଟେଲିଗ୍ରାମ୍ ବାର୍ତ୍ତା। ସଂଯୁକ୍ତା ପହଞ୍ଚିପାରିବେ ନାହିଁ।

ଶୋଭାଙ୍କ ଗୋଡ଼ର ଦୁଇ ବଥର ଯନ୍ତ୍ରଣା ଆହୁରି ବର୍ଦ୍ଧିତ ହୋଇଗଲା ଏହା ଶୁଣି। କହିଲେ ମାଆଙ୍କୁ- "ମଧୁମୟୀ ମାଆ, ମୁଁ ଅସୁସ୍ଥ। କେମିତି ନାଚିବି ?" ମାଆ ସେଦିନ ଶୋଭାଙ୍କ ମୁଣ୍ଡ ଉପରେ ହାତ ବୁଲାଇ କହିଥିଲେ, ସବୁ ଠିକ୍ ହୋଇଯିବ। ଆଉ ତାରିଖ ବଦଳିଲା ନାହିଁ। ନିର୍ଦ୍ଧାରିତ ରାତ୍ରିରେ ହିଁ ଅଭିନୀତ ହେଲା ସେହି ଅସାମାନ୍ୟ କାର୍ଯ୍ୟକ୍ରମ। ଡିସେମ୍ବର ମାସର ଶୀତରାତି। ଶୋଭା କେବଳ ହୃଦୟ ଭିତରେ ଡାକୁଥାନ୍ତି ମାଆ ମାଆ ବୋଲି। ସମଗ୍ର ଥିଏଟର ଦର୍ଶକମାନଙ୍କ ଦ୍ୱାରା ପରିପୂର୍ଣ୍ଣ। ରାତି ଆଠଟାରେ ବାଜିଲା ଘଣ୍ଟା। ଷ୍ଟେଜ୍ ଉପରେ ଅସାଧାରଣ ଆଲୁଅର କ୍ରୀଡ଼ା। ତା'ପରେ ଶ୍ରୀମାଙ୍କ କଣ୍ଠନିଃସୃତ ଅନ୍ତର୍ଭେଦୀ ଆବୃତ୍ତି। ଆଲୁଅର ବନ୍ୟା ଆସି ଯେତେବେଳେ କେନ୍ଦ୍ରୀଭୂତ ହେଲା ଶୋଭାଙ୍କ ଶରୀରରେ ସେହି ଆଲୁଅର ମହୋତ୍ସବରେ ହଜିଗଲେ ସେ ଅକଳ୍ପନୀୟ ଭାବେ। ଏତେ ଦିନ ଧରି ଯେମିତି ନାଚିଥିଲେ ତା'ଠାରୁ କାହିଁ କେତେଗୁଣରେ ଅଧିକ ନିମଗ୍ନମାନତାରେ ନିଜକୁ ବିସ୍ମରିଗଲେ ସେ। ବଥର ଯନ୍ତ୍ରଣା ମନେପକାଇବା ପାଇଁ ଆଉ ବେଳ ନ ଥିଲା। ପ୍ରତି ଋତୁରାଣୀଙ୍କ ସହିତ ତାଙ୍କର ଦ୍ୱୈତନାଚ। ଅସାଧାରଣ ଅର୍କେଷ୍ଟ୍ରାର ବାଜଣା। ଷ୍ଟେଜ୍‌ରେ ଏକ ଅପୂର୍ବ ଆନନ୍ଦର ବନ୍ୟା। ପୃଥିବୀ ପୃଷ୍ଠକୁ ଆଗମନ କରିଛି ନୂତନ ଆକାଂକ୍ଷା, ନୂତନ ଜୀବନ, ନୂଆ ପ୍ରାଣ। ଯେମିତି ଶ୍ରୀମାଙ୍କ କଣ୍ଠଧ୍ୱନିରେ ଶୁଭାରମ୍ଭ ହୋଇଥିଲା କାର୍ଯ୍ୟକ୍ରମର, ସେହି କଣ୍ଠରେ ଆବୃତ୍ତି ହେଉଥିବା ସାବିତ୍ରୀର ପଦାବଳୀ ସହିତ ଧୀରେ ଧୀରେ ନଇଁ ଆସୁଥିଲା ଯବନିକା। ମଞ୍ଚ ଏବଂ ଦର୍ଶକଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ଏକ ସ୍ୱର୍ଗୀୟ ବାତାବରଣ। ଛଅଟି ଋତୁ ନୀରବରେ ପୃଥିବୀକୁ ପ୍ରଦକ୍ଷିଣ କରୁଥିବାର ଓ ସ୍ନିଗ୍ଧ ହାଲୁକା ନୀଳ ଓ ଗୋଲାପୀ ରଙ୍ଗର ଆଲୁଅ ଆଉ ସ୍ୱର୍ଗୀୟ ସଙ୍ଗୀତର ଲାଳିତ୍ୟ ମଧ୍ୟରେ ଯେପରି ପର୍ଦ୍ଦା ନଇଁ ଆସିଲା, ସେ ମୁହୂର୍ତ୍ତକୁ ଶୋଭା କ'ଣ ଆଜୀବନ ଭୁଲିବା ସମ୍ଭବ?

ପରଦା ପତନ ସମାପ୍ତ। ସମଗ୍ର ପରିବେଶରେ କେବଳ ବିରାଜିତ ନିଃସୀମ ନୀରବତା। କେତେ ସମୟ ଧରି ସମସ୍ତେ ନିଜକୁ ସମ୍ପୂର୍ଣ୍ଣ ବିସ୍ମରି ଯାଇଥିଲେ। ଯେତେବେଳେ ମନେପଡ଼ିଲା ଯେ, ସେମାନେ ଜଣେ ଜଣେ ଦର୍ଶକ, ସେତେବେଳେ କରତାଳିରେ ପ୍ରକମ୍ପିତ ହେଲା ଦୀର୍ଘ ସମୟ ଧରି ଅଡିଟୋରିୟମ୍। ଷ୍ଟେଜ୍ ଅନ୍ଧକାରାବୃତ। ଶୋଭାଙ୍କ ସହିତ ଗ୍ରୀନ୍‌ରୁମ୍‌କୁ ଚାଲିଗଲେ ସମସ୍ତେ। ଅଭିନନ୍ଦନର ସ୍ରୋତସ୍ୱିନୀ ସ୍ୱର୍ଣ୍ଣକଲା ଶୋଭାଙ୍କୁ। ଏତେ ଉଦ୍‌ବେଳନ ମଧ୍ୟରେ ତଥାପି ଶୋଭା ମିତ୍ରଙ୍କ ସମଗ୍ର ସତ୍ତା ଥିଲା ଅବିଚଳିତ ଓ ଶାନ୍ତ। ସତେ ଯେମିତି ଅଭିନନ୍ଦନ ନୁହେଁ, ରାଶି ରାଶି ଶାନ୍ତି ଧାରାର ପ୍ରବହମାନତାରେ ସେ ଭିଜିଯାଉଛନ୍ତି ଗୋଟାପଣେ। ଶୋଭାଙ୍କର ବିଶ୍ୱାସ ଥିଲା ମାଆଙ୍କ ଉପରେ। ବିନ୍ଦୁଏ ଅବିଶ୍ୱାସ ଥିଲା ନିଜ ଉପରେ। ସେ କ'ଣ ମାଆଙ୍କ କରୁଣାର ଆଧାର ସତକୁ ସତ ହୋଇପାରିବେ? ଦିନେ ନୁହେଁ, ଦୁଇଦିନ ନୁହେଁ, ନିଜ ଅନ୍ତର୍ଜଗତରେ ବିରାଟ ପରିବର୍ତ୍ତନ ସେ ଅନୁଭବ କରିଚାଲିଥିଲେ ନିରନ୍ତର ଦିନକୁ ଦିନ। ଭିନ୍ନ ଏକ ଜଗତକୁ ତାଙ୍କର ଯେ ଉତ୍ତରଣ ଘଟିଯାଇଛି, ଏହା ଆଉ ଜାଣିବାକୁ ବାକି ନଥିଲା ତାଙ୍କୁ। ଏ କାର୍ଯ୍ୟକ୍ରମଟିର ପୁନଶ୍ଚ ନୃତ୍ୟାୟନ ଅନୁଷ୍ଠିତ ହେଲା। କାର୍ଯ୍ୟକ୍ରମ ଅନ୍ତେ ଶ୍ରୀମା ଶୋଭାଙ୍କୁ ଦର୍ଶନ ଦେବା ହୋଇଥିଲା ସ୍ଥିରୀକୃତ। ବିଭିନ୍ନ ରଙ୍ଗର ଓ ସୁବାସର ସ୍ନିଗ୍ଧ ସତେଜ ପୁଷ୍ପାଞ୍ଜଳି ନେଇ ପହଞ୍ଚିଥିଲେ ସେ ମା'ଙ୍କ ଚରଣ ତଳେ। ମାଆ ଶୋଭାଙ୍କ ଦୁଇ ସୁକୋମଳ ହାତ ପାପୁଲିକୁ ଧୀରେ ଧୀରେ ସ୍ନେହସିକ୍ତ ରୀତିରେ ଉତ୍ତୋଳିତ କରି ନେଇ ତାଙ୍କ ଦୁଇ ଉଷ୍ମ ମଧୁର ହାତ ପାପୁଲିରେ ଛନ୍ଦି ଧରିଲେ। ଶୋଭାଙ୍କ ଆଖିରେ ପ୍ରସ୍ଫୁଟିତ ଅପରିସୀମ ସୌନ୍ଦର୍ଯ୍ୟକୁ ମାଆ ଅନେକ ସମୟ ସ୍ଥିର ଚିତ୍ତରେ ଅନାଇ ରହିଲେ। ମା'ଙ୍କ ଉଭୟ ଚକ୍ଷୁରେ ଯେଉଁ ଐଶ୍ୱର୍ଯ୍ୟ ସେଦିନ ଫୁଟି ଉଠୁଥିଲା, ମନେହେଲା ଶୋଭା ସତେ ଯେମିତି ପ୍ରତ୍ୟକ୍ଷ କରୁଛନ୍ତି ମହାଲକ୍ଷ୍ମୀଙ୍କ ଦିବ୍ୟଦୃଷ୍ଟିକୁ।

ହୃଦୟଭିତରେ ମାଆଙ୍କ ଉଚ୍ଚାରିତ ଯେଉଁ ଅଭିନନ୍ଦନର ସ୍ୱର ପ୍ରତିଧ୍ୱନିତ ହୋଇଉଠେ ପ୍ରତି ମୁହୂର୍ତ୍ତରେ ତାହା ହେଉଛି ସେଇ ଶବ୍ଦ- "ତୁମେ ଅସମ୍ଭବକୁ ଜୟ କରିଛ।"

ଶୋଭା ମାତୃ ଆଶୀର୍ବାଦରେ ସମ୍ପୂର୍ଣ୍ଣ ବଗଳିତା ଏକ ମହାଚେତନା, ଜାଣିଥିଲେ ସେ ନିଜର ପ୍ରତିଟି ରକ୍ତକଣିକାରେ ଗୁଞ୍ଜରିତ ହୋଇଉଠୁଛି ଯେଉଁ ସଙ୍ଗୀତ, ତାହାର ମର୍ମାର୍ଥ ହେଲା ମାଆ, ମୁଁ ନୁହେଁ, ଅସମ୍ଭବକୁ ଜୟ କରିଛନ୍ତି ଆପଣ!

ମୋ: ୯୯୩୭୩୬୫୬୯୮

## କବିତା

### ନୀଳନିଆଁ
ଜନ୍ମେଜୟ ପଣ୍ଡା

ତୁମ ଦୂରତ୍ୱ
ମତେ ଭାଙ୍ଗିଦେଇପାରେ
କାଉଁରିଆ କାଠି ପରି
ଜାଳି ଦେଇପାରେ
ଦିଆସିଲି କାଠି ପରି
ହେଲେ ଆଜି ବି
ଆମ ସମ୍ପର୍କର ମଞ୍ଜିଟା
ଅଙ୍କୁରୋଦ୍‌ଗମ ହେବାକୁ
ପ୍ରୀତିର ବୁନ୍ଦାଏ ପାଣି ଖୋଜୁଛି
ହୃଦୟର ବଞ୍ଜର ଜମିରେ।

ଏତେ ଶୀଘ୍ର ସମ୍ପର୍କଟା
ଅଲଣା ହେଇଯିବ
ପ୍ରେମିକପଣିଆ ଫିକା ହେଇଯିବ
ପ୍ରଣୟର ବୁନ୍ଦାବୁନ୍ଦା ସ୍ମୃତିସବୁ
ପଥର ହେଇଯିବ
ଅବା ତୁମେ ତୁମ ଭିତରର 'ତୁମେ'ଟାକୁ
ଗଳା ଚିପି ନିର୍ମମ ଭାବେ ହତ୍ୟା କରିବ
ଆଉ ସେ ହତ୍ୟାକାଣ୍ଡରେ
ମତେ ଫସେଇ ଦେଇ
ସମସ୍ତଙ୍କ ଆଗରେ ଦୋଷୀ ସଜେଇ
ଲୋକହସା କରେଇବ ବୋଲି
କିଏ ଜାଣିଥିଲା ?

ଶବ୍ଦର ଆଗ୍ନେୟ ଉଦ୍‌ଗିରଣ
ସବୁକୁ ଛାତିରେ ସମାଧି ଦେଇ
ତୁମର ଶହେ ମିଛକୁ ଇ ସତ ବୋଲି
ଦାବି କରୁଥିବା ମୁଁ
ହୁଁ କାର ମାରି ସାରା ଦୁନିଆ ସହ
ଯୁଝି ଯିବାକୁ ବସିଥିବା ବେଳେ
ତୁମେ ତୁମ ମାୟାର ନିଃଶବ୍ଦ
ଅମୋଘାସ୍ତ୍ର ଫିଙ୍ଗିଲ ବେଫିକର ହୋଇ
ଆଉ ବେକିଂଆଟେ ମାରି ଭାଙ୍ଗିଦେଲ
ବହୁ କଷ୍ଟରେ ସଳଖି ଥିବା ଅଣ୍ଟାକୁ।

ସିଏଫ୍ଏଲ୍ ବଲ୍‌ର ଚାରିପଟେ
ଘୂରି ବୁଲୁଥିବା
ଗୋବର ମୁଣ୍ଡିଆ ଗୋବର ପୋକ ପରି
ମୁଁ ବି ଖୁ' ଡେରିରେ ବୁଝିଲି
ତୁମ ଅନ୍ତରର ନୀଳନିଆଁକୁ
ଆଗରୁ ବୁଝିଥିଲେ ହୁଏତ
ମନର ଆବେଗ ସବୁକୁ
କବର ଦେଇପାରିଥା'ନ୍ତି
ନିଜ ଔକାତର ପିରାମିଡ୍ ତଳେ।

ପ୍ରେମର ଦହନ
ଆଉ ଅତୀତର ରୋମନ୍ଥନରେ
ବଞ୍ଚି ହୁଏ ବୋଲି
ଶିଖେଇଥିବା ତୁମକୁ
ଅଶେଷ ଅଶେଷ ଧନ୍ୟବାଦ।

ମୋ: ୭୦୦୮୭୫୨୬୩୧

### ଆଜି ରାତିରେ
ଶ୍ରୀହରି ଧଳ

ଆଜି ରାତିରେ ହୁଏତ ଇତିହାସ
କଡ଼ ଲେଉଟାଇପାରେ
ଭୋକ ଡାକରେ ଭାଙ୍ଗି ଯାଉଥିବ
କଟୁଆଳର ନିଦ।

ମିଶିବ ରକ୍ତ ନଈରେ
ଆଉ କେଇ ଟୋପା ରକ୍ତ
ଶକତ ହେଉଥିବ ପଥର ମଣିଷର ହାତ
ବୋହି ନେବାକୁ ଚିରୁଡ଼େ ନିଆଁ
ପଥର ଠିକଣା ଯାଏ, ଗୋଟେ ଧ୍ୱଂସର
ଚିତ୍ର ଆଙ୍କୁ ଆଙ୍କୁ ଚିତ୍ରକର
ଶେଷତମ ସ୍ୱର୍ଶ ଦେଉଥିବ ଛବିଟେ
ଆଜି ରାତିରେ ଘୋଡ଼ାଶାଳରୁ ଶୁଭିବ
କୁଆଁ କୁଆଁ, ଚମକିବେ
ଈଶ୍ୱର ଓ ପାହାଡ଼ମାନେ।

ନୂଆ ଇତିହାସଟେ
ଲେଖାଇ ନେଉଥିବ ନିଜକୁ ନିଜେ।
ଆଜି ରାତିରେ ହୁଏତ
ଖସିପଡ଼ିବ ଗୋଟେ ପ୍ରାଚୀନ ଦୁର୍ଗର
ଶେଷତମ ପଥର
ଅନ୍ଧାର ଛାତିଫାଡ଼ି
ଭରାନଈକୁ ବି ଭାଗକରି
ଗଢ଼ାଯିବ ଗୋଟେ ଅଗ୍ନିପଥ।

ଗଉଁତରା, କପାସି, ଚିତାଳୋ, ଯାଜପୁର

### ଅପାସୋରା ମୁହୂର୍ତ୍ତ
ଅନସୂୟା ପଣ୍ଡା

ସମୟର ଶିଡ଼ିରେ ପାହାଚ ପରେ ପାହାଚ
ଚଢ଼ିବାର ଅଜସ୍ର ପ୍ରୟାସ
ପଣତକାନିରେ ଗଣ୍ଠିପଡ଼ିଛି
ଅନେକ ଇତିହାସ
ସ୍ମୃତିର ସିନ୍ଦୁକରେ
ଅନେକ ଅପାସୋରା ମୁହୂର୍ତ୍ତର ଆର୍ତ୍ତସ୍ୱର
ଖୁସିର ଗୁଞ୍ଜରଣ।

ଆଖିରେ ଲୁହ ଆଣେ ଓଠରେ ହସ
ମନ ବିଭୋର ହେଇଯାଏ
ଭାବନାରେ ଜହ୍ନ ସାଥେ ଖେଳେ
ଆଞ୍ଜୁଳାଭର୍ତ୍ତି ଅନ୍ଧାରରେ ଆଲୋକକୁ ଭରେ
ମନ ଭିଜିଯାଏ ଭିନ୍ନ ଏକ ପୁଲକରେ।

ହଜିଲା ଶ୍ରାବଣର ମନ୍ଥନରେ
ପୁଣି ବର୍ଷା ପରର ଥଣ୍ଡା ପବନରେ
ଭାସି ଆସେ
ଚୋରା ସମୟର ଫେରାର ଅତୀତ
ପୁଣି ଚୁପିଚୁପି ଦେଖେ
କ୍ଳାନ୍ତ ବାସର ଅସଜଡ଼ା ମନକୁ
ଖୁବ୍ ପରିବର୍ତ୍ତନ ଚାରିଆଡ଼େ ନିଶ୍ଚୁପ ସ୍ପନ୍ଦନ।

ମୋ: ୯୪୩୯୨୧୧୯୭୧

## ପୁସ୍ତକ ପରିଚୟ

### ଯଦି ସେ ଈଶ୍ୱର ହୋଇଥାନ୍ତି !




**କବି:** ପ୍ରଦୀପ କୁମାର ପଣ୍ଡା
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୧୯୫/-

ଶହେଟି କବିତାକୁ ନେଇ ପରିକଳ୍ପିତ ପ୍ରଦୀପଙ୍କର ଆଲୋଚ୍ୟ କବିତାଗ୍ରନ୍ଥ। ପ୍ରଚ୍ଛଦଲେଖରେ କବି ଦୁର୍ଗାପ୍ରସାଦ ପଣ୍ଡା କହିଛନ୍ତି: "ଭାବରେ ସଘନତା ଓ ଶବ୍ଦଗୁମ୍ଫନରେ ଅପୂର୍ବ କାରିଗରି ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ରକ୍ଷା କରି କବିତାର ସ୍ଥାପତ୍ୟ ନିର୍ମାଣ କରନ୍ତି କବି ପଣ୍ଡା। x x ଉଚ୍ଚାରଣରେ ସେ ଯେତିକି ବିଦ୍ରୋହୀ, ସେତିକି ମନନଶୀଳ ଓ ଅନ୍ତର୍ମୁଖୀ, ଯେତିକି ବୌଦ୍ଧିକ, ସେତିକି ଅଭିକର୍ଷୀ, ଯେତିକି ପାର୍ଥିବ, ସେତିକି ପାରଲୌକିକ।" ଗଦ୍ୟରେ ଯେ ତିଆରି ହୋଇପାରେ ବିସ୍ମୟକର କବିତା, ତାହା ଏହି ବହିଟି ନ ପଢ଼ିଲେ ଜାଣିହୁଏ କ୍ୱଚିତ୍। "ଦୂରରେ ଏକ ଗାଁ। ଲୋକମାନେ ସେଠି ଏତେ ପାଖରେ ପାଖରେ ଯେ ଶୁଭେ ନାହିଁ ସାମାନ୍ୟ ବି ସ୍ୱର ; ଅନ୍ୱେଷଣର। x x ଏତେ ପାଖରେ ସେମାନେ ଯେ, କେହି କାହାର ମୁହଁକୁ ଦେଖିନାହାନ୍ତି ଯେମିତି ଏଯାଏ।" ('ଟିକିଏ ଦୂରରେ', ପୃ: ୧୧) ଏବଂ "କାହାଣୀ ସରେ ନାହିଁ ଶେଷ ପୃଷ୍ଠାର ଶେଷ ଧାଡ଼ିର ଶେଷ ଅକ୍ଷରରେ। ସରେ ନାହିଁ ବୋଲି ତାହା କାହାଣୀ, ଏକଥା ଚେତେଇ ଦେଉଥାଏ ପରଟି।" ('ପର', ପୃ: ୧୩)- ଏସବୁ ଗଦ୍ୟ, କିନ୍ତୁ ଏହାର ଶିରାପ୍ରଶିରାରେ ସଞ୍ଚରି ରହିଛି ଅପୂର୍ବ କବିତା। ନୁହେଁ କି? ପ୍ରଦୀପଙ୍କ କବିତା କେବେକେବେ ଉଠିଆସେ ଦର୍ଶନର ହାତଧରି ପାଠକର ମନନକୁ। ଯଥା: "ସମୁଦ୍ର ; ଲମ୍ଫ ମାରେ/ ଯେତିକି ଲଙ୍ଘେ ସେତିକି ସମୁଦ୍ର/ ଘୁଞ୍ଚେ ଯେତିକି ସେତିକି ମୁଁ/ ମୁଁ ମତେ ଦେଖିପାରେ ନାହିଁ/ ଦେଖେ ଏକ ଭଙ୍ଗା ଆହୁଲା।" ('ସମୁଦ୍ର', ପୃ: ୬୬)। ଉଦାହରଣ ପ୍ରଚୁର, ତମାମ ବହି, ଏରୁଣ୍ଡିରୁ ଅନ୍ତରାଳ ପ୍ରତିଟି ଶବ୍ଦ, ପ୍ରତିଟି ବାକ୍ୟର ଯାତ୍ରା। ସୀମାକୁ ଛୁଇଁଛୁଇଁ ରହେ ଅସୀମତା। ବହିର ପ୍ରାୟ କବିତାରେ ଜୀବନ ଧରାଦିଏ ତା'ର ଯାବତୀୟ ପରିଚୟ ଓ ପ୍ରକାଶ ନେଇ। 'ଆଈ' କବିତାର ଏଇ ଧାଡ଼ିଟି 'କବାଟ କୋଣରେ ଶୁଖିଲା ପତ୍ରଟିଏ ପରି/ ଦଉଡ଼ି ଖଟରେ ମୋର ଆଈ' ଧନ୍ୟ କରିଦିଏ ଓଡ଼ିଆ ଭାଷାରେ ଏବେ ବି ପ୍ରକଟ ଅପେକ୍ଷାରେ ଥିବା ସଲ୍ଲଜ ବାଙ୍ମୟକୁ। ବହିଟିରେ ଗ୍ରାହକତା ଅବିସଂବାଦୀ।

### ପଞ୍ଚଧ୍ୱନି




**ଲେଖକ:** ଉମାଶଙ୍କର ମିଶ୍ର
**ପ୍ରକାଶକ:** ଭାଷା ପ୍ରକାଶନ, ମର୍କତ ନଗର, କଟକ-୧୪
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୪୦/-

'ପଞ୍ଚଧ୍ୱନି'ରେ ମାନବାନୁଭବର ପାଞ୍ଚଟି ଧ୍ୱନି ଉଚ୍ଚାରିତ ହୋଇଛି। ପାଞ୍ଚଟି ଲେଖା- 'ଗ୍ଲାନି', 'ଭ୍ରମ', 'ଶତ୍ରୁ', 'ବିଡ଼ମ୍ବନା' ଓ 'ମହାମାରୀ'। ଏସବୁ ଲେଖାକୁ ଲେଖକ ଉପନ୍ୟାସିକାର ଆଖ୍ୟା ଦେଇଛନ୍ତି। ମଣିଷ ତା' ଜୀବନରେ ଯେଉଁ ଯେଉଁ ଦାରୁଣ ସ୍ଥିତିର ସାମ୍ନା କରିଥାଏ ଓ ଯାହା ତା'କୁ ଅବସ୍ଥାରୁ ଅବସ୍ଥାନ୍ତରକୁ ଘେନିଯାଇଥାଏ, ସେସବୁର ଏକ ଏକ ନମୁନା ଏହି ଲେଖା। ବିଶ୍ଳେଷଣଧର୍ମିତା ରଚନାଗୁଡ଼ିକର ପ୍ରମୁଖ ଲକ୍ଷଣ। ନିରୁପାୟ ଭାଗ୍ୟ ଓ ତା'ର ସକଳ ସମ୍ଭାବ୍ୟ ବିଡ଼ମ୍ବନାକୁ ଲେଖକ ତାଙ୍କର ପ୍ରତି ଲେଖାରେ ଅବିକଳ ତୋଳି ଧରିଛନ୍ତି। ପ୍ରକାଶକ ଲେଖିଛନ୍ତି: "ତାଙ୍କର ଗୋଟିଏ ବହି ପଢ଼ିବା ଆରମ୍ଭ କଲେ, ପାଠକର ଚିନ୍ତା ହୁଏ ଏହାକୁ କିପରି ଶେଷ କରିବୁ। ଶେଷ ନ କରିଲା ପର୍ଯ୍ୟନ୍ତ ଅନ୍ୟ କାମରେ ମନ ଲାଗେନି।" ମୋ ମତରେ ଏହା ତାଙ୍କ ଲେଖାର ବୈଶିଷ୍ଟ୍ୟ। 'ଉତ୍କଣ୍ଠା' ନିର୍ମାଣ ଉମାଶଙ୍କରଙ୍କ ଲେଖାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। 'ଗ୍ଲାନି'ର ସେଇ ଭଦ୍ର ମହିଳା, ଯାହାଙ୍କୁ ଉପନ୍ୟାସିକାର ନାୟକ ଚିହ୍ନିପାରୁ ନାହାନ୍ତି- ଏହାର ଗୋଟିଏ ଦୃଷ୍ଟାନ୍ତ। 'କଥ୍ୟ'କୁ ଆଙ୍କୁଶୀ ଲଗେଇ ଆଗକୁ ଆଗକୁ ଭିଡ଼ିନେବାରେ ଥାଏ ମିଶ୍ରଙ୍କ ଲେଖାର ସାର୍ଥକତା। 'ମନସ୍ତାତ୍ତ୍ୱିକତା' ଲେଖାଗୁଡ଼ିକର ଅନ୍ୟ ଲକ୍ଷ୍ୟଣୀୟ ଦିଗ। କାହାଣୀର ଉପସ୍ଥାପନା ଏତେ ଘରୁଆ ଯେ ମନେହେବ ଯେପରି ଅତି ଆପଣାର ଦି'ଜଣ କେହି ପାଖକୁ ପାଖ ବସି ତାଙ୍କର ଅଙ୍ଗେନିଭା କାହାଣୀ ଗପିଚାଲିଛନ୍ତି। 'ଶତ୍ରୁ'ରେ ଚୋରି କରି ଧରାପଡ଼ିଥିବା ଲୋକଟି ପୋଲିସର ଜେରାରେ ଯେଉଁ ଉତ୍ତର ଦେଇଛି, ତାହା ପଢ଼ିଲେ ଆଜିର ସମାଜ ବ୍ୟବସ୍ଥା ପ୍ରତି କ୍ରୋଧ ଓ ଘୃଣା ଜାତ ହୁଏ ଯୁଗପତ୍। ବ୍ୟାଙ୍କରୁ ଋଣ ଆଣିବାକୁ ଯାଇ ଲୋକଟିର ଯେଉଁ ହଟହଟା ଓ ତା'ର ନିରୁପାୟ ସିଦ୍ଧାନ୍ତ 'ଯେଉଁ ବେପାରରେ ମୂଳ ପୁଞ୍ଜି ନ ଲାଗିବ, ମୁଁ ସେଇ ବେପାରରେ ଲାଗିଲି'- ଅର୍ଥାତ୍ ସେ ଚୋରି କଲା ବିବଶ ହୋଇ। ବହିଟିର ସବୁଯାକ ଲେଖା ପାଠକଙ୍କ ମନକୁ ଛୁଇଁବ ଓ ଭାବିତ କରିବ।

## ପଥରର କ୍ଷୋଭ

ମୂଳହିନ୍ଦୀ-ମୀରା ଜୈନ୍
ଅନୁସୃଜନ-ବିନୟ କୁମାର ଦାସ

ଅନୁବାଦ ଗଳ୍ପ

ମାଟି ଦେଖିଲା ତା' ପାଖରେ ପଡ଼ିଥିବା ପଥରଟି ଆଖିରେ ଲୁହ ଛଳଛଳ ହେଉଛି। ତାକୁ ଭାରି ଦୁଃଖ ଲାଗିଲା କାରଣ ସେ ସବୁବେଳେ ଦେଖି ଆସୁଥିଲା ପଥରଟି ବେଶ୍ ଖୁସିରେ ରହିଥିଲା।

ସେ ଧୀର ଆଉ କୋମଳ ସ୍ୱରରେ ପଚାରିଲା- "ପଥର ଭାଇ, ମୋ' ଜାଣିବାରେ ତୁମଠାରୁ ଅଧିକ କଠୋର ବୋଧହୁଏ ଏ ଦୁନିଆରେ ଆଉ କେହି ନାହିଁ। କିନ୍ତୁ ଆଜି ମୁଁ ଏ କ'ଣ ଦେଖୁଛି! ତୁମ ଆଖିରେ ଲୁହ? କ'ଣ ହୋଇଛି?" ଏତକ ଶୁଣି ପଥର ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା। କିଛି ସମୟ ପରେ ନିଜକୁ ସଂଯତ କରି କହିଲା- "ଭଉଣୀ, ମୁଁ ବର୍ଷବର୍ଷ ଧରି ଜିଇ ରହିଥିଲି ବାସ୍ ସେଇ ଗୋଟିଏ ଆଶା ଆଉ ସ୍ୱପ୍ନକୁ ନେଇ, ଆଉ ମୋର ବିଶ୍ୱାସ ଥିଲା ଦିନେ ନା ଦିନେ ମୋ' ଆଶା ପୂରଣ ହେବ। ମୋ' ସ୍ୱପ୍ନ ସାକାର ହେବ। ଆଉ ସେ ଆଶା ଥିଲା- ଦିନେ କେହି ଜଣେ ଶିଳ୍ପୀ ମୋତେ ନେଇଯାଇ ତା' ନିହାଣ ମୁନରେ ଗଢ଼ିଦେବ ଭଗବାନ୍‌ଙ୍କର ମୂର୍ତ୍ତିଟିଏ। ହେଲେ!" ପୁଣି ସେ କାନ୍ଦିବାକୁ ଲାଗିଲା।

କିଛି ସମୟ ପରେ କହିଲା, "ଦିନେ ଜଣେ ମୋ' ପାଖକୁ ଆସିଲା ଆଉ ତା' ସାଙ୍ଗରେ ମୋତେ ଅତି ଯତ୍ନର ସହିତ ନେଇଗଲା। ମୋ' ମନରେ ଖୁସିର ଲହରି ଖେଳିଗଲା। ଭାବିଲି ମୋର ଦୀର୍ଘଦିନର ଆଶା ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି। କିନ୍ତୁ ସେ ଯେ ମୋତେ ଭଗବାନ୍‌ଙ୍କ ମୂର୍ତ୍ତି ନ କରି ତା' ଶତ୍ରୁକୁ ଭଗବାନ୍‌ଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟବହାର କରିବ, ଏକଥା ମୁଁ କେବେ ବି ଭାବି ନ ଥିଲି।"

ମୋ: ୭୯୭୮୮୬୦୩୬୩

## କାଳକାଳକୁ



"ଗଳ୍ପର ପ୍ରଥମ ଧାଡ଼ିଟି ଲେଖିବା ସବୁବେଳେ କଷ୍ଟକର। କେବେ, କେତେବେଳେ ଏହା ଆସିବ କହିହେବ ନାହିଁ"
- ବିଟ୍ରିକ୍ସ ପୋଟର

**ବିଟ୍ରିକ୍ସ ପୋଟର**ଙ୍କ ଜନ୍ମ ୨୮ ଜୁଲାଇ ୧୮୬୬ରେ, ଲଣ୍ଡନରେ ଓ ପରଲୋକ ସେଇଠି, ୨୨ ଡିସେମ୍ବର ୧୯୪୩ରେ। ସେ ଏକାଧାରରେ ଲେଖିକା, ଚିତ୍ରଶିଳ୍ପୀ ଓ ସଂଳାପୀ। ଜୀବଜନ୍ତୁଙ୍କୁ ନେଇ ରଚିତ ଶିଶୁ-ରଚନା ପାଇଁ ସେ ଅଧିକ ପରିଚିତା, ଯାହାର ଉଦାହରଣ ହେଉଛି- 'ଦ ଟେଲ୍ ଅଫ୍ ପିଟର୍ ର୍ୟାବିଟ୍'। ସେ ମୋଟ ୩୦ଟି ପୁସ୍ତକର ରଚୟିତା। କଷ୍ଟଲବ୍ଧ ସଂଚୟରେ ଲେକ୍ ଡିଷ୍ଟ୍ରିକ୍ଟରେ ସେ କିଣିଥିବା ଭୂ-ସମ୍ପତ୍ତିକୁ 'ଜାତୀୟ ଉଦ୍ୟାନ' ପ୍ରତିଷ୍ଠା ପାଇଁ ଅକାତରରେ ଦାନ କରିଦେଇଥିଲେ। ପୋଟରଙ୍କର ବହୁ କାହାଣୀ ସଂଗୀତ ଓ ଚଳଚ୍ଚିତ୍ର ଆଦିରେ ରୂପାୟିତ ହୋଇଛି ଏବଂ ତାଙ୍କ ଜୀବନକୁ ନେଇ ଦୁଇଟି ଫିଲ୍ମ ଓ ଏକ ଟେଲିଭିଜନ ଧାରାବାହିକ ନିର୍ମିତ ହୋଇଛି।

## କାଳୀ ଝିଅ

ସୁନୀତା ପ୍ରଧାନ

ଲଘୁ ଗଳ୍ପ

କୌଣସି ଏକ ପ୍ରସାଧନ କମ୍ପାନୀର 'ଗୋରା ହେବା ଫେସ୍ କ୍ରିମ୍'ର ମଡେଲ ସାଜିବା ପାଇଁ ଅଡିଶନ ଦେବାକୁ ଆସିଥା'ନ୍ତି ଦୂର ଦୂରାନ୍ତରରୁ ଅନେକ ସୁନ୍ଦର ସୁନ୍ଦର ଆଶାୟୀ ପ୍ରାର୍ଥୀ।

ଅଡିଶନ୍ ଆରମ୍ଭ ହୋଇଯାଇଥାଏ। ଏତିକିବେଳେ ସେଠି ପହଞ୍ଚିଲା ଏକ କାଳୀ ଝିଅ। କଳା ମାନେ ଅଙ୍ଗାର ପରି କିଟ୍‌କିଟ୍ କଳା।

ତାକୁ ଦେଖି ଶୁଟିଂ ସେଟ୍‌ର ଅନେକ ଲୋକ ହସିବାକୁ ଲାଗିଲେ। ଶୁଟିଂ ଦାୟିତ୍ୱରେ ଥିବା ଡାଇରେକ୍ଟର, କ୍ୟାମେରାମ୍ୟାନ୍ ଓ ଅନ୍ୟ ବ୍ୟକ୍ତିମାନେ ତାକୁ ଦେଖି ହସି ଅତି ବିଦ୍ରୂପ ସ୍ୱରରେ କହିଲେ, "ଦର୍ପଣରେ କେବେ ତୋ' ମୁହଁ ଦେଖିଛୁ। ଝିଅ ନୁହଁ ତ ତୁ ଏକ କଳା ଜୋକ। ତୁ ପୁଣି ଆମ ମଡେଲ ହେବୁ!"

ଏମାନଙ୍କ କଥା ଶୁଣି ସେଠାରେ ଉପସ୍ଥିତ ଥିବା ସବୁ ସୁନ୍ଦରୀ ମଧ୍ୟ ହସିବାକୁ ଲାଗିଲେ।

ହାସ୍ୟରୋଳରେ ଫାଟି ପଡୁଥାଏ ସମଗ୍ର ଶୁଟିଂ ସେଟ୍। ଏମାନଙ୍କ ତାଚ୍ଛଲ୍ୟ ଓ ବ୍ୟଙ୍ଗଭରା କଟାକ୍ଷ ଶୁଣି ଝିଅଟି ଆଦୌ ଅପମାନିତ କି ଲଜ୍ଜିତ ହେଲା ନାହିଁ।

ଆଦୌ ହତୋତ୍ସାହିତ ନ ହୋଇ ଝିଅଟି କହିଲା, "ଆରେ ମୁଁ ତ ଆପଣଙ୍କ କମ୍ପାନୀର ପ୍ରଶଂସା ଶୁଣି ଏଇୟା ପରଖିବାକୁ ଆସିଥିଲି ଯେ ଆପଣଙ୍କ କମ୍ପାନୀର କ୍ରିମ୍ ଲଗେଇଲେ ମୋ' ଭଳି କାଳୀ ଝିଅମାନେ ସତରେ ଗୋରୀ ପାଲଟିଯାଆନ୍ତି ନା ଏହା ଲୋକଙ୍କୁ ଭ୍ରମିତ କରିବାର ଏକ ଚକ୍ରାନ୍ତ ମାତ୍ର।"

ଆପଣଙ୍କ କ୍ରିମ୍ ଲଗେଇଲେ କଳା ରଙ୍ଗ ଯଦି ତୋଫା ରଙ୍ଗରେ ପରିଣତ ନ ହେଉଛି, ତେବେ ଏହି କ୍ରିମ୍‌ର କୌଣସି ମୂଲ୍ୟ ହିଁ ନାହିଁ।

ଏତକ କହି ଝିଅଟି ଯିବାକୁ ବାହାରିଲା। ଯିବା ପୂର୍ବରୁ ଝିଅଟି ନିଜ ମୁହଁଟିକୁ ଟିସୁ ପେପରରେ ଭଲ ଭାବେ ପୋଛି ପକେଇଲା।

ଏ କ'ଣ! ସମସ୍ତେ ସ୍ତବ୍ଧ ହୋଇଗଲେ କ୍ଷଣକ ପାଇଁ। ସେ ଝିଅଟି ଆଉ କେହି ନ ଥିଲା। ସେ ଥିଲା ଜଣେ ନାମୀ ସୁନ୍ଦରୀ ମଡେଲ।

ପ୍ରଡ୍ୟୁସର୍ ମହାଶୟ ଏହା ଦେଖି ଆଶ୍ଚର୍ଯ୍ୟ ହୋଇ ନିଜ ଭୁଲ୍ ସୁଧାରିବାକୁ ଆସି ମଡେଲ ଜଣଙ୍କୁ କ୍ଷମା ମାଗି କହିଲେ, "ଆମର ଭୁଲ୍ ହୋଇଗଲା ଆପଣଙ୍କୁ ଚିହ୍ନିବାରେ।" ଆପଣଙ୍କ ପରି ମଡେଲ ପାଇବା ଆମ ପ୍ରଡକ୍ଟ ପାଇଁ ଗୌରବର ବିଷୟ। ଆପଣ ହିଁ ଏବେ ଆମ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର୍।"

ପ୍ରଡ୍ୟୁସରଙ୍କ କଥା ଶୁଣି ମଡେଲ ଜଣଙ୍କ ଖୁବ୍ ନମ୍ରତାର ସହ କହିଲେ, "କ୍ଷମା କରିବେ ଯେଉଁଠି ମନୁଷ୍ୟକୁ ତା' ରଙ୍ଗ ରୂପ ପାଇଁ ଭେଦଭାବର ସମ୍ମୁଖୀନ ହେବାକୁ ପଡ଼େ, ସେମିତି ଏକ ଜିନିଷର ଆଡ଼ଭର୍ଟାଇଜ୍‌ମେଣ୍ଟ କରି ମୁଁ ଲୋକଙ୍କୁ କଦାପି ଭ୍ରମିତ କରିପାରିବି ନାହିଁ। ଏହା ମୋ' ଆଦର୍ଶ ଓ ମୋ' ନୀତି ବିରୁଦ୍ଧ।"

ଏତକ କହି ଜୋର୍‌ରେ ଏକ୍ଜିଟ୍ ଗେଟ୍ ଆଡ଼କୁ ପାଦ ବଢ଼ାଉଥିଲେ ସୁନ୍ଦରୀ ଜଣକ ଓ ତା' ଯିବାବାଟକୁ ଜକକା ହୋଇ ଚାହିଁ ରହିଥିଲେ ସଭିଏଁ।

ମୋ: ୭୭୪୯୮୫୦୫୭୫




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଭାରତର ୬ଟି ଯାକ ଦଳର ବିଜୟ ଅଭିଯାନ



ଭାରତର କୋନେରୁ ହମ୍ପି (ଡାହାଣ) ଓ ତାଜିକସ୍ତାନର ଏନ. ଆଷ୍ଟୋନୋଭାଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଚେସ୍ ଅଲିମ୍ପିଆଡ୍

**ମାମାଲ୍ଲାପୁରମ, ୨୯।୭:** ଶୁକ୍ରବାର ଏଠାରେ ଆରମ୍ଭ ହୋଇଥିବା ଚେସ୍ ଅଲିମ୍ପିଆଡ୍‌ର ୪୪ତମ ସଂସ୍କରଣରେ ଭାରତର ୩ଟି ଯାକ ଦଳ ମହିଳା ଓ ଓପନ ବିଭାଗରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଟପ୍ ସିଡ୍ ଭାରତୀୟ ମହିଳା 'ଏ' ଦଳ ତାଜିକସ୍ତାନକୁ ୪-୦ରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ କୋନେରୁ ହମ୍ପି, ଆର. ବୈଶାଳୀ, ତାନିଆ ସଚଦେବ ଓ ଭକ୍ତି କୁଲକର୍ନୀ ମ୍ୟାଚ ଖେଳିଥିଲେ। ସେହିପରି ଭାରତୀୟ 'ବି' ଦଳ ୪-୦ରେ ୱେଲ୍ସକୁ ହରାଇଥିଲା। ଭାନ୍ତିକା ଅଗ୍ରୱାଲ, ସୌମ୍ୟା ସ୍ୱାମୀନାଥନ, ମାରୀ ଆନ୍ ଗେମ୍ସ ଓ ଦିବ୍ୟା ଦେଶମୁଖ ଭାରତ ଚ୍ୟାଲେଞ୍ଜ ସମ୍ଭାଳିଥିଲେ। ଭାରତ 'ସି' ୪-୦ରେ ହଂକଂକୁ ହରାଇ ଦେଇଥିଲା। ଭାରତର ଇଶା କାର୍ଭାଡେ, ପି.ଭି. ନନ୍ଦିଥା, ଏମ. ସହିତି ବର୍ଷିନୀ ଓ ପ୍ରତ୍ୟୁଷା ବୋଲ୍ଡା ମ୍ୟାଚ ଖେଳିଥିଲେ। ଭାରତୀୟ ପୁରୁଷ ଦଳ ମଧ୍ୟ ପ୍ରଭାବୀ ପ୍ରଦର୍ଶନ ସହ ବିଜୟ ହାସଲ କରିଛି। ଭାରତ 'ଏ' ୪-୦ରେ ଜିମ୍ବାୱେକୁ, ଭାରତ 'ବି' ୪-୦ରେ ୟୁନାଇଟେଡ ଆରବ ଏମିରେଟ୍ସକୁ ଏବଂ ଭାରତ 'ସି' ୪-୦ରେ ସାଉଥ୍ ସୁଦାନକୁ ପରାସ୍ତ କରିଛି। ଭାରତ 'ଏ' ପକ୍ଷରୁ ଭିଦିତ ସନ୍ତୋଷ ଗୁଜରାଠୀ, ଅର୍ଜୁନ ଇରିଗାସି, ଏସ.ଏଲ. ନାରାୟଣନ ଓ କେ. ଶଶିକିରଣ, 'ବି'ରୁ ଡି. ଗୁକେଶ, ନିହିଲ ସରିନ, ବି. ଅଧିବନ ଓ ରୌନକ ସାଧ୍ୱାନୀ ଏବଂ 'ସି'ରୁ ଏସ.ପି. ସେଥୁରମଣ, ଅଭିଜିତ ଗୁପ୍ତା, ମୁରଲୀ କାର୍ତ୍ତିକେୟନ ଓ ଅଭିମନ୍ୟୁ ପୁରାନିକ ମ୍ୟାଚ ଖେଳିଥିଲେ। ନିୟମ ଅନୁସାରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଭାରତର ୩ଟି ଯାକ ଦଳକୁ ୨ ପଏଣ୍ଟ ଲେଖାଏ ମିଳିଛି। ଭାରତୀୟ ଖେଳାଳି ଭିଦିତ ଗୁଜରାଠୀଙ୍କ ବୋର୍ଡରୁ ଗୋଟି ଚଳାଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଚେସ୍ ଅଲିମ୍ପିଆଡ୍‌ର ଶୁଭାରମ୍ଭ କରିଥିଲେ। ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ, ଫିଡେ ସଭାପତି ଆର୍କାଡି ଡୋର୍କୋଭିଚ୍, ସର୍ବଭାରତୀୟ ଚେସ୍ ଫେଡେରେଶନ ସଭାପତି ସଞ୍ଜୟ କପୁର ଓ ଅଲିମ୍ପିଆଡ୍ ନିର୍ଦ୍ଦେଶକ ଭରତ ସିଂ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଟପ୍ ସିଡ୍ ଆମେରିକା ୩.୫-୦.୫ ପଏଣ୍ଟରେ ଆଙ୍ଗୋଲାକୁ ହରାଇଥିବାବେଳେ ଦ୍ୱିତୀୟ ର୍‍ୟାଙ୍କପ୍ରାପ୍ତ ୟୁକ୍ରେନ ୪-୦ରେ ଦକ୍ଷିଣ ଆଫ୍ରିକା, ୩ୟ ସିଡ୍ ଜର୍ଜିଆ ୪-୦ ଇରାକ ଏବଂ ତାରକା ଖେଳାଳି ମ୍ୟାଗ୍ନସ କାର୍ଲସେନଙ୍କ ବିନା ନରୱେ ୪-୦ରେ ଲେବାନନକୁ ପରାସ୍ତ କରିଛି।

## ସର୍ବକନିଷ୍ଠ ଖେଳାଳି

ଚେନ୍ନାଇ ଚେସ୍ ଅଲିମ୍ପିଆଡ୍‌ରେ ସର୍ବକନିଷ୍ଠ ଖେଳାଳି ହେଉଛନ୍ତି ପାଲେଷ୍ଟାଇନ୍‌ର ରନ୍ଦା ସେଦର। ତାଙ୍କୁ ମାତ୍ର ୮ ବର୍ଷ। ସେ ୫ ବର୍ଷର ହୋଇଥିବାବେଳେ ତାଙ୍କ ବାପା ଚେସ୍ କୋଚିଂ ଦେବା ଆରମ୍ଭ କରିଥିଲେ। ଏବେ ଚେସ୍ ତାଙ୍କ ଜୀବନ ପାଲଟି ଯାଇଛି। ପାଲେଷ୍ଟାଇନ୍ ଏହାର ପ୍ରଥମ ମ୍ୟାଚରେ ଇସ୍ତୋନିଆଠାରୁ ୦-୪ରେ ପରାଜିତ ହୋଇଛି। ସେଦର କିନ୍ତୁ ପ୍ରଥମ ମ୍ୟାଚରେ ଖେଳି ନ ଥିଲେ।



# ପ୍ରତିଯୋଗୀଙ୍କୁ ଶୁଭକାମନା ଜଣାଇଲେ ତୁଷାରକାନ୍ତି



ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଶିବା ଭି. ମ୍ୟୋନାଥନଙ୍କୁ ତାରକସି ଫଳକ ଉପହାର ଦେଉଛନ୍ତି ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

**ଭୁବନେଶ୍ୱର, ୨୯।୭(କ୍ରୀଡ଼ା ପ୍ରତିନିଧି):** ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଚେନ୍ନାଇର ମହାବଳୀପୁରମ୍‌ରେ ଅନୁଷ୍ଠିତ ୪୪ତମ ଚେସ୍ ଅଲିମ୍ପିଆଡ୍ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ପ୍ରତିଯୋଗୀଙ୍କୁ ଶୁଭକାମନା ଜଣାଇଛନ୍ତି। ତାମିଲନାଡୁ ସରକାରଙ୍କ ନିମନ୍ତ୍ରଣ କ୍ରମେ ସେ ସେଠାକୁ ଗସ୍ତ କରିଥିଲେ। ଏହି ଅବସରରେ ସେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଭେଟିବା ସହ ପ୍ରତିଯୋଗିତାର ଆୟୋଜନ, ପରିଚାଳନା ଶୈଳୀ ଏବଂ ପ୍ରଚାର ପ୍ରସାରକୁ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ତୁଷାରକାନ୍ତିଙ୍କୁ ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଶିବା ଭି. ମ୍ୟୋନାଥନ ସମ୍ବର୍ଦ୍ଧିତ କରିବା ସହ ଅନେକ ଅନ୍ତର୍ଜାତୀୟ କ୍ରୀଡା ଇଭେଣ୍ଟ ଆୟୋଜନ ଏବଂ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଯେଉଁ ପଦକ୍ଷେପମାନ ଗ୍ରହଣ କରିଛି ସେଥିପାଇଁ ନବୀନ ପଟ୍ଟନାୟକଙ୍କ ସରକାରଙ୍କୁ ପ୍ରଶଂସା କରିଥିଲେ। ଏ ଅବସରରେ ତୁଷାରକାନ୍ତି ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ମ୍ୟୋନାଥନଙ୍କୁ ଉପହାରସ୍ୱରୂପ ଉତ୍ତରୀୟ ଏବଂ ଓଡ଼ିଶାପ୍ରସିଦ୍ଧ ତାରକସି ଫଳକ ପ୍ରଦାନ କରିଥିଲେ। ସେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଭାରତୀୟ ଖେଳାଳିମାନଙ୍କୁ ଶୁଭକାମନା ଜଣାଇବା ସହ ସର୍ବଭାରତୀୟ ଚେସ୍ ମହାସଙ୍ଘ ସଭାପତି ସଞ୍ଜୟ କପୁର, ଉପସଭାପତି ଭବେଶ ପଟେଲ, ସମ୍ପାଦକ ଭରତ ସିଂ ଚୌହାନ, ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତିଙ୍କ ସମେତ ଓଡ଼ିଶା ଚେସ୍ ସଙ୍ଘର ସମସ୍ତ କର୍ମକର୍ତ୍ତା, ଆୟୋଜକ, ଆର୍ବିଟର ଓ ଅଫିସିଆଲମାନଙ୍କ ସହ ଚେସ୍ କ୍ରୀଡ଼ାର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ତାମିଲନାଡୁ ଏବଂ ଓଡ଼ିଶାର କ୍ରୀଡ଼ାମନ୍ତ୍ରୀଙ୍କ ମଧ୍ୟରେ ଏକ ପ୍ରତୀକାତ୍ମକ ଚେସ୍ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଗସ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା କ୍ରୀଡ଼ା ବିଭାଗ ଯୁଗ୍ମ ଶାସନ ସଚିବ କୈଳାସ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ।










## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୭।୨୦୨୨

| ୩,୩୧,୧୨୧ ଟଙ୍କା | |
|---|---|
| ସୁନା | ୩୨ ଗ୍ରାମ |
| ରୁପା | ୧୧.୮୦୦ ଗ୍ରାମ |

# ସେବାୟତଙ୍କ ଆବାସ ପାଇଁ ଜମି ଚିହ୍ନଟ

**ପୁରୀ ଅଫିସ, ୨୯।୭:**

ବହୁ ବର୍ଷ ଧରି ଆବାସ ପାଇଁ ପ୍ରତୀକ୍ଷାରତ ଶ୍ରୀମନ୍ଦିରର ଗରିବ ଓ ବାସହୀନ ସେବାୟତଙ୍କ ମନରେ ଆଶା ସଞ୍ଚାର ହୋଇଛି। ସେବାୟତ ଆବାସ ଯୋଜନାରେ ଗୃହ ନିର୍ମାଣ ଲାଗି ଶୁକ୍ରବାରଠାରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ହରଚଣ୍ଡୀ ସାହି ମୌଜାରେ ପ୍ରାୟ ୩ ଏକର ଜାଗା ଚିହ୍ନଟ କରାଯାଇ ପାଚେରି ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ହେବା ଦ୍ୱାରା ପ୍ରାୟ ୫ଶହ ସେବାୟତ ଉପକୃତ ହେବେ। ସାମାଜିକ, ଅର୍ଥନୈତିକ ସର୍ବେକ୍ଷଣ ଶେଷ ପରେ ସେବାୟତ ଆବାସ ଯୋଜନା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

୨୦୧୩ରେ ନବକୃଷ୍ଣ ସେଣ୍ଟର ଫର୍ ଡେଭ୍‌ଲପ୍‌ମେଣ୍ଟ ଷ୍ଟଡିଜ ପକ୍ଷରୁ ସେବାୟତଙ୍କ ସାମାଜିକ ଓ ଅର୍ଥନୈତିକ ସର୍ଭେ କରାଯାଇଥିଲା। ପ୍ରାୟ ୨୨୩୬ ସେବାୟତ ପରିବାର ଥିବା ବେଳେ ୯୫୫୮ଜଣ ସେବାୟତ ରହିଥିବା ଜଣାପଡ଼ିଥିଲା। ସେବାୟତଙ୍କ ସଂଖ୍ୟା, ଶିକ୍ଷାଗତ ଯୋଗ୍ୟତା, ଅନ୍ୟ ବୃତ୍ତି ଓ ଆର୍ଥିକ ମାନଦଣ୍ଡକୁ ନେଇ ଭବିଷ୍ୟତରେ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରାଯିବାକୁ ସ୍ଥିର ହୋଇଥିଲା। ସେବାୟତଙ୍କ ଲାଗି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହଯୋଗରେ ଗୃହ ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଥିଲା। ସୂଚନାଯୋଗ୍ୟ, ଅନେକ ସେବାୟତ ସାହିରେ ଗୋଟିଏ ଗୋଟିଏ ଘରେ ୧୦-୧୫ ପରିବାର ବହୁକଷ୍ଟରେ ରହୁଛନ୍ତି। ଅନେକ ସେବାୟତ ପରିବାର ବାସହୀନ ଅଛନ୍ତି। ଦୀର୍ଘବର୍ଷ ହେବ ବାସହୀନ ସେବାୟତ ପରିବାରକୁ ଘର ଯୋଗାଇବା ଲାଗି ଦାବି ହୋଇଆସୁଥିଲା। ଏହାପରେ ସେମାନଙ୍କୁ ଆର୍ଥିକ ସହାୟତା ଓ ଗୃହ ଯୋଗାଇବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ହରଚଣ୍ଡୀ ସାହି ମୌଜାରେ ଥିବା ମହିପ୍ରକାଶ ମଠର ୩ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ସହ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମାଟିମଣ୍ଡପ ସାହି ମୌଜାରେ ଥିବା ଏମାର ମଠର ଜମି ଅଧିଗ୍ରହଣ ହେବ ବୋଲି ସୂଚନା ମିଳିଛି। ଏହି ଦୁଇଟି ମୌଜା ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିଛି। ସେହି ସ୍ଥାନ ସଫା କରାଯାଇ ପାଚେରି ନିର୍ମାଣ ପରେ ଆପାର୍ଟମେଣ୍ଟ ନିର୍ମାଣ କରାଯିବ। ୨୦୧୪ ଓ ୨୦୧୫ରେ ସେବାୟତ ଜଣଗଣନା କରାଯାଇଥିଲା। ପରେ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭ୍‌ଲପମେଣ୍ଟ ଷ୍ଟଡିଜ୍ ପକ୍ଷରୁ ସେବାୟତଙ୍କ ସାମାଜିକ, ଅର୍ଥନୈତିକ ନେଇ ପୁନଃ ଗଣନା କରାଯାଇଥିଲା। ସେବାୟତ ବାସଗୃହ ଯୋଜନା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ବଜେଟ ପାରିତ ହୋଇଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ, ହରଚଣ୍ଡୀ ସାହି ମୌଜାରେ ଗରିବ ସେବାୟତଙ୍କ ପାଇଁ ବାସଗୃହ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମେ ମାଟିତୋଟା ଅଞ୍ଚଳରେ ପ୍ରକଳ୍ପ କରାଯିବାକୁ ଥିଲା। ମାତ୍ର ଉକ୍ତ ସ୍ଥାନ ଶ୍ରୀମନ୍ଦିରଠାରୁ କିଛି ଦୂରରେ ଥିବାରୁ ସେବାୟତମାନେ ଦାରୁଦିଅଁଙ୍କ ସେବା ପୂଜାରେ ହଇରାଣ ହେବା ଆଶଙ୍କା କରି ହରଚଣ୍ଡୀ ସାହି ମୌଜାକୁ ସ୍ଥାନାନ୍ତର କରାଯାଇଥିଲା। ହରଚଣ୍ଡୀ ସାହି ମୌଜାର ୯୧, ୯୨ ଏବଂ ୯୩ ନମ୍ବର ପ୍ଲଟର ୩ ଏକରରୁ ଅଧିକ ସ୍ଥାନରେ ଏହି ପ୍ରକଳ୍ପ କରାଯିବ। ମୁଖ୍ୟତଃ ୯୩ ନମ୍ବର ପ୍ଲଟରେ ପାଖାପାଖି ୨ ଏକର ୮ ଶହ ଜାଗା ରହିଛି। ୬ଶହ ବର୍ଗଫୁଟର ୪ ମହଲା କୋଠା ହେବ। ଜି + ୩ ଆପାର୍ଟମେଣ୍ଟ କରାଯିବ। ସେଠାରେ ସମସ୍ତ ସୁବିଧା ରହିବ। ଦୁଇବର୍ଷ ମଧ୍ୟରେ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଯୋଗ୍ୟ ସେବାୟତଙ୍କୁ ଚିହ୍ନଟ କରାଯାଇ ଗୃହ ଦିଆଯିବ। ଯେଉଁମାନେ ବାସଗୃହ ପାଇଁ ପ୍ରଶାସନ ପାଖକୁ ଆବେଦନପତ୍ର ପଠାଇବେ, ସେମାନଙ୍କ ନିକଟକୁ ଏକ କମିଟି ଯାଇ ଅନୁଧ୍ୟାନ କରିବ। ଏବେ ପ୍ରଶାସନ ପକ୍ଷରୁ ଚିହ୍ନଟ ଜାଗାରେ ଏବେ ପାଚେରି ନିର୍ମାଣ ଚାଲିଛି। ଡିଜାଇନ ଚୂଡ଼ାନ୍ତ ହେବା ପରେ କେତେ ଖର୍ଚ୍ଚ ହେବ ତାହା ଜଣାପଡ଼ିବ। ତେବେ ଚିହ୍ନଟ ଜାଗା ଉପରେ ଜଣେ ବ୍ୟକ୍ତି ଘର କରି ରହିଛନ୍ତି। ସେ ପୁରୀ ସିଭିଲ କୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଉକ୍ତ ଜମି ଶ୍ରୀମନ୍ଦିର ନାମରେ ଥିବାରୁ ସେପରି କିଛି ସମସ୍ୟା ହେବ ନାହିଁ ବୋଲି ଜେନା ଆଶା ବ୍ୟକ୍ତ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ପ୍ରକଳ୍ପ ହେବା ଦ୍ୱାରା ଗରିବ ସେବାୟତ ଉପକୃତ ହେବେ। ସେହିପରି ସେବାୟତମାନେ ଶ୍ରୀମନ୍ଦିର ପାଖରେ ରହିଲେ ଠିକ ସମୟରେ ନୀତି ହୋଇପାରିବ।

### ୩ ଏକର ଜାଗାରେ ହେବ ୪ ମହଲା କୋଠା

- ଉପକୃତ ହେବେ ୪ଶହରୁ ଊର୍ଦ୍ଧ୍ୱ ସେବାୟତ
- ଜାଗାକୁ ନେଇ କୋର୍ଟରେ ମାମଲା
- ସମସ୍ୟା ହେବନାହିଁ: ଶ୍ରୀମନ୍ଦିର ପ୍ରଶାସନ

## ୧୦ ଥାନା ଅଧିକାରୀଙ୍କ ବଦଳି

**ପୁରୀ ଅଫିସ, ୨୯।୭:**

ପୁରୀ ଜିଲାରେ ୧୦ ଥାନା ଅଧିକାରୀଙ୍କ ବଦଳି ହୋଇଛି। ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଏ ନେଇ ଥାନା ଅଧିକାରୀମାନଙ୍କୁ ଚିଠି ଦ୍ୱାରା ସୂଚନା ଦିଆଯାଇଛି। କୃଷ୍ଣପ୍ରସାଦ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କୁ କୁମ୍ଭାରପଡ଼ା, ଅସ୍ତରଙ୍ଗ ଥାନା ଅଧିକାରୀ ବାମଦେବ ନନ୍ଦଙ୍କୁ ଅସ୍ତରଙ୍ଗ ମେରାଇନ ଥାନା, ଅସ୍ତରଙ୍ଗ ମେରାଇନ ଥାନା ଅଧିକାରୀ ରବୀନ୍ଦ୍ର ସେଠୀଙ୍କୁ ଚନ୍ଦ୍ରଭାଗା ମେରାଇନ ଥାନାକୁ ବଦଳି କରାଯାଇଛି। ସେହିପରି ପଞ୍ଚାନନ ପରିଡ଼ାଙ୍କୁ ଜିଲା ମୁଖ୍ୟାଳୟରୁ ଅସ୍ତରଙ୍ଗ ଥାନା, ସୁନୀଲ କୁମାର ପ୍ରଧାନଙ୍କୁ ସିଂହଦ୍ୱାର ଥାନାରୁ ଗୋପ ଥାନା, ଶରତ କୁମାର ନାୟକଙ୍କୁ ରାମଚଣ୍ଡୀ ଥାନାରୁ କୃଷ୍ଣପ୍ରସାଦ ଥାନା, ଶ୍ୱେତପଦ୍ମା ଦାଶଙ୍କୁ ଜିଲା ମୁଖ୍ୟାଳୟରୁ ସିଂହଦ୍ୱାର ଥାନା ଏବଂ ଉପେନ୍ଦ୍ରନାଥ ଦାଶଙ୍କୁ ପେଣ୍ଠକଟା ମେରାଇନ ଥାନାକୁ ବଦଳି ହୋଇଛି। ପେଣ୍ଠକଟା ମେରାଇନ ଥାନାର ଜ୍ଞାନେନ୍ଦ୍ର କୁମାର ସାହୁଙ୍କୁ ମହିଳା ବିରୋଧୀ ଅପରାଧ ତଦନ୍ତ ଶାଖା ଦାୟିତ୍ୱ ଦିଆଯାଇଛି। ଜିଲା ମୁଖ୍ୟାଳୟ ଦାୟିତ୍ୱରେ ଥିବା ସଞ୍ଜୟ କୁମାର ନାୟକଙ୍କୁ ରାମଚଣ୍ଡୀ ଥାନାରେ ଅବସ୍ଥାପିତ କରାଯାଇଛି। ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଧ୍ୟାନ ଦେଇ ଗୃହ ବିଭାଗର ଅନୁମୋଦନ କ୍ରମେ ଏସବୁ ବଦଳି କରାଯାଇଛି।

## ସଂକ୍ଷେପରେ

### କରତକଳରେ ଚଢ଼ାଉ: କାଠ, ଯନ୍ତ୍ରାଂଶ ସହ ୩ ଟ୍ରାକ୍ଟର ଜବତ

ନିରାକାରପୁର, ୨୯।୭(ଡି.ଏନ୍.ଏ.): ଖୋର୍ଦ୍ଧା ବନଖଣ୍ଡ ଅଧୀନ ଡେଲାଙ୍ଗ ବନାଞ୍ଚଳ ଅନ୍ତର୍ଗତ ପୁରୀ ଜିଲା ଗଡ଼ିଶାଗଦା ଥାନା ପାହିଲୁଣ୍ଡିଠାରେ ବେଆଇନ ଭାବେ ଚାଲିଥିବା କରତ କଳ ଉପରେ ଶୁକ୍ରବାର ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠ, ୩ ଟ୍ରାକ୍ଟର ସହ ଯନ୍ତ୍ରାଂଶ ଜବତ କରିଛି। ତେବେ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୂଚନା ମୁତାବକ, ଏଠାରେ ଦୀର୍ଘଦିନ ଧରି ବେଆଇନ ଭାବେ କରତ କଳ ଚାଲିଥିବା ନେଇ ବନ ବିଭାଗକୁ ସୂଚନା ମିଳିଥିଲା। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ୍‌ଙ୍କ ନିର୍ଦ୍ଦେଶରେ ଟାଙ୍ଗୀ ଓ ଡେଲାଙ୍ଗ ବନାଞ୍ଚଳ ଅଧିକାରୀ ମିଳିତ ଭାବେ ଉକ୍ତ କରତ କଳ ଉପରେ ଚଢ଼ାଉ କରି କାଠ, ଟ୍ରାକ୍ଟର ଓ ଯନ୍ତ୍ରାଂଶକୁ ଜବତ କରିଥିଲେ। ତେବେ ମାଫିଆମାନେ କିପରି ଧରାପଡୁନାହାନ୍ତି ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଚଢ଼ାଉରେ ସାମିଲ ଥିବା ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କୁହନ୍ତି, ଚୋରାରେ କରତ କଳ ଚାଲିଥିବା ନେଇ ଖବର ଥିବାରୁ ଚଢ଼ାଉ ହୋଇଥିଲା। ଫଳରେ ସେଠାରୁ ଲକ୍ଷାଧିକ ଟଙ୍କାର କାଠ ସହ ଟ୍ରାକ୍ଟର ଓ ଯନ୍ତ୍ରାଂଶ ଜବତ କରାଯାଇଛି।

### ଶାରଳା ମହାବିଦ୍ୟାଳୟରେ ଶତପ୍ରତିଶତ ଉତ୍ତୀର୍ଣ୍ଣ

#### ଅସ୍ତରଙ୍ଗ, କାକଟପୁରରେ ବର୍ଷାପ୍ରିୟଦର୍ଶିନୀ ଟପ୍ପର

ଅସ୍ତରଙ୍ଗ/କାକଟପୁର, ୨୯।୭ (ଡି.ଏନ୍.ଏ.)- ଚଳିତବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞାନ ବିଭାଗର ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଅସ୍ତରଙ୍ଗ-କାକଟପୁର ରାସ୍ତାରେ ଗଢ଼ି ଉଠିଥିବା ଶାରଳା ଆବାସିକ ଆବାସିକ ଉଚ୍ଚ ମହାବିଦ୍ୟାଳୟର ପାସ ହାର ଶତ ପ୍ରତିଶତ ହୋଇଛି। ବିଦ୍ୟାଳୟର ମୋଟ ୧୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୧ଜଣ ୫୦୦ରୁ ଅଧିକ ନମ୍ବର ରଖିଛନ୍ତି। ବର୍ଷା ପ୍ରିୟଦର୍ଶିନୀ ବେହୁରା ସର୍ବାଧିକ ୫୫୯ ନମ୍ବର ରଖି ବିଦ୍ୟାଳୟର ରେକର୍ଡ କରିଥିବା ବେଳେ କାକଟପୁର, ଅସ୍ତରଙ୍ଗ ବ୍ଲକରେ ଟପ୍ପର ହୋଇଛନ୍ତି। ସେହିପରି ଅକଦାସ ଖାନ (୫୩୯) ରଖି ଦ୍ୱିତୀୟ ସ୍ଥାନ, ସୋନାଲି ନାୟକ (୫୨୮) ତୃତୀୟ, ଶୁଚିସ୍ମିତା ସାହୁ (୫୧୪) ଚତୁର୍ଥ, ଅଶ୍ୱିନୀ କୁମାର ରାଉତ (୫୧୨) ନଂ. ରଖି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳକ ଚିତ୍ତରଞ୍ଜନ ପରିଡ଼ାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କୃତୀ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।



ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚଦଶତମ ବାର୍ଷିକ ବିଜ୍ଞାନ ମେଳା ଓ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ ।

## ବିଜ୍ଞାନ ମେଳା, ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

**ପୁରୀ ଅଫିସ, ୨୯।୭:**

ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚଦଶତମ ବାର୍ଷିକ ବିଜ୍ଞାନ ମେଳା ଓ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସର ଅଧ୍ୟକ୍ଷ ଅମିୟକାନ୍ତ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସଭାପତି ସୁନୀଲ ଚକ୍ରବର୍ତ୍ତୀ, ସମ୍ପାଦକ ପୁରୁଷୋତ୍ତମ ନାୟକ, ସହସମ୍ପାଦକ ଦୀପ୍ତି ମିଶ୍ର, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ସଙ୍ଗୀତ ସଭା, ଯାନବାହନ ପ୍ରଦର୍ଶନ ଓ ପନିପରିବା ପ୍ରଦର୍ଶନ ବୁଲି ଦେଖିଥିଲେ। ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଜ୍ଞାନର ଉପକାରିତା ସମ୍ପର୍କରେ ଅତିଥିମାନେ କହିଥିଲେ। ଏହି ଅବସରରେ ଗତବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ ତଥା ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୧୩ ଛାତ୍ରୀଛାତ୍ର ଓ ବିଭିନ୍ନ ଶ୍ରେଣୀର ମେଧାବୃତ୍ତି ପାଇଥିବା ୧୦ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗତବର୍ଷ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟ ପରେ ପିଲାଙ୍କ ମଧ୍ୟରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତ ଜ୍ଞାନ କଥା କଥନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବର୍ଗରେ ୩୬, ଶିଶୁବର୍ଗରେ ୩୧, ବାଲବର୍ଗରେ ୫୫, କିଶୋର ବର୍ଗରେ ୪୧ ଏଭଳି ମୋଟ ୧୬୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୧୫ ଜଣ ବିଚାରକ ବିଭିନ୍ନ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୋଳାନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସହସମ୍ପାଦିକା ଦୀପ୍ତି ମିଶ୍ର, ପରିଚାଳନା ସମିତି ସଭ୍ୟା ଅଞ୍ଜଳି ରଥ, ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଏବଂ ବରିଷ୍ଠ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ୩୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିକ୍ଷାବିତ୍ ବାସୁଦେବ ପଣ୍ଡାଙ୍କ ସ୍ମୃତିସଭା

**ପୁରୀ ଅଫିସ ୨୯।୭:**

ଶିକ୍ଷାବିତ୍ ବାସୁଦେବ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା ବଳଙ୍ଗା ବାୟାବର ଠାରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିରଞ୍ଜନ କର, ଡା. ତପନ ଦାଶ, ଡା. ଜଗନ୍ନାଥ ପଣ୍ଡା, ଆଇନଜୀବୀ ଶଶିକାନ୍ତ ମିଶ୍ର, ସରପଞ୍ଚ ପ୍ରଭାତ ରାୟ, ରୋଟାରିଆନ ପ୍ରସନ୍ନ ପଣ୍ଡା, ଶିକ୍ଷାବିତ୍ ଲକ୍ଷ୍ମୀଧର ପଣ୍ଡା, ଶବର ସାହୁ, ସାମାଜିକ କର୍ମୀ କୃପାସିନ୍ଧୁ ଦତ୍ତ ଏବଂ ଉଦୟନାଥ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସ୍ୱର୍ଗତ ପଣ୍ଡାଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ 'ଆଦ୍ୟଗୁରୁ' ପୁସ୍ତକକୁ ଲୋକାର୍ପଣ କରିଥିଲେ। ତୃପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡା. ସୌମ୍ୟକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବାର୍ ଖୋଲିବା ବିଜ୍ଞପ୍ତିକୁ ନେଇ ଅସନ୍ତୋଷ

**ଅସ୍ତରଙ୍ଗ, ୨୯।୭(ଡି.ଏନ୍.ଏ.)**

ପୁରୀ ଜିଲା ଅସ୍ତରଙ୍ଗରେ ମଦ ବାର୍ ଖୋଲାଯିବା ପାଇଁ ବିଜ୍ଞପ୍ତିକୁ ନେଇ ଜନଅସନ୍ତୋଷ ଜୋର୍ ଧରିଛି। ଅସ୍ତରଙ୍ଗ ବ୍ଲକରେ ୧୫ଟି ପଞ୍ଚାୟତ ରହିଥିବାବେଳେ ଏହାର ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସାଧାରଣତଃ ଧାନ, ପାନ ଚାଷ ଉପରେ ନିର୍ଭର କରି ନିଜର ପରିବାର ପୋଷଣ କରନ୍ତି। ଏଠାରେ ଏକ ସାପ୍ତାହିକ ହାଟ ରହିଥିବାବେଳେ ଅନେକେ ଚାଷ କରିଥିବା ପନିପରିବା ଆଣି ହାଟରେ ବିକ୍ରି କରିଥାନ୍ତି । ଏଠି ବାର୍ ଖୋଲିଲେ ସେମାନଙ୍କ ଉପାର୍ଜିତ ଅର୍ଥକୁ ମଦ ପିଇ ଅଶାନ୍ତ ପରିବେଶ ହେବାର ସମ୍ଭାବନା ରହିଛି। ଏଠାରେ ଗୋଟିଏ ସରକାରୀ ବିଦେଶୀ ଠିପିବନ୍ଦ ମଦ ଦୋକାନ ଥିବାବେଳେ ଠିକ ଅପରପାର୍ଶ୍ୱରେ ବାର୍ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଠାରେ ବାର୍ ଖୋଲାଗଲେ ଯୁବପିଢ଼ି ନିଶାସକ୍ତ ଅବସ୍ଥାରେ ନାନା ଅପରାଧ, ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ଏଠାରେ ମଦ ବାର୍ ନ କରାଯାଉ ବୋଲି ଅବକାରୀ କମିଶନର ଓ ପୁରୀ ଜିଲା ଅବକାରୀ ଅଧୀକ୍ଷକ ସାଧାରଣରେ ଦାବି ହେଉଛି। ଯଦି ଏହି ବାର୍ କରାଯିବା ବିଜ୍ଞପ୍ତିକୁ ବନ୍ଦ କରା ନ ଯାଏ ତାହେଲେ ଆଗାମୀ ଦିନରେ ଅସ୍ତରଙ୍ଗରେ ଜନ ଆନ୍ଦୋଳନ ଦେଖାଯିବ। ସୂଚନାଥାଉକି, ୧୫ ଦିନ ତଳେ ଅସ୍ତରଙ୍ଗରେ ଥିବା ସରକାରୀ ମଦ ଦୋକାନଠାରୁ ମାତ୍ର କୋଡିଏ ମିଟର ଦୂରତାରେ ଏକ ବାର୍ ଖୋଲାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ଉପରେ ହୋଇଥିବା ଅଭିଯୋଗର ଏପର୍ଯ୍ୟନ୍ତ ଶୁଣାଣି ହୋଇ ନ ଥିବାବେଳେ ଆଉ ଅସ୍ତରଙ୍ଗରେ ଏବଂ ଅସ୍ତରଙ୍ଗ-କାକଟପୁର ମୁଖ୍ୟ ରାସ୍ତାର ଜିଉନ୍ତି ଛକଠାରେ ବାର ଖୋଲାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଭାଜପାର ଲାଭାର୍ଥୀ ସମ୍ମିଳନୀ



ସମ୍ମିଳନୀରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀ ନିରଞ୍ଜନା ଜ୍ୟୋତି ଏବଂ ଅନ୍ୟମାନେ ।

**ସାକ୍ଷୀଗୋପାଳ, ୨୯।୭(ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ଭାରତୀୟ ଜନତା ପାର୍ଟି ପକ୍ଷରୁ କରାଯାଉଥିବା ଭାଜପାର ଲୋକ ସଭା ପ୍ରବାସ ଯୋଜନାର ଲାଭାର୍ଥୀ ସମ୍ମିଳନୀ ସ୍ଥାନୀୟ ଏକ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଦିନ ଦୟାଲ ଉପାଧ୍ୟାୟ, ଶ୍ୟାମ ପ୍ରକାଶ ମୁଖାର୍ଜୀ, ଭାରତ ମାତାଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସମ୍ମିଳନୀରେ କେନ୍ଦ୍ର ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ମନ୍ତ୍ରୀ ସ୍ୱାଧୀ ନିରଞ୍ଜନା ଜ୍ୟୋତି ଯୋଗଦେଇ କେନ୍ଦ୍ର ସରକାରଙ୍କ ଅନୁଦାନ ଓ ବିଭିନ୍ନ ଯୋଜନାକୁ କିଭଳି ରାଜ୍ୟ ସରକାର ନିଜ ନାମରେ ଲଗାଇ ନିର୍ବାଚନ ପରିଚାଳନା କରିବା ସହ ଲାଭାର୍ଥୀମାନଙ୍କୁ ପ୍ରତାରିତ କରୁଛନ୍ତି ତାହା କହିଥିଲେ। ଏଥିସହ ଆଗକୁ ରାଜ୍ୟ ଭାଜପା ଏହାର କଡା ଜବାବ ଦେବ ବୋଲି ତାଙ୍କ ସହିତ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରାଜ୍ୟ ସମ୍ପାଦକ ଲେଖାଶ୍ରୀ ସାମନ୍ତ ସିଂହାର, ରାଜ୍ୟ ସଂଗଠନ ସମ୍ପାଦକ ମାନସ ମହାନ୍ତି, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ଲୋକସଭା ସଂଯୋଜକ ଶଙ୍କର ପରିଡ଼ା, ଅମିୟ ଦାସ ଲୋକସଭା ପ୍ରଭାରୀ, କୃଷ୍ଣ ଜଗଦେବ, ରଞ୍ଜନ ବରାଳ, ରତିକାନ୍ତ ମିଶ୍ର, ବିଷ୍ଣୁ ପ୍ରିୟା ବରାଳ, ସମିତି ସଭ୍ୟ ଦୀପକ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ଓମପ୍ରକାଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ବିଶୃଙ୍ଖଳା କଲେ ଏତଲା ଦେବାକୁ ନିର୍ଦ୍ଦେଶ

**ଗୋପ, ୨୯।୭(ଡି.ଏନ୍.ଏ.)**

ନିକଟରେ ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମା ୨୧ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବଦଳି କରିବା ପରେ ଏବେ କେତେକ ସ୍କୁଲରେ ବିଶୃଙ୍ଖଳା ସୃଷ୍ଟି ହେବା ଭଳି ଅଭିଯୋଗ ହୋଇଛି। ଏପରି ଅଭିଯୋଗ ଆସିବା ପରେ ବ୍ଲକ ଶିକ୍ଷାଧିକାରୀ ବ୍ରହ୍ମା ଆକ୍ସନ ମୁଡରେ ଆସି ଶୁକ୍ରବାର ଆଉ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କାର୍ଯ୍ୟାଳୟ ଚିଠି ନମ୍ବର ୧୪୭୫, ତା,୨୮/୭/୨୦୨୨ ରେ ସମସ୍ତ ସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଜଣାଇଛନ୍ତି ଯେ, କୌଣସି ସ୍କୁଲରେ ଯଦି କେହି ବ୍ୟକ୍ତି ବିଶେଷ ଆସି ସ୍କୁଲରେ ତାଲାବନ୍ଦ କରିବା, ପାଠପଢ଼ାରେ ବ୍ୟାହତ ସୃଷ୍ଟି କରିବା, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅସମ୍ମାନିତ କରିବା ଭଳି ଅଭିଯୋଗ ଆସିଲେ ତୁରନ୍ତ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେବେ। ସେହିଭଳି କୌଣସି ଶିକ୍ଷକ, ଶିକ୍ଷୟିତ୍ରୀ ବଦଳି ପରେ ନିଜ ସ୍କୁଲରେ ଯୋଗ ନ ଦେଇ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି କିମ୍ବା ଅଧ୍ୟୟନରତ ଶିକ୍ଷକ ଶିକ୍ଷୟିତ୍ରୀ ଠିକ ସମୟରେ ନ ପଢାନ୍ତି, ନ ଆସନ୍ତି ସେମାନଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚିଠିରେ ଦର୍ଶାଯାଇଛି। ଏହି ନିର୍ଦ୍ଦେଶ ନାମା ଜାରି ହେବା ପରେ ଏବେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବ୍ଲକ ଶିକ୍ଷାଧିକାରୀ ବ୍ରହ୍ମା ଅଳ୍ପଦିନ ହେବ ଯୋଗଦେବା ପରେ ସରକାରୀ କାର୍ଯ୍ୟ ଅବହେଳାରୁ ୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ ମଧ୍ୟ କରିଥିବା କାର୍ଯାଳୟ ପକ୍ଷରୁ ସୂଚନା ମିଳିଛି। ଏହି ବ୍ଲକ ଅଞ୍ଚଳର ଅଧିକାଂଶ ବିଦ୍ୟାଳୟରେ ଠିକ ସମୟରେ ସ୍କୁଲକୁ ଶିକ୍ଷକ ଶିକ୍ଷୟିତ୍ରୀ ଯାଉ ନ ଥିବା ଅଭିଯୋଗ ରହିଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ବ୍ରହ୍ମା କହିଛନ୍ତି, ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମୟାନୁବର୍ତ୍ତିତା କରିବା ପାଇଁ ଏପରି ଚିଠି କରାଯାଇଛି।

## ବିଦ୍ୟୁତ୍ ସଂରକ୍ଷଣ ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

**କୋଣାର୍କ, ୨୯।୭(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀ ନିବାସ ବାଙ୍କ୍ୱେଟ ହଲ ପରିସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭାରତ ସରକାରଙ୍କ ବିଦ୍ୟୁତ୍ ମନ୍ତ୍ରଣାଳୟ ଓ ରାଜ୍ୟ ଶକ୍ତି ବିଭାଗ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବିଦ୍ୟୁତ୍ ମହୋତ୍ସବ ପାଳିତ ହୋଇଯାଇଛି। ଗ୍ରୀଡ ପାୱାର, ଓପିସିଏଲ ସହଯୋଗରେ ଉଜ୍ଜ୍ୱଳ ଭାରତ ଉଜ୍ଜଳ ଭବିଷ୍ୟତ ଦ୍ୱାରା ଏହି ମହୋତ୍ସବ ଆୟୋଜିତ ହୋଇଛି। ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ, ଏହି କାର୍ଯ୍ୟକ୍ରମ ଦ୍ୱାରା ସରକାର ଶକ୍ତିର ଅପଚୟ କରିବା ନେଇ ଲୋକଙ୍କୁ ସଚେତନ କରିବା ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଶକ୍ତିର ସଂରକ୍ଷଣ ହୋଇପାରିଲେ ଭବିଷ୍ୟତରେ ଉଜ୍ଜ୍ୱଳ ଭାରତ ଗଠନ ହୋଇପାରିବ ବୋଲି ଉପାଧ୍ୟକ୍ଷ ନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟପଟେ ଏହି କାର୍ଯ୍ୟକ୍ରମରେ କୋଣାର୍କ, କାକଟପୁର, ନିମାପଡ଼ା, ଗୋପ ଓ କୋଣାର୍କ ଏନ୍‌ଏସି ଅଞ୍ଚଳରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଡକାଯାଇ ନ ଥିବା ଜାଣି ମୁଖ୍ୟଅତିଥି ଅସନ୍ତୁଷ୍ଟ ହୋଇଥିଲେ। ଉପଭୋକ୍ତାଙ୍କୁ କହିବା ଦାୟିତ୍ୱ କୋଣାର୍କ ଟିପିସିଏଲ କର୍ତ୍ତୃପକ୍ଷଙ୍କ ଥିବାବେଳେ କହି ନ ଥିବାରୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଏହି କାର୍ଯ୍ୟକ୍ରମ କେବଳ ବିଦ୍ୟୁତ୍ ବିଭାଗର କର୍ମଚାରୀମାନଙ୍କୁ ନେଇ ମହୋତ୍ସବ ପାଳନ ହୋଇଥିଲା। ଶେଷରେ ବିଦ୍ୟୁତ୍ ସଚେତନତା ନେଇ କଳାକାରମାନଙ୍କ ପକ୍ଷରୁ ଏକ ନାଟକ ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ମହୋତ୍ସବରେ ଓପିସିଏଲ୍‌ର ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଟିପିସିଏଲର ଅଧିକ୍ଷଣ ଯନ୍ତ୍ରୀ ଜିତେନ୍ଦ୍ର କୁମାର ମିଶ୍ର, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ଓ ଗ୍ରୀଡ ପାୱାରର ମହାପ୍ରବନ୍ଧକ ଏସ୍.କେ. ନାୟକ ପ୍ରମୁଖ ଯୋଗଦେଇ ସଚେତନ କରାଇଥିଲେ ।

## ନିଷ୍କ୍ରିୟ ହୋଇପଡୁଛି ସ୍କ୍ୱାଡ୍ ଟିମ୍

**ପୁରୀ ଅଫିସ, ୨୯।୭:**

ପୁରୀ ଜିଲାରେ ୫ଟି ଅବକାରୀ ଥାନା ଥିବାବେଳେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ସେହିପରି ଗାଡ଼ିର ମଧ୍ୟ ଅଭାବ ରହିଛି। ଏଭଳି ସ୍ଥିତିରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁ ନ ଥିବାବେଳେ ଚଢ଼ାଉ ଟିମ୍ ଧୀରେ ଧୀରେ ନିଷ୍କ୍ରିୟ ହୋଇପଡୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାର ଦୃଷ୍ଟି ନ ଦେବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି।

ପୁରୀ ଜିଲାର ବ୍ରହ୍ମଗିରି, ଡେଲାଙ୍ଗ, କୋଣାର୍କ ଓ ନିମାପଡ଼ା ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ବ୍ରାଉନସୁଗାର କାରବାର କାୟା ବିସ୍ତାର କରିଛି। ମାତ୍ର ଏଥିପ୍ରତି ଅବକାରୀ ବିଭାଗ ଧ୍ୟାନ ଦେଉନାହିଁ। ଚଳିତବର୍ଷ ଏବେସୁଦ୍ଧା ପୋଲିସ ୫ କିଲୋଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିଛି। ଏହାର ସିଂହଭାଗ କେବଳ ପୁରୀ ସହରରୁ ଜବତ ହୋଇଛି। ମିଶ୍ରନୋଳିଆ ସାହିରୁ ଚଳିତ ମାସରେ ୧୬୭ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ତେବେ ଚଢ଼ାଉ ଦୃଷ୍ଟିରୁ ଅବକାରୀ ବିଭାଗ ପୁରୀ ପୋଲିସଠାରୁ ପଛରେ ପଡ଼ିଯାଉଛି। ଗତ ଜୁନ ମାସ ସୁଦ୍ଧା ପୁରୀ ଅବକାରୀ ବିଭାଗ ୮୪୪ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିଛି। ସେହିପରି ୨୦୨୧-୨୨ରେ ୧୩୫୪ ଗ୍ରାମ, ୨୦୨୦ -୨୧ରେ ୫୬୬ ଗ୍ରାମ୍ ଏବଂ ୨୦୧୯-୨୦ରେ ୩୮୬ ଗ୍ରାମ୍‌ର ବ୍ରାଉନସୁଗାର ଜବତ ହୋଇଥିଲା। ଆଇନଜୀବୀ ଚିନ୍ମୟ କୁମାର ଦାଶ କହିଛନ୍ତି, ଜିଲାରେ ପୋଲିସ ବ୍ରାଉନ ସୁଗାର ଜବତ କରି ବାହାବା ନେଉଥିବାବେଳେ ଅବକାରୀ ବିଭାଗ କାହିଁକି ପଛରେ ପଡ଼ିଛି ତାହା ବୁଝାପଡୁନାହିଁ। ସୂଚନା ଅନୁଯାୟୀ, ପୁରୀ ସଦର, କୋଣାର୍କ, ନିମାପଡ଼ା, ପିପିଲି ଓ ସାତପଡ଼ାରେ ଅବକାରୀ ଥାନା ସମେତ ଗୋଟିଏ ମୋବାଇଲ ସ୍କ୍ୱାଡ୍ ଟିମ୍ ଏବଂ ଜଣେ ରେଞ୍ଜ୍ ଇନ୍ସପେକ୍ଟର ରହିଛନ୍ତି। ଥାନାଗୁଡ଼ିକରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଯେଉଁ ଥାନାରେ ୬ରୁ ୭ଜଣ କର୍ମଚାରୀ ରହିବା ଆବଶ୍ୟକ, ସେଠାରେ ଅଧିକାରୀ ଓ କର୍ମଚାରୀଙ୍କୁ ମିଶାଇ ୨ରୁ ୩ଜଣ ରହିଛନ୍ତି। ମୋବାଇଲ ସ୍କ୍ୱାଡ୍‌ରେ କର୍ମଚାରୀମାନେ ଚଢ଼ାଉ ପାଇଁ ବୁଲିଲେ ଥାନା ଖାଲି ପଡୁଛି। ଏଣୁ କାଁ ଭାଁ କେଉଁଠାରୁ ଖବର ମିଳିବା ପରେ ମୋବାଇଲ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଉଛି। ଅନ୍ୟପକ୍ଷରେ ଜିଲାକୁ ମାତ୍ର ୩ଟି ଗାଡ଼ି ମିଳିଛି। ତନ୍ମଧ୍ୟରୁ ଗୋଟିଏ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଇଁ ଉପଲବ୍ଧ ଥିବାବେଳେ ଅନ୍ୟ ଦୁଇଟି ଯାନ କାର୍ଯ୍ୟରେ ଲାଗୁଛି। ଏଭଳି ସ୍ଥଳେ ଗାଡ଼ି ଯୋଗାଡ଼ କରି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ନିଶା ବେପାରୀମାନେ ଖସିଯାଉଛନ୍ତି। ଅନେକ ସମୟରେ ଖବର ମିଳିଲେ ମଧ୍ୟ ଜାଣିଶୁଣି ଅଣଦେଖା କରାଯାଉଛି। ଗାଡ଼ି ନ ଥିବାରୁ ଅନେକ ଘଟଣାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଜଣେ ତଳିଆ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଏ ନେଇ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନା କହିଛନ୍ତି, କର୍ମଚାରୀ ଅଭାବ ସ୍ଥିତି ଯୋଗୁ ଏଭଳି ସମସ୍ୟା ଉପୁଜୁଛି। ୨୨ଜଣ କର୍ମଚାରୀଙ୍କୁ ନେଇ ଜିଲା ଅବକାରୀ ବିଭାଗ ଚାଲିଛି। ଏହାବାଦ୍ ୫ଜଣ ସବ୍‌ଇନ୍ସପେକ୍ଟର ଅଛନ୍ତି। ତେବେ ଅଧିକ ସଂଖ୍ୟକ କର୍ମଚାରୀ ଓ ଅଧିକାରୀ ନିଯୁକ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ଜେନା କହିଛନ୍ତି।

### ୫ ଅବକାରୀ ଥାନାରେ ୨ ଜିପ୍, ୨୨ କର୍ମଚାରୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ଜୁଲାଇ, ୨୦୨୨



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ନାବାଳକଙ୍କ ମୃତ୍ୟୁ

ଟାଙ୍ଗୀ(ଖୋର୍ଦ୍ଧା),୨୯।୭(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗଳାଯୋଡ଼ି ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲାଲୁ ସାହୁ(୧୬)। ସୂଚନା ମୁତାବକ, ଲାଲୁ ଘରେ କାଠ କାମ ପାଇଁ ବିଦ୍ୟୁତ୍ ତାର ମରାମତି କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ସେବାୟତଙ୍କ ଆବାସ ପାଇଁ ଜମି ଚିହ୍ନଟ

ପୁରୀ ଅଫିସ, ୨୯।୭: ବହୁ ବର୍ଷ ଧରି ଆବାସ ପାଇଁ ପ୍ରତୀକ୍ଷାରତ ଶ୍ରୀମନ୍ଦିରର ଗରିବ ଓ ବାସହୀନ ସେବାୟତଙ୍କ ମନରେ ଆଶା ସଞ୍ଚାର ହୋଇଛି। ସେବାୟତ ଆବାସ ଯୋଜନାରେ ଗୃହ ନିର୍ମାଣ ଲାଗି ଶୁକ୍ରବାରଠାରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ହରଚଣ୍ଡୀ ସାହି ମୌଜାରେ ପ୍ରାୟ ୩ ଏକର ଜାଗା ଚିହ୍ନଟ କରାଯାଇ ପାଚେରି ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ହେବା ଦ୍ୱାରା ପ୍ରାୟ ୫ଶହ ସେବାୟତ ଉପକୃତ ହେବେ। ସାମାଜିକ, ଅର୍ଥନୈତିକ ସର୍ବେକ୍ଷଣ ଶେଷ ପରେ ସେବାୟତ ଆବାସ ଯୋଜନା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୨୦୧୩ରେ ନବକୃଷ୍ଣ ସେଣ୍ଟର ଫର୍ ଡେଭ୍‌ଲପ୍‌ମେଣ୍ଟ ଷ୍ଟଡିଜ ପକ୍ଷରୁ ସେବାୟତଙ୍କ ସାମାଜିକ ଓ ଅର୍ଥନୈତିକ ସର୍ଭେ କରାଯାଇଥିଲା। ପ୍ରାୟ ୨୨୩୬ ସେବାୟତ ପରିବାର ଥିବା ବେଳେ ୯୫୫୮ଜଣ ସେବାୟତ ରହିଥିବା ଜଣାପଡ଼ିଥିଲା। ସେବାୟତଙ୍କ ସଂଖ୍ୟା, ଶିକ୍ଷାଗତ ଯୋଗ୍ୟତା, ଅନ୍ୟ ବୃତ୍ତି ଓ ଆର୍ଥିକ ମାନଦଣ୍ଡକୁ ନେଇ ଭବିଷ୍ୟତରେ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରାଯିବାକୁ ସ୍ଥିର ହୋଇଥିଲା। ସେବାୟତଙ୍କ ଲାଗି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହଯୋଗରେ ଗୃହ ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଥିଲା।

### ରାଜ୍ୟସ୍ତରୀୟ ଚିତ୍ରକଳା ଶିବିର

ଭୁବନେଶ୍ୱର,୨୯।୭(ବ୍ୟୁରୋ): ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ବେଙ୍ଗାଲୁରୁଠାରେ ୪ଦିନିଆ ରାଜ୍ୟସ୍ତରୀୟ ଆଦିବାସୀ ଚିତ୍ରକଳା ଶିବିର ଆୟୋଜିତ ହୋଇଯାଇଛି। ଗୁରୁବାର ଉତ୍ସବରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କର୍ନାଟକ ଲଳିତ କଳା ଏକାଡେମୀର ସଭାପତି ଡି. ମହେନ୍ଦ୍ର ଓ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଦାସ କହିଛନ୍ତି, ସଉରା ଜନଜାତି ଚିତ୍ରକଳା ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ। ସମ୍ମାନିତ ଅତିଥି ଭାବେ ଡି. ମହେନ୍ଦ୍ର ଯୋଗଦେଇ ଓଡ଼ିଶାର ଆଦିବାସୀ ଶିଳ୍ପୀମାନଙ୍କୁ ଦେଖି ଖୁସିବ୍ୟକ୍ତ କରି କହିଛନ୍ତି, ଏହି ଶିବିର ଦ୍ୱାରା କର୍ନାଟକର ଶିଳ୍ପୀମାନେ ଅନୁପ୍ରାଣିତ ହେବେ। ସେହିଭଳି ଏକାଡେମୀ ସଭାପତି ପଟ୍ଟନାୟକ କହିଛନ୍ତି, ପ୍ରଥମଥର ଲଳିତ କଳା ଏକାଡେମୀ ପକ୍ଷରୁ ଓଡ଼ିଶାର ଶିଳ୍ପୀମାନଙ୍କୁ ନେଇ ଏହିପରି ଚିତ୍ରକଳା ଶିବିର ଆୟୋଜନ କରାଯାଇଛି।

# ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଚାହୁଁଛି ଦଧିମାଛଗାଡ଼ିଆ

ଖୋର୍ଦ୍ଧା ଅଫିସ,୨୯।୭



ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧାଠାରୁ ୧୦ କିମି ଦୂରରେ ଦଧିମାଛଗାଡ଼ିଆ ଅବସ୍ଥିତ। ମହାପ୍ରଭୁଙ୍କ ଦାରୁକ୍ଷେତ୍ର ଭାବେ ଏହି ଗ୍ରାମ ପରିଚିତ। ୧୯୯୬ ମସିହାର ନବକଳେବର ପାଇଁ ଏହି ଗ୍ରାମରୁ ମହାପ୍ରଭୁଙ୍କ ଲାଗି ଦାରୁ ଚିହ୍ନଟ କରାଯାଇଥିଲା। କାକଟପୁରର ଅଧିଷ୍ଠାତ୍ରୀ ଠାକୁରାଣୀ ମା'ମଙ୍ଗଳାଙ୍କଠାରୁ ସ୍ୱପ୍ନାଦେଶ ପାଇ ଶ୍ରୀମନ୍ଦିରର ଦଇତାପତି ସେବାୟତମାନେ ଦଧିମାଛଗାଡ଼ିଆକୁ ଆସି ପ୍ରସନ୍ନ ପଟ୍ଟନାୟକଙ୍କ ବାରିପଟେ ଥିବା ନିମ୍ବଗଛକୁ ଚିହ୍ନଟ କରିଥିଲେ। ଏହାପରେ ତାହାକୁ କଟାଯାଇ ଦାରୁବିଗ୍ରହଙ୍କ ନିର୍ମାଣ ଲାଗି କାଠ ନିଆଯାଇଥିଲା। ଦାରୁକ୍ଷେତ୍ରର ମୁଖ୍ୟ ମାନସ ରଞ୍ଜନ ପଟ୍ଟନାୟକ କହନ୍ତି, ଏଠାରୁ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଦାରୁ ଶ୍ରୀମନ୍ଦିରକୁ ପ୍ରେରଣ କରାଯାଇଥିଲା। ଏହି ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଦଧିମାଛଗାଡ଼ିଆ ଏକପ୍ରକାର ମର୍ତ୍ତ୍ୟ ବୈକୁଣ୍ଠ ପାଲଟିଯାଇଥିଲା। ପରବର୍ତ୍ତୀ ସମୟରେ ଜଣେ ବୃଦ୍ଧ ସନ୍ନ୍ୟାସୀ ଆସି ଏହି ସ୍ଥାନକୁ ସଫା କରି ରହିଥିଲେ। ଏହାପରେ ମନ୍ଦିର ନିର୍ମାଣ ଲାଗି ମାନସଙ୍କୁ ସ୍ୱପ୍ନାଦେଶ ହୋଇଥିଲେ। ସେ ଏ ନେଇ ଗଜପତି ମହାରାଜାଙ୍କ ସହିତ ଆଲୋଚନା କରିଥିଲେ ଏବଂ ଶ୍ରୀମନ୍ଦିର ମୁକ୍ତିମଣ୍ଡପର ଅନୁମତି ଆଣିଥିଲେ। ରାମେଶ୍ୱରରୁ କାରିଗର ଆସି ମନ୍ଦିର ନିର୍ମାଣ କରିଥିଲେ। ୧୯୯୯ରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଶ୍ରୀକ୍ଷେତ୍ର ପରି ଏଠାରେ ସମସ୍ତ ରୀତିନୀତି କରାଯାଏ। ମନ୍ଦିର ପରିଚାଳନା ନିମନ୍ତେ ଶ୍ରୀଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ଗଠନ କରାଯାଇଛି ବୋଲି ଦାରୁ ରକ୍ଷକ ନୃସିଂହ ପଟ୍ଟନାୟକ କହିଛନ୍ତି। ସେହିପରି ମାନସ କହିଛନ୍ତି, ଦାରୁ ଚିହ୍ନଟ ହେବା ପରଠୁ ଦଧିମାଛଗାଡ଼ିଆ ଗ୍ରାମ ଏକ ତୀର୍ଥକ୍ଷେତ୍ର ପାଲଟି ଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଏଠାକୁ ଆସୁଛନ୍ତି। ଏଠାରେ ପ୍ରତିବର୍ଷ ୩ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରବଚନ, ଭଜନ କୀର୍ତ୍ତନ ଆଦି କରାଯାଏ। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦଧିମାଛ ଗାଡ଼ିଆକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ସାଧାରଣରେ ଦାବି ହେଉଛି।

### ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

ଆଲୁମିନିୟମ କାରଖାନାରେ ବିସ୍ଫୋରଣ ଘଟଣା

ଝାଁଳା,୨୯।୭(ଡି.ଏନ୍.ଏ.)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଳାସ୍ଥିତ ଆଲୁମିନିୟମ ସାମଗ୍ରୀ ତିଆରି କାରଖାନାରେ ହୋଇଥିବା ବିସ୍ଫୋରଣ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଭଦ୍ରକର ଗଣେଶ ମାଇତି। ସୂଚନାଥାଉ କି, ଗତ ୨୭ ତାରିଖ ସନ୍ଧ୍ୟାରେ ଉକ୍ତ କାରଖାନାରେ ଥିବା ଏକ ସିଏନ୍‌ଜି ଗ୍ୟାସ୍‌ଟାଙ୍କି ଫାଟି ବିସ୍ଫୋରଣ ହୋଇଥିଲା। ଏଥିରେ ଗଣେଶ ଗୁରୁତର ହୋଇଥିବା ବେଳେ ଆଉ ଦୁଇଜଣ ସାମାନ୍ୟ ଆହତ ହୋଇଥିଲେ। ତେବେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, କମ୍ପାନୀର ଆଜ୍‌ବେଷ୍ଟସ ଉଡ଼ିଯିବା ସହ ଗଣେଶ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ଗଣେଶଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ଡଙ୍ଗା ତିଆରି ବାବଦ ଅର୍ଥ ଦାବି



ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଖୋର୍ଦ୍ଧା ଅଫିସ,୨୯।୭

ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତର ପାଣ୍ଡିଆବିଲି, ବୁଢାଙ୍ଗରା, ଯୋରକଣି ଗ୍ରାମକୁ ସଂଯୋଗ କରୁଥିବା ମାଟିରାସ୍ତା ଲଘୁଚାପ ବର୍ଷାରେ ଧୋଇଯାଇଥିଲା। ଫଳରେ ୫୦ଟି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଗ୍ରାମବାସୀ ଯାତାୟାତ ଲାଗି ନିଜସ୍ୱ ଖର୍ଚ୍ଚରେ ଡଙ୍ଗା ପକାଇଛନ୍ତି। ଡଙ୍ଗା ବାବଦକୁ ଗ୍ରାମବାସୀଙ୍କୁ ଦୈନିକ ୨ହଜାର ଟଙ୍କା ଭରଣା କରିବାକୁ ପଡୁଛି। ଆଗକୁ ମୌସୁମୀ ବର୍ଷା ରହିଛି। ବର୍ଷା ଲାଗିରହିଲେ ସମସ୍ୟା ଦ୍ୱିଗୁଣିତ ହେବା ସମ୍ଭାବନା ରହିଛି। ତେଣୁ ଡଙ୍ଗା ବାବଦ ଅର୍ଥ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା ଜିଲା ପ୍ରଶାସନ ଭରଣା କରିବାକୁ ଏକାଧିକ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଏଠାରେ ସବୁଦିନିଆ ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବିକରି ଆସୁଛନ୍ତି। ପ୍ରତିଶ୍ରୁତି ମିଳୁଛି କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରତିବର୍ଷ ବର୍ଷାରେ ଏହି ରାସ୍ତା ଧୋଇଯାଏ। ଫଳରେ ଏହିରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ହଇରାଣ ହୋଇଥାନ୍ତି ବୋଲି କେତେଜଣ ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି।

### ବାପାକୁ ମାଡ଼ ମାରି ପୁଅବୋହୂ ଗିରଫ

ଝାଁଳା,୨୯।୭(ଡି.ଏନ୍.ଏ.)

ବାପାଙ୍କୁ ନିର୍ଯାତନା ସହ ମାଡ଼ ମାରିବା ଅଭିଯୋଗରେ ଶୁକ୍ରବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ପୁଅ ବୋହୂଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଣେଶ ସାହୁ ଓ ବନିତା। ଅଭିଯୋଗ ମୁତାବକ, ମଦନପୁର ପଞ୍ଚାୟତର ଦେଉଳିଆପାଟଣା ଗ୍ରାମର ଲକ୍ଷ୍ମଣ ସାହୁ (୮୦) ଓ ତାଙ୍କ ସ୍ତ୍ରୀ ତପୋଇ ପୁଅବୋହୂ ପାଖରେ ରହୁଥିଲେ। ବୟସାଧିକ ଯୋଗୁ ଲକ୍ଷ୍ମଣଙ୍କ ଆଖିକୁ ଦେଖାଯାଉ ନ ଥିବା ବେଳେ ସ୍ତ୍ରୀ ତପୋଇ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ଥିଲେ। କୌଣସି କାରଣରୁ ୬ବର୍ଷ ହେବ ତପୋଇ ଝିଅଘରେ ରହୁଥିଲେ। ଗତ ୨୬ ତାରିଖରେ ଲକ୍ଷ୍ମଣଙ୍କୁ ତାଙ୍କ ପୁଅବୋହୂ ମାଡ଼ ମାରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ତପୋଇ ଓ ଝିଅ ପହଞ୍ଚିଥିଲେ। ଏନେଇ ସେମାନେ ଝାଁଳା ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନ ଥିଲା। ଆଇନଜୀବୀ ମଧୁସ୍ମିତା ରଥଙ୍କ ହସ୍ତକ୍ଷେପ ପରେ ପୋଲିସ ଅଭିଯୋଗ ଗ୍ରହଣ କରି ପୁଅ ବୋହୂଙ୍କୁ ଗିରଫ କରିଥିଲା।

## ମୋରମ ଖଣିରେ ଚଢ଼ାଉ, ୭ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨୯।୭(ଡି.ଏନ୍.ଏ.)

**୬ ହାଇୱା, ଗୋଟିଏ ପୋକଲିନ୍ ଜବତ**

ଟାଙ୍ଗୀ ତହସିଲ ଅନ୍ତର୍ଗତ ଚଣ୍ଡେଶ୍ୱର ଅଞ୍ଚଳରେ ଥିବା ଏକ ମୋରମ ଖଣିରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିବା ସହ ୬ଟି ହାଇୱା ଓ ଗୋଟିଏ ପୋକଲିନ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର କୁମାର ଯାଦବ, ରଘୁବୀର ଯାଦବ, ନରେଶ ସିଂ, ବିହାରର ଦୁର୍ଗା ପ୍ରସାଦ ଯାଦବ, ଉତ୍ତରପ୍ରଦେଶର ଅରବିନ୍ଦ ଓ ରାମପତି, ଓଡ଼ିଶା ଯାଜପୁର ଜିଲା ସୁକିନ୍ଦାର ଶେଷଦେବ ନାୟକ। ସୂଚନା ମୁତାବକ, ଚଣ୍ଡେଶ୍ୱର ଅଞ୍ଚଳରୁ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ନେଇ ଟାଙ୍ଗୀ ପୋଲିସକୁ ସୂଚନା ମିଳିଥିଲା। ଖବର ପାଇ ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ସଦଳବଳ ଉକ୍ତ ଖଣିରେ ଚଢ଼ାଉ କରି ଗାଡ଼ି ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏନେଇ ଥାନାରେ ମାମଲା (ନଂ.୩୯୪/୨୨) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ କହିଛି।

## କାଠ, ଯନ୍ତ୍ରାଂଶ ସହ ୩ ଟ୍ରାକ୍ଟର ଜବତ



ଜବତ କାଠ, ଯନ୍ତ୍ରାଂଶ ଓ ଟ୍ରାକ୍ଟର।

ନିରାକାରପୁର,୨୯।୭(ଡି.ଏନ୍.ଏ.)

**କରତକଳରେ ଚଢ଼ାଉ**

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଡେଲାଙ୍ଗ ବନାଞ୍ଚଳ ଅନ୍ତର୍ଗତ ପୁରୀ ଜିଲା ଗଡ଼ିଶାଗଡା ଥାନା ପାହିଲୁଣ୍ଡିଠାରେ ବେଆଇନ ଭାବେ ଚାଲିଥିବା କରତ କଳ ଉପରେ ଶୁକ୍ରବାର ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠ, ୩ ଟ୍ରାକ୍ଟର ସହ ଯନ୍ତ୍ରାଂଶ ଜବତ କରିଛି। ତେବେ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୂଚନା ମୁତାବକ, ଏଠାରେ ଦୀର୍ଘଦିନ ଧରି ବେଆଇନ ଭାବେ କରତ କଳ ଚାଲିଥିବା ନେଇ ବନ ବିଭାଗକୁ ସୂଚନା ମିଳିଥିଲା। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ୍‌ଙ୍କ ନିର୍ଦ୍ଦେଶରେ ଟାଙ୍ଗୀ ଓ ଡେଲାଙ୍ଗ ବନାଞ୍ଚଳ ଅଧିକାରୀ ମିଳିତ ଭାବେ ଉକ୍ତ କରତ କଳ ଉପରେ ଚଢ଼ାଉ କରି କାଠ, ଟ୍ରାକ୍ଟର ଓ ଯନ୍ତ୍ରାଂଶକୁ ଜବତ କରିଥିଲେ। ତେବେ ମାଫିଆମାନେ କିପରି ଧରାପଡୁନାହାନ୍ତି ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଚଢ଼ାଉରେ ସାମିଲ ଥିବା ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କୁହନ୍ତି, ଚୋରାରେ କରତ କଳ ଚାଲିଥିବା ନେଇ ଖବର ଥିବାରୁ ଚଢ଼ାଉ ହୋଇଥିଲା। ଫଳରେ ସେଠାରୁ ଲକ୍ଷାଧିକ ଟଙ୍କାର କାଠ ସହ ଟ୍ରାକ୍ଟର ଓ ଯନ୍ତ୍ରାଂଶ ଜବତ କରାଯାଇଛି।

## ପେଟ୍ରୋଲ ପମ୍ପରେ ଯୋଗାଣ ବିଭାଗର ଚଢ଼ାଉ

ବାଲୁଗାଁ,୨୯।୭(ଡି.ଏନ୍.ଏ.)



ପେଟ୍ରୋଲ ପମ୍ପରେ ଯୋଗାଣ ବିଭାଗ ଅଧିକାରୀ ଯାଞ୍ଚ କରୁଛନ୍ତି।

ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ଚିଲିକା, ବାଲୁଗାଁ ଓ ବାଣପୁର ଅଞ୍ଚଳର ବିଭିନ୍ନ ପେଟ୍ରୋଲ ପମ୍ପରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ବେଳେ ଉକ୍ତ ପେଟ୍ରୋଲ ପମ୍ପ ମାନଙ୍କରେ ସରକାରଙ୍କ ନିୟମ ମୁତାବକ ସମସ୍ତ ସୁବିଧା ଉପଲବ୍ଧ ନ ଥିବା ଜଣାପଡ଼ିଥିଲା। ବାଲୁଗାଁର ଭାରତ ପେଟ୍ରୋଲ ପମ୍ପରେ ଡିଜେଲ ଯୋଗାଣ ନିମନ୍ତେ ମିଳିଥିବା ଲାଇସେନ୍ସର ଅବଧି ସରିଯାଇଥିବା ବେଳେ ଏହାର ରିନୁଆଲ କରାଯାଇ ନ ଥିବାରୁ ଉକ୍ତ ପମ୍ପର ଷ୍ଟକ୍ ରେଜିଷ୍ଟର ଓ ଡିଜେଲ ଯୋଗାଣ ମେଶିନକୁ ସିଜ୍ କରାଯିବା ସହ ବଣ୍ଟନ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ରିପୋର୍ଟ ଜିଲାପାଳଙ୍କ ନିକଟକୁ ପଠାଯାଇଥିବା ବେଳେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ନୃସିଂହ ପଣ୍ଡା କହିଛନ୍ତି। ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ବାଣପୁର ଯୋଗାଣ ଅଧିକାରୀ ଶିବରାମ ବିଶ୍ୱାଳ, ଚିଲିକା-ବାଲୁଗାଁ ଯୋଗାଣ ଅଧିକାରୀ ଅରୁଣ ଲେଙ୍କା ପ୍ରମୁଖ ସାମିଲ ଥିଲେ। ସୂଚନାଥାଉ କି, ଉପରୋକ୍ତ ଅଞ୍ଚଳଗୁଡ଼ିକରେ ଥିବା ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ନିମନ୍ତେ ଶୌଚାଳୟ, ଥଣ୍ଡା ପାନୀୟଜଳ, ପ୍ରେସର ମେଶିନ ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦି ରହିବା ସରକାରଙ୍କ ନିୟମ ରହିଛି। ମାତ୍ର କୌଣସି ପେଟ୍ରୋଲ ପମ୍ପରେ ଏ ସମସ୍ତ ସୁବିଧା ଉପଲବ୍ଧ ନ ଥିବା ବେଳେ ତେଲରେ ଅପମିଶ୍ରଣ ଓ ମାପ ଓଜନରେ ଠକେଇ ନେଇ ବାରମ୍ବାର ଅଭିଯୋଗ ହେଉଥିଲା।

## ଡେଙ୍ଗୁ ନିରାକରଣ ପାଇଁ ସଚେତନତା




ବୋଲଗଡ଼,୨୯।୭(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶୁକ୍ରବାର ଡେଙ୍ଗୁ ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦୁର୍ଗାପ୍ରସାଦ ଜେନା, ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ବାଙ୍କୋଇ ସରପଞ୍ଚ ରଶ୍ମିତା ରାଉତରାୟ, ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା ଏବଂ ବ୍ଲକ ଅଞ୍ଚଳର କେତେକ ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇଥିଲେ। ବର୍ଷାଦିନ ଯୋଗୁ ଗାଁଗହଳି ସମେତ ଘର ନିକଟରେ ଆବର୍ଜନା ମଇଳା ଏବଂ ବର୍ଜ୍ୟଜଳ ଆଦି ଜମି ରହୁଥିବା ସ୍ଥାନରେ ମଶା, ମାଛିଙ୍କ ବଂଶ ବିସ୍ତାର ହେବାର ସମ୍ଭାବନା ରହିଛି। ତେଣୁ କୌଣସି ସ୍ଥାନରେ ଡେଙ୍ଗୁ ମଶା ବଂଶ ବିସ୍ତାର ପାଇଁ ଯେଭଳି ପାଣି ଜମି ନ ରହିବ ସେଥିପାଇଁ ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା। ଏପରି କି କୌଣସି ସ୍ଥାନରେ ପାଣି ଜମିଥିଲେ ସେଠାରୁ ୭ ଦିନ ମଧ୍ୟରେ ଶୁଖାଇବାକୁ ସଚେତନ କରାଯାଇଛି। ୭ ଦିନରୁ ଅଧିକ ସମୟ ପାଣି ଜମିରହିଲେ ଏଡିସ୍ ମଶା ସୃଷ୍ଟି ହୋଇ ଡେଙ୍ଗୁ ରୋଗର କାରଣ ପାଲଟିଥାଏ। ତେଣୁ ଏଥିପ୍ରତି ଯତ୍ନବାନ ହେବାକୁ ବ୍ଲକ ଅଞ୍ଚଳରେ ଥିବା ୨୧୨ଟି ଗାଁ କଲ୍ୟାଣ ସମିତି ଘରେ ଘରେ ସଚେତନ କରାଇବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହିତ ଗାଁ ଏବଂ ସାହିମାନଙ୍କରେ ପରିଷ୍କାର ଓ ପରିମଳ ପ୍ରତି ଗାଁ କଲ୍ୟାଣ ସମିତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆଶୁତୋଷ ମହାନ୍ତି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ।

## ସହର ସୌନ୍ଦର୍ଯ୍ୟକରଣରେ ବାଧକ କ୍ୟାବିନ, ଡ୍ରେନ୍

ଖୋର୍ଦ୍ଧା ଅଫିସ,୨୯।୭

- ଜବରଦଖଲ ମୁକ୍ତ ଲାଗି ପ୍ରଶାସନ ପକ୍ଷରୁ ତତ୍ପରତା
- ସୌନ୍ଦର୍ଯ୍ୟକରଣ, ଟ୍ରାଫିକ୍ ନିୟନ୍ତ୍ରଣ ଜରୁରୀ

ଖୋର୍ଦ୍ଧାରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବଢ଼ିଚାଲିଛି। ରାସ୍ତାକଡ଼, ଡ୍ରେନ୍ ଆଦି ଜବରଦଖଲ କରି ବ୍ୟବସାୟୀମାନେ କ୍ୟାବିନ ପକାଇବା ସହ ଦୋକାନ ଗୃହ କରିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଟ୍ରାଫିକ୍ ସମସ୍ୟାକୁ ଆହୁରି ବଢ଼ାଉଛି। ଏହି ସମସ୍ୟା ସୁଧାରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାସ୍ତାକୁ ଅବରୋଧ କରିଥିବା ଦୋକାନ ଗୃହ ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ଏପରି କି ଦୋକାନ ଗୃହ ଭାଙ୍ଗିବା ଲାଗି ମାରୱାଡି ପଟି ଏବଂ ଡାକ୍ତର୍ସ ଲେନ୍‌ରେ ମାପଚୁପ କରାଯିବା ସହ ଡ୍ରେନ୍‌ଗୁଡିକୁ ଅବରୋଧମୁକ୍ତ ଲାଗି ନୋଟିସ କରାଯାଇଛି। ଦୀର୍ଘବର୍ଷ ଧରି ବେପାର କରୁଥିବା କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପ୍ରଶାସନ ପକ୍ଷରୁ ଯୋଜନା ଚାଲିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଫଳରେ ସହରର ସୌନ୍ଦର୍ଯ୍ୟକରଣରେ କ୍ୟାବିନ ଓ ଡ୍ରେନ୍ ବାଧକ ସାଜିଛି।

ସହରର ଡ୍ରେନ୍ ଜବରଦଖଲରେ ରହିଛି। ନୟାଗଡ଼ ରୋଡ୍, ପେଟ୍ରୋଲ ପମ୍ପ ଛକ, ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ମାରୱାଡି ପଟି, ପୁରୁଣା ଦମକଳ ଛକ, ଗୋଡ଼ିପୋଖରୀ, ମାଛ ମାର୍କେଟ, ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ଉପରେ ଉଠାଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଫଳରେ ଡ୍ରେନ୍‌ଗୁଡିକ ସଫେଇ ନ ହେବାରୁ ପୋତିହୋଇଗଲାଣି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମିରହୁଛି। ଏପରି କି ସାମଗ୍ରୀ କିଣିବାକୁ ଆସୁଥିବା ଲୋକେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି। ଫଳରେ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଗୋଡ଼ିପୋଖରୀ ଛକ ଏବଂ ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିଯୋଗୁ ଡ୍ରେନ୍‌ଗୁଡିକୁ ଅବରୋଧ ମୁକ୍ତ, ଉଠାଦୋକାନୀ ଓ ରାସ୍ତା ଉପରେ ପସରା ମେଲାଇଥିବା ଦୋକାନୀଙ୍କୁ ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ପୌର କାର୍ଯ୍ୟନିର୍ବାହୀ ତଥା ଉପଜିଲାପାଳ ଆଇ.ଗୌରବ ଶିବାଜୀ କହିଛନ୍ତି। ପ୍ରଶାସନ ପକ୍ଷରୁ ଉଚ୍ଛେଦ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି। ସୂଚନାଥାଉ କି, ହାବେଳି ପଡ଼ିଆଠାରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ୨୦୦୩ ମସିହାରେ ଜିଲା ପ୍ରଶାସନସ୍ତରରେ ନିଷ୍ପତ୍ତି ହୋଇଥିଲା। ଏଥିଲାଗି ପ୍ରତି ବ୍ୟବସାୟୀଙ୍କଠାରୁ ୩ ହଜାର ଟଙ୍କା ଲେଖାଏ ସଂଗ୍ରହ କରାଯାଇଥିଲା। ପ୍ରାୟ ୧୫ ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ସଂଗ୍ରହ ହୋଇଥିଲା। ଆଦାୟ ଅର୍ଥରୁ ଚାରିପଟ ପାଚେରି ଏବଂ ପଡ଼ିଆକୁ ସମତୁଲ କରିବାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। କ୍ୟାବିନ ସମସ୍ୟା ସମାଧାନ ଲାଗି ବେଗୁନିଆ ବିଧାୟକ ତଥା ବ୍ୟବସାୟୀ ମହାସଂଘ ସଭାପତି ରାଜେନ୍ଦ୍ର ସାହୁ ବିଧାନସଭାର ଶୂନ୍ୟକାଳରେ ପ୍ରଶ୍ନ ଉଠାଇଥିଲେ। ୫୪୦ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପୌର ପ୍ରଶାସନ ପକ୍ଷରୁ ୩୪ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ରଦ୍ଦ କରିଦିଆଗଲା। ଗୁରୁବାର କ୍ୟାବିନ ସମସ୍ୟା ସମାଧାନ ଲାଗି ଖୋର୍ଦ୍ଧା ଓ ବେଗୁନିଆ ବିଧାୟକଙ୍କ ସହ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ବ୍ୟବସାୟୀ ମହାସଂଘ ସମ୍ପାଦକ ଜୟନ୍ତ ରାୟ କହିଛନ୍ତି, କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ନେଇ ହାଇକୋର୍ଟରେ କେସ୍ ଚାଲିଛି। ଏମାନଙ୍କୁ ଥଇଥାନ ପରେ ଉଚ୍ଛେଦ କରାଯାଉ ବୋଲି ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ପୌରାଧକ୍ଷା ମହାନ୍ତି କହିଛନ୍ତି।

## ଶୈଳବାଳା କଲେଜରେ ପାଠଚକ୍ର

**କଟକ ଅଫିସ:** କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ପକ୍ଷରୁ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳଙ୍କ ପ୍ରୋତ୍ସାହନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ ଯୋଗଦେଇ ନାରୀ ସଶକ୍ତୀକରଣ ଓ ଆତ୍ମନିର୍ଭରଶୀଳ ଭାରତ ଗଠନ ସମ୍ପନ୍ଧରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ବନ୍ଦନା ପାଠକ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲଗ୍ନା ଦାସ, ଅଧାପିକା ଦେବୀକାରାଣୀ ମୁର୍ମୁ, ମନସ୍ୱିନୀ ପଣ୍ଡା, ମୋନାଲିସା ମହାନ୍ତି, ପ୍ରାଚୀ ତନୟ ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜରୁରିକାଳୀନ ଦମକଳ ସେବା ଉଦ୍‌ଘାଟିତ



**କଟକ ଅଫିସ,୨୯।୭:** କଟକ ମାଲଗୋଦାମ ବ୍ୟବସାୟୀ ସଂଘ ପକ୍ଷରୁ ମାଲଗୋଦାମଠାରେ ଜରୁରିକାଳୀନ ଦମକଳ ସେବା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଗ୍ନି ନିରାପତ୍ତା ବିଭାଗ ଏସ୍‌ପି ବିଚିତ୍ରାନନ୍ଦ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଗ୍ନି ନିରାପତ୍ତା ବିଭାଗ ଇନ୍‌ସପେକ୍ଟର କୁନୁ ନାୟକ, ମାଲଗୋଦାମ ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ, ସହ ସମ୍ପାଦକ ପ୍ରଶାନ୍ତ ପାତ୍ର, ଚାଉଳ ବ୍ୟବସାୟୀ ସଂଘ ସଭାପତି ମଧୁସୂଦନ ରାଉତ, ସମ୍ପାଦକ ସୁନୀଲ ପାତ୍ର ଓ ଖୁଚୁରା ବ୍ୟବସାୟୀ ସଂଘ ସଭାପତି ବିନୋଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଓପିଏସ୍‌ସି ସଦସ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ ଅଫିସ,୨୯।୭:** ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ର ସଦସ୍ୟ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓପିଏସ୍‌ସି ଅଧକ୍ଷ ଡ. ସତ୍ୟଜିତ୍ ମହାନ୍ତି ଅଧକ୍ଷତା କରିଥିଲେ। ପଟ୍ଟନାୟକ ଶନିବାର ଚାକିରିରୁ ଅବସର ଗ୍ରହଣ କରିବେ। ସେ ପ୍ରାୟ ୨ ବର୍ଷ ଧରି ଓପିଏସ୍‌ସିର ସଦସ୍ୟ ଭାବେ ନିଷ୍ଠାର ସହ ଦାୟିତ୍ୱ ତୁଲାଇଥିଲେ। ଓପିଏସ୍‌ସି ଦ୍ୱାରା ପରିଚାଳିତ ବିଭିନ୍ନ ପଦବୀର ନିଯୁକ୍ତି ପରୀକ୍ଷାକୁ ଠିକ୍ ଭାବେ ପରିଚାଳନା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓପିଏସ୍‌ସିର ସଦସ୍ୟ ନିରଞ୍ଜନ ସାହୁ, ଅଞ୍ଜନ କୁମାର ମାଣିକଙ୍କ ସମେତ ସଚିବ, ଉପସଚିବ, କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ମୋ ସ୍କୁଲ ଅଭିଯାନରେ ୧୬ ହାଇସ୍କୁଲ ସାମିଲ

**କଟକ ସଦର,୨୯।୭(ଡି.ଏନ୍.ଏ.):** ୨୦୨୨-୨୦୨୩ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ ଅଞ୍ଚଳର ୧୬ଟି ହାଇସ୍କୁଲକୁ ମୋ ସ୍କୁଲ ଅଭିଯାନରେ ସାମିଲ କରାଯାଇଛି। ସେଗୁଡିକ ହେଲା ଚିନ୍ତାମଣି ସ୍ମୃତି ବାଳିକା ବିଦ୍ୟାମନ୍ଦିର, ଗୋପାଳ ସ୍ମୃତି ସରକାରୀ ହାଇସ୍କୁଲ, ଆୟତ୍ତପୁର ନୋଡାଲ ହାଇସ୍କୁଲ, ବରୁଣେଇ ବିଦ୍ୟାପୀଠ, ଅଭିରାମ ପରମହଂସ ହାଇସ୍କୁଲ, ରତ୍ନାକର ବିଦ୍ୟାମନ୍ଦିର, ପାର୍ବତୀ ନୋଡାଲ ବିଦ୍ୟାପୀଠ, ବାଲୁଙ୍କେଶ୍ୱର ନୋଡାଲ ହାଇସ୍କୁଲ, ସଇନ୍ଦା ନୋଡାଲ ହାଇସ୍କୁଲ, ଉରାଳି ନୋଡାଲ ହାଇସ୍କୁଲ, କେଳିକଦମ୍ବ ହାଇସ୍କୁଲ, ବାରଦା ହାଇସ୍କୁଲ, ନାହାକାଣି ହାଇସ୍କୁଲ, ପ୍ରହରାଜପୁର ହାଇସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ମହେନ୍ଦ୍ର ସ୍ମୃତି ନୀଳକଣ୍ଠ ବିଦ୍ୟାପୀଠ। ଏହି ସ୍କୁଲଗୁଡିକ ସାମିଲ ହୋଇଥିବା ନେଇ କଟକ ସଦର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

### ବାୟକ ଗୁରୁଙ୍କ ସ୍ମୃତିଚାରଣ ସଭା

**ଆଠଗଡ଼,୨୯।୭(ସ୍ୱ.ପ୍ର.):** ଉତ୍ତର ବାଙ୍କୀ ବ୍ଲକ କନ୍ତପହଁରା ଗ୍ରାମରେ ଦିବଂଗତ ବାୟକ ଗୁରୁ ରମେଶ ଚନ୍ଦ୍ର ରାଉତଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' ଚର୍ଚ୍ଚିକା ପାଲା ମଣ୍ଡଳ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇ ସ୍ୱର୍ଗତ ରାଉତଙ୍କ ପାଲା ଜୀବନର ସ୍ମୃତି ଅନୁଭୂତି ଉପରେ ଆଲୋଚନା କରିଥିଲେ। ପାଲା ମଣ୍ଡଳ ସଭାପତି ନିଶିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ଲକ୍ଷ୍ମୀଧର ପଣ୍ଡା, ସମ୍ପାଦକ ଦିଲୀପ କୁମାର ମହାପାତ୍ର, କୋଷାଧ୍ୟକ୍ଷ ପଦ୍ମନାଭ ମିଶ୍ର, ଉପଦେଷ୍ଟା ନିକୁଞ୍ଜ ବିହାରୀ ବେହେରା, ରୁଦ୍ରନାରାୟଣ ନନ୍ଦ ଓ ବିଭୁପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଦୁଷ କୁମାର ବରାଳ ଏବଂ ସାଥି ରାଜକିଶୋର ସାହୁ, କ୍ଷୀରୋଦ କୁମାର ଖଟୁଆ, ବଳରାମ ଜେନା, ମେଘନାଦ ଖଟୁଆ ଓ ନୀଳମଣି ଖଟୁଆ ପ୍ରମୁଖ ରମେଶ ଚନ୍ଦ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଲା ପରିବେଷଣ କରିଥିଲେ।

# ସିଏମ୍‌ସିର ଦୋକାନ ଭଡ଼ା ବଢ଼ିବ

**ସିଏମ୍‌ସିର ରାଜସ୍ୱ ବୃଦ୍ଧି ପାଇଁ ବୈଠକ**

- ବିନା ଲାଇସେନ୍ସରେ ଚାଲିବନି ବ୍ୟବସାୟିକ ପ୍ରତିଷ୍ଠାନ
- ଫି' ଆଦାୟ ପାଇଁ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ




**କଟକ ଅଫିସ,୨୯।୭**

କଟକ ମହାନଗର ନିଗମ (ସିଏମ୍‌ସି)ର ରାଜସ୍ୱ ବୃଦ୍ଧି କରାଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବକେୟା ଦୋକାନ ଘର ଭଡା, ହୋଲ୍ଡିଂ ଟ୍ୟାକ୍ସ, ୟୁଜର୍ସ ଫି' ଆଦାୟ ମାଧ୍ୟମରେ ରାଜସ୍ୱ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ଶୁକ୍ରବାର ସିଏମ୍‌ସି ବିଜୁଭବନ ପରିସରରେ ମେୟର ସୁବାସ ସିଂଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସିଏମ୍‌ସିର ବହୁ ଦୋକାନ ଘର ଭଡା ଲାଗିଛି। ହେଲେ ଭଡା ବାବଦ ଟଙ୍କା ବକେୟା ପଡିଛି। ସେମାନଙ୍କ ନିକଟରୁ କିପରି ବକେୟା ଟଙ୍କା ଆଦାୟ କରାଯିବ ସେଥିପ୍ରତି ସିଏମ୍‌ସି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମେ ସିଡିଏ ଅଞ୍ଚଳର ବିଭିନ୍ନ ଦୋକାନ ଓ ଶପିଂ ମଲ୍‌ରେ ଚଢ଼ାଉ କରାଯାଇ ବକେୟା ଟଙ୍କା ଆଦାୟ କରାଯିବ। ଏଥିସହ ବେଆଇନ ଭାବେ କରିଥିବା ଦୋକାନ ଓ ମଲ୍ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥିର ହୋଇଛି। ସେହିପରି ସିଏମ୍‌ସି ଦୋକାନ ଘର ଭଡା ମଧ୍ୟ ବୃଦ୍ଧି କରାଯିବ। ଦୀର୍ଘବର୍ଷ ହେବ ବ୍ୟବସାୟୀମାନେ ପୁରୁଣା ଦରରେ ଘର ଭଡା ନେଇଛନ୍ତି। ଏହାଦ୍ୱାରା ରାଜସ୍ୱ ହାନି ହେଉଛି। ଏବେକାର ଚାହିଦାକୁ ଦୃଷ୍ଟିରେ ରଖି ନୂତନ ଦର ସମ୍ପର୍କରେ ବ୍ୟବସାୟୀଙ୍କୁ ଅବଗତ କରାଯିବ। ନ ହେଲେ ସେମାନଙ୍କୁ ଘର ଛାଡିବା ପାଇଁ ନୋଟିସ୍ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଏଣିକି ସହରର ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବିନା ଲାଇସେନ୍ସରେ ଚାଲିବ ନାହିଁ ବୋଲି ବୈଠକରେ ସ୍ଥିର ହୋଇଛି। ବ୍ୟବସାୟ କରିବାକୁ ହେଲେ ସେମାନଙ୍କୁ ଟ୍ରେଡ୍ ଲାଇସେନ୍ସ କରିବାକୁ ପଡିବ। ଫି' ଦେଉ ନ ଥିବା ବ୍ୟବସାୟୀଙ୍କ ଦୋକାନ ବନ୍ଦ କରାଯିବ। ଏଥିପାଇଁ ସିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ସିଏମ୍‌ସିର ୫୯ଟି ୱାର୍ଡରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନର ଡାଟାବେସ ପ୍ରସ୍ତୁତ କରାଯିବ। ସେଥିରେ ବ୍ୟବସାୟୀଙ୍କ ନାମ, ଆଧାର ଓ ମୋବାଇଲ ନମ୍ବର ରହିବ। ସେମାନେ କେଉଁ ବ୍ୟବସାୟ କରୁଛନ୍ତି ଓ କେଉଁଠି ଦୋକାନ ରହିଛି ସେ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ। ୟୁଜର୍ସ ଫି' ଏବଂ ଟିକସ ଆଦାୟ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ନିୟୋଜିତ କରାଯିବା ପାଇଁ ସିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ, ଟ୍ୟାକ୍ସ କମିଟି ଅଧକ୍ଷ ଦମୟନ୍ତୀ ମାଝୀ ଓ ଲାଇସେନ୍ସ କମିଟି ଅଧକ୍ଷ ଏ. ଶ୍ରୀଦେବୀ ଯୋଗଦେଇଥିଲେ।

# ନାଟକ 'ଧର୍ମପଦର ଅଭିଷେକ' ମଞ୍ଚସ୍ଥ



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଶୁକ୍ରବାର ପରିବେଷିତ ନାଟକ 'ଧର୍ମପଦର ଅଭିଷେକ'ର ଏକ ଦୃଶ୍ୟ।

**କଟକ ଅଫିସ, ୨୯।୭**

ଯଦୁପୁର ଗାଁ ଦେଇ ଏକ ନଈ ବହିଯାଇଛି। ଉକ୍ତ ନଈରେ ପୋଲ ନାହିଁ। ଏଥିଯୋଗୁ ଗ୍ରାମବାସୀ ନାନା ଅସୁବିଧା ଦେଇ ଗତି କରୁଛନ୍ତି। ଅଧାପକ ରବି ସାର୍ ଚାକିରିରୁ ଅବସର ନେବା ପରେ ନଈରେ ଏକ ପୋଲ ନିର୍ମାଣ ପାଇଁ ଆନ୍ଦୋଳନ କଲେ। ହେଲେ ଏହି ଆନ୍ଦୋଳନକୁ ବିରୋଧ କଲେ ଉକ୍ତ ଗ୍ରାମର ରାଜନୈତିକ ବ୍ୟକ୍ତି ଭାସ୍କର। ରବି ସାର୍‌ଙ୍କ ପୁଅ ଚିନ୍ମୟ ଉକ୍ତ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କଲାବେଳେ ଭାସ୍କରଙ୍କ ଝିଅ ଅଳକା ତାଙ୍କୁ ସମର୍ଥନ କରନ୍ତି। ପୋଲ ନ ଥିବାରୁ ସୁରେଶ ଓ ମାନି ତାଙ୍କ ଝିଅକୁ ଡାକ୍ତରଖାନା ନ ନେଇପାରିବାରୁ ଝିଅକୁ ହରାଇଲେ। ଧୂଳଙ୍କ ଭଉଣୀ ବାହାଘର ଭାଙ୍ଗିଗଲା। ଭାସ୍କରଙ୍କ କୁଟ ଚକ୍ରାନ୍ତରେ ରବି ସାର୍ ସପରିବାର ଗାଁ ଛାଡ଼ିବାକୁ ବାଧ ହେଲେ। ଆନ୍ଦୋଳନ କାରଣରୁ ଚିନ୍ମୟଙ୍କର ମଧ୍ୟ ମୃତ୍ୟୁ ଘଟିଲା। ଶେଷରେ ଆନ୍ଦୋଳନର ଜୟ ହେଲା। ଏପରି କି ମାନବାଧିକାର କମିଶନଙ୍କ ଦ୍ୱାରା ପୋଲ ଉଦ୍‌ଘାଟନ ପାଇଁ ବାଟ ଫିଟିଲା। ଧର୍ମପଦ ହୋଇ ସେତୁ ଗଢିବାର ପ୍ରୟାସ କରିଥିବା ଚିନ୍ମୟଙ୍କର ଅଭିଷେକ କରାଗଲା। ଏଭଳି ବିଷୟକୁ ନେଇ କଟକସ୍ଥିତ ଅନ୍ନପୂର୍ଣ୍ଣା ଥିଏଟରରେ ନାଟକ 'ଧର୍ମପଦର ଅଭିଷେକ' ଶୁକ୍ରବାର ମଞ୍ଚସ୍ଥ ହୋଇଥିଲା। ଔପନ୍ୟାସିକ ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ସେତୁ ଉପନ୍ୟାସ ଆଧାରରେ ନାଟ୍ୟକାର ଡ. ବିଧୁଭୂଷଣ ପଣ୍ଡା ଉକ୍ତ ନାଟକ ରଚନା କରିଛନ୍ତି। ନିର୍ଦ୍ଦେଶକ ହେମନ୍ତ ଦାସ ନିର୍ଦ୍ଦେଶନା ଓ ଚିନ୍ମୟ ହୋତା ସଙ୍ଗୀତ ସଂଯୋଜନା କରିଛନ୍ତି।

## ସେପ୍ଟେମ୍ବର ୨ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକୀ ସମାରୋହ

**କଟକ ଅଫିସ, ୨୯।୭**

ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକୀ ସମାରୋହ ପାଳନ କରାଯିବ। ଇଂଲିଶ ବିଭାଗ ଓ ଆଲୁମ୍ନି ଆସୋସିଏଶନର ମିଳିତ ସହଯୋଗରେ ଏ ନେଇ ଶୁକ୍ରବାର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହଲ୍‌ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ଡ. ସମିତ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ଆଲୁମ୍ନି ଆସୋସିଏଶନ ସଭାପତି ପ୍ରଦ୍ୟୋଷ ଚନ୍ଦ୍ର ମହାନ୍ତି ଯୋଗଦେଇ ଶତବାର୍ଷିକ ସମାରୋହର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଦୀପକ ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶତବାର୍ଷିକୀ ଉତ୍ସବ କମିଟି ସମ୍ପାଦକ ଅଂଶୁମାନ ମହାନ୍ତି ସଭାକୁ ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦକ ଚନ୍ଦନ ଜେନା ଧନ୍ୟବାଦ ଦେଇଥିଲେ। ଦିନେଶ ପଟ୍ଟନାୟକ, ଚିନ୍ମୟାନନ୍ଦ ଜେନା, କମଳା ପ୍ରସାଦ ମହାପାତ୍ର, ଡ. ସତ୍ୟବ୍ରତ ଦାସ, ହାଡିବନ୍ଧୁ ଶତପଥୀ, ଡ. ଇନ୍ଦିରା ସିଂ, କ୍ରିଷ୍ଣପ୍ରଦା ଦାଶ, ପବିତ୍ର ମୋହନ ଭୂୟାଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# 'ବିଦ୍ୟୁତ୍ ଶକ୍ତି ସହ ମଣିଷ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ'



ବିଜୁଳି ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଆଠଗଡ଼,୨୯।୭(ସ୍ୱ.ପ୍ର.)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ, ରାଜ୍ୟ ଶକ୍ତି ବିଭାଗ, ଓପିଟିସିଏଲ, ଏନଟିପିସି ଓ ଟିପିସିଓଡିଏଲ ମିଳିତ ଆନୁକୂଲ୍ୟରେ ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବିଜୁଳି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବିଦ୍ୟୁତ୍ ଶକ୍ତି ସହିତ ମଣିଷ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବିଦ୍ୟୁତ୍ ଶକ୍ତି ବିନା କୌଣସି ଯୋଜନାର କାର୍ଯ୍ୟକାରିତା ଅସମ୍ଭବ। ତେଣୁ ବିଦ୍ୟୁତର ଅପବ୍ୟବହାର ନକରି ବିଦ୍ୟୁତ୍ ସଞ୍ଚୟ କରିବା ଏକାନ୍ତ ଅପରିହାର୍ଯ୍ୟ। ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଦ୍ୟୁତ୍ ଉତ୍ପାଦନକାରୀ ଓ ବିତରଣକାରୀ ସଂସ୍ଥା ପଦକ୍ଷେପ ନେବାକୁ ମନ୍ତ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଉତ୍ସବରେ ଅଧକ୍ଷତା କରି କହିଥିଲେ, ସୌରସକ୍ତିର ବିନିଯୋଗ କରି ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରିବା ଦିଗରେ ବିଭାଗୀୟ ଅଧିକାରୀଙ୍କ ଗୁରୁ ଦାୟିତ୍ୱ ରହିଛି। ଏହାହେଲେ ବିଦ୍ୟୁତ୍ ଶକ୍ତିର ଅପଚୟ ରୋକାଯାଇ ପାରିବ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଏନଟିପିସିର ସହକାରୀ ସାଧାରଣ ପରିଚାଳକ ଅଞ୍ଜନ କୁମାର କାମିଳା, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବରକର ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ବିଦ୍ୟୁତ୍ ଶକ୍ତିର ବ୍ୟବହାର ଓ ସଞ୍ଚୟ ସଂକ୍ରାନ୍ତୀୟ କେତେକ ପ୍ରାମାଣିକ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ପରେ ଥିଏଟର ମାରାଥନ, ବ୍ଲସମ ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ଦ୍ୱାରା ବିଦ୍ୟୁତ୍ ଶକ୍ତି ସଞ୍ଚୟ ଉପରେ ପ୍ରସ୍ତୁତ ନାଟକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓପିଟିସିଏଲ ସାଧାରଣ ପରିଚାଳକ ଶ୍ରୀମନ୍ତ ସାହୁ, ଉପସାଧାରଣ ପରିଚାଳକ ମନୋରଞ୍ଜନ ମହାନ୍ତି, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



**ଆସୁଛି ରାଖୀ ପୂର୍ଣ୍ଣିମା:** କଟକ କଲେଜ ଛକଠାରେ ଖୋଲିଥିବା ଷ୍ଟଲରୁ ୨ ଯୁବତୀ ରାଖୀ କିଣୁଛନ୍ତି।

# ବାଙ୍କୀ କଲେଜରେ ନାବାର୍ଡ ପ୍ରତିନିଧି ଦଳର ସମୀକ୍ଷା

**ବାଙ୍କୀ, ୨୯।୭(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନାବାର୍ଡ ଦ୍ୱାରା ପରିଚାଳିତ ସ୍ୱାଧୀନ ସଂସ୍ଥା 'ନାବ୍‌କନ୍ସ'ର ଏକ ସ୍ୱତନ୍ତ୍ର ଦଳ ଶୁକ୍ରବାର ପରିଦର୍ଶନରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ନାବ୍‌କନ୍ସ ପକ୍ଷରୁ ଅନୁଶିକ୍ଷା ଦାଶ ଓ ଲକ୍ଷ୍ମୀ ବେହେରା ଏହାର ନେତୃତ୍ୱ ନେଇଥିଲେ। ଏହି ଟିମ୍ କଲେଜର ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ। କଲେଜର ଶୈକ୍ଷିକ ବାତାବରଣ, ଭିତ୍ତିଭୂମି, ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ ମତାମତ, ଅଧାପିକା ଓ ଅଧାପକଙ୍କ କାର୍ଯ୍ୟକଳାପ, ପରୀକ୍ଷା ପରିଚାଳନା ଓ ଶିକ୍ଷାଦାନ ଆଦି ଉପରେ ସମୀକ୍ଷା କରି ସନ୍ତୋଷବ୍ୟକ୍ତ କରିଛନ୍ତି। ଏହି ଅବସରରେ କଲେଜ ଅଧକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା, ଉପାଧକ୍ଷ ମନୋଜ କୁମାର ମହାପାତ୍ର, ଆଇଡିପି ସଂଯୋଜକ ପ୍ରାଧାପକ ନିରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧାପକ ରାଜକିଶୋର ପାଲ, ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ, ଡ.ଶଶିଭୂଷଣ ମହାପାତ୍ର, ମୁକ୍ତିକାନ୍ତ ପଣ୍ଡା, ତ୍ରୈଲୋକ୍ୟନାଥ ଦାଶ, ରତ୍ନାକର ଦାଶ, ଡ.ସନ୍ଧ୍ୟାରାଣୀ ମହାନ୍ତି ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।




ବାଙ୍କୀ କଲେଜରେ ନାବାର୍ଡ ପ୍ରତିନିଧି ଦଳ ସଦସ୍ୟ ଓ ଅନ୍ୟମାନେ।

## ନୂତନ ସମବାୟ ସମିତି ସଭାପତିଙ୍କ ଦାୟିତ୍ୱ ଗ୍ରହଣ

**କଣ୍ଟାପଡା,୨୯।୭(ଡି.ଏନ୍.ଏ.)**

କଣ୍ଟାପଡା ସେବା ସମବାୟ ସମିତିର ନବ ନିର୍ବାଚିତ ସଭାପତି ଦ୍ୱାରିକାନାଥ ଦାଶ ଶୁକ୍ରବାର ତାଙ୍କର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ସମିତି ସମ୍ପାଦକ ଶିବ ନାରାୟଣ ମହାନ୍ତି, କଣ୍ଟାପଡା ସରପଞ୍ଚ ନିର୍ମଳ କୁମାର ସାହୁ, ସମିତିସଭ୍ୟ ପବିତ୍ର ସ୍ୱାଇଁ, ଚାଷୀ ହୃଷୀକେଷ ରାଉତରାୟ, ସୁଦର୍ଶନ ମୁଦୁଲି, ଶେଷଦେବ ମହାନ୍ତିଙ୍କ ସମେତ ବିଭିନ୍ନ ୱାର୍ଡର ୱାର୍ଡ ମେମ୍ବର ପ୍ରମୁଖ ଉପସ୍ଥିତ ରହି ନବ ନିର୍ବାଚିତ ସଭାପତିଙ୍କୁ ସ୍ୱାଗତ ଜଣାଇଥିଲେ। ଆଗାମୀ ଦିନରେ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବି ବୋଲି ସଭାପତି ଦାଶ କହିଛନ୍ତି।

# ଏମ୍‌ପି ଅଧୀର ରଞ୍ଜନଙ୍କ ବିରୋଧରେ ଥାନାରେ ଏତଲା

**ରାଷ୍ଟ୍ରପତିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ**

**ଚୌଦ୍ୱାର,୨୯।୭(ଡି.ଏନ୍.ଏ.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ତଥା ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଚୌଦ୍ୱାର ଭାଜପା ପକ୍ଷରୁ ସ୍ଥାନୀୟ ଥାନାରେ ଶୁକ୍ରବାର ଏତଲା ଦିଆଯାଇଛି। ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଦଳର ବହୁ କର୍ମୀ ଶୋଭାଯାତ୍ରାରେ ଯାଇ ଥାନାରେ ପହଞ୍ଚିଥିଲେ। ପରେ ଥାନାଧିକାରୀ ବିରଞ୍ଚି ନାରାୟଣ ପତିଙ୍କୁ ଏତଲା ଦେଇଥିଲେ। ଅଧୀରଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ, ଦେଶବାସୀଙ୍କୁ କ୍ଷମା ମାଗିବା, ତାଙ୍କର ସଭ୍ୟପଦ ରଦ୍ଦ ସହ ତୁରନ୍ତ ଗିରଫ କରିବା ପାଇଁ ଏତଲାରେ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ପ୍ରଶାନ୍ତ ହୋତା, ସୁକାନ୍ତ ବିଶ୍ୱାଳ, ରମେଶ ଚନ୍ଦ୍ର ନାୟକ, ଦେବସ୍ମିତା ନାୟକ, ବର୍ଷାରାଣୀ ପଲେଇ, ଝୁନୁରାଣୀ ଦାସ, ଏସ୍. କ୍ରିଷ୍ଣାରାଓ, ଗଣେଶ ଚନ୍ଦ୍ର ବେହେରା, କମଳ ସ୍ୱାଇଁ, ବିମଳ ନାୟକଙ୍କ ପ୍ରମୁଖ ସାମିଲ ହୋଇଥିଲେ।

# କଟକକୁ ଜିରୋ ହେପାଟାଇଟିସ ଜିଲା ମାନ୍ୟତା ପାଇଁ ଗୁରୁତ୍ୱ

**ବିଶ୍ୱ ହେପାଟାଇଟିସ ଦିବସ କର୍ମଶାଳା**

**କଟକ ଅଫିସ, ୨୯।୭**

ବିଶ୍ୱ ହେପାଟାଇଟିସ ଦିବସ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍.ଏଲ୍.ଏନ୍. ମେଡିକାଲ କଲେଜର ଆସୋସିଏଟ୍ ପ୍ରଫେସର ଡା. ମହୁଆ ବିଶ୍ୱାସ ଯୋଗଦେଇ କଟକ ଜିରୋ ହେପାଟାଇଟିସ ଜିଲାର ମାନ୍ୟତା ପାଇବା ଦିଗରେ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଗର୍ଭବତୀଙ୍କଠାରୁ ଆରମ୍ଭ କରି ଜନ୍ମିତ ଶିଶୁ ଏବଂ ସମସ୍ତ ଜନସାଧାରଣଙ୍କର ହେପାଟାଇଟିସ ପରୀକ୍ଷଣ କରାଇବା ଆବଶ୍ୟକ। ଏ ଦିଗରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ନିଯୁକ୍ତ ସମ୍ପୃକ୍ତ ଅଧିକାରୀ, କର୍ମଚାରୀ ଏବଂ ସ୍ୱାସ୍ଥ୍ୟ କାର୍ଯ୍ୟରେ ନିଯୁକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଡା. ଲୋକନାଥ ପାତ୍ର ଯୋଗଦେଇ ହେପାଟାଇଟିସର ନିରାକରଣ ପାଇଁ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟରତ ବ୍ୟକ୍ତିଙ୍କ ପରୀକ୍ଷଣ, ସଚେତନ କାର୍ଯ୍ୟକ୍ରମ ଓ ଟୀକାକରଣ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଏସ୍‌ସିବି ମେଡିକାଲର ସହକାରୀ ପ୍ରଫେସର ଡା. ସନାତନ ବେହେରା ଯୋଗଦେଇ ହେପାଟାଇଟିସ ରୋଗର ନିରାକରଣ ଚିକିତ୍ସା ଉପରେ ମତବ୍ୟକ୍ତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମନ୍ଦାକିନୀ ବେହେରା ଧନ୍ୟବାଦ ଦେଇଥିଲେ।

# ଛାତ୍ର ସଂସଦ ନିର୍ବାଚନ ଦାବିରେ ବିକ୍ଷୋଭ

**କଟକ ଅଫିସ,୨୯।୭**

ଛାତ୍ର ସଂସଦ ନିର୍ବାଚନ କରିବା ଦାବିରେ କଟକ କଲେଜ ଛକଠାରେ ଛାତ୍ର ସମାଜ ଓଡ଼ିଶା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରାୟ ୪ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ଏହାଦ୍ୱାରା ଛାତ୍ରମାନଙ୍କ ନେତୃତ୍ୱ ନେବା ପାଇଁ ରାସ୍ତା ବନ୍ଦ ହୋଇଯାଉଛି। ଏଥିସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ଲୋକଲୋଚନକୁ ଆସିପାରୁନାହିଁ। ତେଣୁ ଏଥିପ୍ରତି ପ୍ରଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ଦୀପକ କୁମାର ଗୁରୁ, ସତ୍ୟବ୍ରତ ଜେନା, ସଞ୍ଜୀବ ସାହୁ , ରିଙ୍କୁ ବିଶୋଇ, ସୁବ୍ରତ ସାମଲ, ସୁମନ ସେଠୀ, ସାଗର ଗୁରୁ, ସତ୍ୟଭାନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଛାତ୍ର ସଂସଦ ନିର୍ବାଚନ କରିବା ଦାବିରେ କଟକ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ।